ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ବୁଧବାର, ଡିସେମ୍ବର ୬/୨୦୨୩ (୨୦ ପୃଷ୍ଠା) Bhubaneswar, Wednesday, December 6/2023 Page 20 ₹ 7.00
୫୦ଶ ଭାଗ ୧୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 13 ମୂଲ୍ୟ₹୭/-

# ସ୍କ୍ରାପିଂ କଲେ ଟିକସ, ଜରିମାନା ଛାଡ଼

ଭୁବନେଶ୍ୱର,୫।୧୨(ଅନିଲ ଦାସ)

ପୁରୁଣା ଗାଡ଼ି ଉପରେ ଥିବା ସମସ୍ତ ବକେୟା ଟିକସ ଓ ଜରିମାନା ଛାଡ଼ କରାଯିବ। ଯେଉଁ ଗାଡ଼ି ମାଲିକମାନେ ନିଜ ଗାଡ଼ିକୁ ସ୍କ୍ରାପିଂ କରିବାକୁ ଇଚ୍ଛାପ୍ରକାଶ କରିବେ ସେମାନଙ୍କ ପାଇଁ ଏହା ଲାଗୁ ହେବ। ଏହା ଦ୍ୱାରା ଟିକସ ଓ ଜରିମାନା ଭରି ନ ଥିବା ୪୬ ହଜାରରୁ ଊର୍ଦ୍ଧ୍ୱ ଗାଡ଼ି ମାଲିକ ଉପକୃତ ହେବେ। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତି ଦ୍ୱାରା ବହୁ ପୁରୁଣା ଯାନଗୁଡ଼ିକର ମାଲିକମାନେ ସେମାନଙ୍କ ଗାଡ଼ିଗୁଡ଼ିକୁ ସ୍କ୍ରାପ୍ ଏବଂ ପଞ୍ଜୀକରଣ ରଦ୍ଦ କରିବାକୁ ଆଗ୍ରହ ଦେଖାଇବେ । ଏଥିସହିତ ଯେଉଁମାନେ ଟିକସ ପ୍ରଦାନ କରି ଗାଡ଼ି ଚଳାଇବାକୁ ଆଗ୍ରହୀ ଥିବେ ସେମାନଙ୍କ ପାଇଁ ଜରିମାନା ସମ୍ପୂର୍ଣ୍ଣ ଛାଡ଼ କରାଯିବା ସହିତ ଗାଡ଼ିର ବର୍ଷ ଅନୁଯାୟୀ ଟିକସ ପରିମାଣ ମଧ୍ୟ କୋହଳ ହେବ। ସେହିପରି ଅନ୍ୟ ଯାନଗୁଡ଼ିକର ଗାଡ଼ି ମାଲିକମାନେ ଯେଉଁମାନେ ସେମାନଙ୍କ ବ୍ୟବସାୟ କରିବାକୁ ଚାହୁଁଛନ୍ତି, ସେମାନେ ଟିକସ ରିହାତି ହାରରେ ଜମା କରିପାରିବେ। ଏହାଦ୍ୱାରା ପର୍ଯ୍ୟାପ୍ତ ପରିମାଣର ବକେୟା ଟିକସ ସଂଗ୍ରହ ହେବା ସହିତ ଗାଡ଼ି ମାଲିକମାନେ ଅଧିକ ଲାଭବାନ ହୋଇପାରିବେ।

ରାଜ୍ୟରେ ୫୦,୦୦୦ରୁ ଊର୍ଦ୍ଧ୍ୱ ଗାଡ଼ି ମାଲିକଙ୍କ ଉପରେ ବକେୟା ମୋଟର ଯାନ ଟିକସ ଏବଂ ଜରିମାନା ଅନାଦାୟ ହୋଇ ପଡ଼ିରହିଛି। ୨୦୨୨ରେ ଟ୍ୟାକ୍ସ ରିକୋଭରି ନୋଟିସ୍ ଏବଂ ସ୍ୱତନ୍ତ୍ର ଡ୍ରାଇଭ୍ ସତ୍ତ୍ୱେ ମାତ୍ର ୪୬୬୮ ମାଲିକଙ୍କଠାରୁ ବକେୟା ଟିକସ ସଂଗ୍ରହ କରାଯାଇପାରିଛି। ଯେତେବେଳେ ଜଣେ ଗାଡ଼ି ମାଲିକ ଟିକସ ଠିକ୍ ସମୟରେ କିଛିଦିନ ଧରି ପଇଠ କରନ୍ତି ନାହିଁ ଏହା ପୌନଃପୁନିକ ଭାବେ ବୃଦ୍ଧି ହୁଏ। ଗାଡ଼ି ମାଲିକ ଏହାକୁ ଭରଣା କରିପାରନ୍ତି ନାହିଁ। କେତେକ କ୍ଷେତ୍ରରେ ମାଲିକମାନେ ଟିକସ ଛାଡ଼ ପାଇଁ ଅଦାଲତରେ କେସ୍ ଦାଏର କରନ୍ତି। ଏହା ବହୁଦିନ ଧରି ଚାଲେ। ଏହାଛଡ଼ା ଯାନବାହନଜନିତ ପ୍ରଦୂଷଣକୁ ପ୍ରତିହତ କରିବା ପାଇଁ କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ପୁରୁଣା ତଥା ☞ପୃଷ୍ଠା-୨

### କ୍ୟାବିନେଟ ନିଷ୍ପତ୍ତି

- ଉପକୃତ ହେବେ ୪୬ ହଜାର ପୁରୁଣା ଗାଡ଼ିର ମାଲିକ
- ୧୦ ପ୍ରସ୍ତାବକୁ କ୍ୟାବିନେଟ ମୋହର

# ରେଭନ୍ତ ରେଡ୍ଡୀ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୫।୧୨

ତେଲଙ୍ଗାନା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଆନୁମୁଲା ରେଭନ୍ତ ରେଡ୍ଡୀ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଦଳ ପକ୍ଷରୁ ଏହା ଘୋଷଣା କରାଯାଇଛି। ଦିଲ୍ଲୀରେ କଂଗ୍ରେସର ଶୀର୍ଷ ନେତାମାନଙ୍କ ବୈଠକ ବସି ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଦଳର ନେତା ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଓ ଅନ୍ୟମାନେ ଯୋଗଦେଇଥିଲେ। ଏହା ପରେ ହାଇଦ୍ରାବାଦରେ କଂଗ୍ରେସ ବିଧାୟକ ଦଳ ବୈଠକ ବସିବା ପରେ ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା କରାଯାଇଛି। ରେଭନ୍ତ ଆସନ୍ତା ଗୁରୁବାର ପୂର୍ବାହ୍ନ ୧୧ଟାରେ ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି ବେଣୁଗୋପାଳ ଏକ ଖବରଦାତା ସମ୍ମିଳନୀରେ ଘୋଷଣା ☞ପୃଷ୍ଠା-୨

### ଗୁରୁବାର ଶପଥ ନେବେ


ଆନୁମୁଲା ରେଭନ୍ତ ରେଡ୍ଡୀ

## ଏବିଭିପିରୁ ଟିଡିପି ଦେଇ କଂଗ୍ରେସ

ତେଲଙ୍ଗାନାର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା ରେଭନ୍ତ ରେଡ୍ଡୀ ସପ୍ତଦଶ ଲୋକ ସଭାକୁ କଂଗ୍ରେସରୁ ଏମ୍‌ପି ହୋଇଥିଲେ। ୨୦୦୯ରୁ ୨୦୧୪ ଯାଏ ଟିଡିପିରୁ ସେ ଦୁଇ ଥର ଆନ୍ଧ୍ରପ୍ରଦେଶ ବିଧାନସଭାର ସଦସ୍ୟ ଥିଲେ। ପରେ ୨୦୧୪ରୁ ୨୦୧୮ ପର୍ଯ୍ୟନ୍ତ ତେଲଙ୍ଗାନା ବିଧାନସଭାର ସଦସ୍ୟ ରହିଥିଲେ। ଟିଡିପି ଛାଡ଼ି ସେ ଅକ୍ଟୋବର ୨୦୧୭ରେ କଂଗ୍ରେସରେ ଯୋଗ ଦେଇଥିଲେ। ☞ପୃଷ୍ଠା-୨

# ରାଷ୍ଟ୍ରୀୟ ରାଜପୁତ୍ କର୍‌ନି ସେନା ମୁଖ୍ୟଙ୍କୁ ଗୁଳିକରି ହତ୍ୟା

ଜୟପୁର,୫।୧୨

ରାଜସ୍ଥାନରେ ନୂଆ ସରକାର ଶପଥ ନେବା ପୂର୍ବରୁ ମଙ୍ଗଳବାର ଘଟିଛି ଏକ ଚର୍ଚ୍ଚିତ ହତ୍ୟାକାଣ୍ଡ। ଶ୍ରୀ ରାଷ୍ଟ୍ରୀୟ ରାଜପୁତ୍ କର୍‌ନି ସେନା ଅଧ୍ୟକ୍ଷ ସୁଖଦେବ ସିଂ ଗୋଗମେଦିଙ୍କୁ ଜୟପୁର ସହରସ୍ଥିତ ତାଙ୍କ ଘରେ ଗୁଳିକରି ହତ୍ୟା କରାଯାଇଛି। ଅଜଣା ଦୁର୍ବୃତ୍ତ ତାଙ୍କ ଉପରକୁ ଗୁଳି ଚଳାଇଛନ୍ତି। ପାଲଟା ଗୁଳିରେ ଜଣେ ଆକ୍ରମଣକାରୀ ନିହତ ହୋଇଛନ୍ତି। ଗୁଳିକାଣ୍ଡର ଦୃଶ୍ୟ ସିସିଟିଭିରେ ରେକର୍ଡିଂ ହୋଇଛି। ତଦନୁଯାୟୀ ୨ଜଣ ଯୁବକ ଗୋଗମେଦିଙ୍କ ସାମ୍ନାରେ ସୋଫାରେ ବସି ଆଲୋଚନା କରିବା ସହ ଚା' ପିଇଥିଲେ। ଗୋଗମେଦିଙ୍କ ୨ଜଣ ସହଯୋଗୀ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଇତିମଧ୍ୟରେ ଗୋଗମେଦି ମୋବାଇଲ ଫୋନରେ ବ୍ୟସ୍ତ ରହିବା ସୁଯୋଗରେ ୨ ଯୁବକ ହଠାତ୍ ଉଠିପଡ଼ି ଆଖିବୁଜା ଗୁଳି ଚଳାଇଥିଲେ। ଗୁଳି ବିନିମୟ ବେଳେ ସୁଖଦେବଙ୍କ ଜଣେ ସୁରକ୍ଷା କର୍ମୀ ଗୁରୁତର ଆହତ ହୋଇଛନ୍ତି। କର୍‌ନି ସେନା ମୁଖ୍ୟଙ୍କୁ ଦୁର୍ବୃତ୍ତମାନେ ଅନେକ ରାଉଣ୍ଡ ଗୁଳି ଚଳାଇଥିବାର ଭିଡିଓ ସିସିଟିଭି ଫୁଟେଜ୍‌ରେ ଦେଖିବାକୁ ମିଳିଛି। ସୁଖଦେବଙ୍କୁ ଗୁରୁତର ଅବସ୍ଥାରେ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୁଖଦେବଙ୍କୁ ଦୁର୍ଦ୍ଧର୍ଷ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ର ସଦସ୍ୟ ରୋହିତ ଗୋଦରା ହତ୍ୟା କରିଥିବା ଦାବି କରିଛି। କର୍‌ନି ସେନା ମୁଖ୍ୟଙ୍କ ହତ୍ୟା ପାଇଁ ତାଙ୍କ ଗ୍ୟାଙ୍ଗ ପୂର୍ଣ୍ଣମାତ୍ରାରେ ଦାୟୀ ବୋଲି ରୋହିତ ଫେସ୍‌ବୁକ୍‌ରେ ଲେଖିଛନ୍ତି।

ଶ୍ରୀ ରାଜପୁତ୍ କର୍‌ନି ସେନାର ପ୍ରତିଷ୍ଠାତା ଲୋକେନ୍ଦ୍ର ସିଂ କାଲ୍‌ଭିଙ୍କ ସହ ସୁଖଦେବଙ୍କ ମତଭେଦ ପରେ ୨୦୧୫ରେ ସେ ଉକ୍ତ ସଂଗଠନରୁ ବହିଷ୍କୃତ ହୋଇଥିଲେ। ଏହା ପରେ ସୁଖଦେବ ଶ୍ରୀ ରାଷ୍ଟ୍ରୀୟ ରାଜପୁତ୍ କର୍‌ନି ସେନା ଗଠନ ☞ପୃଷ୍ଠା-୨

### ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ନିଜକୁ ଦାୟୀକଲା


ସୁଖଦେବ ସିଂ ଗୋଗମେଦି


ସୁଖଦେବ ସିଂ ଗୋଗମେଦିଙ୍କୁ ହତ୍ୟା କରାଇଥିବା ନେଇ ଦାବି କରିଥିବା ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ର ରୋହିତ ଗୋଦରା



# ଆଦିମ ଅଧିବାସୀ ଜୁଆଙ୍ଗଙ୍କ ଜୀବନଧାରା

ବଣପାହାଡ଼ ଘେରା କେନ୍ଦୁଝର ଜିଲାରେ ୪୬ ଜାତିର ଅଧିବାସୀଙ୍କୁ ଆଦିବାସୀ ତାଲିକା ଭୁକ୍ତ କରାଯାଇଛି। ସେଥିମଧ୍ୟରୁ ୧୬ ଆଦିମ ଅଧିବାସୀଙ୍କ ଜୀବନଶୈଳୀରେ ଆଜି ବି ସ୍ୱତନ୍ତ୍ରତା ରହିଛି। ଅତି ପୁରାତନ ଆଦିବାସୀ ଭାବରେ ଜୁଆଙ୍ଗ ଜାତି ପରିଗଣିତ ହେଉଥିବା ବେଳେ ଏମାନେ ଓଡ଼ିଶାର କେନ୍ଦୁଝର ଓ ଢେଙ୍କାନାଳ ଜିଲାରେ ବସବାସ କରନ୍ତି। ଜିଲାର ବାଂଶପାଳ, ତେଲକୋଇ ଓ ହରିଚନ୍ଦନପୁର ବ୍ଲକ୍‌ରେ ଏମାନଙ୍କ ସଂଖ୍ୟା ଅଧିକ। ଜୁଆଙ୍ଗ ଜାତିର ଲୋକମାନଙ୍କ



ଜୀବନଶୈଳୀ ଅନ୍ୟାନ୍ୟ ଆଦିବାସୀ ବର୍ଗର ଲୋକମାନଙ୍କଠାରୁ ସରଳ ଓ ସ୍ୱତନ୍ତ୍ର। ସରକାର ଆଦିବାସୀମାନଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ ଓ ପାଶ୍ଚାତ୍ୟ ସଭ୍ୟତାର ଅନୁପ୍ରବେଶରେ ପାହାଡ଼ି ମଣିଷଙ୍କ ଜୀବନଧାରାରେ ଅନେକ ପରିବର୍ତ୍ତନ ଆସିଛି। ମାତ୍ର ଜୁଆଙ୍ଗମାନେ ଏବେ ବି ପୁରାତନ ଜୀବନ ଧାରାରେ ଜୀବନ ଅତିବାହିତ କରିଆସୁଛନ୍ତି।

କେନ୍ଦୁଝର ଡିରେକ୍ଟରି ଅନୁଯାୟୀ, ଜୁଆଙ୍ଗ ଶବ୍ଦର ଅର୍ଥ 'ମଣିଷ'। ଏମାନେ ଅତି ପ୍ରାଚୀନ ଅବସ୍ଥାରେ ଗଛର ପତ୍ରକୁ ପୋଷାକ ଭାବେ ବ୍ୟବହାର କରୁଥିବାରୁ ଐତିହାସିକ ଡବ୍ଲୁ ଡବ୍ଲୁ ହଣ୍ଟର ଏହି ଜାତିକୁ ଲିଫ୍ ୱେରିଙ୍ଗ ଟ୍ରାଇବସ୍ ବୋଲି କହିଥିଲେ। ଏମାନଙ୍କର ପାରମ୍ପରିକ ପୂଜକଙ୍କୁ ବୋଇତ ବା ଦେହୁରୀ କୁହାଯାଏ। ସରଳ ଗ୍ରାମୀଣ ଆଦିବାସୀମାନେ ଧର୍ମଦେବତା, ବସୁମାତା ଓ ସୂର୍ଯ୍ୟଦେବଙ୍କୁ ଉପାସନା କରିଥାନ୍ତି। ପ୍ରାକୃତିକ ପରିବେଶ ପରିପୂର୍ଣ୍ଣ ବଣପାହାଡ଼ ନଦୀ ଘେରା ପାର୍ବତ୍ୟ ଅଞ୍ଚଳରେ ଏମାନେ ଛୋଟ ଛୋଟ ଗ୍ରାମ ସ୍ଥାପନ କରି ରହିଥାନ୍ତି। ଏମାନେ ଭୂତ, ପ୍ରେତ ଓ ଅତୃପ୍ତ ଆତ୍ମାଙ୍କୁ ବିଶ୍ୱାସ କରିବା ସହ ସେମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ବିଭିନ୍ନ ପର୍ବପର୍ବାଣିରେ ପାରମ୍ପରିକ ଖାଦ୍ୟ ଅର୍ପଣ କରିଥାନ୍ତି। ପୁଷ ପୁନେଇଁ, ଆମ୍ବ ନୂଆଖିଆ, ଅକ୍ଷୟ ତୃତୀୟା, ଆଷାଢ଼ୀ ପର୍ବ, ପିରହ ପୂଜା ଓ ଗୃହପାଳିତ ପଶୁସମ୍ପଦଙ୍କ ସୁରକ୍ଷା ପାଇଁ ଗହ୍ମା ପୂର୍ଣ୍ଣିମା ଆଦି ପର୍ବ ମହା ଆଡ଼ମ୍ବରରେ ପାଳନ କରିଥାନ୍ତି। ପ୍ରତ୍ୟେକ ପର୍ବ ଅବସରରେ ସେମାନଙ୍କର କଥିତ ଭାଷା ଜୁଆଙ୍ଗ ଭାଷାରେ ପାରମ୍ପରିକ ଗୀତ ଗାଇ ଚାଙ୍ଗୁ ବାଜାର ତାଳେ ତାଳେ ମହିଳା ଓ ପୁରୁଷମାନେ ଦଳବଦ୍ଧ ହୋଇ ନୃତ୍ୟଗୀତର ଆନନ୍ଦ ନେଇଥାନ୍ତି।

ଜୁଆଙ୍ଗଙ୍କ ବୈବାହିକ ଜୀବନ ବେଶ୍ ମାର୍ଜିତ ଓ ଶୃଙ୍ଖଳିତ। ଏମାନେ ଜୀବନରେ ଏକପତ୍ନୀ ବ୍ରତ ପାଳନ କରିବା ସହ ଅନ୍ୟ ସମ୍ପ୍ରଦାୟରେ ବିବାହକୁ ନାପସନ୍ଦ କରିଥାନ୍ତି। ଏମାନେ ମୁଖ୍ୟତଃ କୃଷି, ପଶୁପାଳନ ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା ସହ ନିକଟ ବଜାରରେ ବିକ୍ରିକରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି। ପୋଡୁଚାଷରେ ପାରମ୍ପରିକ ଶୈଳୀରେ ମକା, ମାଣ୍ଡିଆ, ଗୁଲୁଦି, ହଳଦୀ, ସୋରିଷ, ବାଜରା ଓ ଗୋଡ଼ାଧାନ ଆଦି ଚାଷ କରୁଥିବା ବେଳେ ଜଙ୍ଗଲରୁ ଝୁଣା, ମହୁ, ମହୁଲଫୁଲ, ହରିଡ଼ା, ବାହାଡ଼ା, ଅଁଳା ଆଦି ସଂଗ୍ରହ କରି ବଜାରକୁ ନେଇ ବିକ୍ରି କରନ୍ତି। ଏବେ ଆଧୁନିକ ପଦ୍ଧତିରେ ଛେଳିଚାଷ, କୁକୁଡ଼ା ଚାଷ ଓ ଟସର ଚାଷ କରି ରୋଜଗାର ସହ ଜୀବନ ଧାରଣର ମାନକୁ ଉନ୍ନତ କରିପାରିଛନ୍ତି।

ବାଂଶପାଳ ବ୍ଲକ୍‌ର ୨୧ ପଞ୍ଚାୟତ ମଧ୍ୟରୁ ଅତ୍ୟନ୍ତ ଅନୁନ୍ନତ ୬ଟି ପଞ୍ଚାୟତ ଯଥା- ବାରାଗଡ଼, ଗୋନାସିକା, କୋଡ଼ିପଶା, ତଳଚମ୍ପେଇ, ବାୟାକୁମୁଟିଆ ଓ କୁଅଁର ଆଦି ପଞ୍ଚାୟତର ପ୍ରଥମ ପର୍ଯ୍ୟାୟରେ ୩୫ଟି ଗ୍ରାମ ଓ ପରେ ୧୯ଟି ଗ୍ରାମକୁ ବିକଶିତ ତଥା ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ସରକାରଙ୍କ ତରଫରୁ ଜୁଆଙ୍ଗ ଉନ୍ନୟନ ସଂସ୍ଥା ଗଠନ କରାଯାଇଛି।

**ରିପୋର୍ଟ- ବୀରକିଶୋର ଦାଶ, ପାଟଣା**











































ଧରିତ୍ରୀ DHARITRI 50 Years
ଭୁବନେଶ୍ୱର, ବୁଧବାର, ଡିସେମ୍ବର ୬/୨୦୨୩ | Bhubaneswar, Wednesday, December 6/2023 | ପୃଷ୍ଠା-୧

# ଆନ୍ଧ୍ରରେ ସ୍ଥଳଭାଗ ଛୁଇଁଲା ବାତ୍ୟା

## ଚେନ୍ନାଇରେ ୧୨ ମୃତ

ଅମରାବତୀ/ଚେନ୍ନାଇ,୫।୧୨

ଭୀଷଣ ସାମୁଦ୍ରିକ ବାତ୍ୟା ମିଗ୍‌ଜୋମ୍ ମଙ୍ଗଳବାର ମଧ୍ୟାହ୍ନ ୧୨ଟା ୩୦ରୁ ୨ଟା ୩୦ ମଧ୍ୟରେ ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିଛି। ନେଲୋର ଏବଂ ମଛଲିପଟନମ୍ ମଧ୍ୟବର୍ତ୍ତୀ ବାପାଟଲା ନିକଟରେ ବାତ୍ୟା ସ୍ଥଳଭାଗ ଛୁଇଁଥିଲା। ଏହି ସମୟରେ ପବନର ଘଣ୍ଟା ପ୍ରତି ବେଗ ସର୍ବାଧିକ ୯୦ରୁ ୧୦୦ କିଲୋମିଟର ଥିଲା ବୋଲି ଅମରାବତୀ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ସ୍ଥଳଭାଗ ଛୁଇଁବା ପରେ ବାତ୍ୟା ଉତ୍ତର ଦିଗରେ ଗତି କରିବା ସହ କ୍ରମଶଃ ଦୁର୍ବଳ ହୋଇଛି। ଏହାର ପ୍ରଭାବରେ ତାମିଲନାଡୁ, ପଣ୍ଡିଚେରି ଓ ଆନ୍ଧ୍ରପ୍ରଦେଶରେ ୩ ଦିନ ଧରି ପ୍ରବଳ ବର୍ଷା ଲାଗିରହି ବ୍ୟାପକ କ୍ଷୟକ୍ଷତି ଘଟିଛି। ବାତ୍ୟା ପ୍ରଭାବରେ ଚେନ୍ନାଇରେ ପ୍ରବଳ ବର୍ଷା ବିପ୍ରାତରେ ୧୨ ଜଣଙ୍କ ଜୀବନ ଯାଇଛି। ସେଠାରେ ରାସ୍ତାଗୁଡ଼ିକ ନଦୀର ଭ୍ରମ ସୃଷ୍ଟି କରିଛି। ଗଳି ରାସ୍ତାଗୁଡ଼ିକରେ ଡଙ୍ଗା ଚାଲିଥିବା ଦେଖାଯାଇଥିଲା। ସୋମବାର ବର୍ଷାଜଳ ସୁଅରେ କେତେକ ଗାଡ଼ି ଭାସିଯାଇଥିଲା। ଫଳରେ କର୍ତ୍ତୃପକ୍ଷ ବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରିଥିଲେ। ଘରୋଇ ସଂସ୍ଥାଗୁଡ଼ିକ ସେମାନଙ୍କ କର୍ମଚାରୀଙ୍କୁ ଘରେ ରହି କାମ କରିବାକୁ କହିଥିଲେ। ବର୍ଷା ଓ ପବନରେ ☞ପୃଷ୍ଠା-୨



ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷା ଯୋଗୁ ଜଳାର୍ଣ୍ଣବ ହୋଇପଡ଼ିଥିବା ଚେନ୍ନାଇର ଏକ ଅଞ୍ଚଳରୁ ଜଣେ ବୃଦ୍ଧାଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଉଛି।

# ରାଜ୍ୟରେ ଝିଅ କମିଲେ

## ଓଡ଼ିଶା ଦେଶରେ ଷଷ୍ଠ

ଭୁବନେଶ୍ୱର, ୫।୧୨
(ଅସମାପିକା ସାହୁ)

ଓଡ଼ିଶାରେ କମିଛନ୍ତି ଝିଅ ସଂଖ୍ୟା। ଦେଶରେ ଝିଅ ସଂଖ୍ୟା ହ୍ରାସରେ ଓଡ଼ିଶା ୬ ନମ୍ବର ସ୍ଥାନରେ ରହିଛି। କେରଳ, ଛତିଶଗଡ଼, ହିମାଚଳପ୍ରଦେଶ, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ପରେ ଓଡ଼ିଶା ଷଷ୍ଠ ସ୍ଥାନରେ ରହିଛି। ୧୯୬୧ ଜନଗଣନା ଅନୁଯାୟୀ, ରାଜ୍ୟରେ ଜନ୍ମ ସମୟରେ ପ୍ରତି ଏକହଜାର ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ୧,୦୩୫ ଥିବାବେଳେ ୧୯୭୧ ମସିହାରେ ୧,୦୨୦ ରହିଥିଲା। ସେହିପରି ୧୯୮୧ ଜନଗଣନା ଅନୁଯାୟୀ ୯୯୫, ୧୯୯୧ରେ ୯୬୭, ୨୦୦୧ରେ ୯୫୩ ଏବଂ ୨୦୧୧ ମସିହାରେ ୯୪୧ ଥିଲା। ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ-୪ (୨୦୧୫-୧୬) ଅନୁଯାୟୀ, ଓଡ଼ିଶାରେ ଏକ ହଜାର ପୁଅଙ୍କ ତୁଳନାରେ ୯୩୨ଜଣ ଝିଅ ଥିବା ବେଳେ ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ-୫ (୨୦୧୯-୨୦୨୧)ରେ ତାହା ୮୯୪କୁ ଖସି ଆସିଛି। ସେପଟେ ସାମ୍ପଲ ରେଜିଷ୍ଟ୍ରେଶନ ସିଷ୍ଟମ(ଏସ୍‌ଆର୍‌ଏସ୍) ତଥ୍ୟ ଆଧାରରେ ୨୦୧୮-୨୦ ମସିହାରେ ରାଜ୍ୟରେ ପ୍ରତି ୧୦୦୦ ପୁଅରେ ୯୨୫ ଝିଅ ଜନ୍ମ ହୋଇଛନ୍ତି। ୨୦୧୪-୧୬ ମସିହାରେ ଏହି ଅନୁପାତ ଥିଲା ୯୪୮। ଉପାନ୍ତ ଅପେକ୍ଷା ଉପକୂଳ ଜିଲାରେ ସ୍ଥିତି ଚିନ୍ତାଜନକ ରହିଛି। ୧୦୦୦ ପୁଅଙ୍କ ତୁଳନାରେ ଝିଅଙ୍କ ହାର ନୟାଗଡ଼ ଜିଲାରେ ୮୧୧ ଥିବାବେଳେ ଢେଙ୍କାନାଳରେ ୮୬୫, ସୁବର୍ଣ୍ଣପୁରରେ ୮୮୦, ଅନୁଗୋଳରେ ୮୮୫, ଜଗତ୍‌ସିଂହପୁରରେ ୮୯୭ ଓ କେନ୍ଦ୍ରାପଡ଼ାରେ ୮୯୮ ରହିଛି। ତେବେ ଜାତୀୟ ହାରଠାରୁ ଓଡ଼ିଶା ଉପରେ ରହିଛି। ଜାତୀୟ ସ୍ତରରେ ଏହି ସଂଖ୍ୟା ୯୦୭ ରହିଛି। ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ 'ଲିଙ୍ଗଗତ ଜନ୍ମହାରରେ ସନ୍ତୁଳତା' ସମ୍ବନ୍ଧୀୟ ରାଜ୍ୟସ୍ତରୀୟ କର୍ମଶାଳାରେ ଏହି ମତ ପ୍ରକାଶ ପାଇଛି।

ରାଜ୍ୟରେ ଝିଅ ସଂଖ୍ୟା କମୁଥିବା ନେଇ ରାଜ୍ୟ ସରକାର ଚିନ୍ତାରେ ପଡ଼ିଥିବା ବେଳେ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। କେମିତି ଝିଅ ଓ ପୁଅଙ୍କ ସଂଖ୍ୟାରେ ସମାନତା ଆସିବ, ତାହା ଉପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜନ୍ମ ସମୟରେ ଲିଙ୍ଗ ନିରୂପଣଜନିତ ଗର୍ଭପାତ, ପୁତ୍ର ସନ୍ତାନକୁ ପ୍ରାଧାନ୍ୟ ଆଦି ହେଉଛି ଲିଙ୍ଗଗତ ଜନ୍ମ ହାରରେ ଝିଅ ଜନ୍ମ ହାର ହ୍ରାସର ମୁଖ୍ୟ କାରଣ। ରାଜ୍ୟରେ ଜନ୍ମ ହାର ହ୍ରାସରେ ସୁଧାର ଆଣିବା ଓ ଭବିଷ୍ୟତ ପନ୍ଥା ନିର୍ଦ୍ଧାରଣ କରିବା ପାଇଁ ଏହି କର୍ମଶାଳାର ବିଭିନ୍ନ ଅଧିବେଶନରେ ଆଲୋଚନା କରାଯାଇଛି। କର୍ମଶାଳାରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ଅଧିକ ସମ୍ବେଦନଶୀଳ ☞ପୃଷ୍ଠା-୨

# ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା

## ଆଜି ୮ ଜିଲାକୁ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୫।୧୨
(ଅନୁରାଧା ମହାରଣା)

ସାମୁଦ୍ରିକ ବାତ୍ୟା ମିଗ୍‌ଜୋମ୍ ମଙ୍ଗଳବାର ମଧ୍ୟାହ୍ନ ୧୨ଟା ୩୦ରୁ ୨ଟା ୩୦ ମଧ୍ୟରେ ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିଛି। ନେଲୋର ଏବଂ ମଛଲିପଟନମ୍ ମଧ୍ୟବର୍ତ୍ତୀ ବାପାଟଲା ନିକଟରେ ବାତ୍ୟା ସ୍ଥଳଭାଗ ଛୁଇଁବା ପରେ ଦୁର୍ବଳ ହୋଇଛି। ତେବେ ବାତ୍ୟା ପ୍ରଭାବରେ ଓଡ଼ିଶାର ମାଲକାନଗିରି, କୋରାପୁଟ ଓ ରାୟଗଡ଼ା ଜିଲାର କିଛି ଅଞ୍ଚଳରେ ପ୍ରବଳ ବର୍ଷା ଲାଗି ରହିଛି। ସନ୍ଧ୍ୟା ସୁଦ୍ଧା ଘଣ୍ଟା ପ୍ରତି ୨ରୁ ୩ ମି.ମି. ବର୍ଷା ହୋଇଥିବାବେଳେ ଗଜପତିରେ ସର୍ବାଧିକ ୪୦ ମି.ମି. ବର୍ଷା ରେକର୍ଡ ହୋଇଛି। ଗଜପତି ଜିଲାର ମୋହନାରେ ସର୍ବାଧିକ ବର୍ଷା ହୋଇଛି। ମିଳିଥିବା ସୂଚନାନୁସାରେ, ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ପରେ ବର୍ଷାର ପ୍ରଭାବ ଦକ୍ଷିଣ ଓଡ଼ିଶାରେ ବଢ଼ିଛି। ମାଲକାନଗିରି, କୋରାପୁଟ, ରାୟଗଡ଼ା ☞ପୃଷ୍ଠା-୨

# ଚାଷୀଙ୍କୁ ଭୟ ମେଘୁଆ ପାଗ

## ଟୋକନ କଟକଣା, ବିକ୍ରି ହେଉନି ଧାନ

ବରଗଡ଼,୫।୧୨
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଖରିଫ ଧାନ ଅମଳ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅନ୍ୟପଟେ ଧାନ ସଂଗ୍ରହ ପ୍ରକ୍ରିୟାକୁ ମଙ୍ଗଳବାର ୧୫ ଦିନ ପୂରିଛି। ଧାନ ସଂଗ୍ରହ ପାଇଁ ଜିଲାରେ ମଣ୍ଡି ଖୋଲିଛି। କିନ୍ତୁ ଟୋକନ କଟକଣା ଯୋଗୁ ଚାଷୀମାନେ ଧାନ ବିକ୍ରି କରିପାରୁନାହାନ୍ତି। ଧାନ ଅମଳ ସାରିଥିଲେ ସୁଦ୍ଧା ଅନେକ ଚାଷୀଙ୍କୁ ମିଳିଥିବା ଟୋକନରେ ବିକ୍ରି ଦିବସ ଡିସେମ୍ବର ଶେଷ ସପ୍ତାହ ଏବଂ ୨୦୨୪ ଜାନୁୟାରୀ ମାସ ରହିଛି। ଫଳରେ ଅମଳ ଧାନ କ୍ଷେତ, ଖଳା ଏବଂ ମଣ୍ଡିର ଖୋଲା ଆକାଶତଳେ ବିକ୍ରି ଅପେକ୍ଷାରେ ପଡ଼ିରହିଛି। ଅପରପକ୍ଷେ ମଙ୍ଗଳବାର ଝିପିଝିପି ବର୍ଷା ଏବଂ ମେଘୁଆ ପାଗ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି।

ବରଗଡ଼ ଜିଲାରେ ନଭେମ୍ବର ୧୫ ତାରିଖ ସୁଦ୍ଧା ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିବାକୁ ଚାଷୀମାନେ ପ୍ରଶାସନଠାରେ ଦାବି କରିଥିଲେ। କିନ୍ତୁ ଚାଷୀଙ୍କ କଥାକୁ ଗୁରୁତ୍ୱ ଦିଆଯାଇ ନ ଥିଲା ଏବଂ ନଭେମ୍ବର ୨୧ତାରିଖରୁ ଧାନ ସଂଗ୍ରହ ପାଇଁ ଜିଲାରେ ୨୨୦ ମଣ୍ଡି ଖୋଲାଯାଇଛି। ଧାନ ସଂଗ୍ରହ ପାଇଁ ମଣ୍ଡି ଖୋଲିଛି ସତ, କିନ୍ତୁ ଟୋକନ କଟକଣା ଯୋଗୁ ଚାଷୀମାନେ ମଣ୍ଡିକୁ ମଧ୍ୟ ଧାନ ଆଣିପାରିନାହାନ୍ତି। ଅନ୍ୟପଟେ ମଣ୍ଡି ଖୋଲିବା ଦାବି ନେଇ ପ୍ରଶାସନ ସେମାନଙ୍କ କଥା ଶୁଣି ନ ଥିବା ପ୍ରତିବାଦରେ ଜିଲାର ବରଗଡ଼ ବ୍ଲକ କଳାପାଣି ସମେତ ଅତାବିରା ବ୍ଲକର ଅତାବିରା, ଗୋଡ଼ଭଗା ଅଞ୍ଚଳର ବହୁ ଚାଷୀ ନିକଟସ୍ଥ ମଣ୍ଡିରେ ଗତ ନଭେମ୍ବର ୧୫ତାରିଖରୁ ସେମାନଙ୍କ ଅମଳ ଧାନ ପୂରାଇ ରଖିଛନ୍ତି। କିନ୍ତୁ ଟୋକନ କଟକଣା ଯୋଗୁ ସମ୍ପୃକ୍ତ ଚାଷୀଙ୍କ ଧାନ ମଧ୍ୟ ଏପର୍ଯ୍ୟନ୍ତ ବିକ୍ରି ହୋଇ ନ ପାରି ମଣ୍ଡିରେ ପଡ଼ି ରହିଛି।

କଳାପାଣି ଗ୍ରାମର ଚାଷୀ ସୁରେଶ ନେକାଣ୍ଡି କହିଛନ୍ତି, ତାଙ୍କ ଧାନ ଅମଳ ସରିଯାଇଛି। ଗତ ନଭେମ୍ବର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ବିପଦରେ ଉତ୍ତର-ପୂର୍ବ**

# ନିଳଡୁଙ୍ଗୁରୀ, ଚୌଦ୍ୱାରରେ ପ୍ରତିଷ୍ଠା ହେବ ଶିଳ୍ପ

## ୨୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟିହେବ

ଭୁବନେଶ୍ୱର,୫।୧୨
(ଅନିଲ ଦାସ)

ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ଓ ଅର୍ଥନୈତିକ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ୱେଲ୍‌ସ୍ପନ କମ୍ପାନୀ ପକ୍ଷରୁ କଟକ ଜିଲାର ଚୌଦ୍ୱାର ଏବଂ ସମ୍ବଲପୁରର ନିଳଡୁଙ୍ଗୁରୀଠାରେ ବହୁପ୍ରତୀକ୍ଷିତ ଶିଳ୍ପ ସମୂହ ପ୍ରତିଷ୍ଠା ପ୍ରସ୍ତାବକୁ ମଙ୍ଗଳବାର ରାଜ୍ୟ କ୍ୟାବିନେଟରେ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏଥିରେ ୬୬୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବ। ଉକ୍ତ ଶିଳ୍ପଗୁଡ଼ିକରେ ୨୦,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। କମ୍ପାନୀ ପକ୍ଷରୁ କଟକ ଜିଲାର ଚୌଦ୍ୱାରଠାରେ ୩୦୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗରେ ଏକ ସମନ୍ୱିତ ବୟନ ଶିଳ୍ପର ପୁନଃ ପ୍ରତିଷ୍ଠା ହେବ। ଏଥିରେ ୧୦,୦୦୦ ସିଧାସଳଖ ନିଯୁକ୍ତି ହେବା ସହ ସମାନ ସଂଖ୍ୟକ ପରୋକ୍ଷ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇପାରିବ। ଏଥିସହିତ ପୁରୁଣା ଐତିହ୍ୟ ଫେରାଇ ଆଣିବାରେ ଏହା ସହାୟକ ହେବ। ☞ପୃଷ୍ଠା-୨







**ଆଜିର ମନ୍ତବ୍ୟ**

“କେନ୍ଦ୍ରର ଅର୍ଥବଳ, ଏଜେନ୍ସି, ନିର୍ବାଚନ କମିଶନ ଓ ଗଣମାଧ୍ୟମ ଯୋଗୁ ଭାଜପା ୩ ରାଜ୍ୟ ବିଧାନସଭା ନିର୍ବାଚନ ଜିତିଛି।
–ମେହବୁବା ମୁଫ୍ତି, ପିଡିପି ଅଧ୍ୟକ୍ଷା

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠକ ଠକ ମାଳି ଭଜନ ଟାଣ**
**ଭୋକ କଲା ଭାତ ପାଖକୁ ଆଣ।**

ନାଁ କୁ ମାତ୍ର ଈଶ୍ୱର ଆରାଧନା, ଅଥଚ ମନ ଯାଇ ଖାଦ୍ୟ ପାଖରେ। ଭକ୍ତି ମାର୍ଗରେ ଚାଲୁଥିବା ବ୍ୟକ୍ତିଙ୍କ ପକ୍ଷେ କୌଣସି ପ୍ରକାରର କାମନା, ବାସନା ଓ ଲାଳସା ଭାବନା ଗ୍ରହଣୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଠେକା ପଚାରଇ ବେକାରେ**
**ତୁ କୋଉ ମଣିଷରେ ଲେଖାରେ?**

ସାଧାରଣତଃ ମଣିଷ କେତେ ଦକ୍ଷ ବା ଯୋଗ୍ୟ ତାହା ତାଙ୍କ କାର୍ଯ୍ୟଶୈଳୀରୁ ହିଁ ଜଣାପଡ଼ିଥାଏ। ତେବେ କ୍ଷମତାଶାଳୀ ହୋଇ ନ ଥିବା ବା ଦକ୍ଷତା ନ ଥିବା ବ୍ୟକ୍ତି ଅନ୍ୟ ଆଗରେ ନିଜର ବୃଥା ବଡ଼ିମା ଦେଖାଇ ବସିଲେ ପରିହାସର ପାତ୍ର ହେବାକୁ ପଡ଼ିଥାଏ। ମଣିଷର ଯୋଗ୍ୟତା ଆକଳନ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ମଙ୍ଗଳବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

## ସ୍କ୍ରାପିଂ କଲେ ଟିକସ...

ପ୍ରଦୂଷଣ କରୁଥିବା ଯାନଗୁଡ଼ିକୁ ହଟାଇବା ପାଇଁ ପରାମର୍ଶ ଦେଇଛନ୍ତି। ପୁରୁଣା ଗାଡିଗୁଡ଼ିକର ଗାଡ଼ି ମାଲିକମାନଙ୍କୁ ଏଥିପାଇଁ ଆକର୍ଷିତ କରିବା ସକାଶେ ଅନାଦାୟ ଟିକସ ଛାଡ଼ ପାଇଁ ଏକକାଳୀନ ଘୋଷଣା କରିବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଯାଇଛି। ଏହାଦ୍ୱାରା ରାଜ୍ୟ ସରକାରଙ୍କ ପଞ୍ଜୀକୃତ ଯାନ ସ୍କ୍ରାପିଂ ସୁବିଧା କେନ୍ଦ୍ରରେ ଯାନଗୁଡ଼ିକୁ ବିନା ପ୍ରଦୂଷଣରେ ବୈଜ୍ଞାନିକ ପଦ୍ଧତିରେ ସ୍କ୍ରାପ୍ କରାଯାଇପାରିବ। ସହରାଞ୍ଚଳରେ ପ୍ରଦୂଷଣ ହ୍ରାସ ପାଇଁ ରାଜ୍ୟ ସରକାର ୧୫ ବର୍ଷିଆ ସମସ୍ତ ଯାନବାହନକୁ ରାସ୍ତାରୁ ହଟାଇବାକୁ ଯୋଜନା କରିଛନ୍ତି। ଏଥିପାଇଁ ରାଜ୍ୟ ସରକାର ପଞ୍ଜୀକୃତ ଯାନବାହନ ସ୍କ୍ରାପିଂ ସୁବିଧା ନୀତି-୨୦୨୨ (ରେଜିଷ୍ଟର୍ଡ ଭେହିକିଲ ସ୍କ୍ରାପିଂ ଫାସିଲିଟି ପଲିସି-୨୦୨୨) ଆଣିଛନ୍ତି। ଏହି ନୀତିକୁ ୨୦୨୨ ନଭେମ୍ବର ୩୦ ତାରିଖରେ ରାଜ୍ୟ କ୍ୟାବିନେଟରେ ଅନୁମୋଦନ କରାଯାଇଛି। ସ୍କ୍ରାପିଂ କରିଥିବା ଗାଡ଼ି ମାଲିକଙ୍କୁ ନୂଆ ଗାଡ଼ି କିଣିବାକୁ ପ୍ରୋତ୍ସାହନ ଦିଆଯିବ। ଯାନବାହନଜନିତ ବାୟୁ ପ୍ରଦୂଷଣ ହ୍ରାସ କରିବାରେ ମଧ୍ୟ ଏହି ନୀତି ପ୍ରମୁଖ ଭୂମିକା ଗ୍ରହଣ କରିବ। ୧୫ ବର୍ଷ ପୂରଣ କରିଥିବା ସମସ୍ତ ପୁରୁଣା ଗାଡ଼ିକୁ ସ୍କ୍ରାପ କରିବାକୁ ପଡ଼ିବ। ସ୍କ୍ରାପିଂ କରିଥିବା ବ୍ୟକ୍ତିମାନଙ୍କୁ ନୂଆ ଗାଡ଼ି କିଣିବା ପାଇଁ ଏହି ନୀତିରେ ସ୍ୱତନ୍ତ୍ର ପ୍ରୋତ୍ସାହନ ବ୍ୟବସ୍ଥା କରାଯାଇଛି। ଏହା ସତ୍ତ୍ୱେ ଟିକସ ବାକିଥିବା ବହୁ ପୁରୁଣା ଗାଡ଼ିମାଲିକମାନେ ସ୍କ୍ରାପିଂ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଟିକସ ଓ ଜରିମାନା ଛାଡ଼ ହେବା ପରେ ଏଥିପାଇଁ ଆଗ୍ରହ ବଢ଼ିବ ବୋଲି ସରକାର ଆଶା କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ବାଣିଜ୍ୟ ଏବଂ ପରିବହନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିଛି। ଏଥିସହିତ କ୍ୟାବିନେଟରେ ମୋଟ ୧୦ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

## ରେଭନ୍ତ ରେଡ୍ଡୀ ତେଲଙ୍ଗାନା ...

କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ଉତ୍ତମ କୁମାର ରେଡ୍ଡୀ ଏବଂ ଭଟ୍ଟି ବିକ୍ରମାର୍କଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ଦିଆଯାଇପାରେ କିମ୍ବା ଭଲ ବିଭାଗ ମିଳିପାରେ ବୋଲି ଜଣାପଡ଼ିଛି। ସେମାନେ ମଧ୍ୟ ମୁଖ୍ୟମନ୍ତ୍ରୀ ପଦ ଦାବିଦାର ଥିଲେ। ତେଲଙ୍ଗାନା କଂଗ୍ରେସ ସଭାପତି ରୂପେ ୫୪ ବର୍ଷୀୟ ରେଭନ୍ତଙ୍କ ସାଙ୍ଗଠନିକ ଦକ୍ଷତା ଓ ନିଆରା କାର୍ଯ୍ୟଶୈଳୀ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଦୁର୍ଗର ପତନ ଘଟାଇବାରେ ସକ୍ଷମ ହୋଇଛି। କଂଗ୍ରେସ ତାଙ୍କୁ ବିଆର୍‌ଏସ୍ ମୁଖ୍ୟ ତଥା ବିଦାୟୀ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ବିରୋଧରେ ପ୍ରାର୍ଥୀ କରିଥିଲା। କାମାରେଡ୍ଡୀ ଆସନରେ ଉଭୟ କେସିଆର୍ ଏବଂ ରେଭନ୍ତ ଭାଜପାର ଭେଙ୍କଟ ରମଣ ରେଡ୍ଡୀଙ୍କଠାରୁ ହାରିଯାଇଥିଲେ। ମୁଖ୍ୟମନ୍ତ୍ରୀ ହେବା ପରେ ରେଭନ୍ତଙ୍କୁ ୬ ମାସ ମଧ୍ୟରେ କୌଣସି ଆସନରୁ ନିର୍ବାଚିତ ହେବାକୁ ପଡ଼ିବ।

## ଏବିଭିପିରୁ ଟିଡିପି ...

ଦଳୀୟ ସାଙ୍ଗଠନିକ କାର୍ଯ୍ୟରେ ଦକ୍ଷତା ପ୍ରଦର୍ଶନ କରିବାରୁ ତାଙ୍କୁ ଜୁନ୍ ୨୦୨୧ରେ ତେଲଙ୍ଗାନା ପ୍ରଦେଶ କଂଗ୍ରେସ କମିଟିର ସଭାପତି କରାଯାଇଥିଲା। ଡିସେମ୍ବର ୨୦୨୩ ଅଦ୍ୟାବଧି ସେ କୋଡାଙ୍ଗାଲ ବିଧାନସଭା କ୍ଷେତ୍ରରୁ ତେଲଙ୍ଗାନା ବିଧାନସଭାର ସଦସ୍ୟ ଥିଲେ। ରେଭନ୍ତଙ୍କ ରାଜନୈତିକ ଜୀବନର ଆଦ୍ୟକାଳକୁ ଦେଖିଲେ ସେ ଛାତ୍ରାବସ୍ଥାରେ ଏବିଭିପିର ସଦସ୍ୟ ରହିଥିଲେ। ପରବର୍ତ୍ତୀ ସମୟରେ ସେ ଟିଡିପି ଓ କଂଗ୍ରେସରେ ଯୋଗଦେଇଥିଲେ। ୮ ନଭେମ୍ବର ୧୯୬୯ରେ ମେହବୁବାନଗର ଜିଲାର କୋଣ୍ଡାରେଡ୍ଡୀ ପାଲ୍ଲିରେ ରେଭନ୍ତ ଜନ୍ମଗ୍ରହଣ କରିଥିଲେ। ଓସ୍‌ମାନିଆ ବିଶ୍ୱବିଦ୍ୟାଳୟ ଅଧୀନ ଏ.ଭି. କଲେଜରୁ ସେ କଳାରେ ସ୍ନାତକ କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୟପାଲ ରେଡ୍ଡୀଙ୍କ ଝିଆରୀ ଗୀତାଙ୍କୁ ସେ ବିବାହ କରିଥିଲେ। ତାଙ୍କର ଝିଅଟିଏ ଅଛି।

## ରାଷ୍ଟ୍ରୀୟ ରାଜପୁତ୍ କର୍ଣ୍ଣି ...

କରିଥିଲେ। ଉଭୟ ସଂଗଠନ ୨୦୧୮ରେ ଦୀପିକା ପାଦୁକୋନ୍‌ଙ୍କ ଅଭିନୀତ ‘ପଦ୍ମାବତ୍’କୁ ଜୋରଦାର ବିରୋଧ କରିଥିଲେ। ସୁଖଦେବଙ୍କୁ ପୂର୍ବରୁ ହତ୍ୟା ଧମକ ମିଳିଥିଲା। ତେଣୁ ତାଙ୍କ ଉପରେ ଆକ୍ରମଣ ଆଶଙ୍କା ରହିଥିଲା। ଏନେଇ ପୂର୍ବରୁ ପୋଲିସକୁ ଜଣାଇ ଦିଆଯାଇଥିଲା ବୋଲି କର୍ଣ୍ଣି ସେନା ମୁଖ୍ୟଙ୍କ ଜଣେ ସମ୍ପର୍କୀୟ କହିଛନ୍ତି। ସୁଖଦେବଙ୍କୁ ଆକ୍ରମଣ କରାଯାଇଥିବା ଖବର ପ୍ରକାଶ ପାଇବା ପରେ ତାଙ୍କ ସମର୍ଥକ ଓ ରାଜପୁତ୍ ସମ୍ପ୍ରଦାୟର ସଦସ୍ୟମାନେ ତାଙ୍କ ଘର ଓ ହସ୍ପିଟାଲ ଆଗରେ ରୁଣ୍ଡ ହୋଇଥିଲେ। ସେମାନେ ହସ୍ପିଟାଲ ବାହାରେ ଶିପ୍ରା ପାଥ୍ ରାସ୍ତାକୁ ଅବରୋଧ କରି ତୁରନ୍ତ ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ଦାବି ଜଣାଇଛନ୍ତି।




# ପ୍ରତ୍ୟୁଷାଙ୍କୁ ଏବେ ବିବାହ କରିପାରିବେନି ବିଜୟଶଙ୍କର

### ତିର୍ତ୍ତୋଲ ବିଧାୟକଙ୍କ ବିବାହ ପଞ୍ଜୀକରଣ ଆବେଦନ ଖାରଜ

କଟକ, ୫।୧୨(କାର୍ତ୍ତିକ ସାହୁ)

ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସଙ୍କ ବିବାହ ପଞ୍ଜୀକରଣ ଆବେଦନକୁ ମଙ୍ଗଳବାର କଟକସ୍ଥିତ ବିବାହ ପଞ୍ଜୀକରଣ ଅଧିକାରୀ ଖାରଜ କରିଛନ୍ତି। ଆବେଦନପତ୍ରରେ ଭୁଲ୍ ତଥ୍ୟ ଦେଇଥିବାରୁ ସହପାଠିନୀ ପ୍ରତ୍ୟୁଷା ନନ୍ଦଙ୍କୁ ବିଜୟ ଏବେ ବିବାହ କରିପାରିବେ ନାହିଁ ବୋଲି ଦର୍ଶାଇ ଆବେଦନ ଖାରଜ ହୋଇଯାଇଛି। ଆବେଦନରେ ପ୍ରତ୍ୟୁଷା ଅବିବାହିତା ବୋଲି ଦର୍ଶାଯାଇଥିଲା। ହେଲେ ସେ ବିବାହ କରି ସ୍ୱାମୀଙ୍କଠାରୁ ଛାଡ଼ପତ୍ର ନେଇସାରିଛନ୍ତି, ଯାହାକି ଆବେଦନପତ୍ରରେ ଉଲ୍ଲେଖ ନ ଥିଲା। ବିବାହ ପଞ୍ଜୀକରଣ ଅଧିକାରୀଙ୍କ ଏଭଳି ନିର୍ଦ୍ଦେଶ ପରେ ବିଜୟଙ୍କ ବିବାହ ଅଡୁଆ ବଢ଼ିଯାଇଛି। ଅପରପକ୍ଷରେ ବିଜୟଶଙ୍କରଙ୍କ ବିବାହ ଆବେଦନ ଖାରଜ ହୋଇଯିବା ପରେ ପୂର୍ବତନ ବାନ୍ଧବୀ ସୋମାଲିକା ଦାଶ ସାମୟିକ ଭାବେ ଆଶ୍ୱସ୍ତି ପାଇଛନ୍ତି।

ସୂଚନା ଅନୁସାରେ, ବିଧାୟକ ବିଜୟଶଙ୍କର ଦାସ କଟକ ଅରୁଣୋଦୟ ନଗର ଅଞ୍ଚଳର ମହିଳା ପ୍ରତ୍ୟୁଷା ନନ୍ଦଙ୍କୁ ବିବାହ ନିମନ୍ତେ କଟକସ୍ଥିତ ବିବାହ ପଞ୍ଜୀକରଣ ଅଧିକାରୀ(ସବରେଜିଷ୍ଟ୍ରାର)ଙ୍କ ନିକଟରେ ଗତ ସେପ୍ଟେମ୍ବର ୨୧ରେ ଆବେଦନ କରିଥିଲେ। ବିଜୟଶଙ୍କରଙ୍କ ପୂର୍ବତନ ବାନ୍ଧବୀ ସୋମାଲିକା ଏହା ଜାଣିବା ପରେ ପଞ୍ଜୀକରଣ ଅଧିକାରୀଙ୍କୁ ଭେଟି ବିଜୟଶଙ୍କରଙ୍କ ବିବାହ ଆବେଦନ ରଦ୍ଦ କରିବାକୁ ଦାବି କରିଥିଲେ। ବିଜୟଶଙ୍କର ତାଙ୍କ ଆବେଦନରେ ପ୍ରତ୍ୟୁଷା ନନ୍ଦଙ୍କୁ ଅବିବାହିତ ବୋଲି



ବିଜୟଶଙ୍କର ଦାସ ଓ ପ୍ରତ୍ୟୁଷା ନନ୍ଦ

ଦର୍ଶାଇଥିଲେ। ମାତ୍ର ପ୍ରତ୍ୟୁଷା ଅବିବାହିତା ନୁହନ୍ତି, ବିବାହିତା ଓ ସେ ତାଙ୍କ ପୂର୍ବତନ ସ୍ୱାମୀଙ୍କଠାରୁ ଛାଡ଼ପତ୍ର ପାଇଛନ୍ତି ବୋଲି ସୋମାଲିକା ଅଧିକାରୀଙ୍କୁ ଅବଗତ କରାଇ ବିଜୟଶଙ୍କର ଆବେଦନରେ ଭୁଲ ତଥ୍ୟ ଦେଇଥିବା ଦର୍ଶାଇଥିଲେ। ଏହାକୁ ନେଇ ପଞ୍ଜୀକରଣ ଅଧିକାରୀ ପ୍ରତ୍ୟୁଷାଙ୍କ ବିବାହ ସଂକ୍ରାନ୍ତୀୟ ପ୍ରମାଣ ଦାଖଲ କରିବାକୁ ସୋମାଲିକାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପଞ୍ଜୀକରଣ ଅଧିକାରୀ ତଥ୍ୟ ପ୍ରମାଣକୁ ଯାଞ୍ଚ କରି ବିଜୟଶଙ୍କର ଓ ପ୍ରତ୍ୟୁଷାଙ୍କ ସ୍ୱାମୀଙ୍କୁ ହାଜର ହେବା ପାଇଁ ନୋଟିସ କରିଥିଲେ। ପ୍ରତ୍ୟୁଷାଙ୍କ ବିବାହ ସଂକ୍ରାନ୍ତୀୟ ପ୍ରମାଣ ସୋମାଲିକା ଦାଖଲ କରିଥିଲେ। ମାତ୍ର ବିଜୟଶଙ୍କର ହାଜର ହୋଇ ନ ଥିଲେ। ସେହିପରି ପ୍ରତ୍ୟୁଷା ନନ୍ଦଙ୍କ ପୂର୍ବତନ ସ୍ୱାମୀ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ହାଜର ହୋଇ ଛାଡ଼ପତ୍ର ଦଲିଲ ଦାଖଲ କରିଥିଲେ। ପୂର୍ବରୁ ପ୍ରତ୍ୟୁଷାଙ୍କ ସହ ତାଙ୍କର ବିବାହ ହୋଇଥିଲା ଓ ପରେ ଉଭୟଙ୍କ ମଧ୍ୟରେ ବିବାହ ବିଚ୍ଛେଦ ହୋଇସାରିଥିବା ସେ ପଞ୍ଜୀକରଣ ଅଧିକାରୀଙ୍କୁ ଅବଗତ କରାଇଥିଲେ। ସୋମାଲିକା ଓ ପ୍ରତ୍ୟୁଷାଙ୍କ ସ୍ୱାମୀଙ୍କ ପ୍ରଦତ୍ତ ପ୍ରମାଣ ଆଧାରରେ କଟକ ବିବାହ ପଞ୍ଜୀକରଣ ଅଧିକାରୀ ମଙ୍ଗଳବାର ପ୍ରତ୍ୟୁଷାଙ୍କୁ ବିଜୟଶଙ୍କର ଏବେ ବିବାହ କରିପାରିବେ ନାହିଁ ବୋଲି ରାୟ ଶୁଣାଇ ଦେଇଛନ୍ତି। ଏନେଇ ବିଧାୟକ ବିଜୟଶଙ୍କରଙ୍କୁ ତାଙ୍କ ମୋବାଇଲ ନମ୍ବରରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ଅପରପକ୍ଷରେ ସୋମାଲିକାଙ୍କ କହିବା ହେଲା, ବିଜୟଶଙ୍କର ଏବଂ ପ୍ରତ୍ୟୁଷାଙ୍କ ବିବାହ ସ୍ଥଗିତ ହୋଇଛି। ଆଡ୍‌ଭୋକେଟଙ୍କ ସହ ଆଲୋଚନା କରିବା ପରେ ପରବର୍ତ୍ତୀ ପଦକ୍ଷେପ ନେବି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ବିଧାୟକ ବିଜୟଶଙ୍କର ତାଙ୍କ ପୂର୍ବତନ ବାନ୍ଧବୀ ସୋମାଲିକା ଦାସଙ୍କୁ ବିବାହ କରିବା ପାଇଁ ୨୦୨୨ ମେ’ ୧୭ରେ ଜଗତ୍‌ସିଂହପୁର ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଏହାପରେ ଜୁନ୍ ୧୭ରେ ଉଭୟ ଉପସ୍ଥିତ ରହି ବିବାହ କରିଥାନ୍ତେ। ହେଲେ ସୋମାଲିକା ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିବାବେଳେ ବିଜୟଶଙ୍କର ଉପସ୍ଥିତ ହୋଇ ନ ଥିଲେ। ପରବର୍ତ୍ତୀ ସମୟରେ ସୋମାଲିକା ଜଗତ୍‌ସିଂହପୁର ଥାନାରେ ଯୌନ ନିର୍ଯାତନା ଓ ବଳାତ୍କାର ମାମଲା ଦାଏର କରିଥିଲେ। ତେବେ ଏହି ଘଟଣାରେ ପୋଲିସ ତତ୍ପରତା ନ ଦେଖାଇବାରୁ ସୋମାଲିକା ସ୍ଥାନୀୟ କୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ଏହାକୁ ନେଇ ରାଜନୈତିକ ହଟଚମଟ ହୋଇଥିଲା।

## ଚାଷୀଙ୍କୁ ଭୟ ...

୧୫ତାରିଖ ପ୍ରଥମ ପର୍ଯ୍ୟାୟରେ କଳାପାଣି ମଣ୍ଡିରେ ସେ ୧୮୦ ପ୍ୟାକେଟ୍ ଧାନ ପୂରାଇଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ମଣ୍ଡି ଖୋଲିବା ଦିନ ଅର୍ଥାତ୍ ଗତ ମାସ ୨୧ତାରିଖରେ ଆହୁରି ୧୨୦ ପ୍ୟାକେଟ୍ ଧାନ ଏହି ମଣ୍ଡିରେ ପକାଇଛନ୍ତି। କିନ୍ତୁ ତାଙ୍କୁ ମିଳିଥିବା ଟୋକନରେ ବିକ୍ରି ଦିବସ ଡିସେମ୍ବର ୨୮ତାରିଖ ରହିଛି ବୋଲି ସେ କହିଛନ୍ତି। ସେହିପରି କଳାପାଣି ଗ୍ରାମର ଅନ୍ୟ ଜଣେ ଚାଷୀ ଏକାଦଶିଆ ସାହୁ କହିଛନ୍ତି, ତାଙ୍କ ଧାନ ଅମଳ ସରିଯାଇଛି। ଗତ ମାସ ୧୫ତାରିଖରେ ସେ କଳାପାଣି ମଣ୍ଡିରେ ୮୦ ପ୍ୟାକେଟ୍ ଧାନ ରଖିଥିଲେ। କ୍ଷେତ, ଖଳାରେ ଆହୁରି ୨୦୦ରୁ ଅଧିକ ପ୍ୟାକେଟ୍ ଧାନ ପଡ଼ି ରହିଛି। କିନ୍ତୁ ଟୋକନରେ ବିକ୍ରି ଦିବସ ବିଳମ୍ବ ଯୋଗୁ ସେ ତାଙ୍କ ଧାନ ବିକ୍ରି ହୋଇପାରୁନାହାନ୍ତି। ବର୍ଷାରେ ଧାନ କ୍ଷତିଗ୍ରସ୍ତ ହେଲେ ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ସେ କହିଛନ୍ତି।

ଜିଲାର କେବଳ ଏହି ଦୁଇ ଚାଷୀ ନୁହଁନ୍ତି, ଅଧିକାଂଶ ଚାଷୀ ଏଭଳି ସମସ୍ୟାରେ ଛନ୍ଦି ହୋଇଛନ୍ତି। ଟୋକନ କଟକଣା ଯୋଗୁ ଧାନ ବିକ୍ରି କରି ପାରୁ ନ ଥିବା ଯୋଗୁ ଧାନ ଅମଳରେ ନିୟୋଜିତ ଶ୍ରମିକଙ୍କୁ ମଧ୍ୟ ସେମାନେ ପାରିଶ୍ରମିକ ଦେଇ ପାରୁନାହାନ୍ତି। ଏଭଳି ସ୍ଥିତିରେ ବେପାରୀମାନେ ସକ୍ରିୟ ହୋଇପଡ଼ିଛନ୍ତି। ଟୋକନ କଟକଣା ବେପାରୀ ଏବଂ ମିଲର୍ସଙ୍କୁ ସୁହାଉଛି ବୋଲି ଜୟ କିଷାନ ଆନ୍ଦୋଳନର ସମ୍ପାଦକ ହର ବଣିଆ କହିଛନ୍ତି। କିଛି ଅଧିକାରୀ, ମିଲର୍ସ, ବେପାରୀ ମିଳିମିଶି ଚାଷୀଙ୍କୁ ଶୋଷଣ କରିବା ପାଇଁ ଟୋକନ କଟକଣା ଏକ ଷଡ଼ଯନ୍ତ୍ର କହିଲେ ଭୁଲ ହେବନାହିଁ ବୋଲି ବଣିଆ ଅଭିଯୋଗ କରିଛନ୍ତି। ପଞ୍ଜୀକରଣ ସମୟରେ ଚାଷୀମାନେ ସମ୍ଭାବ୍ୟ ଅମଳ ତାରିଖ ଉଦ୍ଦିଷ୍ଟ ଆବେଦନ ପତ୍ରରେ ଉଲ୍ଲେଖ କରୁଛନ୍ତି। ମାତ୍ର ତାକୁ ଆଦୌ ଗୁରୁତ୍ୱ ଦିଆଯାଉନାହିଁ ଏବଂ ମିଲର୍ସଙ୍କ ସହିତ ଅସାଧୁ ମେଣ୍ଟ କରି ସମ୍ପୃକ୍ତ ଅଧିକାରୀମାନେ ଟୋକନରେ ମନଇଚ୍ଛା ବିକ୍ରି ଦିବସ ଉଲ୍ଲେଖ କରୁଛନ୍ତି। ଏହାର ବିଧିବଦ୍ଧ ତଦନ୍ତ ହେବା ଦରକାର ବୋଲି ବଣିଆ କହିଛନ୍ତି।

## ଦକ୍ଷିଣ ଓଡ଼ିଶାରେ...

ଜିଲାରେ ପ୍ରବଳ ବର୍ଷା ହୋଇଥିବାବେଳେ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଗଜପତି ଜିଲାରେ ମଧ୍ୟ ବର୍ଷାର ପ୍ରଭାବ ରହିଛି। ଅବଶିଷ୍ଟ ଜିଲାରେ ପାଗ ମୁଖ୍ୟତଃ ମେଘୁଆ ଥିବାବେଳେ ବିକ୍ଷିପ୍ତ ବର୍ଷା ରେକର୍ଡ ହୋଇଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ର ବିଶେଷଜ୍ଞ ଉମାଶଙ୍କର ଦାସ କହିଛନ୍ତି, ମଙ୍ଗଳବାର ରାତିରେ କିଛି ସ୍ଥାନରେ ପ୍ରବଳ ବର୍ଷା ହେବ, ସକାଳ ପର୍ଯ୍ୟନ୍ତ ବର୍ଷାର ମାତ୍ରା ଅଧିକା ରହିବ। ଏହି ସାମୁଦ୍ରିକ ବାତ୍ୟା ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳରେ ପ୍ରାୟ ଉତ୍ତର ଦିଗରେ ସମାନ୍ତରାଳ ଓ ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଉପକୂଳ ନିକଟରେ ଗତି କରିବା ସହ ବୁଧବାର ସନ୍ଧ୍ୟା ସୁଦ୍ଧା ଦୁର୍ବଳ ହୋଇ ଅବପାତ ରୂପ ନେବା ସମ୍ଭାବନା ରହିଛି। ସେପଟେ ବର୍ଷା ସମ୍ଭାବନାକୁ ନେଇ ଅମଳ ହେବାକୁ ଥିବା ଫସଲ ସମ୍ପର୍କରେ ଚାଷୀଙ୍କୁ ସତର୍କ କରାଯାଇଛି। ଉପକୂଳ ଜିଲାରେ ସମୁଦ୍ର ଭିତରକୁ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ବାତ୍ୟା ପ୍ରଭାବରେ ବୁଧବାର ରାଜ୍ୟର ୮ ଜିଲାରେ ବର୍ଷା ହୋଇପାରେ। ୭ତାରିଖରୁ ପାଗରେ ପରିବର୍ତ୍ତନ ହେବ। ବୁଧବାର ଗଞ୍ଜାମ, ଗଜପତି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି ଓ ରାୟଗଡ଼ା ଜିଲାର କିଛି ଅଞ୍ଚଳକୁ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଗଜପତି, ଗଞ୍ଜାମ, ନବରଙ୍ଗପୁର, କଳାହାଣ୍ଡି ଓ କନ୍ଧମାଳ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ଆନ୍ଧ୍ରରେ ସ୍ଥଳଭାଗ ...

ବହୁ ସଂଖ୍ୟାରେ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଛି। ବଡ଼ ବଡ଼ ଆପାର୍ଟମେଣ୍ଟର ତଳ ମହଲା ବୁଡ଼ିଯାଇଥିବାବେଳେ ସରକାରୀ ହସ୍ପିଟାଲରେ ବନ୍ୟାଜଳ ପ୍ରବେଶ କରିବାରୁ ସ୍ୱାସ୍ଥ୍ୟସେବା ସାମୟିକ ବନ୍ଦ ହୋଇଯାଇଛି। ବିମାନବନ୍ଦର ଓ ମେଟ୍ରୋ ଷ୍ଟେଶନଗୁଡ଼ିକରେ ପାଣି ଜମି ରହିଥିବାରୁ ବହୁସଂଖ୍ୟାରେ ବିମାନ ଓ ଟ୍ରେନ୍‌କୁ ସୋମବାରଠାରୁ ମଙ୍ଗଳବାର ପୂର୍ବାହ୍ନ ପର୍ଯ୍ୟନ୍ତ ବାତିଲ କରାଯାଇଥିଲା। ଲଗାଣ ବର୍ଷା ଯୋଗୁ ବିଦ୍ୟୁତ ଓ ଇଣ୍ଟରନେଟ୍ ସେବା ବନ୍ଦ ହୋଇଯାଇଥିଲା। ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ଆବଶ୍ୟକ ପଦକ୍ଷେପ ନେବା ଲାଗି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ୍ ନିର୍ଦ୍ଦେଶ ଦେଇଥିଲେ। କ୍ଷତିଗ୍ରସ୍ତ ଅଞ୍ଚଳରେ ତୁରନ୍ତ ରିଲିଫ୍ ସହାୟତା ପହଞ୍ଚାଇବାକୁ ସେ କହିଛନ୍ତି। ତଳିଆ ଅଞ୍ଚଳରେ ଥିବା ଲୋକମାନଙ୍କୁ ଉଦ୍ଧାର କରିବା ଲାଗି ୩୫୦ଟି ବୋଟ୍‌କୁ ନିୟୋଜିତ କରାଯାଇଛି। ରାଜ୍ୟର ୮ଟି ଅଞ୍ଚଳରେ ୨୩୬ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ବର୍ଷା ବିପନ୍ନଙ୍କୁ ଯୋଗାଇ ଦିଆଯାଉଛି।

ଆନ୍ଧ୍ରପ୍ରଦେଶରେ ବାତ୍ୟାଜନିତ ପ୍ରବଳ ବର୍ଷାରେ ଅନେକ ଅଞ୍ଚଳ ଜଳାର୍ଣ୍ଣବ ହୋଇଯାଇଛି। ହଜାର ହଜାର ଏକର ଜମିରେ ହୋଇଥିବା ଫସଲ ପାଣିରେ ବୁଡ଼ି ରହିଛି। ଦକ୍ଷିଣ ଆନ୍ଧ୍ରର ଅନେକ ଜିଲା କ୍ଷତିଗ୍ରସ୍ତ ହୋଇଛି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଲାଗି ଏନ୍‌ଡିଆର୍‌ଏଫ୍‌ର ୨୯ ଟିମ୍ ମୁତୟନ ହୋଇଛନ୍ତି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ମଙ୍ଗଳବାର ଏକ ସମୀକ୍ଷା ବୈଠକରେ ବାତ୍ୟା କ୍ଷୟକ୍ଷତି ଅନୁଧ୍ୟାନ କରିଛନ୍ତି। ବିଭିନ୍ନ ଜିଲାରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ସେ ଅଧିକାରୀମାନଙ୍କଠାରୁ ଅବଗତ ହୋଇଥିଲେ। ବାତ୍ୟା ପ୍ରଭାବିତ ଅଞ୍ଚଳରେ ତୁରନ୍ତ ବିଦ୍ୟୁତ୍ ସରବରାହ ପାଇଁ ପଦକ୍ଷେପ ନେବା ସହ ବିପନ୍ନମାନଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତୁରନ୍ତ ସହାୟତା ପାଇଁ ସେ ୨୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସରକାରଙ୍କ ପକ୍ଷରୁ ବିଭିନ୍ନ ଜିଲା ପାଇଁ ହେଲ୍ପଲାଇନ୍ ନମ୍ବର ଜାରି ହୋଇଛି। ଅଣକାପଲ୍ଲୀ ଜିଲାରେ ୬୦ ହଜାର ଲୋକଙ୍କୁ ଆଶ୍ରୟ ଦେବା ପାଇଁ ୫୨ଟି ଥଇଥାନ କେନ୍ଦ୍ର ଖୋଲାଯାଇଛି। ବର୍ଷାପାଣିରେ ୪ ଲକ୍ଷ ଟନ୍ ଶସ୍ୟ ଭିଜିଥିବାବେଳେ ସେଗୁଡ଼ିକର ସଂରକ୍ଷଣ ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ବାତ୍ୟା ଯୋଗୁ ବିଭିନ୍ନ ଜିଲାରେ ସ୍କୁଲଗୁଡ଼ିକୁ ମଙ୍ଗଳବାର ଛୁଟି କରିଦିଆଯାଇଥିଲା।

## ରାଜ୍ୟରେ ଝିଅ ...

କରାଇବା ସହ ଲିଙ୍ଗ ଚୟନକୁ ରୋକିବା ଏବଂ ଡାଇଗ୍ନୋଷ୍ଟିକ କୌଶଳର ବ୍ୟବହାରକୁ ନିୟନ୍ତ୍ରଣ କରିବାକୁ ପରାମର୍ଶ ଦିଆଯାଇଛି। ଏହି କର୍ମଶାଳାରେ ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ କୁମାର ପାଣିଗ୍ରାହୀ, ୟୁଏନ୍‌ଏଫ୍‌ପିଏ ଓଡ଼ିଶା ମୁଖ୍ୟ ମହମ୍ମଦ ନଦିମ ନୁର ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନାଚକ୍ରରେ ୩୦ଜିଲାର ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲା ନୋଡାଲ ଅଧିକାରୀ, ପିସି ଏବଂ ପିଏନ୍‌ଡିଟି, ରାଜ୍ୟସ୍ତରୀୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ଆଇନ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞ, ସାମାଜିକ ବିଜ୍ଞାନୀ, ନାଗରିକ ସମାଜର ସଦସ୍ୟଆଦି୧୦୦ରୁଊର୍ଦ୍ଧ୍ୱକର୍ମୀ ଯୋଗଦେଇଥିଲେ।

## ନିଳଡୁଙ୍ଗୁରୀ, ଚୌଦ୍ୱାରରେ ...

ଉକ୍ତ ଶିଳ୍ପ ଏକ ସମନ୍ୱିତ ପରିଯୋଜନା ହୋଇଥିବାରୁ ଏଠାରେ ସୂତା ତିଆରିଠାରୁ ଆରମ୍ଭକରି କପଡ଼ା ପ୍ରସ୍ତୁତ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ସମ୍ପନ୍ନ ହେବ। ସ୍ଥାନୀୟ କୁଶଳୀ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହାବ୍ୟତୀତ ୱେଲ୍‌ସ୍ପନ କମ୍ପାନୀ ଗ୍ରୁପ୍ ବୟନଶିଳ୍ପ ପରିଯୋଜନା ପରିସୀମାରେ ଏକ ଅତ୍ୟାଧୁନିକ ଗୋଦାମ ଘର ପ୍ରତିଷ୍ଠା କରିବ। ଏହା ଦ୍ୱାରା କ୍ୟାପ୍‌ଟିଭ ଓ ବାଣିଜ୍ୟିକ ସେବା ପ୍ରଦାନ କରିବା ସହ ବ୍ୟାପକ ନିଯୁକ୍ତିର ସୁଯୋଗ ମଧ୍ୟ ସୃଷ୍ଟି କରିବ। ବୟନ ଶିଳ୍ପରେ କଞ୍ଚାମାଲ ହିସାବରେ ମୁଖ୍ୟତଃ କପାକୁ ବ୍ୟବହାର କରାଯାଏ। କଳାହାଣ୍ଡି, ବଲାଙ୍ଗୀର ଓ କୋରାପୁଟ ଆଦି ଜିଲାଗୁଡ଼ିକର କୃଷକମାନଙ୍କ ଦ୍ୱାରା ଉତ୍ପାଦିତ କପାକୁ ଉଚିତ ମୂଲ୍ୟରେ କିଣାଯିବ। ଏଥିସହିତ ସେମାନଙ୍କୁ କପାଚାଷ ପାଇଁ ଉତ୍ସାହିତ କରିବା ସହିତ ସେମାନଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧିରେ ଉକ୍ତ ଶିଳ୍ପ ଯଥେଷ୍ଟ ସହାୟକ ହେବ। ସେହିପରି ୱେଲ୍‌ସ୍ପନ କମ୍ପାନୀ ସମ୍ବଲପୁର ଜିଲାର ନିଳଡୁଙ୍ଗୁରୀଠାରେ ଏକ ପ୍ଲାଷ୍ଟିକ ପ୍ରସ୍ତୁତକାରୀ ଓ ଡିଆଇ ପାଇପ୍ କାରଖାନା ପ୍ରତିଷ୍ଠା କରିବ। ଏଥିପାଇଁ ୩୬୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିବା ସହ ବହୁ ସଂଖ୍ୟାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହା ମଧ୍ୟ ବିଜୁ ଅର୍ଥନୈତିକ କରିଡର ଅନ୍ତର୍ଗତ ଏକ ପରିଯୋଜନା ଏବଂ ଏହା ଦ୍ୱାରା ଅନ୍ୟ ଆନୁଷଙ୍ଗିକ ଛୋଟ ଛୋଟ ଶିଳ୍ପ ଗଢ଼ିଉଠିବ। ଅଧିକ ସ୍ଥାନୀୟ ନିଯୁକ୍ତିର ସୁଯୋଗ ଆଣିବ। ଏହି ସମନ୍ୱିତ ଯୋଜନା ନିଶ୍ଚିତ ଭାବେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ସହ ଅର୍ଥନୈତିକ ବିକାଶ ଦିଗରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବାରେ ସହାୟକ ହେବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ନିଜର ଉଦାରତା ଗୁଣରୁ ସାହାଯ୍ୟ ମାଗୁଥିବା ଲୋକଟିକୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। କଳା, ସାହିତ୍ୟ, ସାମ୍ବାଦିକତା, ସଂଗଠନ ଓ ରାଜନୀତିରେ ସୁପ୍ରତିଷ୍ଠିତ ହେବେ। ସନ୍ତାନଙ୍କ ବୈବାହିକ କର୍ମ ପରିପ୍ରେକ୍ଷୀରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାର ସୂଚନା ରହିଛି।

**ବୃଷ**
କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସହଯୋଗ ଲାଭକରି ଚେଷ୍ଟା କରୁଥିବା କାମଟିକୁ ପୂର୍ଣ୍ଣାଙ୍ଗ କରିବେ। ସମ୍ପର୍କୀୟଙ୍କ ଚକ୍ରାନ୍ତରୁ କେତେକ ଅପୂରଣୀୟ ଆଶା ଦୁଃଖ ଦେଇପାରେ। ଆମଦାନୀ ବାଣିଜ୍ୟରେ ଉନ୍ନତି କରିବେ କିନ୍ତୁ ପରିବହନ ସମସ୍ୟା ବହୁଳ ହୋଇପାରେ। ପାରିବାରିକ କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ସହ ଭ୍ରାତୃ ସମ୍ପର୍କରେ ଅବନତି ଘଟିବ।

**ମିଥୁନ**
ନୂତନ ଭାବରେ ଆରମ୍ଭ କରିଥିବା କାର୍ଯ୍ୟ ହାସଲ ପାଇଁ ଚେଷ୍ଟିତ ହେବେ। କଚେରୀ ମାମଲାର ଶୁଣାଣି ବିଳମ୍ବରେ ଘଟିବାରୁ ଦୁଶ୍ଚିନ୍ତା ବୃଦ୍ଧି ପାଇପାରେ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି, ଯାହାକି ପରିସ୍ଥିତିକୁ ସାବଲୀଳ କରିବାରେ ସହାୟକ ହେବ। ବ୍ୟବସାୟୀମାନଙ୍କ ପାଇଁ ଦିନଟି ଭଲରେ କଟିବ ନାହିଁ।

**କର୍କଟ**
ନିଜର ବ୍ୟବହାରରେ ପରିବର୍ତ୍ତନ ଆଣିବା ସହ ସତର୍କତା ଅବଲମ୍ବନ କରିବା ଭଲ ହେବ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଦୂରଯାତ୍ରାରେ କାର୍ଯ୍ୟସିଦ୍ଧି ଘଟିବ, ମାତ୍ର ହୁଏତ ସୁଯୋଗ ପାଇବା ସହଜ ହୋଇ ନ ପାରେ। ପାରିବାରିକ ଜୀବନରେ ଅସହିଷ୍ଣୁତା ଅଶାନ୍ତିର କାରଣ ହେବ।

**ସିଂହ**
ନିକଟରେ ଆଲୋଚନା କରିଥିବା ନୂଆ ଯୋଜନାଟି ଉପରେ ଗୁରୁତ୍ୱ ଦେବେ। ପରିବାରରେ ଭୁଲ୍ ବୁଝାମଣାରୁ ଘରେ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଦେହ ଭଲ ରହିବ ମାତ୍ର ଶ୍ରମଜନିତ କ୍ଳାନ୍ତିବୋଧ କରିବେ। ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**କନ୍ୟା**
ବନ୍ଧୁଙ୍କ ଛଳନାତ୍ମକ କଥାକୁ ଠିକ୍ ଭାବେ ବୁଝି ପାରିବେନି କିନ୍ତୁ ପଚାରି ମଧ୍ୟ ବୁଝିପାରିବେ ନାହିଁ। ସାହିତ୍ୟ,ଚିତ୍ରକଳା, ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିବ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ପରିବାରରେ ଝଗଡ଼ା ଲାଗିପାରେ।

**ତୁଳା**
ବିଭ୍ରାନ୍ତିକର ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଅବଶ୍ୟ ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବ ବିଶେଷ କିଛି ଅସୁବିଧା ରହିବ ନାହିଁ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ମନକୁ ନ ପାଇବା ହେତୁ କିଣି ଆଣିଥିବା ଜିନିଷ ବଦଳାଇବା ପାଇଁ କଷ୍ଟକର ହେବାର ସୂଚନା ରହିଛି।

**ବିଛା**
ନୂଆ ଯୋଜନାଗୁଡ଼ିକ ମଧ୍ୟ ଠିକ୍ ଭାବେ କାର୍ଯ୍ୟକାରୀ ନ ହୋଇପାରେ। ହାତେ ମାପି ଚାଖଣ୍ଡେ ଚାଲିଲେ ଚେଷ୍ଟା ସଫଳ ହେବାର ସମ୍ଭାବନା ମିଳିପାରେ। ଅର୍ଥ ସମ୍ପର୍କୀୟ କାମରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ। କର୍ମକ୍ଷେତ୍ରର ଘଟଣାଗୁଡ଼ାକ ଅସାଧାରଣ ମନେ ହେବ।

**ଧନୁ**
ଆଶାନୁରୂପକ ସଫଳତା ହାସଲରେ ଜଣେ ବିଜାତୀୟ ବନ୍ଧୁ ସାହାଯ୍ୟ କରିବେ। ପରିବାରରେ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ ଅନ୍ୟଥା ପଶ୍ଚାତେ ଅନୁତାପ କରିବାକୁ ପଡ଼ିପାରେ।

**ମକର**
କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଲେ ପ୍ରଶଂସିତ ହେବେ। ଆଜିର ଯାତ୍ରାର ଲକ୍ଷ୍ୟ ପୂରଣ ହେବ ମାତ୍ର ଖର୍ଚ୍ଚ ପରିମାଣ ବୃଦ୍ଧିରୁ ଅଶାନ୍ତ ରହିପାରନ୍ତି। ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ବିବାଦର ଆଶଙ୍କା କରୁଥିବା ଘଟଣାରେ ସେମିତି କିଛି ହେବ ନାହିଁ।

**କୁମ୍ଭ**
ଗତକାଲିର ଘଟଣା ମନକୁ ବିବ୍ରତ କରିପାରେ ଅବଶ୍ୟ ମଧ୍ୟାହ୍ନ ପରେ ମନ ଶାନ୍ତ ରହିବ। କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋବୃତ୍ତି ପୋଷଣ କଲେ ଅସୁବିଧାରେ ପଡ଼ିବେ। ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ ଏଣୁ ସାବଧାନତା ନିତାନ୍ତ ଦରକାର। ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମୀନ**
ଆଶା କରୁଥିବା ବନ୍ଧୁଙ୍କଠାରୁ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଆଜିର ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଘରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଆର୍ଥିକ ଅଭାବ ଓ ଅନଟନ କେତେକ କାମକୁ ସ୍ଥଗିତ ରଖିଦେଇପାରେ।

ଆଜି ମାର୍ଗଶିର କୃଷ୍ଣପକ୍ଷର କାଞ୍ଜିଅଁଳା ନବମୀ ବୁଧବାର, ଡିସେମ୍ବର ୬ ତାରିଖ, ଜୟୀ ରାଜଗୁରୁଙ୍କ ଶହୀଦ୍ ଦିବସ, ପଦ୍ମଭୂଷଣ ଡକ୍ଟର ରାଧାନାଥ ରଥଙ୍କ ଜୟନ୍ତୀ, ରାଶି-ନକ୍ଷତ୍ର-ଉତ୍ତରା ଫାଲଗୁନୀ/ସିଂହ, ଦିବା ଘ.୧୦.୨୧ମି. ଗତେ କନ୍ୟା ଚନ୍ଦ୍ର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୧୧ମି. ଗତେ ଘ.୦୮.୨୧ମି. ମଧ୍ୟେ, ଘ.୧୦.୩୨ମି. ଗତେ ଘ.୧୧.୩୭ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୩୭ମି. ଗତେ ଘ.୧୨.୫୮ମି. ମଧ୍ୟେ ରାହୁକାଳ।

**ବ୍ରିଜ୍ ତଳକୁ ଖସିଲା ବାଇକ୍, ୨ମୃତ**

ପାଟଣାଗଡ଼, (ପ୍ରହ୍ଲାଦ ପାଢ଼ୀ): ବଲାଙ୍ଗୀର ଜିଲା ପାଟଣାଗଡ-ପଦ୍ମପୁର ରାସ୍ତାର ପାଢେଲ ନିକଟ ଏକ ବ୍ରିଜ୍ ତଳକୁ ମଙ୍ଗଳବାର ଅପରାହ୍ନରେ ଏକ ବାଇକ୍ ଖସିପଡିବାରୁ ୨ଆରୋହୀଙ୍କର ମୃତ୍ୟୁ ଘଟିଛି। ମୃତକ ବରଗଡ ଜିଲା ବୁଡେନ ଥାନା ଅନ୍ତର୍ଗତ ତେନ୍ତୁଳିଖୁଣ୍ଟିର ରାଧୁ ବାଗ(୩୫) ଓ ନୀଳାଞ୍ଚଳ ବାଗ(୫୦)। ଅପରାହ୍ନରେ ଉଭୟେ ବାଇକରେ ପାଟଣାଗଡ ଆସୁଥିବା ବେଳେ ଭାରସାମ୍ୟ ହରାଇ ପାଢେଲ ନିକଟ ବ୍ରିଜ୍ ତଳକୁ ଖସିପଡିଥିଲେ। ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣଙ୍କୁ ଆମ୍ବୁଲାନ୍ସରେ ନେବାବାଟରେ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପାଟଣାଗଡ ଡାକ୍ତରଖାନା ପଠାଇଛି।



ଧରିତ୍ରୀ ମୁଖ୍ୟାଳୟରେ ମଙ୍ଗଳବାର ଏନର୍ଜି ଏଫିସିଏନ୍ସି ସର୍ଭିସ୍ ଲିମିଟେଡ୍(ଇଇଏସ୍ଏଲ୍)ର (ବାମରୁ) ଡିଏମ୍(ଟେକ୍ନିକାଲ) ରୋଷନ ଏକ୍କା, ଏଜିଏମ୍ (ଟେକ୍ନିକାଲ) ବେଦପ୍ରକାଶ ଡିଣ୍ଡୋର, ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ସମ୍ପାଦକ ତଥାଗତ ସତପଥୀ, ଡିଜିଏମ୍ ଏନ୍ଇସିପି ନୀତିନ ଭଟ୍ଟ, ଡିଏମ୍ (ଟେକ୍ନିକାଲ) ଏନ୍ଇସିପି ଅତୁଲ କୁମାର ଯାଦବ ଏବଂ ଧରିତ୍ରୀ ଡାଇରେକ୍ଟର ମାର୍କେଟିଂ ବରଦା ମହାନ୍ତି।

# ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଓଡ଼ିଶା ପ୍ରଥମ

**ଏନ୍‌ସିଆର୍‌ବି ରିପୋର୍ଟ-୨୦୨୨**

ଭୁବନେଶ୍ୱର,୫।୧୨ (ସତ୍ୟଜିତ୍ ରାଉତ)

ରାଜ୍ୟରେ ବହୁ ସରକାରୀ କର୍ମଚାରୀ ଦୁର୍ନୀତିରେ ଲିପ୍ତ ରହି ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରୁଛନ୍ତି। ଭିଜିଲାନ୍ସ ପକ୍ଷରୁ ବହୁ ସମୟରେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ତେବେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଓଡ଼ିଶା ପ୍ରଥମ ସ୍ଥାନରେ ରହିଥିବା ସଦ୍ୟ ପ୍ରକାଶିତ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟ-୨୦୨୨ରୁ ସ୍ପଷ୍ଟ ହୋଇଛି। ଦେଶବ୍ୟାପୀ ୨୦୨୨ରେ ମୋଟ ୩୭୨ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ ହୋଇଥିବାବେଳେ ଓଡ଼ିଶାର ସର୍ବାଧିକ ୮୫ଟି ମାମଲା ରହିଛି।

୫୬ ମାମଲା ସହ ଦ୍ୱିତୀୟରେ କର୍ନାଟକ ଥିବାବେଳେ ତୃତୀୟରେ ବିହାର (୪୮) ରହିଛି। ସେହିପରି ସରକାରୀ ଟଙ୍କା ଆତ୍ମସାତ କରିବା ନେଇ ଓଡ଼ିଶାରେ ୮୪ ମାମଲା ରୁଜୁ ହୋଇଛି। ସରକାରୀ ଟଙ୍କା ଆତ୍ମସାତ୍ ତାଲିକାରେ ଓଡ଼ିଶା ତୃତୀୟରେ ରହିଥିବା ବେଳେ ୧୩୫ ମାମଲା ସହ ପଞ୍ଜାବ ପ୍ରଥମ ଓ ୯୦ ମାମଲା ସହ ତାମିଲନାଡୁ ଦ୍ୱିତୀୟରେ ରହିଛି। ତେବେ ଭିଜିଲାନ୍ସ ମାମଲାରେ ମଧ୍ୟ ଓଡ଼ିଶାରେ ଚାର୍ଜଶିଟ୍ ଦାଖଲ ହାର ଆଶାତୀତ ଭଲ ରହିଛି। ୨୦୨୨ରେ ଭିଜିଲାନ୍ସ ମାମଲାରେ ଚାର୍ଜଶିଟ୍ ଦାଖଲରେ ମହାରାଷ୍ଟ୍ର(୪୯୭) ପ୍ରଥମରେ ରହିଥିବାବେଳେ ରାଜସ୍ଥାନ (୪୮୪) ଦ୍ୱିତୀୟ ଏବଂ ଓଡ଼ିଶା (୩୨୧) ତୃତୀୟରେ ରହିଛି। ତେବେ ଓଡ଼ିଶାରେ ଚାର୍ଜଶିଟ ହୋଇଥିବା ୩୨୧ ମାମଲାରେ ୫୫୧ ଅଭିଯୁକ୍ତ ରହିଛନ୍ତି। ସେହିପରି ଓଡ଼ିଶାରେ ୯୦ ଭିଜିଲାନ୍ସ ମାମଲାରେ ଦଣ୍ଡାଦେଶ ହୋଇଥିବାବେଳେ ଏଥିରେ ୧୨୪ଜଣ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ଦୁର୍ନୀତିରେ ଲିପ୍ତ ରହୁଥିବା ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ବିରୋଧରେ ସରକାରଙ୍କ ମଧ୍ୟରୁ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ୨୦୨୨ରେ ଓଡ଼ିଶା ସରକାର ୩୦ ଜଣ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କୃତ କରିଛନ୍ତି। ଏହି ତାଲିକାରେ ଓଡ଼ିଶା ତୃତୀୟରେ ରହିଥିବା ବେଳେ ପ୍ରଥମରେ ତାମିଲନାଡୁ (୫୮) ଓ ଦ୍ୱିତୀୟରେ ରାଜସ୍ଥାନ (୩୧) ରହିଛି। ତେବେ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ରାଜ୍ୟ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।




# ମକା ଉତ୍ପାଦନରେ ୫୧ ପ୍ରତିଶତ ବୃଦ୍ଧି

**ମୁଖ୍ୟମନ୍ତ୍ରୀ ମକା ମିଶନ**
- ୫-ଟି ଅଧ୍ୟକ୍ଷଙ୍କ ସମୀକ୍ଷା
- ନଭେମ୍ବର ଶେଷ ସୁଦ୍ଧା ଏଫ୍‌ପିଓ ଜରିଆରେ ୪୫ ହଜାର କ୍ୱିଣ୍ଟାଲ ମକା ସଂଗ୍ରହ
- ପାନବରଜ, କିଆଫୁଲ, ଲେମନଗ୍ରାସ୍ ସହାୟତା ଜାନୁୟାରୀ ୨୬ ପୂର୍ବରୁ କାର୍ଯ୍ୟକାରୀ ହେବ

ଭୁବନେଶ୍ୱର,୫।୧୨(ଅନିଲ ଦାସ)

'ମୁଖ୍ୟମନ୍ତ୍ରୀ ମକା ମିଶନ' କାର୍ଯ୍ୟକ୍ରମ ପାଇଁ ଆରମ୍ଭ ହୋଇଥିବା କ୍ଷେତ୍ର ପ୍ରଦର୍ଶନରେ ଉତ୍ସାହଜନକ ଅଗ୍ରଗତି ପରିଲକ୍ଷିତ ହୋଇଛି। ଫସଲ ଉତ୍ପାଦନରେ ଶତକଡା ୫୧ ପ୍ରତିଶତ ବୃଦ୍ଧି ଘଟିଛି। ଏଥିସହିତ ମକା ସଂଗ୍ରହ ମୂଲ୍ୟରେ ମଧ୍ୟ ବୃଦ୍ଧି ଘଟିଛି। ନଭେମ୍ବର ଶେଷ ସୁଦ୍ଧା ୪୪,୭୩୦ କ୍ୱିଣ୍ଟାଲ ମକା କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ) ଦ୍ୱାରା ସଂଗ୍ରହ କରାଯାଇଛି। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଦ୍ୱାରା ମଙ୍ଗଳବାର କରାଯାଇଥିବା ମୁଖ୍ୟମନ୍ତ୍ରୀ ମକା ମିଶନର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ଏହି ସୂଚନା ମିଳିଛି। ଏଥିସହିତ ଜନଅଭିଯୋଗ ଶୁଣାଣି ଭିତ୍ତିରେ ପାନ ଚାଷୀ, କିଆଫୁଲ ଚାଷୀ ଓ ଲେମନଗ୍ରାସ୍ ଚାଷୀମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସେ ସମୀକ୍ଷା କରିଛନ୍ତି। ମକା ଚାଷୀ ଯେପରି ଉଚିତ ମୂଲ୍ୟ ପାଇପାରିବେ ସେଥିପାଇଁ ଅଧିକ ଏଫ୍‌ପିଓ ଗଠନ ସହିତ ସେମାନଙ୍କ ଜରିଆରେ ସଂଗ୍ରହ ଜାରିରଖିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଏଫ୍‌ପିଓର ଦକ୍ଷତା ବୃଦ୍ଧି ପାଇଁ ମଧ୍ୟ ପଦକ୍ଷେପ ନିଆଯିବ। ଓର୍‌ମାସ ମଧ୍ୟ ମକାର ପ୍ରାଥମିକ ପ୍ରକ୍ରିୟାକରଣ ଓ ମାର୍କେଟିଂରେ ସହଯୋଗ କରିବ।

ଚଳିତ ବର୍ଷ ଶେଷ ସୁଦ୍ଧା ୧୫ଟି ଏଫ୍‌ପିଓ ଗଠନ କରାଯିବ। ଏଥିରୁ ଏପର୍ଯ୍ୟନ୍ତ ୧୩ଟି ଗଠିତ ହୋଇଛି। କେବଳ ମହିଳାମାନଙ୍କୁ ନେଇ ୪ଟି ଏଫ୍‌ପିଓ ଗଠନ କରାଯାଇଛି। ମିଶନର ପ୍ରଥମ ବର୍ଷରେ ୨୦ ହଜାର ମେଟ୍ରିକ ଟନ୍ ମକା ସଂଗ୍ରହ ଓ ମାର୍କେଟିଂ ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ମକା ମିଶନ ଜରିଆରେ ନବରଙ୍ଗପୁର, କୋରାପୁଟ, ଗଜପତି ଓ ନୂଆପଡ଼ା ଜିଲାରେ ମକା ମିଶନ କାର୍ଯ୍ୟକାରୀ କରାଯାଉଛି। ଏହି ମିଶନରେ ଚାଷୀମାନଙ୍କ ସହିତ ମିଶନ ଶକ୍ତିର ସଦସ୍ୟମାନେ ମଧ୍ୟ ଅଂଶଗ୍ରହଣ କରୁଛନ୍ତି।

ସେହିପରି ୫-ଟି ଅଧ୍ୟକ୍ଷଙ୍କ ଜିଲା ଗସ୍ତ ସମୟରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣିରେ ମିଳିଥିବା ପାନ ଚାଷୀ, କିଆଫୁଲ ଚାଷୀ ଓ ଲେମନଗ୍ରାସ୍ ଚାଷୀମାନେ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହି ଅନୁଯାୟୀ, ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ପାନ ଚାଷୀ, କିଆଫୁଲ ଓ ଲେମନଗ୍ରାସ୍ ଚାଷୀଙ୍କ କଲ୍ୟାଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଘୋଷଣା କରିଥିଲେ। ପାନ ଚାଷୀଙ୍କ ପାଇଁ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଣ ଲାଗି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ସେହିପରି ଆପିକଲ୍ ଜରିଆରେ କିଆଫୁଲ ପ୍ରୋସେସିଂ ୟୁନିଟ୍ କରିବା ପାଇଁ ମଧ୍ୟ ଘୋଷଣା କରାଯାଇଥିଲା। ଯାହାଦ୍ୱାରା ଉଭୟ ପାନ ଚାଷୀ ଓ କିଆଫୁଲ ଚାଷୀ ଉପକୃତ ହୋଇପାରିବେ। କୋରାପୁଟରେ ଲେମନଗ୍ରାସ୍ ଚାଷର ବିଶେଷ ଆଦର ରହିଥିବାରୁ ସେଠାରେ ଏହାକୁ ଅଧିକ ବ୍ୟାପକ କରିବା ପାଇଁ ଉଦ୍ୟାନ କୃଷି ମିଶନ ପ୍ଲସ ଅଧୀନରେ ୮୪ ହଜାର ଟଙ୍କା ଏବଂ ଏନ୍ଏଚ୍ଏମ୍‌ରେ ୧୬ ହଜାର ଟଙ୍କା ଏହିପରି ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି।

ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ସହାୟତାଗୁଡ଼ିକୁ ୨୦୨୪ ଜାନୁୟାରୀ ୨୬ ପୂର୍ବରୁ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ହୋଇଛି। ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା ସୁରେଶ ମହାପାତ୍ର, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ଓ ସମବାୟ ସଚିବଙ୍କ ସମେତ ନବରଙ୍ଗପୁର, ଗଞ୍ଜାମ, ପୁରୀ ଓ କୋରାପୁଟର ଜିଲାପାଳ ଉପସ୍ଥିତ ଥିଲେ।

## ଗୋପାଳପୁର ଇସ୍ପାତ ଶିଳ୍ପାଞ୍ଚଳ ପାର୍କ ପାଇଁ ନିର୍ମାଣ ହେବ ୟୁଟିଲିଟି କରିଡର

- ଖର୍ଚ୍ଚ ହେବ ୧୨୯ କୋଟି
- ପ୍ରସ୍ତାବିତ ଟେଣ୍ଡରକୁ କ୍ୟାବିନେଟ ମୋହର

ଭୁବନେଶ୍ୱର,୫।୧୨(ଅନିଲ ଦାସ)

ଗଞ୍ଜାମ ଜିଲା ଗୋପାଳପୁରଠାରେ ଟାଟା ଷ୍ଟିଲ୍ ଇଣ୍ଡଷ୍ଟ୍ରିଆଲ ପାର୍କ ଅଞ୍ଚଳରେ ଥିବା ଶିଳ୍ପ ଏବଂ ଆଗାମୀ ଦିନରେ ଆସିବାକୁ ଥିବା ଶିଳ୍ପଗୁଡ଼ିକ ପାଇଁ ସଂଯୋଗୀକରଣ ପଥ(ୟୁଟିଲିଟି କରିଡର) କରାଯିବ। ଏହାର ନିର୍ମାଣ କାର୍ଯ୍ୟ ନିମନ୍ତେ ୧୨୮.୮୮କୋଟି ଟଙ୍କାର ପ୍ରସ୍ତାବିତ ଟେଣ୍ଡରକୁ ମଙ୍ଗଳବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଆସନ୍ତା ୧୮ ମାସ ମଧ୍ୟରେ ଉକ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ହେବ। ପ୍ରକଳ୍ପରେ ନିୟୋଜିତ କମ୍ପାନୀ ୧୨୦ ମାସର ରକ୍ଷଣାବେକ୍ଷଣ ଦାୟିତ୍ୱ ବହନ କରିବ। ଏହି ପ୍ରକଳ୍ପ ଦ୍ୱାରା ଅଞ୍ଚଳର ସର୍ଭେ, ଆଭ୍ୟନ୍ତରୀଣ ଓ ବାହ୍ୟ ଉନ୍ନତୀକରଣ, ରାସ୍ତା ନିର୍ମାଣ, ପମ୍ପ ହାଉସ୍, ଅଗ୍ନିନିର୍ବାପକ ବ୍ୟବସ୍ଥା, ଫ୍ଲାଏଓଭର ରାସ୍ତା, ଆଲୋକୀକରଣ, ମୃତ୍ତିକା ସଂରକ୍ଷଣ, କମ୍ପାଉଣ୍ଡ ୱାଲ, କେବୁଲ ଟ୍ରେଞ୍ଚ ଇତ୍ୟାଦି ନିର୍ମାଣ କରାଯିବ।

## ଭୁବନେଶ୍ୱର, ଜଟଣୀ ତହସିଲ ଲିଜ୍ ଜମିର ହେବ ସ୍ଥିତିବାନ୍ ସ୍ୱତ୍ୱ

ଭୁବନେଶ୍ୱର,୫।୧୨(ଅନିଲ ଦାସ)

ଅତୀତରେ ଭୁବନେଶ୍ୱର ଓ ଜଟଣୀ ତହସିଲରେ ଘରଡ଼ିହ ନ ଥିବା ବ୍ୟକ୍ତିଙ୍କୁ ଦିଆଯାଇଥିବା ସରକାରୀ ଲିଜ୍ ଜମିର କିସମ ପରିବର୍ତ୍ତନ ହେବ। ଭୋଗ ଦଖଲରେ ଥିବା ଯୋଗ୍ୟ ବ୍ୟକ୍ତିଙ୍କ ସପକ୍ଷରେ ଏହି ଲିଜ୍ ଜମିର ରେକର୍ଡକୁ ସ୍ଥିତିବାନ ସ୍ୱତ୍ୱରେ ପରିବର୍ତ୍ତନ କରାଯିବ। ଏଥିପାଇଁ ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ରୁଲ୍ସ-୧୯୮୩ର ସଂଶୋଧନ କରାଯିବ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଦିଆଯାଇଥିବା ଉକ୍ତ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି।

ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ, ପୁରୀ ପୌରପାଳିକା ସମେତ ଭୁବନେଶ୍ୱର ଓ ଜଟଣୀ ତହସିଲରେ ବହୁଦିନରୁ ପଡ଼ିରହିଥିବା ଲିଜ୍ ଜମିଗୁଡ଼ିକର ସ୍ଥାୟୀ ସମାଧାନ ନିମନ୍ତେ ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ରୁଲ୍ସ-୧୯୮୩ର ସଂଶୋଧନ କରାଯାଇଛି। ଫଳରେ ଭୁବନେଶ୍ୱର ଓ ଜଟଣୀ ତହସିଲରେ ଘରଡ଼ିହ ନ ଥାଇ ସରକାରୀ ଜମି ଲିଜ୍ ନେଇଥିବା ବ୍ୟକ୍ତି ଯିଏ କିଏବେ ଭୋଗ ଦଖଲରେ ଥିବେ ସେମାନଙ୍କୁ ଉକ୍ତ ଜମିର ସ୍ଥିତିବାନ ସ୍ୱତ୍ୱ ମିଳିବ। ଏଥିପାଇଁ ରେକର୍ଡରେ ଆବଶ୍ୟକ ସଂଶୋଧନ ମଧ୍ୟ ହେବ। ସେହିପରି ଅତୀତରେ ଓଡ଼ିଶା ପୌର ଆଇନ-୧୯୫୦ ଓ ସେତେବେଳେ ପ୍ରଚଳିତ ଅନ୍ୟାନ୍ୟ ଆଇନ ବଳରେ ପୁରୀ ପୌରପାଳିକା ଦ୍ୱାରା ବିଭିନ୍ନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ ସରକାରୀ ଜମି ଲିଜ୍ ଦିଆଯାଇଥିଲା। ଏବେ ସେହି ଜମି ଉପରେ ଭୋଗ ଦଖଲରେ ଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକୁ ପୁଣିଥରେ ଉକ୍ତ ଜମିକୁ ସରକାରଙ୍କଠୁ ଲିଜ୍‌ରେ ନେବାକୁ ରାଜସ୍ୱ ବିଭାଗ ଦେଇଥିବା ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁର କରିଛି। ସେହିପରି ସହରାଞ୍ଚଳରେ ସରକାରୀ ଜମି ବନ୍ଦୋବସ୍ତ କରିବା ପାଇଁ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ବ୍ୟକ୍ତିଙ୍କ ପାଇଁ ରୁଲ୍ ୩(୩)ରେ ପ୍ରଦତ୍ତ ବାର୍ଷିକ ଆୟ ସୀମା ଯଥାକ୍ରମେ ୮୪୦୦ରୁ ୩ଲକ୍ଷ ଟଙ୍କାକୁ ଓ ୩୦ ହଜାରରୁ ୮ଲକ୍ଷ ଟଙ୍କା ବୃଦ୍ଧିକୁ ମଧ୍ୟ କ୍ୟାବିନେଟ ମଞ୍ଜୁର କରିଛି। ଏହି ସଂଶୋଧନ ପୁରୀ ପୌରପାଳିକା ଏବଂ ଭୁବନେଶ୍ୱର ଓ ଜଟଣୀ ତହସିଲରେ ବହୁଦିନରୁ ପଡ଼ିରହିଥିବା ଲିଜ୍ ଜମିଗୁଡ଼ିକର ସ୍ଥାୟୀ ସମାଧାନରେ ସହାୟକ ହେବ।

## ଡୁଷୁରା ଏୟାରଷ୍ଟ୍ରିପ୍ ଉନ୍ନତୀକରଣ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଭୁବନେଶ୍ୱର,୫।୧୨(ଅନିଲ ଦାସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ବଲାଙ୍ଗୀର ଜିଲା ଡୁଷୁରା ଏୟାରଷ୍ଟ୍ରିପ୍‌ର ଉନ୍ନତୀକରଣ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏଥିସହିତ ପ୍ରକଳ୍ପ ପାଇଁ ୬୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ୨୦୨୩ ଅଗଷ୍ଟ ୫ ଓ ୬ ତାରିଖରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବଲାଙ୍ଗୀର ଗସ୍ତ ସମୟରେ ଡୁଷୁରା ଏୟାରଷ୍ଟ୍ରିପ୍ ସମେତ ଅନେକ ପ୍ରସ୍ତାବ ଗ୍ରହଣ କରିଥିଲେ।

## ଧରିତ୍ରୀ ଖବରଦାତା ଉପେନ୍ଦ୍ର ରାଉତଙ୍କ ଅକାଳ ବିୟୋଗ



ଅନୁଗୋଳ,୫।୧୨ (ଅମିତ ସାମଲ)

ଅନୁଗୋଳ ଜିଲା ବଅଁରପାଳର 'ଧରିତ୍ରୀ' ଖବରଦାତା ଉପେନ୍ଦ୍ର ରାଉତ(ପପୁ)ଙ୍କର ମଙ୍ଗଳବାର ରାତିରେ ଅକାଳ ବିୟୋଗ ଘଟିଛି। ତାଙ୍କୁ ୪୪ ବର୍ଷ ବୟସ ହୋଇଥିଲା। ସେ ଗତ ୩ ମାସ ଧରି ଜଣ୍ଡିସରେ ପୀଡ଼ିତ ଥିଲେ। ସନ୍ଧ୍ୟାରେ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ବଅଁରପାଳସ୍ଥିତ ନାଲ୍‌କୋ ହସ୍ପିଟାଲକୁ ନେଇଥିଲେ। ସେଠାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ରେଫର କରିଥିଲେ। ଅକ୍ସିଜେନ ସପୋର୍ଟରେ ତାଙ୍କୁ ଆମ୍ବୁଲାନ୍ସରେ ନେବାକୁ ପ୍ରସ୍ତୁତି ଚାଲିଥିବା ବେଳେ ଗାଡ଼ି ଭିତରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ମା' ସୁଫଳା ରାଉତ, ସ୍ତ୍ରୀ ଲୁସି ରାଉତ, ପୁଅ ପ୍ରତୀକ ରାଉତ, ଝିଅ ପଲ୍ଲବୀ ରାଉତ, ମଝିଆ ଭାଇ ଦୁଃଶାସନ ରାଉତ ଓ ସାନ ଭାଇ କ୍ଷୀତିଶ ରାଉତ ଉପସ୍ଥିତ ଥିଲେ।

## ବୈଷୟିକ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ଦାବିକଲେ ଚନ୍ଦ୍ରଶେଖର

ନୂଆଦିଲ୍ଲୀ,୫।୧୨

ପଲିଟେକ୍ନିକ ଅନୁଷ୍ଠାନଗୁଡ଼ିକ ପାଇଁ ପ୍ରଶିକ୍ଷିତ ଶିକ୍ଷକ ସୃଷ୍ଟି କରିବା ନିମନ୍ତେ ଜାତୀୟ ବୈଷୟିକ ଶିକ୍ଷକ ପ୍ରଶିକ୍ଷଣ ଓ ଗବେଷଣା ସଂସ୍ଥା ଢାଞ୍ଚାରେ ଓଡ଼ିଶାରେ ଏକ ବୈଷୟିକ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନ ଖୋଲିବା ପାଇଁ ବିଜେଡି ଏମ୍‌ପି ଚନ୍ଦ୍ରଶେଖର ସାହୁ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି। ଲୋକ ସଭାରେ ଶୂନ୍ୟକାଳ ବେଳେ ବ୍ରହ୍ମପୁର ଏମ୍‌ପି ରାଜ୍ୟର ପଲିଟେକ୍ନିକ୍‌ଗୁଡ଼ିକରେ ପ୍ରଶିକ୍ଷଣପ୍ରାପ୍ତ ଶିକ୍ଷକ ନ ଥିବା ପ୍ରସଙ୍ଗ ଉଠାଇଥିଲେ।

## ବ୍ୟାଙ୍କ ଋଣ ପ୍ରଦାନରେ ଶିଥିଳତାକୁ ନେଇ ପାର୍ଲାମେଣ୍ଟରେ ଉଦ୍‌ବେଗ

- ଋଣ ବୃଦ୍ଧି ନେଇ କି ପଦକ୍ଷେପ ନିଆଯାଇଛି: ମାନସ ମଙ୍ଗରାଜ

ଭୁବନେଶ୍ୱର,୫।୧୨(ଅନିଲ ଦାସ)

ରାଜ୍ୟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ଆବଶ୍ୟକ ଋଣ ଦେଉନାହାନ୍ତି। ଏହାକୁ ନେଇ ମଙ୍ଗଳବାର ପାର୍ଲାମେଣ୍ଟରେ ବିଜେଡି ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଋଣ ପ୍ରଦାନ ହାର ବୃଦ୍ଧି ଦିଗରେ କେନ୍ଦ୍ର ସରକାର କି ପଦକ୍ଷେପ ନେଉଛନ୍ତି ବୋଲି ସେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଭଗବତ କରଡଙ୍କୁ ଲିଖିତ ପ୍ରଶ୍ନ କରିଛନ୍ତି। ଏହାର ଉତ୍ତରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ କହିଛନ୍ତି ଯେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକୁ ଋଣ ପ୍ରଦାନ ହାର ବଢ଼ାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ୨୦୨୩ ସେପ୍ଟେମ୍ବର ସୁଦ୍ଧା ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ୫୨.୨୬%, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ୫୪.୨୩% ଏବଂ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ୫୩.୫୩% ଋଣ ଦେଇଛନ୍ତି। ଏବେ ସୁଦ୍ଧା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ୫୬.୩% ଲକ୍ଷ୍ୟ ହାସଲ କରିଛନ୍ତି ବୋଲି କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ସୂଚନା ଦେଇଛନ୍ତି।



ମାନସ ମଙ୍ଗରାଜ

ସେହିପରି ଅର୍ଥନୈତିକ ଅଭିବୃଦ୍ଧି ଉପରେ ପରିବେଶ ପ୍ରଦୂଷଣର ପ୍ରଭାବକୁନେଇ ୨୦୨୩ ଅର୍ଥନୈତିକ ସର୍ଭେରେ କି ରିପୋର୍ଟ ଆସିଛି ଏବଂ କେନ୍ଦ୍ର ସରକାର ସବୁଜ ବଜେଟ ପ୍ରସ୍ତୁତ କରିବା ନେଇ କି ପଦକ୍ଷେପ ନେଉଛନ୍ତି। ଏନେଇ ପାର୍ଲାମେଣ୍ଟରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀଙ୍କୁ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ, ସୁଜିତ କୁମାର ଓ ମୁଜିବୁଲ୍ଲା ଖାଁ ପ୍ରଶ୍ନ କରିଛନ୍ତି। ଏହାର ଉତ୍ତରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ କହିଛନ୍ତି ଯେ ଅର୍ଥନୈତିକ ସର୍ଭେ ପ୍ରତିବର୍ଷ ଭାରତୀୟ ଅର୍ଥନୀତିର ବିଭିନ୍ନ ଦିଗକୁ ନେଇ ରିପୋର୍ଟ ଉପସ୍ଥାପନ କରିଥାଏ। ଅର୍ଥନୈତିକ ଅଭିବୃଦ୍ଧି ସହ ବିଭିନ୍ନ କ୍ଷେତ୍ର ବିଶେଷକରି କୃଷି, ଶିଳ୍ପ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ନେଇ ମଧ୍ୟ ରିପୋର୍ଟ ଦେଇଥାଏ। ଜଳବାୟୁ ପରିବର୍ତ୍ତନ ଦ୍ୱାରା ପଡୁଥିବା ପ୍ରଭାବର ମଧ୍ୟ ସମୀକ୍ଷା କରିଥାଏ। କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ପ୍ରବର୍ତ୍ତନ ମନ୍ତ୍ରଣାଳୟ ୨୦୧୮ରେ ଏନ୍‌ଭାଇରନମେଣ୍ଟ ଇକୋନୋମିକ ଆକାଉଣ୍ଟିଂ ଫ୍ରେମ୍‌ୱାର୍କ ପ୍ରସ୍ତୁତ କରିଛି ବୋଲି କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ସୂଚନା ଦେଇଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**AADYA URJA SOLUTIONS PVT. LTD.**
1st Floor Sai Complex, Besides Aditya VIP Enclave, Near Ganesh Mandap Chhak, Jharpara, Bhubaneswar-751006
**EMPLOYMENT**
1. Retired Government Civil Engineer- No. of Vacancy 1 Position
2. Office Assistant- No. of Vacancy 4 Positions. Any Graduate have experience- Minimum 2 Years
3. Civil-Diploma/ B Tech - No. of Vacancy 4 Positions. Experience in building estimation, site layout implementation and Experience in road Construction
4. Electrical-Diploma/B Tech- No. of Vacancy 4 Positions. Experience in Commissioning, Testing of VCV, CT, PT, RMU and Electrical Substation 33kv/11kv lines.

Interested candidates can mail there resume or contact on below details
Ph.No.-8917474130, 9437065212
E-mail- aadyaurja@gmail.com, aadyahr2020@gmail.com

**Need Representatives**
For all districts of Odisha
Earn : 10k to 30k Per month.
NGO work of SUPPORT INDIA DEVELOPMENT PROGRAMME
L-215, Baramunda Housing Board Colony, Bhubaneswar, Odisha.
7735462623, 9124960534

**ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର**
ତେଲଦିଆ, ସୋମପୁର, କଟକ
ଆଚାର୍ଯ୍ୟ/ଆଚାର୍ଯ୍ୟା ଆବଶ୍ୟକ
• ଶିକ୍ଷାଗତ ଯୋଗ୍ୟତା: ସ୍ନାତକ ସହିତ ବିଏଡ୍/+୨ ସହିତ CT/D.El.Ed. • ବୟସ: ୩୧।୦୩।୨୦୨୪ ସୁଦ୍ଧା ୪୫ବର୍ଷରୁ ଅଧିକ ହୋଇନଥିବ। • ତା୦୮।୧୨।୨୦୨୩ ମଧ୍ୟରେ କାର୍ଯ୍ୟାଳୟରେ ୨୦୦ ଟଙ୍କା ଦାଖଲ କରି ଫର୍ମ ନେଇପାରିବେ।
ମୋ.: 9337227930
ସମ୍ପାଦକ

**WANTED**
ଧରିତ୍ରୀ DHARITRI Oriya daily is looking for
**RECOVERY MANAGER**
- Candidates should have good communication skills & atleast 3 years of experience in the field of recovery.
- Good performance will be rewarded with extra incentive.

**CIRCULATION MANAGERS**
Roles and Responsibilities:-
- Lead and own all market related needs of the company - Distributor, Agents, and Retailers.
- Work with the circulation team of Company and Distributor to achieve company objectives.
- Action all the market related plans with respect to distribution and visibility of our brands.
- Competitive tracking and analysis to identify and pursue target accounts.
- Work with ad sales and marketing team to create and package to drive circulation.
- Achieve sales targets for bulk sales.

Requirements:-
- 5-6 years sales experience in frontline sales in print media.
- Ability to develop custom marketing proposals and ideas.
- Proficiency in MS-Office.

Apply immediately to : recruitment@dharitri.com
Attractive salary commensurate with experience

**ଡ୍ରାଇଭର ଆବଶ୍ୟକ**
ମର୍ସିଡିଜ୍ କାର ଚଳାଇବା ପାଇଁ ଆମେ ଭୁବନେଶ୍ୱରରେ ଅବସ୍ଥିତ ଏକ ବ୍ୟକ୍ତିଗତ ଡ୍ରାଇଭର ପଦ ଖୋଜୁଛୁ। ସ୍ୱୟଂଚାଳିତ ଯାନ ଅଭିଜ୍ଞତା ଥିବା ବ୍ୟକ୍ତିଙ୍କୁ ପସନ୍ଦ କରାଯିବ ଆକୋମୋଡେସନ୍ ଉପଲବ୍ଧ। PI ଏକ ଟ୍ରାଏଲ୍ ଡ୍ରାଇଭ୍ ଏବଂ ପରବର୍ତ୍ତୀ ଆଲୋଚନା ପାଇଁ ଆସ ଡ. ଜଗନ୍ନାଥ ପଟ୍ଟନାୟକ ଭିଲ୍ଲା ନଂ-୨, ତପସ୍ୱିନୀ କ୍ୟାମ୍ପସ୍ ରଘୁନାଥପୁର, ନନ୍ଦନ କାନନ ରୋଡ୍, ଭୁବନେଶ୍ୱର, ଓଡ଼ିଶା।
9132933333 / 9132460000

**LADY OFFICE ASSISTANT**
FREE ACCOMMODATION
FREE FOODING
10,000/- to 15,000/-
7809525452

**REQUIRED**
**PRODUCT MANAGER**
DEVI CROPSCIENCE PVT. LTD.
Corporate Office: 'Devi House', 281-4, Sivagangai Main Road, Gomathipuram, Madurai – 625 020 Tamilnadu
DEVI देवी
A leading Agrochemical Manufacturing and Exporting Company with its Flagship product & Brand Leader BOOM FLOWER (New Generation Plant Growth Regulator & Now CIB/Govt. Approved) and also dealing with quality Biostimulants, Biological Pesticides, Bio Fertilizers having branches all over India are recruiting the following position in their marketing expansion program.
**PRODUCT MANAGER**
**Cuttack H.Q.**
Candidate should be minimum B.Sc (Agri) having around 10-12 years experience in Marketing & Product Development with reputed Agricultural inputs marketing company. Should have handled sales promotion & marketing in entire Odisha State. Fluency in English is preferred. Salary commensurate with experience and qualification.
Please send your resume on the email or WhatsApp number.
Email: pune@devicropscience.com
akroy@devicropscience.com
Whatsapp: 9547209142

See Career Appointment on every Wednesday & Saturday

# ବିପଦରେ ଉତ୍ତର-ପୂର୍ବ

ଉତ୍ତର-ପୂର୍ବ ରାଜ୍ୟ ମିଜୋରାମର ବିଧାନସଭା ନିର୍ବାଚନ ଭୋଟ ଗଣତି ଚାଲିଥିବାବେଳେ ମଣିପୁରରେ ହିଂସା ଘଟି ୧୩ ଜଣଙ୍କ ମୃତ୍ୟୁ ଘଟିଲା। ମଣିପୁର ଟେଙ୍ଗନୌପାଲ ଜିଲାର ସାଇବଲ୍ ନିକଟବର୍ତ୍ତୀ ଲେଇଥୁ ଗ୍ରାମରେ ଦୁଇ ଉଗ୍ରବାଦୀ ଗୋଷ୍ଠୀଙ୍କ ମଧ୍ୟରେ ଏହି ସଂଘର୍ଷ ଘଟିଥିଲା। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, କେନ୍ଦ୍ର ସହ ୟୁନାଇଟେଡ୍ ନ୍ୟାଶନାଲ ଲିବରେଶନ ଫ୍ରଣ୍ଟ (ୟୁଏନ୍ଏଲ୍ଏଫ୍) ଓ ନ୍ୟାଶନାଲ ରିଭଲ୍ୟୁଶନାରି ଫ୍ରଣ୍ଟ ମଣିପୁର (ଏନ୍ଆର୍ଏଫ୍ଏମ୍) ମଧ୍ୟରେ ଶାନ୍ତିଚୁକ୍ତି ସ୍ୱାକ୍ଷର ହେବା ପରେ ଏଭଳି ହିଂସା ମଣିପୁରର ଆଭ୍ୟନ୍ତରୀଣ ସ୍ଥିତି ସଙ୍କଟମୁକ୍ତ ନୁହେଁ ବୋଲି ସୂଚିତ କରୁଛି। ଅନ୍ୟ ଏକ ଦିଗକୁ ବିଚାର କଲେ ଭାଜପା ନେତୃତ୍ୱାଧୀନ ଉତ୍ତର-ପୂର୍ବ ଗଣତାନ୍ତ୍ରିକ ମେଣ୍ଟରେ ଥିବା ମିଜୋ ନ୍ୟାଶନାଲ ଫ୍ରଣ୍ଟ(ଏମ୍ଏନ୍ଏଫ୍)କୁ ହରାଇ ମିଜୋରାମରେ ଲାଲଦୁହୋମାଙ୍କ ନେତୃତ୍ୱରେ ଜୋରାମ ପିପୁଲ୍ସ ମୁଭ୍‌ମେଣ୍ଟ (ଜେପିଏମ୍) ଶାସନ ଦଖଲ କରିବାକୁ ଯାଉଥିବାବେଳେ ଏଭଳି ହିଂସା ପଛରେ ହୁଏତ ରାଜନୈତିକ ଅସହିଷ୍ଣୁତା ଥାଇପାରେ ବୋଲି କୁହାଯାଉଛି। ଉଲ୍ଲେଖନୀୟ ଯେ, ମଣିପୁରରେ ଦୀର୍ଘ ୭ମାସରୁ ଅଧିକ ସମୟ ହେଲା ମେଇତି ଓ କୁକି ଆଦିବାସୀଙ୍କ ମଧ୍ୟରେ ଲାଗି ରହିଥିବା ଜାତିଆଣ ହିଂସାରେ ୧୮୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। ଏଥିରେ ୫୦ ହଜାରରୁ ଅଧିକ ଲୋକ ବିସ୍ଥାପିତ ହୋଇଛନ୍ତି। ହିଂସା ମଧ୍ୟରେ ଯେତେବେଳେ ଦୁଇ ଯୁବତୀଙ୍କୁ ଉଲଗ୍ନ କରି ରାସ୍ତାରେ ଚଲାଇବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଲା, ସେତେବେଳେ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲା। ଏହି ଘଟଣାରେ ଅନ୍ତର୍ଜାତୀୟ ସ୍ତରରେ ଦେଶର ସମ୍ମାନ ହାନି ଘଟିଲା। କିନ୍ତୁ ପାରମ୍ପରିକ ଗଣମାଧ୍ୟମର ବ୍ୟବସ୍ଥା ଏସବୁକୁ ଲୋକଲୋଚନକୁ ଆଣିବାରେ ବିଫଳ ହେଲା, କାରଣ ସେଠାରେ ସରକାରୀ କଟକଣା ଓ ଆଇନ ଯୋଗୁ ସବୁ ତଥ୍ୟ ସେନ୍‌ସର ହେଉଛି।

> ପରିସ୍ଥିତି ଦେଖିଲେ ସ୍ପଷ୍ଟ ବୁଝାପଡୁଛି ଯେ, ମଣିପୁରରେ ରାଜନୈତିକ ଅଭିଳାଷ ଯୋଗୁ ଜାତିଆଣ ବିଭେଦ ବିରାଟ ଆକାର ଧାରଣ କଲା, ଯାହା ଉଗ୍ରବାଦୀଙ୍କ ପାଇଁ ସୁଯୋଗ ସୃଷ୍ଟି କରୁଛି। ତେବେ ମଣିପୁରରେ ଶାନ୍ତି ଫେରାଇବାରେ ବିଫଳତା ପୁନର୍ବାର ସମ୍ପୂର୍ଣ୍ଣ ଉତ୍ତର-ପୂର୍ବାଞ୍ଚଳର ଆଭ୍ୟନ୍ତରୀଣ ସ୍ଥିତିକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି।

ମଣିପୁରରେ ଦେଖାଦେଇଥିବା ଜାତିଆଣ ହିଂସା ପ୍ରଶମିତ କରି ଭୟମୁକ୍ତ ପରିବେଶ ଫେରାଇ ଆଣିବା ଲାଗି ସରକାର ଆନ୍ତରିକ ପ୍ରୟାସ କରୁଥିବା ଭଳି ଲାଗୁନାହିଁ। ସ୍ଥାନୀୟ ପୋଲିସ ସମ୍ପୂର୍ଣ୍ଣ ନିଷ୍କ୍ରିୟ ହେବା ପରେ ସରକାର ଜଣେ ଅବସରପ୍ରାପ୍ତ ସେନା ଅଧିକାରୀଙ୍କୁ ପୋଲିସ ବିଭାଗରେ ୫ ବର୍ଷ ଲାଗି ନିଯୁକ୍ତି ଦେଇଥିଲେ ମଧ୍ୟ ସମୟାନ୍ତରରେ ଏଭଳି ହିଂସା ପ୍ରକାଶ ପାଇବା ଚିନ୍ତାଜନକ। ଉଦ୍‌ବେଗର ବିଷୟ ହେଉଛି, ମଣିପୁର ଓ ମ୍ୟାନ୍‌ମାର ସୀମାନ୍ତ ଗ୍ରାମ ଲେଇଥୁରେ ଘଟିଥିବା ଏହି ହିଂସା ଉଗ୍ରବାଦୀଙ୍କ ସକ୍ରିୟତା ବୃଦ୍ଧିର ସଙ୍କେତ ଦେଇଛି। ପରିସ୍ଥିତି ଦେଖିଲେ ସ୍ପଷ୍ଟ ବୁଝାପଡୁଛି ଯେ, ମଣିପୁରରେ ରାଜନୈତିକ ଅଭିଳାଷ ଯୋଗୁ ଜାତିଆଣ ବିଭେଦ ବିରାଟ ଆକାର ଧାରଣ କଲା, ଯାହା ଉଗ୍ରବାଦୀଙ୍କ ପାଇଁ ସୁଯୋଗ ସୃଷ୍ଟି କରୁଛି। ତେବେ ମଣିପୁରରେ ଶାନ୍ତି ଫେରାଇବାରେ ବିଫଳତା ପୁନର୍ବାର ସମ୍ପୂର୍ଣ୍ଣ ଉତ୍ତର-ପୂର୍ବାଞ୍ଚଳର ଆଭ୍ୟନ୍ତରୀଣ ସ୍ଥିତିକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଏବେ ଶୀତଳ ଭଣ୍ଡାରରେ ଥିବାବେଳେ ନିକଟରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ କୁମାର ମିଶ୍ରା ପଶ୍ଚିମବଙ୍ଗରେ ଘୋଷଣା କରିଥିଲେ ଯେ, ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ଏହାକୁ ପୁଣି ପ୍ରସ୍ତୁତ କରାଯିବ। ଏହା ସ୍ପଷ୍ଟ ଯେ, ଏବକାର ମଣିପୁର ସ୍ଥିତି ସହିତ ଏହି ଆଇନର କାର୍ଯ୍ୟକାରିତା ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ଆଭ୍ୟନ୍ତରୀଣ ସୁରକ୍ଷାକୁ ବିଗାଡ଼ିବାର ଅଧିକ ଆଶଙ୍କା ରହିଛି।

## ୫୦ ବର୍ଷ ତଳର ଧରିତ୍ରୀ
DHARITRI

### ୬ ଡିସେମ୍ବର ୧୯୭୪

- ରାଜ୍ୟପାଳ ଏଲ୍. ସିଂହଙ୍କୁ ଭେଟି ମଣିପୁର ମୁଖ୍ୟମନ୍ତ୍ରୀ ୱାଇ ସାଇଜା ତାଙ୍କର ତଥା ଅନ୍ୟ ମନ୍ତ୍ରୀମାନଙ୍କର ଇସ୍ତଫାପତ୍ର ଦାଖଲ କରିଛନ୍ତି।
- ଇଣ୍ଡୋନେସିଆରୁ ୧୯୧ ଜଣ ହଜ୍ ଯାତ୍ରୀଙ୍କୁ ନେଇ ଜେହାଦ ଅଭିମୁଖେ ଯାଉଥିବା ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଖସିପଡ଼ିବା ଫଳରେ ସମସ୍ତ ଯାତ୍ରୀ ନିହତ।
- ଫ୍ରାନ୍ସରୁ ନୂତନ ଅତ୍ୟାଧୁନିକ କ୍ଷେପଣାସ୍ତ୍ର କିଣିବା ପାଇଁ ସାଉଦି ଆରବ ୯୨୦ ନିୟୁତ ଡଲାର ପ୍ରଦାନ କରିଛି।

## su|do|ku ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | | 4 | 5 | | 6 |
| | | 1 | | | | | 3 | |
| | 9 | 7 | | | | | | |
| | | 4 | | | | | | 3 |
| | | 2 | | 5 | | | | |
| | 5 | | | 1 | | 8 | | 7 |
| | | | | | | | 7 | |
| 3 | | | | 8 | | 6 | | |
| 4 | | 5 | 1 | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 4 | 1 | 3 | 2 | 6 | 8 | 9 |
| 3 | 6 | 9 | 5 | 4 | 8 | 7 | 1 | 2 |
| 8 | 2 | 1 | 7 | 9 | 6 | 4 | 5 | 3 |
| 6 | 8 | 5 | 9 | 1 | 3 | 2 | 4 | 7 |
| 1 | 3 | 2 | 8 | 7 | 4 | 5 | 9 | 6 |
| 4 | 9 | 7 | 6 | 2 | 5 | 8 | 3 | 1 |
| 2 | 7 | 8 | 3 | 5 | 9 | 1 | 6 | 4 |
| 9 | 4 | 6 | 2 | 8 | 1 | 3 | 7 | 5 |
| 5 | 1 | 3 | 4 | 6 | 7 | 9 | 2 | 8 |

ଗତକାଲିର ଉତ୍ତର

# ଯୁଦ୍ଧର ରସାୟନ



ଶୈଳେନ୍ଦ୍ର ଦ୍ୱିବେଦୀ

ପାଠକେ, ଏଇ ପ୍ରବନ୍ଧ ଲେଖିବା ବେଳକୁ ରୁଷିଆ-ୟୁକ୍ରେନ, ଇସ୍ରାଏଲ ହମାସ/ଗାଜା ସମେତ ପୃଥିବୀର ଆଉ କିଛି ଅଞ୍ଚଳରେ ସାମରିକ ସଂଘର୍ଷ ଅବ୍ୟାହତ ରହିଛି। ତଥ୍ୟ ଅନୁସାରେ ଆଫଗାନିସ୍ତାନ, ଇଥିଓପିଆ, ଦକ୍ଷିଣ ସୁଦାନ, ସିରିଆ, ଲିବିଆ, ମାଲି ଏବଂ ସୋମାଲିଆରେ ଗୃହ ଯୁଦ୍ଧ/ସାମରିକ କାର୍ଯ୍ୟାନୁଷ୍ଠାନ ଲାଗି ରହିଛି। ପର୍ଯ୍ୟବେକ୍ଷକମାନେ କୁହନ୍ତି, ବିଂଶ ଶତାବ୍ଦୀରୁ ଏଯାଏ ଏମିତି ସମୟ କାହିଁ ଯେଉଁ ସମୟ ଖଣ୍ଡରେ ଯୁଦ୍ଧ ହୋଇନାହିଁ। ଐତିହାସିକଙ୍କ ମତ, ଯେତେବେଳେ ଆଦିମ/ପ୍ରାଗ୍-ଐତିହାସିକ ମଣିଷ ପୃଥିବୀରେ ବିଚରଣ ଆରମ୍ଭ କରିଥିଲା ସେତେବେଳେ ଖାଦ୍ୟ ପାଇଁ ମୁଖ୍ୟତଃ ସେ ନିର୍ଭର କରୁଥିଲା ଶିକାର ଉପରେ। ଦଳବଦ୍ଧ ଚଳଣି ସେଇ କ୍ରମରେ ସାମାନ୍ୟ ବିଳମ୍ବରେ ଆସିଥିଲା, ତେବେ ଜୀବନ ତା' ପରଠୁ କ୍ରମଶଃ ସରଳ ଓ ସୁନ୍ଦର ହେଲା। ସମସ୍ତେ ସବୁ କାମ କରିବା ଆବଶ୍ୟକ ପଡ଼ିଲା ନାହିଁ। ଯୋଗ୍ୟତା ଅନୁସାରେ କାମ ବାଣ୍ଟି ଦିଆଗଲା। ୟା ସତ୍ତ୍ୱେ ସବୁବେଳେ ଦଳ ଭିତରେ ସୁସମ୍ପର୍କ/ସଦ୍‌ଭାବ ନ ଥିଲା ଏବଂ ଏହାର ପରିଣତି ହେଉଥିଲା ସଂଘର୍ଷ। ନୃତତ୍ତ୍ୱବିତ୍‌ମାନେ କୁହନ୍ତି, ସଭ୍ୟତାର ଆଦି କାଳରେ ଗୋଟିଏ ଦଳ ଆଉ ଗୋଟିଏ ଦଳ ସହିତ ଲଢୁଥିଲା ଖାଦ୍ୟ ପାଇଁ, ବାସସ୍ଥାନ ପାଇଁ ଏବଂ ଜମି ଦଖଲ କରିବା ପାଇଁ। ସଂଘର୍ଷ ହିଂସାକାଣ୍ଡର ରୂପ ବି ନେଉଥିଲା ଯଦିଓ ଆମ ସମୟର ହିଂସାକାଣ୍ଡଠୁ ସେତେବେଳେ ହିଂସାର ସ୍ୱରୂପ ଭିନ୍ନ ଥିଲା।

ଐତିହାସିକମାନେ ବିଶ୍ୱାସ କରନ୍ତି ଯେ, ଦଳ-ଦଳ ଭିତରେ ସଂଘର୍ଷ ଆମ ଲିଖିତ ଇତିହାସ ପୂର୍ବରୁ ଘଟିଥାଇ ପାରେ। କିଛି ଗବେଷକଙ୍କ ମତ ସମ୍ଭବତଃ ପ୍ରଥମ ପ୍ରାକ୍-ଐତିହାସିକ ଯୁଦ୍ଧ ସୁଦୂର ଅତୀତରେ ଆମ ପୂର୍ବଜମାନେ ଲଢ଼ିଥିଲେ ମିଶର-ସୁଦାନ ସୀମାରେଖା ନିକଟରେ, ନୀଳ ନଦୀ କୂଳରେ। ପ୍ରତ୍ନତତ୍ତ୍ୱବିତ୍‌ମାନେ ଅନ୍ୟ ଏକ ସ୍ଥାନରେ ବେଶ୍ କିଛି ମୃତକଙ୍କ ଅବଶେଷର ପରିଚୟ ପାଇଛନ୍ତି, ଯେଉଁ ଅବଶେଷରେ ତୀର (ଧନୁ) ଫୁଟି ରହିଛି। ଆକଳନ କରାଯାଉଛି, ଏହା ୧୩୦୦୦ ବର୍ଷ ପ୍ରାଚୀନ ଏକ ସଂଘର୍ଷର ପରିଣାମ। ଅନ୍ୟ ଅର୍ଥରେ ୟୁରୋପରେ ଏହା ମଧ୍ୟ-ପ୍ରସ୍ତର ଯୁଗ ସହିତ ସମକାଳୀନ। ଐତିହାସିକମାନେ ଏହି ସମୟ ୧୩୦୦୦ ବର୍ଷରୁ ୧୦୦୦୦ ବର୍ଷ ପୂର୍ବ ପର୍ଯ୍ୟନ୍ତ ହୋଇପାରେ ବୋଲି ସ୍ୱୀକାର କରିଛନ୍ତି।

କିଛି ଗବେଷକମାନେ ଏକଥା ମଧ୍ୟ ବିଶ୍ୱାସ କରନ୍ତି ଯେ, ଇତିହାସରେ ପ୍ରଥମ ଲିଖିତ ଯୁଦ୍ଧ



ଲଢ଼ାଯାଇଥିଲା ଖ୍ରୀଷ୍ଟପୂର୍ବ ୨୭୦୦ରେ ସୁମେର ଏବଂ କିସର ଶାସକଙ୍କ ମଧ୍ୟରେ (କିସ୍ ବାଗଦାଦରୁ ୮୦ କିଲୋମିଟର ଦକ୍ଷିଣରେ)। ପ୍ରାଚୀନ ମେସୋପଟାମିଆନ ମାନଙ୍କ ବିଶ୍ୱାସ ଥିଲା କିସ୍ ହେଉଛି ପୃଥିବୀର ପ୍ରଥମ ନଗରୀ, ଯେଉଁଠି ରାଜତ୍ୱ ପ୍ରତିଷ୍ଠା ପାଇଁ ନିର୍ଦ୍ଦେଶ ସିଧାସଳଖ ଆସିଥିଲା ସ୍ୱର୍ଗରୁ। ପୁଣି ଫେରିବା ଗବେଷକଙ୍କ ପାଖକୁ। ସେମାନଙ୍କ ମତ ଯେ ସୁମେର ଏହି ଯୁଦ୍ଧରେ ବିଜୟୀ ହୋଇଥିଲା ଏବଂ ଯୁଦ୍ଧର କାରଣ ଥିଲା ଚାଷଜମି ଉପରେ ଅଧିକାର। ତେବେ ଏହି ବାବଦରେ ମୁଖ୍ୟ ମତ ହେଉଛି ଯେ ଏମିତି ସଂଘର୍ଷ/ଯୁଦ୍ଧ ସଂଗଠିତ କୃଷିର ପ୍ରବେଶ ଆଗରୁ ସ୍ୱାଭାବିକ ଥିଲା ଅନେକ ଅଞ୍ଚଳରେ। ତେବେ ଯେଉଁ ଅର୍ଥରେ ଦୁଇ ଦଳ ଭିତରେ ସାମରିକ ସଂଘର୍ଷକୁ ଆମେ ଆଧୁନିକ ଅର୍ଥରେ 'ଯୁଦ୍ଧ' ବୋଲି କହୁଛୁ ତା'ର ରେକର୍ଡ ଅଛି ୪୦୦୦ ବର୍ଷ ଆଗରୁ ତା' ପୂର୍ବରୁ ନୁହେଁ। କିନ୍ତୁ ଖୁବ୍ ନିକଟରେ 'ସାଇଣ୍ଟିଫିକ ରିପୋର୍ଟସ'ରେ ପ୍ରକାଶିତ ଏକ ଅଧ୍ୟୟନ ଇଙ୍ଗିତ କରିଛି ଯେ ସର୍ବ ପୁରାତନ ଯୁଦ୍ଧ ଅନ୍ତତଃ ୫୦୦୦ ବର୍ଷ ପ୍ରାଚୀନ। ପ୍ରସ୍ତର ଯୁଗର ଏଇ ଯୁଦ୍ଧ ସମ୍ବନ୍ଧରେ ପ୍ରମାଣିତ ତଥ୍ୟ/ଅବଶେଷ ଗବେଷକମାନଙ୍କ ହସ୍ତଗତ ହୋଇଛି, ଯେଉଁଥିରୁ ଜଣାପଡିଛି ୩୦୦ରୁ କିଛି ଅଧିକଙ୍କ ମୃତ୍ୟୁ ଘଟିବା ସହିତ ପ୍ରସ୍ତର ଯୁଗୀୟ ହାତ ହତିଆର ଏଥିରେ ରୀତିମତ ବ୍ୟବହୃତ ହୋଇଛି। ପାଠକେ, ଏହି ଆବିଷ୍କାର ସମ୍ଭବ ହୋଇଛି ୨୦ ବର୍ଗ ମିଟର ପରିମିତ ଉତ୍ତର ସ୍ପେନର ଏକ ସ୍ଥାନରୁ। ରେଡିଓ କାର୍ବନ ଡେଟିଙ୍ଗ ସହାୟତାରେ ଗବେଷକମାନେ ଆକଳନ କରିଛନ୍ତି ଯେ ସେସବୁ ଅସ୍ଥି ୩୩୮୦ ଖ୍ରୀଷ୍ଟ ପୂର୍ବରୁ ୩୦୦୦ ଖ୍ରୀଷ୍ଟପୂର୍ବ ପ୍ରାଚୀନ ହୋଇପାରେ। ଜଣାପଡ଼ିଛି, ପ୍ରାୟ ଏକ ତୃତୀୟାଂଶ ଦେହାବଶେଷରେ ରହିଛି ଛୁରୀ ମାଡ଼ ଏବଂ ଅନ୍ୟାନ୍ୟ ଭୟଙ୍କର ହିଂସାତ୍ମକ ଆକ୍ରମଣର ଚିହ୍ନ। ଯଦିଓ ଏହି ଖନନ ସ୍ଥଳ କେଇ ବର୍ଷ ପୂର୍ବରୁ ଆବିଷ୍କାର ହୋଇଥିଲା, ବର୍ତ୍ତମାନ ନୂତନ ଅଧ୍ୟୟନ ଇଙ୍ଗିତ କରିଛି ଯେ ଏହା ଏକ ସଂଗଠିତ ହିଂସାକାଣ୍ଡ/ଯୁଦ୍ଧ ଥିଲା। ଦେହାବଶେଷରୁ ଆହୁରି ମଧ୍ୟ ଜଣାପଡ଼ିଛି ଯେ ଏହି ଯୁଦ୍ଧରେ ମୁଖ୍ୟତ ଯୁବକମାନେ ଅଂଶଗ୍ରହଣ କରିଥିଲେ। ଯାହା ଇଙ୍ଗିତ କରୁଛି ଯେ ସେ ସମୟରେ ସୈନିକ ଭାବରେ ଖୁବ୍‌ସମ୍ଭବ ଯୁବକମାନଙ୍କୁ ନିଯୋଜିତ କରାଯାଉଥିଲା। କିଛି ଅବଶେଷରେ ଆରୋଗ୍ୟ ହୋଇସାରିଥିବା ପୁରାତନ କ୍ଷେତ୍ରର ସନ୍ଧାନ ମିଳିଛି, ଯାହା ଇସାରା କରୁଛି ଯେ ସେମାନେ ଏକାଧିକ ଥର ସାମରିକ ସଂଘର୍ଷରେ ଅଂଶଗ୍ରହଣ କରିଛନ୍ତି। ଗବେଷକମାନେ କହନ୍ତି, ଏହା ଗୋଟିଏ ଦଳ ଭିତରେ ସଂଘର୍ଷ ନୁହେଁ ବରଂ ଏହାକୁ ପ୍ରାଚୀନ ଯୁଦ୍ଧ ବୋଲି କୁହାଯାଇପାରିବ ଅନ୍ତତଃ ଦୁଇଟି ଦଳ ଭିତରେ।

ଉଲ୍ଲେଖଯୋଗ୍ୟ ଯେ, ଉତ୍ତର ସ୍ପେନର ଏହି ଉପତ୍ୟକା ଦୃଷ୍ଟିକୁ ଆସିଥିଲା ପ୍ରଥମ ଥର ୧୯୮୫ରେ ଯଦିଓ ତାହା ଯୋଜନାବଦ୍ଧ ପ୍ରତ୍ନତାତ୍ତ୍ୱିକ ଖନନ ନ ଥିଲା।ତେବେ ଏହି ଖନନ ସ୍ଥଳ ବାବଦରେ ଉଲ୍ଲେଖନୀୟ ହେଉଛି ଯେ ମାତ୍ର ୨୦ ବର୍ଗ ମିଟର ଅଞ୍ଚଳରୁ ୯୦ଟି ସୁରକ୍ଷିତ ନର କଙ୍କାଳ ଏବଂ ଆଂଶିକ ନଷ୍ଟ ହୋଇଥିବା ୨୦୦ କଙ୍କାଳ ମିଳିବା। ଏହା ବ୍ୟତୀତ ଖନନ ସ୍ଥଳରୁ ପ୍ରସ୍ତର ଯୁଗୀୟ ହାତ ହତିଆର, ତୀର ଓ ଟାଙ୍ଗିଆ ମଧ୍ୟ ମିଳିଛି। ଗୋଟିଏ ମତ ହେଉଛି ଏତେ ସଂଖ୍ୟକ ଦେହାବଶେଷ ମିଳିଥିବା ସ୍ଥଳଟି ଥରେ ବ୍ୟବହାର ହୋଇନାହିଁ କାରଣ ଏଠି ମୃତଦେହଗୁଡ଼ିକୁ ଏକାଧିକ ଥର ପୋତି ଦିଆଯାଇଛି। ତଥ୍ୟ ଅନୁସାରେ ଏଠି ମିଳିଥିବା ୩୩୮ ମୃତଦେହର ଅବଶେଷ ଭିତରୁ ଅନ୍ତତଃ ୨୩ ପ୍ରତିଶତଙ୍କ ଶରୀରରେ କ୍ଷତ ସ୍ପଷ୍ଟ। ବିଶ୍ଳେଷଣରୁ ଜଣାପଡିଛି, ଅଧିକାଂଶ କ୍ଷତ ଟାଙ୍ଗିଆ, ଗଦା ପ୍ରହାର ଏବଂ ତୀର ଯୋଗୁ ଘଟିଛି। ଗବେଷକମାନଙ୍କ ମତ, ୫୦୦୦ ବର୍ଷ ତଳେ ବି ବିଭିନ୍ନ ଦଳ ଓ ଗୋଷ୍ଠୀଙ୍କ ମଧ୍ୟରେ ସାମାଜିକ ତଥା ରାଜନୈତିକ ବିବିଧତା ଥିଲା। ଆଉ ସେତେବେଳେ ପୁଷ୍ଟିହୀନତା/କୁପୋଷଣ ଏବଂ ସାମାଜିକ ବୈଷମ୍ୟ ବାରିହେବା ଆରମ୍ଭ ହୋଇସାରିଥିଲା। ପାଠକେ, ୫୦୦୦ ବର୍ଷ ତଳେ ଯେଉଁ ପରିପ୍ରେକ୍ଷୀରେ ସଂଘର୍ଷ/ଯୁଦ୍ଧ ହେଉଥିଲା ସେଇ ପ୍ରେକ୍ଷାପଟ ଆମ ସମୟରେ ଆମୁଳଚୁଳ ବଦଳି ତ ସାରିଛି କିନ୍ତୁ ଯୁଦ୍ଧର ରସାୟନ ବଦଳି ନାହିଁ। ଓଲଟି ହିଂସା ବିଳାସ ଆମ ସମୟରେ ଅଧିକ ହୋଇଛି।

ମୋ:୯୪୩୭୧୩୭୦୬୦

# ଅର୍ଥନୀତି ଓ ଧର୍ମୀୟ ପର୍ଯ୍ୟଟନ



ଈପ୍ସିତା ମହାନ୍ତି

ସମ୍ପ୍ରତି ଅନେକ ଐତିହାସିକ ତଥା ଗୁରୁତ୍ୱପୂର୍ଣ୍ଣ ମଠ, ମନ୍ଦିର, ଅନ୍ତର୍ଜାତୀୟ ଏବଂ ଜାତୀୟ ଖ୍ୟାତିସମ୍ପନ୍ନ ଧର୍ମୀୟ ସ୍ଥାନଗୁଡ଼ିକର ପୁନରୁଦ୍ଧାର, ନବୀକରଣ କାର୍ଯ୍ୟ ଆଗେଇ ଚାଲିଛି। ଏଥିଯୋଗୁ ସମ୍ପୃକ୍ତ ସହରଗୁଡ଼ିକରେ ଧାର୍ମୀୟ ଲୋକଙ୍କ ଗତିବିଧି ତଥା ତୀର୍ଥଯାତ୍ରା ବୃଦ୍ଧି ପାଇଛି। ଫଳସ୍ୱରୂପ ପର୍ଯ୍ୟଟନଜନିତ ଅର୍ଥନୈତିକ କାର୍ଯ୍ୟକଳାପର ଅଭିବୃଦ୍ଧି ଘଟିଛି। ଆକଳନ ଅନୁଯାୟୀ ଦେଶର ପର୍ଯ୍ୟଟନ କ୍ଷେତ୍ରରେ ଧର୍ମୀୟ ପର୍ଯ୍ୟଟନର ଅଂଶଧନ ହେଉଛି ୬୦ରୁ ୭୦ପ୍ରତିଶତ। ଭାରତରେ ଧାର୍ମୀୟ ପର୍ଯ୍ୟଟନ ବୃଦ୍ଧି ହେତୁ ପ୍ରତିବର୍ଷ ହୋଟେଲ ଶିଳ୍ପ, ପରିବହନ ଶିଳ୍ପ, କ୍ଷୁଦ୍ର ବ୍ୟବସାୟୀ, ସ୍ଥାନୀୟ କଳାକାର ଓ କାରିଗରମାନେ ବେଶ୍ ଲାଭବାନ ହେଉଛନ୍ତି। ୨୦୨୮ ସୁଦ୍ଧା ଭାରତର ପର୍ଯ୍ୟଟନ କ୍ଷେତ୍ରରେ ପ୍ରାୟ ଏକ କୋଟି ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏପରି ହେଲେ ରୋଜଗାର ଯୋଗାଇବାରେ ଏହି କ୍ଷେତ୍ରର ଏକ ବଡ଼ ଅବଦାନ ରହିବ।

ଜାତୀୟ ନମୁନା ସର୍ବେକ୍ଷଣ ସଂଗଠନର ତଥ୍ୟ ଅନୁଯାୟୀ, ଭାରତରେ ପ୍ରାୟ ପାଞ୍ଚ ଲକ୍ଷ ମନ୍ଦିର ଏବଂ ତୀର୍ଥସ୍ଥଳ ରହିଛି; ଯାହାର ଆର୍ଥିକ ବ୍ୟବସ୍ଥା ତିନି ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ହେବ। ଏଥିସହିତ ଆମ ଦେଶରେ ପାଖାପାଖି ସାତ ଲକ୍ଷ ମସ୍‌ଜିଦ, ୩୫ ହଜାର ଚର୍ଚ୍ଚ ବା ଗୀର୍ଜାଘର, ପ୍ରାୟ ୫ହଜାର ଗୁରୁଦ୍ୱାର ରହିଛି। ଦୁନିଆରେ ବିକଶିତ ଦେଶମାନେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଅନ୍ୟ ଧର୍ମର ଲୋକଙ୍କୁ ଆକର୍ଷିତ କରିବା ପାଇଁ ନିଜ ଦେଶର ଧାର୍ମୀୟ ସ୍ଥଳୀଗୁଡ଼ିକୁ ସୁନ୍ଦର ଭାବରେ ଗଢ଼ି ତୋଳିଛନ୍ତି। କିଛି ବର୍ଷ ପୂର୍ବେ ଭାରତର ମନ୍ଦିରଗୁଡ଼ିକ ପ୍ରତି ନା ସରକାରଙ୍କର ନା ସ୍ଥାନୀୟ କର୍ତ୍ତୃପକ୍ଷଙ୍କର, କାହାର ମଧ୍ୟ ଦୃଷ୍ଟି ନ ଥିଲା! ଦେଶର ଧାର୍ମୀୟ ସ୍ଥଳୀ ଓ ପୀଠଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଅବହେଳିତ ହୋଇରହିଥିଲା। ଏବେ ଏସବୁ ପ୍ରକଳ୍ପ ପାଇଁ ବର୍ତ୍ତମାନ ରାଜ୍ୟ ଓ କେନ୍ଦ୍ର ଦ୍ୱାରା ବହୁ କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏହା ନିଶ୍ଚିତ ଯେ, ବିକଶିତ ହେବା ପରେ ଏହି ସ୍ଥାନଗୁଡ଼ିକରେ ପର୍ଯ୍ୟଟନର ସମ୍ଭାବନା ପୂର୍ବାପେକ୍ଷା ବଢ଼ିଯିବ। ଅହମ୍ମଦାବାଦ ନିକଟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବିଶାଳକାୟ ପ୍ରତିମୂର୍ତ୍ତି ପ୍ରତିଷ୍ଠା, ବାରାଣସୀ ଠାରେ ଭଗବାନ କାଶୀ ବିଶ୍ୱନାଥ କରିଡର ନିର୍ମାଣ, ସୋମନାଥ ମନ୍ଦିରର ପୁନରୁଦ୍ଧାର, ମା' କାଳୀଙ୍କ ମନ୍ଦିରର ସୌନ୍ଦର୍ଯ୍ୟକରଣ, କେଦାରନାଥ-ବଦ୍ରିନାଥ ଧାମର ନବୀକରଣ ଭଳି କାର୍ଯ୍ୟକ୍ରମ ସମଗ୍ର ବିଶ୍ୱରେ ଏକ ନୂତନ ଭାରତର ଚିତ୍ର ଉପସ୍ଥାପନ କରିବାରେ ସଫଳ ହୋଇଛି।

ଇତିମଧ୍ୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ପୁରୀ, କୋଣାର୍କ, ଧଉଳି, ଲିଙ୍ଗରାଜ, ତାରାତାରିଣୀ, ସମଲେଶ୍ୱରୀ, କଟକଚଣ୍ଡୀ ଓ କାକଟପୁରର ମା'ମଙ୍ଗଳା ଆଦି ମନ୍ଦିରର ପରିକଳ୍ପନା, ରୂପାନ୍ତରଣ ସହ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଆରମ୍ଭ ହୋଇଛି। ଆଧ୍ୟାତ୍ମିକ ଦୃଷ୍ଟିରୁ ତଥା ଆକର୍ଷଣୀୟ ବେଳାଭୂମି ପାଇଁ ପର୍ଯ୍ୟଟନ କ୍ଷେତ୍ରରେ ପୁରୀର ରହିଛି ସ୍ୱତନ୍ତ୍ର ମାନ୍ୟତା! ଚାରି ଧାମରୁ ପୁରୀ ଏକ ଧାମ। ଜଗନ୍ନାଥ ଧାମ ନାମରେ ପୁରୀ କେବଳ ପ୍ରସିଦ୍ଧ ନୁହେଁ, ଏହା ଓଡ଼ିଶାର ପରିଚୟ ମଧ୍ୟ। ଏଠାରେ ରହିଛି ଶଙ୍କରାଚାର୍ଯ୍ୟଙ୍କ ଗୋବର୍ଦ୍ଧନ ପୀଠ। ଏହା ନିଶ୍ଚିତ ଯେ, ଆଇନ ଶୃଙ୍ଖଳା, ପରିମଳ, ବର୍ଷାଜଳ ନିଷ୍କାସନର ସୁବନ୍ଦୋବସ୍ତ ସହ ଏହି ସହରକୁ ସବୁଦିନିଆ ବିମାନ ସେବା ସହ ଯୋଡ଼ି ଦିଆଗଲେ ଦେଶର କୌଣସି ପର୍ଯ୍ୟଟନ ସ୍ଥଳୀ ପୁରୀକୁ ଛୁଇଁପାରିବନି। ସେହିଭଳି କେବଳ ଓଡ଼ିଶାର ହିଁ ନୁହେଁ ଦେଶର ଅନ୍ୟତମ



ଶୈବପୀଠ ରୂପେ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରର ପ୍ରସିଦ୍ଧି ରହିଛି। ରାଜ୍ୟ ସରକାର ଏହାର ପୁନରୁଦ୍ଧାର ସହ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଆଗାମୀ ଦିନରେ ଏହା ମଧ୍ୟ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିବ। ଭାରତରେ ନୁହେଁ ପୃଥିବୀରେ ମଧ୍ୟ କୋରାପୁଟର ଗୁପ୍ତେଶ୍ୱର ଶୈବପୀଠ ପରି ସ୍ଥାନ ପାଇବା ନାହିଁ ! ସେହିଭଳି ଆନ୍ଧ୍ରପ୍ରଦେଶର ବୋରା ଗୁମ୍ଫାଠାରୁ କୋରାପୁଟର ବାଲଡାଠାରେ ରହିଥିବା ନାଗେଶ୍ୱରୀ ଗୁମ୍ଫା କାହିଁ କେତେ ଗୁଣରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ! ଭିତ୍ତିଭୂମି ଅଭାବରୁ ଏହା ମଧ୍ୟ ପର୍ଯ୍ୟଟକଙ୍କୁ ଟାଣି ପାରୁନାହିଁ। ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ଏମିତି ଆହୁରି ଅନେକ ସ୍ଥାନ ରହିଛି; ଯେଉଁଠି ଭିତ୍ତିଭୂମି, ରାସ୍ତାଘାଟ, ଗମନାଗମନ, ଯୋଗାଯୋଗ ସହ ଯାତ୍ରୀଙ୍କ ପାଇଁ ସର୍ବନିମ୍ନ ସୁବିଧା ଉପଲବ୍ଧ ହୋଇପାରିନାହିଁ। ଏ ଦିଗରେ ରାଜ୍ୟ ସରକାରଙ୍କ ପଦକ୍ଷେପ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ରୂପେ ଗଢ଼ି ତୋଳିବ।

ଇକ୍ସିଗୋର ତଥ୍ୟ ଅନୁଯାୟୀ ଭାରତରେ ଧର୍ମୀୟ ପର୍ଯ୍ୟଟନର ଧାରା ବୃଦ୍ଧି ପାଇବା ହେତୁ ଅନ୍ୟ ସହର ତୁଳନାରେ ବାରାଣସୀ ଏବଂ ପୁରୀରେ ହୋଟେଲ ବୁକିଂ ଅଧିକ ହେଉଛି। ବାରାଣସୀ ସହରକୁ ପର୍ଯ୍ୟଟକମାନେ କେବଳ ଧାର୍ମିକ ତୀର୍ଥଯାତ୍ରା ପାଇଁ ହିଁ ନୁହେଁ, 'ଯୋଗକେନ୍ଦ୍ର' ଏବଂ 'ଆୟୁର୍ବେଦ ସ୍ପା' ର ଆନନ୍ଦ ନେବାକୁ ଆସିଥାନ୍ତି। ସେହିଭଳି ଶ୍ରୀଜଗନ୍ନାଥଙ୍କ ଦର୍ଶନ, ବିଶ୍ୱପ୍ରସିଦ୍ଧ ଐତିହ୍ୟ କୋଣାର୍କର କୀର୍ତ୍ତିରାଜି, ସାତପଡା, ଚନ୍ଦ୍ରଭାଗା, ପୁରୀ ବେଳାଭୂମିର ସୌନ୍ଦର୍ଯ୍ୟ ଉପଭୋଗ ଉଦ୍ଦେଶ୍ୟରେ ପୁରୀ ଅଞ୍ଚଳକୁ ପର୍ଯ୍ୟଟକଙ୍କ ସୁଅ ରୀତିମତ ଛୁଟୁଛି। ସରକାରଙ୍କ ପ୍ରସାଦ, ସ୍ୱଦେଶୀ ଦର୍ଶନ, ଉଡାଣ ଭଳି କାର୍ଯ୍ୟକ୍ରମ ହେତୁ ଦେଶରେ ଧର୍ମୀୟ ପର୍ଯ୍ୟଟନ ବୃଦ୍ଧି ପାଇଛି। ଏହି କାରଣରୁ ଅନ୍ତର୍ଜାତୀୟ ସ୍ତରର ଖ୍ୟାତିସମ୍ପନ୍ନ ଏକାଧିକ ହୋଟେଲ ସଂସ୍ଥା ଦେଶର ଧର୍ମୀୟ ସ୍ଥାନଗୁଡ଼ିକରେ ନୂତନ ହୋଟେଲ ନିର୍ମାଣ ପାଇଁ ଆଗେଇ ଆସୁଛନ୍ତି।

ଧର୍ମୀୟ ସ୍ଥାନଗୁଡ଼ିକର ନବୀକରଣ ଏବଂ ବିକାଶ ହେତୁ ପର୍ଯ୍ୟଟନ କ୍ଷେତ୍ରରେ ଉତ୍ତରପ୍ରଦେଶ ରାଜ୍ୟ କ୍ରମାଗତ ଭାବରେ ଆଗକୁ ବଢ଼ି ଚାଲିଛି। ବିଗତ ଚାରି ବର୍ଷରେ କେବଳ ବାରାଣସୀର ପର୍ଯ୍ୟଟନ କ୍ଷେତ୍ର ପୂର୍ବ ତୁଳନାରେ ୧୦ ଗୁଣରୁ ଅଧିକ ଆୟ ଦେଇଛି। କାଶୀ ବିଶ୍ୱନାଥ ଧାମର ଲୋକାର୍ପଣ ପରେ ଏଥିରେ ଏକ ବଡ଼ ଧରଣର ବୃଦ୍ଧି ଘଟିଛି। ରାଜ୍ୟର ପର୍ଯ୍ୟଟନ ବିଭାଗ ମଧ୍ୟ ଏହି ଦିଗରେ କୌଣସି ସୁଯୋଗକୁ ହାତଛଡ଼ା କରିନାହିଁ। ଏଠାରେ ଜଳ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରାଯାଇଛି। ପର୍ଯ୍ୟଟକଙ୍କ ପାଇଁ ଚାରୋଟି କ୍ରୁଜ (ଜଳ ଜାହାଜ) ସଂଚାଳିତ ହେଉଛି। ୨୦୨୩ ଜାନୁୟାରୀ ୧୩ରେ ବାରାଣସୀରେ ବିଶ୍ୱର ଦୀର୍ଘତମ ନଦୀ ଜଳଯାତ୍ରାର ଶୁଭାରମ୍ଭ କରାଯାଇଛି। ଯାହା ଏମ୍‌ଭି (ମୋଟର ଜାହାଜ) ଗଙ୍ଗା ବିଳାସ ଜଳଯାତ୍ରା ନାମରେ ପରିଚିତ। ବିଶ୍ୱ ପର୍ଯ୍ୟଟନ କ୍ଷେତ୍ରରେ ଏହା ଭାରତକୁ ଏକ ସ୍ୱତନ୍ତ୍ର ପରିଚୟ ଦେବ। ସେହିଭଳି ଚାରିଧାମ ଯାତ୍ରାରେ ଉତ୍ତରାଖଣ୍ଡକୁ ଏଥର ରେକର୍ଡ ସଂଖ୍ୟକ ଭକ୍ତ ଆସିଛନ୍ତି। କେଦାରନାଥ, ବଦ୍ରିନାଥ, ଗଙ୍ଗୋତ୍ରୀ ଏବଂ ଯମୁନୋତ୍ରୀ ଅଞ୍ଚଳକୁ ଲକ୍ଷାଧିକ ତୀର୍ଥଯାତ୍ରୀଙ୍କ ଆଗମନ କାରଣରୁ ଉତ୍ତରାଖଣ୍ଡର ରାଜସ୍ୱ ବୃଦ୍ଧି ଘଟିଛି। ୨୦୨୨ରେ ଏଠାରେ ପହଞ୍ଚିଛନ୍ତି ୪୩ଲକ୍ଷରୁ ଅଧିକ ଭକ୍ତ ବା ତୀର୍ଥଯାତ୍ରୀ। ୨୦୧୯ରେ ଏମାନଙ୍କ ସଂଖ୍ୟା ଥିଲା ପ୍ରାୟ ୩୫ଲକ୍ଷ।

ନିକଟ ଅତୀତରେ ପ୍ରଧାନମନ୍ତ୍ରୀ ନବୋନ୍ମେଷ ଶିକ୍ଷଣ କାର୍ଯ୍ୟକ୍ରମର ସମାପନ ସମାରୋହକୁ ସମ୍ବୋଧିତ କରି ପୂର୍ବତନ ଉପରାଷ୍ଟ୍ରପତି ଏମ୍ ଭେଙ୍କାୟା ନାଇଡୁ କହିଥିଲେ, ଭାରତକୁ ଏକ ବୈଜ୍ଞାନିକ ପୁନର୍ଜାଗରଣ ଏବଂ ସାଂସ୍କୃତିକ ପୁନରୁଦ୍ଧାରର ଆବଶ୍ୟକତା ରହିଛି।

ବୈପାରୀଗୁଡ଼ା, କୋରାପୁଟ
ମୋ-୬୩୭୦୬୭୯୪୦୫

## ଏଇ ଭାରତରେ

ଡାକ୍ତର ହେଉ କିମ୍ବା ଇଞ୍ଜିନିୟର, ଅଧିକ ରୋଜଗାର ପାଇଁ ସେମାନେ ଆମେରିକାରେ ଚାକିରି କରିବାକୁ ପସନ୍ଦ କରନ୍ତି। ଏମିତି ବି ପସନ୍ଦ ଥିଲା ଡା. ଚନ୍ଦିଲ କୁମ୍ର ଓ ଡା.ନିବେଦିତା ପାଣ୍ଡେଙ୍କର। ଏହି ଦମ୍ପତି ଆମେରିକାରେ ୧୧ ବର୍ଷ ଚାକିରି କରିବା ପରେ ଭାରତ ଫେରିଆସି ବିହାରର ଗ୍ରାମୀଣ ଅଞ୍ଚଳରେ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ଡା.ଚନ୍ଦିଲ ଚାକିରି କରିଥିବା ସମୟରେ ବିହାରକୁ ଆସନ୍ତି ଓ ସ୍ୱାସ୍ଥ୍ୟ ସେବାରେ ଅବ୍ୟବସ୍ଥା ଦେଖି ସେଥିରେ ସୁଧାର ଆଣିବା ଲାଗି ଯଥାସାଧ୍ୟ ଚେଷ୍ଟା କରିବାକୁ ସ୍ଥିର କରିଥିଲେ। ପରେ ଏହି ଦମ୍ପତି ୨୦୧୬ରେ ବିହାରକୁ ଫେରିଆସିଥିଲେ। ପରେ ଡକ୍ଟର ଗୁଡ୍ ଡିଡ୍ କ୍ଲିନିକ୍ ପ୍ରତିଷ୍ଠା କରି ବିହାରର ଗ୍ରାମାଞ୍ଚଳରେ ଠିକ୍ ସମୟରେ ଓ ଶସ୍ତାରେ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ଫାର୍ମାସୀ ସର୍ଭିସ, ଲାବୋରେଟୋରି ପରୀକ୍ଷା ଇତ୍ୟାଦି ଖୁବ୍ କମ୍ ଖର୍ଚ୍ଚରେ କରାଯାଉଛି। ଡାକ୍ତରଙ୍କୁ ମଧ୍ୟ ମାଗଣାରେ ପରାମର୍ଶ କରିବାର ସୁବିଧା ରଖାଯାଇଛି। ଏହା ଦ୍ୱାରା ରୋଗୀମାନଙ୍କୁ ଖର୍ଚ୍ଚାନ୍ତ ହୋଇ ଦୂର ସହରକୁ ଯିବାକୁ ପଡୁନାହିଁ। ଏହାବ୍ୟତୀତ ପାଟନା ଓ ଏହାର ନିକଟବର୍ତ୍ତୀ ଗାଁଗୁଡ଼ିକରେ ପ୍ରତି ମାସରେ ସ୍ୱାସ୍ଥ୍ୟ ଶିବିର ଓ ଆଉଟ ପେସେଣ୍ଟ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଡ.ଗୁଡ ଡିଡ୍ କ୍ଲିନିକ ପ୍ରଥମ ବର୍ଷ ୧.୦୦୦ ରୋଗୀଙ୍କୁ ଶସ୍ତାରେ ସେବା ଯୋଗାଇ ଦେଇଥିବାବେଳେ ଏବେ ବର୍ଷକୁ ୩,୦୦୦ ରୋଗୀ ଏହାର ଲାଭ ପାଇପାରୁଛନ୍ତି। ଚିକିତ୍ସାରେ ଅବହେଳା ନ ହେବା ଲାଗି ବହୁ ସମୟରେ ସେମାନେ ଦିଲ୍ଲୀରୁ ଡାକ୍ତରମାନଙ୍କ ସହଯୋଗ ନେଉଛନ୍ତି।

## ଚିରନ୍ତନୀ

ଅସ୍ତ୍ର ଶକତି ଅସ୍ଥିର ଚିରଦିନ
କେବେ ସେ ଅଧିକ କେବେ ହୁଏ ଅବା ହୀନ
ମନର ଶକତି ପଡି ନାହିଁ ଭାଜି
ସେହି ଶକତିରେ ବଳୀୟାନ ଆଜି
ସେହି ସମ୍ପଦେ ଦୁର୍ଜୟ ଆଶା ଲଭି ଆଜି
ନୋହୁଁ ଦୀନ
ଅସ୍ତ୍ରର ବଳ ଅସ୍ଥିର ଚିରଦିନ।
-(ଭାରତ ଆସିବ ଫେରି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ମଶାନର ସୁରକ୍ଷା ହେଉ

ମହାଶୟ,

ଶ୍ମଶାନ ଶବ୍ଦର ଅର୍ଥ କେବଳ ଶବ ସଂସ୍କାର କ୍ଷେତ୍ର ନୁହେଁ। ଶ୍ମନ୍ ଶବ୍ଦ ଅର୍ଥ ଶବ ଏବଂ ଶାନ ଅର୍ଥାତ୍ ଶୟନ କରିବା। ଏହା ଶ୍ମଶାନ ବୋଲି ଶବ୍ଦ ବିଶାରଦ ପଣ୍ଡିତଗଣ କହିଥା'ନ୍ତି। କାରଣ ମଣିଷ ଜନ୍ମ ହେଲେ ନିଶ୍ଚୟ ମୃତ୍ୟୁ ଆସିବ ଓ ସଭିଙ୍କ ଶେଷଠିକଣା ସେଇ ଶ୍ମଶାନ। ମୁନି ଋଷିମାନେ କହନ୍ତି, ମନରେ ବୈରାଗ୍ୟ ଉଦୟ ପାଇଁ ଥରେ ଶ୍ମଶାନ ଦର୍ଶନ ଆବଶ୍ୟକ। ଏବେ ଦେଖାଯାଉଛି ଯେ ପ୍ରତ୍ୟେକ ଗାଁରେ ଖେଳପଡ଼ିଆ ନ ଥିବ ପଛେ ଶ୍ମଶାନ ନିଶ୍ଚୟ ଥିବ। ତାହା ପୁଣି ବିଭିନ୍ନ ସମ୍ପ୍ରଦାୟର। ଏହି ଦେହ ଶବ। ଏହି ଦେହରୂପକ ଶବ ମଧ୍ୟରେ ଅଛି ଆତ୍ମା। ଆତ୍ମାରୂପୀ ଶ୍ରୀଜଗନ୍ନାଥ ଦେହ ମନ୍ଦିର ମଧ୍ୟରେ ବିରାଜିତ ଥିବାରୁ ଏଠାରେ ସମସ୍ତ ଐଶ୍ୱର୍ଯ୍ୟର ପ୍ରକାଶ ଘଟୁଛି, ନଚେତ୍ ଏହି ଦେହ ମଡ଼ାରେ ପରିଣତ ହେବ। କେହି ଛୁଇଁବେ ନାହିଁ। ମନବୋଧ ଚଉତିଶରେ ଅଛି– ''ଛୁଇଁବେ ନାହିଁ ତୋତେ ବୋଲିବେ ମଡ଼ା, ଛ' ଖଣ୍ଡି କାଠ ହେବ ତୋ' ପାଇଁ ଲୋଡ଼ା।'' ତେଣୁ ସମସ୍ତେ ସାଧନା ପଥ ଅବଲମ୍ବନ କରିବା ଉଚିତ୍। ଶ୍ମଶାନ ଏବେ ସଙ୍କଟରେ। ରାଜ୍ୟର ଅନେକ ଗାଁରେ ଏବେ ଶ୍ମଶାନ ନାହିଁ। ବହୁ ଗାଁରେ ଶ୍ମଶାନ ଜମି ଜବର ଦଖଲ କରାଯିବାର ଦୃଷ୍ଟାନ୍ତ ରହିଛି। ଏଣୁ ଗାଁଗୁଡ଼ିକରେ ଥିବା ମୋଟ ଗୋଚର ଜମିକୁ ଚିହ୍ନଟ କରିବା ସହ ସେଗୁଡ଼ିକୁ ସୁରକ୍ଷିତ ରଖିବା ଲାଗି ସରକାର ଚେଷ୍ଟା କରିବା ଉଚିତ।

-ଦେବଚିତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ଫ୍ୟାକ୍ଟ୍ରିରେ ଦୁର୍ଘଟଣା: ୭ ଦାଦନ ଶ୍ରମିକ ମୃତ

**ବିଜାପୁର,୫।୧୨:** କର୍ନାଟକର ବିଜାପୁର ଜିଲା ଅନ୍ତର୍ଗତ ବିଜୟପୁରାରେ ଥିବା ଏକ ଫ୍ୟାକ୍ଟ୍ରିରେ ସୋମବାର ସନ୍ଧ୍ୟାରେ ଦୁର୍ଘଟଣା ଘଟି ୭ ଜଣ ଦାଦନ ଶ୍ରମିକ ପ୍ରାଣ ହରାଇଛନ୍ତି। ଏହା ବ୍ୟତୀତ ଅନ୍ୟ ୬ ଜଣ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସମସ୍ତ ମୃତକ ବିହାର ବାସିନ୍ଦା ବୋଲି ଜଣାପଡ଼ିଛି। ସେମାନେ ଏକ ମକା ପ୍ରୋସେସିଂ ପ୍ଲାଣ୍ଟରେ ମରାମତି କରୁଥିବାବେଳେ ତାହା ଭୁଶୁଡ଼ି ପଡ଼ିଥିଲା। ନୂଆ ଶିଳ୍ପାଞ୍ଚଳର ରାଜଗୁରୁ ପର୍‌ମଦା ଗୋଦାମ ପରିସରରେ ଉକ୍ତ ପ୍ଲାଣ୍ଟ ରହିଛି। ମୃତକଙ୍କ ପରିବାରକୁ ୭ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଏବଂ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କା ସହାୟତା କର୍ନାଟକ ଶିଳ୍ପମନ୍ତ୍ରୀ ଏମ୍‌.ବି. ପାଟିଲ ଘୋଷଣା କରିଛନ୍ତି। ୭ ଲକ୍ଷ କ୍ଷତିପୂରଣରୁ ଗୋଦାମ ମାଲିକ ୫ ଲକ୍ଷ ଦେବାକୁ ଥିବାବେଳେ ଅବଶିଷ୍ଟ ୨ ଲକ୍ଷ ଟଙ୍କା ରାଜ୍ୟ ସରକାର ବହନ କରିବେ।

## ଖଲିସ୍ତାନୀ ଆତଙ୍କବାଦୀ ଲଖବୀର ପାକିସ୍ତାନରେ ମୃତ

**ଚଣ୍ଡିଗଡ଼,୫।୧୨:** ବେଆଇନ ସଂଗଠନ ଇଣ୍ଟରନ୍ୟାଶନାଲ ଶିଖ୍ ୟୁଥ୍ ଫେଡେରେଶନ ଏବଂ ଖଲିସ୍ତାନ ଲିବରେଶନ ଫୋର୍ସ (କେଏଲ୍‌ଏଫ୍)ର ମୁଖ୍ୟ ଖଲିସ୍ତାନୀ ଆତଙ୍କବାଦୀ ଲଖବୀର ସିଂ ରୋଡେଙ୍କର ପାକିସ୍ତାନରେ ମୃତ୍ୟୁ ଘଟିଛି। ଜର୍ନେଲ ସିଂ ଭିନ୍ଦ୍ରନ୍‌ୱାଲେଙ୍କ ପୁତୁରା ଲଖବୀର ଭାରତର ମୋଷ୍ଟ ଓ୍ୱାଣ୍ଟେଡ୍‌ଙ୍କ ମଧ୍ୟରେ ଅନ୍ୟତମ। ସେ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ଆନ୍ଦୋଳନର ମାଷ୍ଟରମାଇଣ୍ଡ। ଭିନ୍ଦ୍ରନୱାଲେଙ୍କ ମୃତ୍ୟୁ ପରେ ସେ ପାକିସ୍ତାନ ଚାଲିଯାଇ ଲାହୋରରେ ରହିଥିଲେ। ସେ ହୃଦ୍‌ଘାତରେ ପ୍ରାଣ ହରାଇଥିବା ତାଙ୍କ ଭାଇ ଯଶବୀର କହିଛନ୍ତି।


ଲଖବୀର ସିଂ ରୋଡେ

## ୮ରେ ଶପଥ ନେବେ ଲାଲ୍‌ଡୁହୋମା



**ଗୁଆହାଟୀ,୫।୧୨:** ମିଜୋରାମ ବିଧାନସଭା ନିର୍ବାଚନ ଜିତିଥିବା ଜୋରାମ ପିପୁଲ୍ସ ମୁଭ୍‌ମେଣ୍ଟ (ଜେଡ୍‌ପିଏମ୍) ଆସନ୍ତା ଶୁକ୍ରବାର ନୂଆ ସରକାର ଗଢ଼ିବାକୁ ଯାଉଛି। ଗତ ମାସ ୭ ତାରିଖରେ ହୋଇଥିବା ନିର୍ବାଚନରେ ଜେପିଏମ୍ ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମ୍‌ଏନ୍‌ଏଫ୍ ସରକାରକୁ କ୍ଷମତାଚ୍ୟୁତ କରିଥିଲା। ୪୦ ଆସନ ବିଶିଷ୍ଟ ବିଧାନସଭାରେ ଜେଡ୍‌ପିଏମ୍‌କୁ ୨୭ ଆସନ ମିଳିଛି। ପ୍ରଥମ ଥର ପାଇଁ ମିଜୋରାମରେ ଏକ ଅଣଏମ୍‌ଏନ୍‌ଏଫ୍ ଏବଂ ଅଣକଂଗ୍ରେସ ସରକାର ଗଠନ ହେବାକୁ ଯାଉଛି। ଜେଡ୍‌ପିଏମ୍ ନେତା ଲାଲ୍‌ଡୁହୋମା ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ।

# ୨୦୧୧-୨୦ରେ ଭାରତ ଅଧିକ ଉତ୍ତପ୍ତ, ଆର୍ଦ୍ର

## ଜଳବାୟୁ ପରିବର୍ତ୍ତନର ପ୍ରଭାବ



**ଦୁବାଇ,୫।୧୨(ପି.ଟି.)**

ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁ ୨୦୧୧ରୁ ୨୦୨୦ ଦଶନ୍ଧିରେ ଭାରତ ଅଧିକ ଉତ୍ତପ୍ତ ଓ ଆର୍ଦ୍ର ରହିଥିଲା ବୋଲି ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲ୍ୟୁଏମ୍‌ଓ)ର ନୂଆ ରିପୋର୍ଟରେ କୁହାଯାଇଛି। ଦୁବାଇରେ ଚାଲିଥିବା ଜାତିସଂଘ ଜଳବାୟୁ ସମ୍ମିଳନୀ ଅବସରରେ ମଙ୍ଗଳବାର ଉକ୍ତ ରିପୋର୍ଟ ପ୍ରକାଶ ପାଇଛି। ଡବ୍ଲ୍ୟୁଏମ୍‌ଓର ଜଳବାୟୁ ସ୍ଥିତି ରିପୋର୍ଟ ପ୍ରତିବର୍ଷ ପ୍ରକାଶ ପାଇଥାଏ। ନୂଆ ରିପୋର୍ଟରେ ଗୋଟିଏ ଦଶନ୍ଧିର ପାଣିପାଗ ସ୍ଥିତି ଉଲ୍ଲେଖ ରହିଛି, ଯାହା ଆଗାମୀ ଦିନର ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଏକ ଚିତ୍ର ପ୍ରଦାନ କରୁଛି ବୋଲି ଡବ୍ଲ୍ୟୁଏମ୍‌ଓ ଉପମହାସଚିବ ଏଲେନା ମାନାଏଙ୍କୋଭା କହିଛନ୍ତି। ଏଲ୍ ନିନୋ ଏବଂ ଲା ନିନା ଭଳି ପ୍ରଭାବ ଯୋଗୁ ପାଣିପାଗରେ ତାରତମ୍ୟ ଦେଖାଦେଇଛି। ଏଲ୍ ନିନୋ ଏବଂ ଲା ନିନା ହେଉଛି ବିଷୁବମଣ୍ଡଳୀୟ ପ୍ରଶାନ୍ତ ମହାସାଗରରେ କିଛିଦିନ ପାଇଁ ଜଳର ଅସ୍ୱାଭାବିକ ଉଷ୍ଣତା ଓ ଶୀତଳତାର ପ୍ରଭାବ। ଏହି ତାପମାତ୍ରା ବିଭିନ୍ନ ଦେଶର ପାଣିପାଗକୁ ପ୍ରଭାବିତ କରିଥାଏ। ଜଳବାୟୁ ସମିଟ୍ କପ୍‌୨୮ରେ ପ୍ରକାଶ ପାଇଥିବା ୨୦୨୩ର ଅସ୍ଥାୟୀ ବାର୍ଷିକ ରିପୋର୍ଟରେ ଚଳିତ ବର୍ଷ ସବୁଠୁ ଉତ୍ତପ୍ତ ବର୍ଷ ବୋଲି କୁହାଯାଇଛି।

ଡବ୍ଲ୍ୟୁଏମ୍‌ଓ ରିପୋର୍ଟ ଅନୁଯାୟୀ ଉତ୍ତର-ପଶ୍ଚିମ ଭାରତ, ପାକିସ୍ତାନ, ଚାଇନା ଏବଂ ଆରବୀୟ ଉପଦ୍ୱୀପର ଦକ୍ଷିଣ ଉପକୂଳରେ ଗତ ଦଶନ୍ଧି ଅଧିକ ଆର୍ଦ୍ର ରହିଥିଲା। ଏହି ସମୟରେ ଦକ୍ଷିଣ-ପୂର୍ବ ଏସିଆ, ୟୁରୋପ, ଆଫ୍ରିକା ମହାଦେଶର ଦକ୍ଷିଣ ଭାଗ, ମେକ୍ସିକୋ ଏବଂ ପୂର୍ବ ଅଷ୍ଟ୍ରେଲିଆର କେତେକ ଅଞ୍ଚଳରେ ଅତ୍ୟଧିକ ଉତ୍ତପ୍ତ ଦିନ ସଂଖ୍ୟା ୧୯୬୧-୧୯୯୦ ସମୟର ହାରାହାରି ଉତ୍ତପ୍ତ ଦିନର ଦୁଇଗୁଣ ଥିଲା। ବିଶ୍ୱ ତାପମାତ୍ରା ବଢୁଥିବାରୁ ଏହି ସମୟରେ ଅତ୍ୟଧିକ ଶୀତ ଦିନ ସଂଖ୍ୟା ୧୯୬୧-୧୯୯୦ ସମୟ ତୁଳନାରେ ୪୦ ପ୍ରତିଶତ ହ୍ରାସ ପାଇଥିଲା। ୨୦୧୩ ଜୁନ୍‌ରେ ଭାରତରେ ବର୍ଷାଦିନେ ସବୁଠୁ ଭୟାବହ ବନ୍ୟା ହୋଇଥିଲା। ଉତ୍ତରାଖଣ୍ଡରେ ପ୍ରବଳ ବର୍ଷା ବରଫ ତରଳିବା ଏବଂ ଗ୍ଲେସିୟର ହ୍ରଦ ମାଡ଼ିଆସିବା ଯୋଗୁ ୫,୮୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ୨୦୧୮ରେ କେରଳରେ ମଧ୍ୟ ପ୍ରଳୟଙ୍କରୀ ବନ୍ୟାରେ ବହୁ ଧନଜୀବନ କ୍ଷୟ ହୋଇଥିଲା। ୨୦୧୯ ଏବଂ ୨୦୨୦ ବର୍ଷ ଭାରତରେ ସବୁଠୁ ଆର୍ଦ୍ର ମୌସୁମୀ ଋତୁ ଥିଲା। ଏହି ସମୟରେ ସର୍ବାଧିକ ବନ୍ୟା ହୋଇଥିଲା।

## ଭାରତର ମୁଣ୍ଡ ପିଛା ଅଙ୍ଗାରକାମ୍ଳ ଉତ୍ସର୍ଜନ ବୈଶ୍ୱିକ ହାରାହାରିର ଅଧାରୁ କମ୍

**ଦୁବାଇ,୫।୧୨(ପି.ଟି.)**

ଭାରତର ମୁଣ୍ଡପିଛା ଅଙ୍ଗାରକାମ୍ଳ ଉତ୍ସର୍ଜନ ୨୦୨୨ରେ ୫ ପ୍ରତିଶତ ବୃଦ୍ଧି ପାଇ ୨ ଟନ୍‌ରେ ପହଞ୍ଚିଥିଲେ ମଧ୍ୟ ଏହା ବୈଶ୍ୱିକ ହାରାହାରିର ୫୦ ପ୍ରତିଶତରୁ କମ୍ ରହିଛି। ମଙ୍ଗଳବାର ପ୍ରକାଶିତ ରିପୋର୍ଟରୁ ଏହା ଜଣାପଡ଼ିଛି। ଗ୍ଲୋବାଲ କାର୍ବନ ପ୍ରୋଜେକ୍ଟ ଅନୁଯାୟୀ ମୁଣ୍ଡପିଛା ଅଙ୍ଗାରକାମ୍ଳ ଉତ୍ସର୍ଜନରେ ଆମେରିକା ଶୀର୍ଷରେ ରହିଛି। ସେଠାରେ ପ୍ରତ୍ୟେକ ବ୍ୟକ୍ତି ୧୪.୯ ଟନ୍ କାର୍ବନ ଡାଇଅକ୍ସାଇଡ୍ ଉତ୍ସର୍ଜନ କରୁଛନ୍ତି। ଏହା ପଛକୁ ରୁଷିଆ (୧୧.୪ ଟନ୍) ରହିଥିବାବେଳେ ଜାପାନ (୮.୫ ଟନ୍), ଚାଇନା (୮ ଟନ), ୟୁରୋପୀୟ ୟୁନିୟନ (୬.୨ ଟନ୍) ରହିଛି। ବୈଶ୍ୱିକ ହାରାହାରି ଅଙ୍ଗାରକାମ୍ଳ ନିର୍ଗମନ ୪.୭ ଟନ୍ ଥିବା ଉକ୍ତ ରିପୋର୍ଟରେ ପ୍ରକାଶ ପାଇଛି। ଶିଳ୍ପ ବିପ୍ଳବ ସମୟରୁ ଆମେରିକା ସର୍ବାଧିକ ଅଙ୍ଗାରକାମ୍ଳ ନିର୍ଗମନକାରୀ ଦେଶ ଭାବେ ପରିଚିତ ହୋଇଆସିଚି। ୧୮୫୦ରୁ ୨୦୨୨ ମଧ୍ୟରେ ଆମେରିକାର ମୋଟ ଅଙ୍ଗାରକାମ୍ଳ ନିର୍ଗମନ ପରିମାଣ ୧୧୫ ଗିଗାଟନ୍, ଯାହାକି ବିଶ୍ୱର ମୋଟ ନିର୍ଗମନର ୨୪ ପ୍ରତିଶତ। ୟୁରୋପୀୟ ୟୁନିୟନର ଏହି ସମୟର ଅଙ୍ଗାରକାମ୍ଳ ନିର୍ଗମନ ୮୦ ଗିଗାଟନ୍ ହୋଇଥିବାବେଳେ ଚାଇନାର ୭୦ ଗିଗାଟନ୍। ଭାରତ ୧୮୫୦ରୁ ୨୦୨୨ ମଧ୍ୟରେ ୧୫ ଗିଗାଟନ୍ କାର୍ବନ ଡାଇଅକ୍ସାଇଡ୍ ଉତ୍ସର୍ଜନ କରିଛି, ଯାହା ମୋଟ ବିଶ୍ୱରେ ହୋଇଥିବା ଉତ୍ସର୍ଜନର ମାତ୍ର ୩ ପ୍ରତିଶତ।



## ଦେଶର ପୋଲିସ ଫୋର୍ସରେ ୧୧.୭୫% ମହିଳା

**ନୂଆଦିଲ୍ଲୀ,୫।୧୨(ପି.ଟି.)**

ଦେଶର ପୋଲିସ୍ ଫୋର୍ସରେ ମହିଳା କର୍ମଚାରୀଙ୍କ ସଂଖ୍ୟା ୩୩ ପ୍ରତିଶତକୁ ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାରଙ୍କ କ୍ରମାଗତ ଉଦ୍ୟମ ସତ୍ତ୍ୱେ ଏବେ ମାତ୍ର ୧୧.୭୫ ପ୍ରତିଶତ ମହିଳା ପୋଲିସ ରହିଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଲୋକ ସଭାରେ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ମହିଳା ପୋଲିସ ସଂଖ୍ୟା ୩୩ ପ୍ରତିଶତକୁ ବଢ଼ାଇବା ନିମନ୍ତେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୨୦୧୪ ମେ' ୨୧, ୨୦୧୫ ମେ' ୧୨, ୨୦୨୧ ଜୁନ୍ ୨୨ ଏବଂ ୨୦୨୨ ଏପ୍ରିଲ ୧୩ରେ ସମସ୍ତ ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନକୁ ପତ୍ର ଲେଖିଥିଲା। ଅତିରିକ୍ତ ମହିଳ କନ୍‌ଷ୍ଟେବଲ, ସବ୍‌ଇନ୍ସପେକ୍ଟର ପଦବୀ ସୃଷ୍ଟି କରିବା ପାଇଁ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ କୁହାଯାଇଥିଲା। ପ୍ରତି ଥାନାରେ ଅନ୍ୟୂନ ୩ ମହିଳା ସବ୍‌ଇନ୍ସପେକ୍ଟର ଏବଂ ୧୦ ମହିଳା କନଷ୍ଟେବଲ ରହିଲେ ୨୪ ଘଣ୍ଟା ମହିଳା ହେଲ୍ପ ଡେସ୍କ ପରିଚାଳନା ହୋଇପାରିବ ବୋଲି ଲକ୍ଷ୍ୟ ରଖାଯାଇଥିଲା। ୨୦୨୦ରେ ମହିଳା ପୋଲିସ ସଂଖ୍ୟା ୧୦.୩୦% ଥିବାବେଳେ ୨୦୨୧ରେ ୧୦.୪୯%କୁ ବଢ଼ିଥିଲା। ୨୦୨୨ରେ ଏହା ୧୧.୭୫ ପ୍ରତିଶତକୁ ବଢ଼ିଥିବା ରାୟ ଏକ ଲୋକ ସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି।

## କୋଲକାତା ଯୁବକଙ୍କୁ ବାହାହେବାକୁ ପହଞ୍ଚିଲେ ପାକିସ୍ତାନୀ ଯୁବତୀ

**ଚଣ୍ଡିଗଡ଼,୫।୧୨**

କୋଲକାତାରେ ରହୁଥିବା ଜଣେ ଯୁବକଙ୍କୁ ବିବାହ କରିବା ପାଇଁ ପାକିସ୍ତାନର ଜଣେ ଯୁବତୀ ୱାଘା-ଅଟ୍ଟାରି ଅନ୍ତର୍ଜାତୀୟ ସୀମା ଅତିକ୍ରମ କରି ଭାରତରେ ପହଞ୍ଚିଛନ୍ତି। ଆସନ୍ତାବର୍ଷ ଜାନୁୟାରୀରେ ସେମାନଙ୍କ ବିବାହ ସ୍ଥିର ହୋଇଛି। କରାଚୀ ବାସିନ୍ଦା ଜାଭେରିଆ ଖାନୁମ୍ ଅନ୍ତର୍ଜାତୀୟ ସୀମା ଅତିକ୍ରମ କରିବା ପରେ ପଞ୍ଜାବର ଅମୃତସର ଜିଲାରେ ପହଞ୍ଚିଛନ୍ତି। ସେଠାରେ ତାଙ୍କ ଭାବୀ ସ୍ୱାମୀ ସମୀର ଖାନ୍ ଓ ତାଙ୍କ ପରିବାର ସଦସ୍ୟମାନେ ଢୋଲ ବଜାଇ ଜାଭେଲିଆଙ୍କୁ ସ୍ୱାଗତ କରିଥିଲେ। କୋଭିଡ୍ ମହାମାରୀ ଯୋଗୁ ଉଭୟଙ୍କ ବିବାହ ଯୋଜନା ୫ ବର୍ଷ ହେଲା ଅଟକି ରହିଥିଲା। ପୂର୍ବରୁ ଜାଭେଲିଆଙ୍କ ଭିଜା ଦୁଇଥର ବାତିଲ ହେବା ପରେ ଏଥର ୪୫ ଦିନିଆ ଭିଜା ମିଳିଛି। ୪୫ ଦିନିଆ ଭିଜାରେ ଭାରତ ପହଞ୍ଚିଥିବାରୁ ବହୁତ ଖୁସି ବୋଲି ଜାଭେଲିଆ ଗଣମାଧ୍ୟମକୁ କହିଛନ୍ତି। ତାଙ୍କୁ ଏଠାରେ ଖୁବ୍ ସ୍ନେହଶ୍ରଦ୍ଧା ମିଳିଛି। ଜାନୁୟାରୀ ପ୍ରଥମ ସପ୍ତାହରେ ସେମାନଙ୍କର ବିବାହ ହେବ ବୋଲି ସେ ଅମୃତସରରେ ଖବରଦାତାମାନଙ୍କ ସହ ଆଲୋଚନା ବେଳେ କହିଛନ୍ତି। ୨୦୧୮ ମେ'ରେ ସମୀର ତାଙ୍କ ମାଆଙ୍କ ମୋବାଇଲ ଫୋନ୍‌ରେ ଜାଭେରିଆଙ୍କ ଫଟୋ ଦେଖିବା ପରେ ତାଙ୍କୁ ବିବାହ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ତେବେ କୋଭିଡ୍ ଯୋଗୁ ୨ ଥର ଜାଭେରିଆଙ୍କ ଭିଜା ବାତିଲ ହୋଇଥିଲା। ଭିଜା ପାଇଁ ଭାରତ ସରକାରଙ୍କୁ ସମୀର ଧନ୍ୟବାଦ ଜଣାଇଛନ୍ତି।


ସମୀର ଖାନ୍ | ଜାଭେରିଆ ଖାନୁମ୍

## ଇଣ୍ଡିଆ ବ୍ଲକ୍ ବୈଠକ ସ୍ଥଗିତ

**ନୂଆଦିଲ୍ଲୀ,୫।୧୨**

ଇଣ୍ଡିଆ ବ୍ଲକ୍‌ର କେତେଜଣ ପ୍ରମୁଖ ସଦସ୍ୟ ଶନିବାର ହେବାକୁ ଥିବା ବୈଠକରେ ଯୋଗଦେଇ ପାରିବେ ନାହିଁ ବୋଲି କହିବା ପରେ ଉକ୍ତ ବୈଠକକୁ ଡିସେମ୍ବର ତୃତୀୟ ସପ୍ତାହକୁ ସ୍ଥଗିତ ରଖାଯାଇଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ପୂର୍ବରୁ ଇଣ୍ଡିଆ ବ୍ଲକ୍ ନେତାମାନଙ୍କ ବୈଠକ ବୁଧବାରକୁ ଡାକିଥିଲେ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୈଠକ ଡକାଯାଇଥିବା ସମ୍ପର୍କରେ ଜାଣି ନ ଥିବା କହିଥିଲେ। ସେ ବୁଧବାର ରାଜ୍ୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ଥିବାରୁ ବୈଠକରେ ଯୋଗଦେଇ ପାରିବେ ନାହିଁ ବୋଲି ସୋମବାର ସ୍ପଷ୍ଟ କରିଦେଇଥିଲେ। ସେହିପରି ତାମିଲନାଡୁର ଅନେକ ଅଞ୍ଚଳ ବାତ୍ୟା ମିଗ୍‌ଜୋମ୍‌ରେ କ୍ଷତିଗ୍ରସ୍ତ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଏମ୍‌.କେ. ଷ୍ଟାଲିନ୍ ଦିଲ୍ଲୀ ଯାଇପାରିବେ ନାହିଁ ବୋଲି ଜଣାଇଦେଇଥିଲେ। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ବୈଠକକୁ ଯିବେ ନାହିଁ ବୋଲି କହିଥିବାବେଳେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ମଧ୍ୟ ଉପସ୍ଥିତ ହୋଇପାରିବେ ନାହିଁ ବୋଲି କହିଥିଲେ।

ତେବେ ଖାର୍ଗେଙ୍କ ବାସଭବନରେ ବୁଧବାର ସନ୍ଧ୍ୟାରେ ଇଣ୍ଡିଆ ବ୍ଲକ୍‌ର ସଂସଦୀୟ ନେତାମାନଙ୍କ ସମନ୍ୱୟ ବୈଠକ ବସିବ ବୋଲି ଜଣାପଡ଼ିଛି।

## ଜମ୍ମୁ-କଶ୍ମୀରରେ ଶୀଘ୍ର ନିର୍ବାଚନ ପାଇଁ ବିରୋଧୀଙ୍କ ଦାବି

**ନୂଆଦିଲ୍ଲୀ,୫।୧୨**

ଜମ୍ମୁ-କଶ୍ମୀରରେ ତୁରନ୍ତ ବିଧାନସଭା ନିର୍ବାଚନ କରାଇବା ପାଇଁ ଲୋକ ସଭାରେ ମଙ୍ଗଳବାର ବିରୋଧୀ ସଦସ୍ୟମାନେ ଦାବି ଉଠାଇଥିଲେ। କେନ୍ଦ୍ର ସରକାର ନିର୍ବାଚନ ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି କହିବା ସହ ଏନେଇ ନିର୍ବାଚନ କମିଶନ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ୨୦୧୮ରୁ ଜମ୍ମୁ-କଶ୍ମୀର କେନ୍ଦ୍ର ଶାସନାଧୀନ ରହିଛି। ଜମ୍ମୁ-କଶ୍ମୀର ପୁନର୍ଗଠନ (ସଂଶୋଧନ) ବିଲ୍ ଏବଂ ଜମ୍ମୁ-କଶ୍ମୀର ସଂରକ୍ଷଣ (ସଂଶୋଧନ) ବିଲ୍ ଆଲୋଚନାର ଉତ୍ତର ଦେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଥିଲେ, ସାରା ଦେଶରେ ଗୋଟିଏ ପତାକା ଏବଂ ଗୋଟିଏ ସମ୍ବିଧାନକୁ ନରେନ୍ଦ୍ର ମୋଦି ସରକାର ସୁନିଶ୍ଚିତ କରିଛନ୍ତି। କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରିପ୍ରେକ୍ଷୀରେ ଶାହା ଏହା କହିଥିଲେ। ଗତ ଜୁଲାଇ ୨୬ରେ ଉକ୍ତ ବିଲ୍‌ଦ୍ୱୟ ଲୋକ ସଭାରେ ଆଗତ ହୋଇଥିଲା। ଆଲୋଚନାରେ ଭାଗନେଇ କଂଗ୍ରେସର ଅମର ସିଂ ଜମ୍ମୁ-କଶ୍ମୀରରେ ନିର୍ବାଚନ ନେଇ ସରକାରଙ୍କ ଯୋଜନା କ'ଣ ବୋଲି ପ୍ରଶ୍ନ କରିଥିଲେ। କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଥିଲେ, ଯେତେବେଳେ ନିର୍ବାଚନ କମିଶନ ତାରିଖ ଘୋଷଣା କରିବେ ସରକାର ନିର୍ବାଚନ କରାଇବାକୁ ପ୍ରସ୍ତୁତ ଅଛନ୍ତି।

## ମଦର ଆର୍ଥ କର୍ମଚାରୀଙ୍କ ପିଏଫ୍ ବକେୟା ପ୍ରସଙ୍ଗ ଉଠାଇଲେ ଉଲାକା

**ନୂଆଦିଲ୍ଲୀ,୫।୧୨**

ଓଡ଼ିଶାର ଜୟପୁରସ୍ଥିତ ମଦର ଆର୍ଥ ରିସୋର୍ସ ପ୍ରା.ଲିଃର ଅବସରପ୍ରାପ୍ତ କର୍ମଚାରୀମାନଙ୍କ ଭବିଷ୍ୟ ନିଧି ଅର୍ଥ ବକେୟା ରହିଥିବା ପ୍ରସଙ୍ଗ ଲୋକ ସଭାରେ କୋରାପୁଟର କଂଗ୍ରେସ ଏମ୍‌ପି ସପ୍ତଗିରି ଉଲାକା ମଙ୍ଗଳବାର ଉଠାଇଥିଲେ। କୋଲକାତାର କେସିଟି ପିଏଫ୍ ଟ୍ରଷ୍ଟରୁ ଆର୍‌ପିଏଫ୍‌ସି ବ୍ରହ୍ମପୁରକୁ ସେମାନଙ୍କ ପିଏଫ୍ ଅର୍ଥ ପଠାଇବା ଲାଗି ନିର୍ଦ୍ଦେଶ ଦେବାକୁ କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରୀଙ୍କୁ ଉଲାକା ନିବେଦନ କରିଛନ୍ତି। ଏହି ଅର୍ଥ ଦୀର୍ଘଦିନ ହେବ ପଡ଼ିରହିଥିବା ନେଇ ଶୂନ୍ୟ କାଳରେ ସେ ଶ୍ରମମନ୍ତ୍ରୀଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ଉଲାକା କହିଥିଲେ, ବିଲ୍ଟ ଗ୍ରାଫିକ ପେପର ପ୍ରଡକ୍ଟ ଲିଃ ଏହାର ଏସ୍‌ଇଡବ୍ଲ୍ୟୁଏ ୟୁନିଟ୍‌କୁ ୨୦୨୦ ଫେବୃୟାରୀରେ ମଦର ଆର୍ଥ ରିସୋର୍ସେସ୍ ପ୍ରା.ଲିଃକୁ ବିକ୍ରି କରିଦେଇଥିଲା। ସେବେଠାରୁ ଆର୍‌ପିଏଫ୍‌ସି କୋଲକାତା ନିକଟରେ ବକେୟା ଇପିଏଫ୍ ଅର୍ଥ ପଡ଼ିରହିଛି ଯାହା ବ୍ରହ୍ମପୁରର ଆର୍‌ପିଏଫ୍‌ସିକୁ ସ୍ଥାନାନ୍ତର ହେବା ଜରୁରୀ, ଯାହା ଫଳରେ ଅବସରପ୍ରାପ୍ତ କର୍ମଚାରୀମାନେ ସେମାନଙ୍କ ବକେୟା ପ୍ରାପ୍ୟ ପାଇପାରିବେ।

## ଭୁବନେଶ୍ୱର-ହାଇଦ୍ରାବାଦ ବନ୍ଦେ ଭାରତ ଏକ୍ସପ୍ରେସ୍ ପାଇଁ ବିଜେଡି ଏମ୍‌ପିଙ୍କ ଦାବି

**ନୂଆଦିଲ୍ଲୀ,୫।୧୨**

ଭୁବନେଶ୍ୱର ଓ ହାଇଦ୍ରାବାଦ ମଧ୍ୟରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ପାଇଁ ବିଜେଡି ଏମ୍‌ପି ମୁଜିବୁଲ୍ଲା ଖାନ୍ (ମୁନା) ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି। ଏହି ଟ୍ରେନ୍ ଚଳାଚଳ କରିବା ଦ୍ୱାରା ଆନ୍ତଃରାଜ୍ୟ ଅର୍ଥନୈତିକ କାରବାର ଯଥେଷ୍ଟ ବୃଦ୍ଧି ପାଇବ ବୋଲି ରାଜ୍ୟ ସଭାର ଶୂନ୍ୟକାଳରେ ମୁନା କହିଥିଲେ। ଓଡ଼ିଶାର ବର୍ଦ୍ଧିତ ଚାହିଦା ପୂରଣ କରିବାକୁ ହେଲେ ରେଲ୍ ନେଟ୍‌ୱର୍କକୁ ବ୍ୟାପକ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ରେଳ ସଂଯୋଗରେ ଓଡ଼ିଶାକୁ କେନ୍ଦ୍ର ସରକାର ଅବହେଳା କରୁଥିବା ବିଜେଡି ଏମ୍‌ପି ଅଭିଯୋଗ କରିଥିଲେ। ଭୁବନେଶ୍ୱରରୁ ପଶ୍ଚିମ ଓଡ଼ିଶାକୁ ଖୁବ୍ କମ୍ ଏକ୍ସପ୍ରେସ୍ ଟ୍ରେନ ଚଳାଚଳ କରୁଛି। ନିକଟରେ ପୁରୀ ଓ ହାଓଡ଼ା ମଧ୍ୟରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳ ଉଦ୍‌ଘାଟନ ହୋଇଥିବାବେଳେ ପୁରୀ ଓ ରାଉରକେଲା ମଧ୍ୟରେ ଏହାର ଚଳାଚଳକୁ ବଢ଼ାଯାଇଛି। ତେବେ ରାଜ୍ୟର ରପ୍ତାନି ସାମର୍ଥ୍ୟ ଓ ବାଣିଜ୍ୟ ନେଟ୍‌ୱର୍କକୁ ବିଚାରକୁ ନେଇ ଅଧିକ ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳର ଆବଶ୍ୟକତା ଥିବା ମୁନା କହିଥିଲେ।

## ପାଣିଘେରରେ ଫସିଲେ ଆମିର ଖାନ୍, ବିଷ୍ଣୁ ବିଶାଲ



**ଚେନ୍ନାଇ,୫।୧୨**

ବାତ୍ୟା ମିଗ୍‌ଜୋମ୍ ପ୍ରଭାବରେ ତାମିଲନାଡୁର କେତେକ ଜିଲାରେ ଲଗାଣ ବର୍ଷା ଲାଗି ରହିଥିବାବେଳେ ରାଜଧାନୀ ଚେନ୍ନାଇ ଜଳାର୍ଣ୍ଣବ ହୋଇଯାଇଛି। ଫଳରେ ଏହି ସହର ଦୁଇଦିନ ପାଇଁ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିଲା। ଏହି ସମୟରେ କରପାକ୍କମ୍‌ରେ ଅଭିନେତା ବିଷ୍ଣୁ ବିଶାଲ ଓ ତାଙ୍କ ସ୍ତ୍ରୀ ତଥା ବ୍ୟାଡ୍‌ମିଣ୍ଟନ ପ୍ଲେୟାର ଜ୍ୱାଲା ଗୁଟ୍ଟା ପାଣି ଘେରରେ ଫସିଥିବାବେଳେ ତାଙ୍କୁ ଅଗ୍ନିଶମ ଓ ରେସ୍କ୍ୟୁ ଟିମ୍ ଉଦ୍ଧାର କରିଛନ୍ତି। ସେହିପରି ବଲିଉଡ୍ ସୁପରଷ୍ଟାର ଆମିର ଖାନ୍ ମଧ୍ୟ ପାଣିଘେରରେ ଫସିଯାଇଥିଲେ। ତାଙ୍କୁ ରେସ୍କ୍ୟୁ ଟିମ୍ ବୋଟ୍‌ରେ ଉଦ୍ଧାର କରୁଥିବା ବେଳର ଫଟୋକୁ ସେ ଶେୟାର କରିଛନ୍ତି। ଉଦ୍ଧାର କରିଥିବାରୁ ବିଶାଲ ଅଗ୍ନିଶମ ଓ ରେସ୍କ୍ୟୁ ବିଭାଗକୁ ସୋସିଆଲ ମିଡିଆ ଜରିଆରେ ଧନ୍ୟବାଦ ଜଣାଇଛନ୍ତି।

## କୋଲକାତା ସବୁଠୁ ନିରାପଦ ମହାନଗର: ଏନ୍‌ସିଆର୍‌ବି

### ଖୁସି ବ୍ୟକ୍ତକଲା ଟିଏମ୍‌ସି
### ଭାଜପାକୁ ସମାଲୋଚନା

**କୋଲକାତା, ୫।୧୨(ପି.ଟି.)**

କୋଲକାତା ଦେଶରେ ସବୁଠାରୁ ନିରାପଦ ନଗର ବୋଲି ନ୍ୟାଶନାଲ କ୍ରାଇମ୍ ରେକର୍ଡସ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟ ପ୍ରଦାନ କରିବା ପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମଙ୍ଗଳବାର ଖୁସି ବ୍ୟକ୍ତ କରିଛି। ଏଥିସହିତ ପଶ୍ଚିମବଙ୍ଗ ସରକାର ଆଇନ ଶୃଙ୍ଖଳା ପରିଚାଳନାରେ ବିଫଳ ହୋଇଥିବା ନେଇ ଭାଜପା କରିଆସିଥିବା ମିଥ୍ୟା ପ୍ରଚାର ଧରାପଡ଼ିଛି ବୋଲି ଟିଏମ୍‌ସି ପକ୍ଷରୁ କୁହାଯାଇଛି।

କ୍ରମାଗତ ତୃତୀୟ ବର୍ଷ ଲାଗି କୋଲକାତା ଭାରତର ସବୁଠାରୁ ନିରାପଦ ନଗର ରହିବା ସହ ବିଭିନ୍ନ ମେଟ୍ରୋ ମଧ୍ୟରେ ଏକ ଲକ୍ଷ ଲୋକ ସଂଖ୍ୟା ଭିତରେ ଖୁବ୍ କମ୍ ଧର୍ତ୍ତବ୍ୟ ଅପରାଧ ରେକର୍ଡ କରାଯାଇଛି ବୋଲି ଏନ୍‌ସିଆର୍‌ବି ୨୦୨୨ ଆପରାଧିକ ରିପୋର୍ଟରେ କୁହାଯାଇଛି। ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ର ଏଥିଲାଗି ସୋସିଆଲ ମିଡିଆ 'ଏକ୍ସ' ଜରିଆରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଏନ୍‌ସିଆର୍‌ବିରିପୋର୍ଟପଢ଼ିବା ପରେ ଭାଜପା ସମର୍ଥକମାନେ ମୁହଁ ବନ୍ଦ କରିଦେବେ ବୋଲି କହି ମହୁଆ କଟାକ୍ଷ କରିଛନ୍ତି।



ସୋସିଆଲ ମିଡିଆରେ ଟିଏମ୍‌ସି ପକ୍ଷରୁ କରାଯାଇଥିବା ପୋଷ୍ଟରେ କୁହାଯାଇଛି, କୋଲକାତା ତା'ର ସମୃଦ୍ଧ ସାଂସ୍କୃତିକ ବୈଭବ ଲାଗି ଜଣାଶୁଣା। ଏଥିସହିତ ଏଠାକାର ନିରାପତ୍ତା ବ୍ୟବସ୍ଥା ଅନ୍ୟତ୍ର କ୍ୱଚିତ ଦେଖିବାକୁ ମିଳେ। ଆନନ୍ଦର ନଗର କୋଲକାତା କ୍ରମାଗତ ତୃତୀୟ ଥର ଲାଗି ଦେଶର ସବୁଠାରୁ ନିରାପଦ ସହର ହେବାର ଗୌରବ ଅର୍ଜନ କରି ମାଇଲଖୁଣ୍ଟ ସ୍ଥାପନ କରିଛି। ମମତା ବାନାର୍ଜୀଙ୍କ ଦୃଢ଼ ନେତୃତ୍ୱ, କୋଲକାତା ପୋଲିସର ସତର୍କତା ଯୋଗୁ ଆପରାଧିକ ହାର ହ୍ରାସ ପାଇଛି। କେବଳ ସଂସ୍କୃତି, ଖାଦ୍ୟ, ସଙ୍ଗୀତ ଓ କଳା ନୁହେଁ, ନିରାପତ୍ତାକୁ କୋଲକାତା ଅଗ୍ରାଧିକାର ଦେଇ ଆସିଛି ବୋଲି ଟିଏମ୍‌ସି ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଭାଜପା ଏନ୍‌ସିଆର୍‌ବି ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରିଛି। ରାଜ୍ୟ ସରକାର ଏ ଦିଗରେ ତଥ୍ୟ ଲୁଚାଇଛନ୍ତି କିମ୍ବା ଭୁଲ୍ ସଂଖ୍ୟା ଦେଇଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। ସମ୍ପୃକ୍ତ ରାଜ୍ୟ ସରକାରଙ୍କଠାରୁ ଗ୍ରହଣ କରାଯାଇଥିବା ତଥ୍ୟ ଆଧାରରେ ଏନ୍‌ସିଆର୍‌ବି ରିପୋର୍ଟ ପ୍ରସ୍ତୁତ କରିଥାଏ। ଟିଏମ୍‌ସି କ୍ୱଚିତ ଠିକ୍ ସଂଖ୍ୟା ପଠାଇଥାଏ। ୨୦୨୧ ବିଧାନସଭା ନିର୍ବାଚନ ଓ ଚଳିତବର୍ଷ ପଞ୍ଚାୟତ ଭୋଟ ବେଳେ ପଶ୍ଚିମବଙ୍ଗରେ ଘଟିଥିବା ହିଂସାର ଆକାରକୁ ଦେଖିଲେ ବାସ୍ତବ ସ୍ଥିତି ଜଣାପଡ଼ିଛି ବୋଲି ରାଜ୍ୟ ଭାଜପା ମୁଖପାତ୍ର ସମିକ୍ ଭଟ୍ଟାଚାର୍ଯ୍ୟ କହିଛନ୍ତି।

**କରଞ୍ଜିଆ ବ୍ଲକର ବିଜେଡି ସଂଯୋଜକ ଦଳରୁ ବହିଷ୍କୃତ**

ଭୁବନେଶ୍ୱର, ୫।୧୨(ସୁନିତ୍ ମିଶ୍ର): ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକର ବିଜେଡି ସଂଯୋଜକ ବିବେକାନନ୍ଦ ଦାସଙ୍କୁ ଦଳ ବିରୋଧୀ କାର୍ଯ୍ୟ ଲାଗି ଦଳରୁ ବହିଷ୍କାର କରାଯାଇଛି । ଏନେଇ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତରେ ବିଜେଡି ପକ୍ଷରୁ ମଙ୍ଗଳବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି।

# ଓଡ଼ିଶା ଏମ୍ଏସ୍ଏମ୍ଇ ବିକାଶ ନୀତି ସଂଶୋଧନକୁ ମଞ୍ଜୁରି

**ଭୁବନେଶ୍ୱର,୫।୧୨(ଅନିଲ ଦାସ)**

ରାଜ୍ୟରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ)ଗୁଡ଼ିକର ଉନ୍ନତି ପାଇଁ ୨୦୨୨ ନଭେମ୍ବର ୩୦ରୁ ଓଡ଼ିଶା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ନୀତି–୨୦୨୨ କାର୍ଯ୍ୟକାରୀ କରାଯାଉଛି। ଏହାର ସଫଳ କାର୍ଯ୍ୟକାରିତା ପାଇଁ ଏହି ନୀତିରେ ଥିବା କେତେକ ସଂଶୋଧନ ପ୍ରସ୍ତାବକୁ ମଙ୍ଗଳବାର କ୍ୟାବିନେଟରେ ଅନୁମୋଦନ କରାଯାଇଛି। ବର୍ତ୍ତମାନ କେତେକ ଉଦ୍ୟୋଗ ଭାରତ ସରକାରଙ୍କଠାରୁ ପ୍ରୋତ୍ସାହନ ପାଉଥିବାରୁ ରାଜ୍ୟ ସରକାରଙ୍କ ଉକ୍ତ ନୀତିରେ ଆର୍ଥିକ ପ୍ରୋତ୍ସାହନ ପାଇବାକୁ ଅଯୋଗ୍ୟ ବିବେଚିତ ହେଉଛନ୍ତି। ଏହି ସଂଶୋଧନ ଦ୍ୱାରା ଯଦି ରାଜ୍ୟ ଉଦ୍ୟୋଗ ବିକାଶ ନୀତି ଅଧିକ ପ୍ରୋତ୍ସାହନ ପ୍ରଦାନ କରନ୍ତି ତେବେ ଭାରତ ସରକାରଙ୍କ ପ୍ରୋତ୍ସାହନ ପାଇଥିଲେ ମଧ୍ୟ ଉଦ୍ୟୋଗଗୁଡ଼ିକ ବଳକା ପରିମାଣର ଆର୍ଥିକ ଲାଭ ରାଜ୍ୟ ସରକାରଙ୍କଠାରୁ ପାଇପାରିବେ। ବର୍ତ୍ତମାନ କେବଳ 'ଷ୍ଟାମ୍ପ ଡ୍ୟୁଟି' ଏବଂ 'ଲ୍ୟାଣ୍ଡ କନଭର୍ସନ ପ୍ରିମିୟମ' ଛାଡ଼ କରିବା ବ୍ୟବସ୍ଥା ଅଛି। ଏହି ସଂଶୋଧନ ଦ୍ୱାରା ପରିଶୋଧର ବ୍ୟବସ୍ଥା କରାଯାଇଛି। ଏହା ଏକ ଉଦ୍ୟୋଗୀକୁ ୨ଟି ବିକଳ୍ପ ଚୟନ କରିବାକୁ ସୁଯୋଗ ପ୍ରଦାନ କରିବ ଯଥା 'ଛାଡ଼' କିମ୍ବା 'ପରିଶୋଧ'। ଯେଉଁ ଉଦ୍ୟୋଗୀ ଛାଡ଼ ଆଦେଶକୁ ଅପେକ୍ଷା ନ କରି ସେମାନଙ୍କ ପ୍ରକଳ୍ପକୁ ବିଳମ୍ବ ନ କରିବାକୁ ଚାହିଁବେ ସେମାନେ ପ୍ରକଳ୍ପର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ପାଇଁ ଷ୍ଟାମ୍ପ ଡ୍ୟୁଟି ଏବଂ ଜମି ରୂପାନ୍ତର ପ୍ରିମିୟମ ଆଗ ଦେଇ ପରେ ପରିଶୋଧ ପାଇଁ ଦରଖାସ୍ତ କରିପାରିବେ। ପ୍ରୋତ୍ସାହନ ପାଇଁ ବିଳମ୍ବରେ ଆବେଦନପତ୍ର ଦାଖଲ କରିବାର ସମୟ ସୀମାକୁ ୬୦ ଦିନ ଥିବାବେଳେ ଏହାକୁ ଆଉ ୨୦ ଦିନକୁ ବୃଦ୍ଧି କରାଯାଇଛି। ପରିବେଶ ଅନୁକୂଳ ଉତ୍ପାଦନ କାର୍ଯ୍ୟକଳାପକୁ ଉତ୍ସାହିତ କରିବା ପାଇଁ ପଲିଥିନ ରିସାଇକ୍ଲିଂ ଏବଂ ପ୍ଲାଷ୍ଟିକକୁ 'ନକାରାତ୍ମକ ତାଲିକା'ରୁ ହଟାଇ ଦିଆଯାଇଛି। ପ୍ୟାକେଜଡ ଡ୍ରିଙ୍କିଂ ୱାଟର କ୍ଷେତ୍ରରେ ବୃହତ୍ ପୁଞ୍ଜି ବିନିଯୋଗ (ଯଥା ୧ କୋଟିରୁ ଉର୍ଦ୍ଧ୍ୱ) ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହିତ କରାଯାଇଛି।

**କ୍ୟାବିନେଟ ନିଷ୍ପତ୍ତି**

### ବୋର୍ଡ ପରିଚାଳିତ ହାଇସ୍କୁଲ ଜାନୁୟାରୀ ପହିଲାରୁ ହେବ ସରକାରୀ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବୋର୍ଡ ହାଇସ୍କୁଲକୁ ଆସନ୍ତା ଜାନୁୟାରୀ ପହିଲାରୁ ସରକାରୀକରଣ କରାଯିବ। ଏହାଦ୍ୱାରା ବିଦ୍ୟାଳୟର ଭିତ୍ତିଭୂମି ବିକାଶ ତଥା ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ହୋଇପାରିବ। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିଛି।

### ସାମାଜିକ ସୁରକ୍ଷା ସେବା ବର୍ଗର ପୁନର୍ଗଠନ ପ୍ରସ୍ତାବକୁ ଅନୁମୋଦନ

ଓଡ଼ିଶା ସାମାଜିକ ସୁରକ୍ଷା ସେବା ବର୍ଗର ପୁନର୍ଗଠନ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ଦେଇଛି। ଭିନ୍ନକ୍ଷମ ବ୍ୟକ୍ତି, ବରିଷ୍ଠ ନାଗରିକ, ତୃତୀୟଲିଙ୍ଗୀ, ଭିକ୍ଷାବୃତ୍ତିରେ ନିୟୋଜିତ ବ୍ୟକ୍ତି, ନିଶାସକ୍ତ ବ୍ୟକ୍ତି, କୁଷ୍ଠରୋଗରେ ପୀଡ଼ିତ ଏବଂ ବିଧବା, ଅବିବାହିତ ତଥା ସ୍ୱାମୀ ପରିତ୍ୟକ୍ତା ମହିଳାମାନଙ୍କୁ ଅଧିକାର ସୁରକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟରେ ତତ୍କାଳୀନ ମହିଳା ଓ ଶିଶୁ ବିକାଶ ବିଭାଗର ବିଭାଜନ କରାଯାଇ ୨୦୧୫ ଜୁଲାଇ ୧ ତାରିଖରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଗଠନ କରାଯାଇଥିଲା। ଏହି ବିଭାଗର ଗଠନ ପରଠାରୁ ଓଡ଼ିଶା ସାମାଜିକ ସୁରକ୍ଷା ସେବା ବର୍ଗ ଅନ୍ତର୍ଗତ ଅଧିକାରୀମାନଙ୍କର କ୍ୟାଡର ଢାଞ୍ଚା ଅପରିବର୍ତ୍ତିତ ରହିଆସିଛି। ଦିବ୍ୟାଙ୍ଗଜନ ଅଧିକାର ଅଧିନିୟମ –୨୦୧୬ କାର୍ଯ୍ୟକାରୀ ହେବା ସହିତ ଭିନ୍ନକ୍ଷମ ବର୍ଗ ସଂଖ୍ୟା ୭ରୁ ୨୧କୁ ବୃଦ୍ଧି କରାଯାଇଛି। ଭିନ୍ନକ୍ଷମ ହିତାଧିକାରୀମାନଙ୍କ ସହିତ ଅନ୍ୟ ଅଂଶୀଦାରମାନଙ୍କ ସଂଖ୍ୟା ବହୁଗୁଣରେ ବୃଦ୍ଧି ପାଇଛି। ଶାସନ ବ୍ୟବସ୍ଥାର ୫–ଟି ମଡେଲ ଅଧୀନରେ ଉପରୋକ୍ତ ସମସ୍ତ ଅଂଶୀଦାରଙ୍କୁ ଦକ୍ଷ ଏବଂ ସମୟାନୁବର୍ତ୍ତୀ ସେବା ପ୍ରଦାନ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ସାମାଜିକ ସୁରକ୍ଷା ସେବା ବର୍ଗରେ ଅତିରିକ୍ତ ୫୩ ବ୍ଲକ

**ସୃଷ୍ଟି ହେଲା ୫୩ ବିଏସ୍ଏସ୍ଓ, ୨୭ ଏସ୍ଏସ୍ଏସ୍ଓ ପଦବୀ**

ସାମାଜିକ ସୁରକ୍ଷା ଅଧିକାରୀ(ବିଏସ୍ଏସ୍ଓ) ଏବଂ ୨୭ ସବ୍‌ଡିଭିଜନାଲ ସାମାଜିକ ସୁରକ୍ଷା ଅଧିକାରୀ (ଏସ୍ଏସ୍ଏସ୍ଓ) ପଦବୀ ସୃଷ୍ଟି କରାଯାଇଛି। ଏହାଛଡ଼ା ଅନ୍ୟୂନ ୧୦ଟି ବ୍ଲକ ବିଶିଷ୍ଟ ୧୬ ଜିଲାରେ ନୂତନ କରି ୧୬ଟି ଅତିରିକ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପଦବୀ ସୃଷ୍ଟି କରାଯାଇଛି। ରାଜ୍ୟ ମୁଖ୍ୟାଳୟରେ ଥିବା ୨ଟି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପଦବୀ(ବେତନ ସ୍ତର –୧୨) ଉଚ୍ଛେଦ କରାଯାଇ ୨ଟି ଉପ ନିର୍ଦ୍ଦେଶକ, ସାମାଜିକ ସୁରକ୍ଷା ଏବଂ ଗୋଟିଏ ଯୁଗ୍ମ ନିର୍ଦ୍ଦେଶକ, ସାମାଜିକ ସୁରକ୍ଷା ପଦବୀ ସୃଷ୍ଟି କରିବା ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଜନସାଧାରଣଙ୍କୁ ସହଜରେ ହୃଦୟଙ୍ଗମ କରିବା ପାଇଁ ଓଡ଼ିଶାର ପ୍ରତ୍ୟେକ ଜିଲାରେ ଥିବା ନିମ୍ନ ଅଦାଲତଗୁଡ଼ିକରେ ସିରସ୍ତାଦାର ପଦବୀଗୁଡ଼ିକୁ ରୂପାନ୍ତର କରି ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ଶବ୍ଦ ବ୍ୟବହାର କରିବା ପାଇଁ ଓଡ଼ିଶା ସବ୍‌ଅର୍ଡିନେଟ୍ କୋର୍ଟ କର୍ମଚାରୀ(ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତ) ନିୟମ, ୨୦୦୮ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି।




ନବୀନ ନିବାସରେ ବିଜୁ ବାବୁଙ୍କ ଗାଡ଼ି 'କଳିଙ୍ଗ ରଥ' ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

## ଜେଲରେ ୧୦ଦିନ ପରେ ଜଣାଗଲା ନାବାଳକ

### ଜନ୍ମ ତାରିଖରେ ପୋଲିସର ସାଂଘାତିକ ଭୁଲ୍

**ବ୍ରହ୍ମପୁର,୫।୧୨(ସୁବାସ ଚନ୍ଦ୍ର ପାଢ଼ୀ)**

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ପଞ୍ଚମା ଗ୍ରାମରେ ବାପା–ପୁଅଙ୍କୁ ହତ୍ୟା ଉଦ୍ୟମ ମାମଲାରେ ଗିରଫ ହୋଇ ଜେଲରେ ଥିବା ଅଭିଯୁକ୍ତ ଜଣେ ନାବାଳକ ବୋଲି ୧୦ଦିନ ପରେ ମଙ୍ଗଳବାର ଜଣାପଡ଼ିଛି। ତଦନ୍ତକାରୀ ଅଧିକାରୀ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିବା ବେଳେ ଜନ୍ମ ତାରିଖରେ ଭୁଲ ଦର୍ଶାଇଥିବା କାରଣରୁ ଏପରି ହୋଇଛି। ଗତ ସେପ୍ଟେମ୍ବର ୨୧ ତାରିଖରେ ପଞ୍ଚମା ଗାଁରେ ଗଣେଶ ପୂଜା ବେଳେ ରଣ୍ଡା ଅଞ୍ଚଳର କେତେଜଣ ଯୁବକ ଦାଦାଗିରି ଦେଖାଉଥିଲେ। ଗ୍ରାମର ଭୀମ ପ୍ରଧାନ ଏହାର ପ୍ରତିବାଦ କରିବାରୁ ରାଜେଶ ଦାସ ଓ ତାଙ୍କର ସହଯୋଗୀମାନେ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ସେହି ସନ୍ଧ୍ୟାରେ ଅଭିଯୁକ୍ତମାନେ ଭୀମଙ୍କ ଘର ନିକଟକୁ ଯାଇଥିଲେ। ଭୀମ ନ ଥିବାବେଳେ ତାଙ୍କ ବୃଦ୍ଧ ବାପା ନିରଞ୍ଜନ ପ୍ରଧାନଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ। ପରେ ଭୀମ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ଫେରାର ଥିବା ଅଭିଯୁକ୍ତଙ୍କୁ ଗୋଳନ୍ଥରା ପୋଲିସ ଗତ ୨୫ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଥିଲା। ପରିବାର ଲୋକେ ତାଙ୍କୁ ନାବାଳକ ବୋଲି ଦାବି କରି ତାଙ୍କ ଓକିଲ ସୌରଭ ମୁଦୁଲିଙ୍କୁ ଜଣାଇଥିଲେ। ମୁଦୁଲି ଏ ନେଇ ଜେଏମ୍ଏଫସି (ଗ୍ରାମାଞ୍ଚଳ) କୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। କୋର୍ଟ ଏହାର ଶୁଣାଣି କରିବା ସହ ଜନ୍ମ ପ୍ରମାଣପତ୍ର ଦାଖଲ କରିବାକୁ ଆଦେଶ ଦେଇଥିଲେ। ଅଭିଯୁକ୍ତ ପଢ଼ୁଥିବା ଏକ ସ୍କୁଲର ଟ୍ରାନ୍ସଫର ସାର୍ଟିଫିକେଟ (ଟିସି) ବାହାର କରିଥିଲେ। ସେଥିରେ ତାଙ୍କ ଜନ୍ମ ତାରିଖ ୨୦୦୬ ଅଗଷ୍ଟ ୪ ବୋଲି ଲେଖାଯାଇଥିଲା। ଜନ୍ମ ତାରିଖ ଅନୁସାରେ ଗିରଫ ସମୟରେ ନାବାଳକଙ୍କୁ ୧୭ ବର୍ଷ ୩ମାସ ୨୧ ଦିନ ହୋଇଥିଲା ବୋଲି ଓକିଲ ମୁଦୁଲି ସୂଚନା ଦେଇଛନ୍ତି। କୋର୍ଟ ନିର୍ଦ୍ଦେଶରେ ମାମଲାର ତଦନ୍ତକାରୀ ଅଧିକାରୀ ତାଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ଼ରେ ହାଜର କରିଥିଲେ। ପରେ ନାବାଳକଙ୍କୁ ବ୍ରହ୍ମପୁର ସ୍ୱତନ୍ତ୍ର ପର୍ଯ୍ୟବେକ୍ଷଣ ଆବାସକୁ ପଠାଇ ଦିଆଯାଇଛି।

## ଜାହାଜରୁ ୨୨୦ କୋଟି ଟଙ୍କାର କୋକେନ ଜବତ ଘଟଣା | ତଦନ୍ତରେ ବାଧା ଭିଏତ୍‌ନାମୀ ଭାଷା

- ଜାହାଜ ମାଲିକ ଓକିଲ ପଠାଇଲେ
- ଜାହାଜରୁ ସାମଗ୍ରୀ ନେବା ଭିଡିଓ ଭାଇରାଲ

**ପାରାଦୀପ,୫।୧୨(ଶରତ ରାଉତ)**

ପାରାଦୀପ ବନ୍ଦର ପିଆଇସିଟି (ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ) ବର୍ଥରୁ ନଭେମ୍ବର ୩୦ ରାତିରେ 'ଏମ୍‌ଭି ଦେବୀ' ନାମକ ପଣ୍ୟବାହୀ ଜାହାଜରୁ ୨୨୦ କୋଟି ଟଙ୍କାର ୨୨ ପ୍ୟାକେଟ୍ କୋକେନ ଜବତ କରାଯାଇଥିଲା। ଘଟଣା ଇତିମଧ୍ୟରେ ୫ ଦିନ ଅତିକ୍ରାନ୍ତ ହେଲାଣି। କିନ୍ତୁ ଉକ୍ତ କୋକେନ କେଉଁଠୁ ଓ କିପରି ଆସିଲା ତାହା ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଜଣାପଡ଼ିନାହିଁ। କଷ୍ଟମ୍ସ, କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍, ଏନ୍‌ସିବି ଓ ଆଇବି ତଦନ୍ତ ଚଳାଇଥିଲେ ହେଁ ରହସ୍ୟ ଉନ୍ମୋଚନ ହୋଇନାହିଁ। କଷ୍ଟମ୍ସ ବିଭାଗ ଏବେ ତଦନ୍ତ କରୁଥିବା ବେଳେ ଅନ୍ୟ ୩ ସଂସ୍ଥା ପାରାଦୀପରୁ ଫେରି ଗଲେଣି। କଷ୍ଟମ୍ସ ବିଭାଗର ଜଣେ ଅଧିକାରୀଙ୍କ ସହ ଆଲୋଚନା ବେଳେ ସେ କହିଛନ୍ତି, ଜାହାଜରେ ଥିବା କ୍ୟାପ୍‌ଟେନ ଓ ୨୧ ଜଣ ନାବିକ ଭିଏତ୍‌ନାମ ନାଗରିକ। ସେମାନଙ୍କ ଭାଷା ବୁଝି ହେଉନାହିଁ। ସେଥିପାଇଁ ଜଣେ ଭାଷା ବିଶେଷଜ୍ଞଙ୍କ ଜରିଆରେ ପ୍ରତ୍ୟେକଙ୍କ ବୟାନ ରେକର୍ଡ କରାଯାଉଛି। ଜାହାଜ ପୂର୍ବପରି ବର୍ଥରେ ରହିଛି। ସେଥିରେ ପ୍ରାୟ ୫ ହଜାର ମେଟ୍ରିକଟନ ଷ୍ଟିଲ କାର୍ଗୋ ବୋଝେଇ ହୋଇ ରହିଛି। ମଙ୍ଗଳବାର ଜାହାଜ ମାଲିକ ଦୁଇଜଣ ଓକିଲଙ୍କୁ ନେଇ ଘଟଣା ସ୍ଥଳକୁ ଆସିଥିଲେ। ମାମଲା ରୁଜୁ ହୋଇ ନ ଥିବାରୁ ଓକିଲ ବିଶେଷ କିଛି ପଦକ୍ଷେପ ନେଇନାହାନ୍ତି। ଯେଉଁ କ୍ରେନ୍ କ୍ୟାବିନ ମଧ୍ୟରେ କୋକେନ ମିଳିଥିଲା ତାହା ସେମିତି ରହିଛି। ସମ୍ଭାବ୍ୟ ବାତ୍ୟା ଯୋଗୁ ଅନୁମତି ମିଳିବା ପରେ କ୍ରେନକୁ ସ୍ୱାଭାବିକସ୍ତରକୁ ନିଆଯାଇଛି। ରପ୍ତାନିକାରୀ ସଂସ୍ଥା ଜେଏସ୍‌ପିଏଲ୍ ଜାହାଜରେ ବୋଝେଇ ହୋଇଥିବା କାର୍ଗୋକୁ ଖାଲି କରିବା ପାଇଁ ଉଦ୍ୟମ ଚଳାଇଥିବା ଜଣାପଡ଼ିଛି। ଇତିମଧ୍ୟରେ ଆଉ ଏକ ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଜଣେ ଶ୍ରମିକ ଗୋଟିଏ ଜାହାଜରୁ କିଛି ଚୋରି କରି ବାହାରକୁ ଆଣୁଥିବା ଭିଡିଓ ଭାଇରାଲ ହେଉଛି। କିନ୍ତୁ କେଉଁ ଜାହାଜର ଏହି ଦୃଶ୍ୟ ତାହା ଅସ୍ପଷ୍ଟ ରହିଛି। ଶ୍ରମିକ ଜଣକ ପାରାଦୀପର ବୋଲି ଜଣାପଡ଼ିଛି।

## କର୍ପୋରେଟରମାନଙ୍କ କଶ୍ମୀର ଗସ୍ତ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

**ଭୁବନେଶ୍ୱର, ୫।୧୨(ସୁନିତ୍ ମିଶ୍ର)**

ମୁଣ୍ଡ ଉପରେ ବାତ୍ୟା। ରାଜ୍ୟ ସରକାର ସମସ୍ତ ବିଭାଗକୁ ସଜାଗ ରହିବା ପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏଭଳି ସମୟରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ଅଧିକାରୀ ତଥା କର୍ପୋରେଟରମାନେ ଏଭଳି ନିଜର ଦାୟିତ୍ୱକୁ ସମ୍ପୂର୍ଣ୍ଣ ଏଡ଼ାଇ କଶ୍ମୀର ବୁଲିବାକୁ ଯିବା କେତେଦୂର ଯୁକ୍ତିଯୁକ୍ତ ଓ ଗ୍ରହଣୀୟ ତାକୁ ନେଇ ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ ପ୍ରଶ୍ନ କରିଛନ୍ତି। ଏକ୍ସପୋଜର ଭିଜିଟ ଏକ ବାହାନା। ପ୍ରକୃତ କଥା ଶୀତଦିନେ କଶ୍ମୀର ବରଫର ମଜା ନେବା ଓ ସବୁ ଅଞ୍ଚଳ ବୁଲାବୁଲି କରି ମୌଜ ମଜଲିସ୍ କରିବା। ମହାନଗର ନିଗମର ବରିଷ୍ଠ ଅଧିକାରୀ ମଧ୍ୟ ସରକାରୀ ଅର୍ଥକୁ ନିଜ ଖୁସି ଓ ମଜଲିସ ପାଇଁ ଖର୍ଚ୍ଚ କରିବାକୁ ପଛାଉ ନାହାନ୍ତି। ନିର୍ବାଚନ ପୂର୍ବରୁ କର୍ପୋରେଟରମାନଙ୍କୁ ଖୁସି କରିବା ପାଇଁ ସରକାରୀ ଅର୍ଥ ଖର୍ଚ୍ଚ କରିବା ଏ ରାଜ୍ୟର ନୂଆ ଟ୍ରାନ୍ସଫରମେଶନ ନୀତି କି ବୋଲି ବିଶ୍ୱଜିତ୍ ପ୍ରଶ୍ନ କରିଛନ୍ତି।

## ବାତ୍ୟା ପ୍ରଭାବ: ପଥର ଖସି ମାଲବାହୀ ଟ୍ରେନ୍ କ୍ଷତିଗ୍ରସ୍ତ

- ୨ବଗି ଲାଇନଚ୍ୟୁତ
- ରେଳ ଚଳାଚଳ ବ୍ୟାହତ

**ନନ୍ଦପୁର/କୋରାପୁଟ, ୫।୧୨ (ଶଙ୍କର ପୂଜାରୀ/ଅମିତାଭ ବେହେରା)**

ବିଶାଖାପାଟଣାରୁ କିରାଣ୍ଡୁଲ ସଂଯୋଗ କରୁଥିବା ରେଳପଥ ଉପରେ ବାତ୍ୟା ମିଗ୍‌ଜୋମର ପ୍ରଭାବ ପଡ଼ିଛି। ଆନ୍ଧ୍ରର ଆରକୁ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ସନ୍ଧ୍ୟା ୫ଟା ୩୦ ମିନିଟ୍‌ରେ ଆରକୁ ଷ୍ଟେଶନ ଆଗକୁ ଥିବା ଶିବଲିଙ୍ଗପୁରମ୍ ଷ୍ଟେଶନ ନିକଟରେ ରେଳ ଧାରଣା ଉପରକୁ ପଥର ଓ ମାଟି ଅତଡ଼ା ଖସିଛି। ସେସମୟରେ ବିଶାଖାପାଟଣା ପଟୁ ଆସୁଥିବା ମାଲଗାଡ଼ି ରେଳ ଧାରଣାରେ ପଡ଼ିଥିବା ପଥର ସଂସ୍ପର୍ଶରେ ଆସି ଇଞ୍ଜିନ କ୍ଷତିଗ୍ରସ୍ତ ହୋଇ ୨ଟି ବଗି ଲାଇନଚ୍ୟୁତ ହୋଇଛି। ଫଳରେ କୋରାପୁଟ ପଟୁ




କ୍ଷତିଗ୍ରସ୍ତ ହୋଇଥିବା ଇଞ୍ଜିନ ଓ ଲାଇନଚ୍ୟୁତ ହୋଇଥିବା ବଗି।

ଯାଉଥିବା ପାସେଞ୍ଜର ଟ୍ରେନ୍ ଆରକୁ ଷ୍ଟେଶନ ନିକଟରେ ଅଟକି ରହିଛି। ବିଶାଖାପାଟଣା ଓ କୋରାପୁଟ ପଟୁ ଯାତାୟାତ କରିବାକୁ ଥିବା ୫ଟି ଟ୍ରେନ ଚଳାଚଳକୁ ବାତିଲ କରାଯାଇଛି। ୫ଟି ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇ ରାୟଗଡ଼ା ଦେଇ ଯାତାୟାତ କରିବାକୁ ଅନୁମତି ଦିଆଯାଇଛି। ଉଦ୍ଧାରକାରୀ ଦଳ ଓ ଯନ୍ତ୍ରାଂଶ ପହଞ୍ଚିଲେ ରେଳ ଧାରଣା ଉପରୁ ପଥର ଖଣ୍ଡ ହଟାଯିବ। ଲାଇନଚ୍ୟୁତ ଇଞ୍ଜିନ ଓ ବଗିକୁ ଧାରଣା ଉପରୁ ହଟାଇ ମରାମତି ପରେ ରେଳ ଚଳାଚଳ ସ୍ୱାଭାବିକ ହେବ ୱାଲଟିୟର ଡିଭିଜନ ଡିଆର୍‌ଏମ୍ ସୂଚନା ଦେଇଛନ୍ତି।

## ରାସ୍ତା ପାଇଁ ଡିଏଫ୍‌ଓ, ରେଞ୍ଜରଙ୍କୁ ୪ କି.ମି. ଚଲାଇଲେ ଆଦିବାସୀ ମହିଳା

**ନୟାଗଡ଼,୫।୧୨(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକର କଳାସଖମଣ ପଞ୍ଚାୟତର କଣାପାଙ୍ଗୁ, କପିଡା, ଡହଙ୍ଗୀ ପରି ୭ ଗାଁକୁ ସବୁଦିନିଆ ରାସ୍ତା ନାହିଁ। ୭ଟି ଗାଁରେ ପ୍ରାୟ ୩୦୦ ଆଦିବାସୀ ପରିବାର ବସବାସ କରନ୍ତି। କଳାସଖମଣଠାରୁ କଣାପାଙ୍ଗୁ ପର୍ଯ୍ୟନ୍ତ ୭ କି.ମି. ରାସ୍ତା ନିର୍ମାଣ ପାଇଁ ୭ ଗାଁର ଆଦିବାସୀ ମହିଳା ଏକଜୁଟ୍ ହୋଇଛନ୍ତି। ଏଥିପାଇଁ ସେମାନେ ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀ, ଦଶପଲ୍ଲା ରେଞ୍ଜର ସୁଦର୍ଶନ ଦେଉରୀ ଓ ଦଶପଲ୍ଲା ଫରେଷ୍ଟ କର୍ପୋରେଶନର ଏସ୍‌ଡିଏମ୍‌ଙ୍କୁ ୪ କି.ମି.ରାସ୍ତା ମଙ୍ଗଳବାର ଚଲାଇ ଚଲାଇ ଦେଖାଇଛନ୍ତି। ଗାଁରେ ସଭା କରି ୭ଟି ଗାଁ ରାସ୍ତା ନିର୍ମାଣକୁ ସଭାରେ ଡିଏଫ୍‌ଓଙ୍କ ଉପସ୍ଥିତିରେ ପାରିତ କରାଇ ନେଇଛନ୍ତି। ବୁଧବାରଠାରୁ ରାସ୍ତା କାମ ଆରମ୍ଭ ହେବ ଓ ଅନ୍ୟ ଦାବି ପୂରଣ ହେବ ବୋଲି ପ୍ରତିଶ୍ରୁତି ମିଳିବା ପରେ ବନ ବିଭାଗର ପଦାଧିକାରୀ, ଅଧିକାରୀ ଓ କର୍ମଚାରୀଙ୍କୁ ଗ୍ରାମବାସୀ ସମ୍ମାନର ସହ ଛାଡିଛନ୍ତି। ଗାଁ ରାସ୍ତା ନିର୍ମାଣ ପରେ ଫରେଷ୍ଟ କର୍ପୋରେଶନ କାଟିଥିବା ଗଛ ଗାଁ ରାସ୍ତା ଦେଇ ଯିବାକୁ ଗାଁ ଲୋକ ବନବିଭାଗର କଥାରେ ସହମତି ପ୍ରକାଶ କରିଛନ୍ତି।

## ରାଜମିସ୍ତ୍ରିଙ୍କୁ ହତ୍ୟା, ୩ ଅଟକ

**ଧରାକୋଟ, ୫।୧୨(ବିଷ୍ଣୁକେଶରୀ ଆଚାର୍ଯ୍ୟ)**

ଗଞ୍ଜାମ ଜିଲା ବଡ଼ଗଡ଼ ଥାନା ଅନ୍ତର୍ଗତ ମାଣିକପୁର ନିକଟସ୍ଥ ମହୁଲି ଗ୍ରାମ ଉପକଣ୍ଠରେ ଜଣେ ରାଜମିସ୍ତ୍ରିଙ୍କୁ ସୋମବାର ରାତିରେ ହତ୍ୟା କରାଯାଇଛି । ସେ ହେଲେ ବ୍ରହ୍ମପୁର ଆଙ୍କୁଲିର ମନୋଜ ବେହେରା (୨୬)। ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଗତ ଛଅ ମାସ ହେଲା ମନୋଜଙ୍କ ସହିତ ବ୍ରହ୍ମପୁର ଓ ଚିକିଟି ଅଞ୍ଚଳର ପ୍ରାୟ ୭ଜଣ ରାଜମିସ୍ତ୍ରି ମାଣିକପୁର ଛକ ନିକଟରେ ଏକ ଘର ଭଡ଼ା ନେଇ ବିଭିନ୍ନ ସ୍ଥାନରେ କାମ କରୁଥିଲେ। କିନ୍ତୁ ସେମାନଙ୍କ ମଧ୍ୟରେ ବେଳେ ବେଳେ କୌଣସି କାରଣରୁ ବଚସା ହେଉଥିଲା। ସୋମବାର ରାତିରେ ସମସ୍ତେ ମିଶି ନିକଟସ୍ଥ ଗ୍ରାମକୁ ଭୋଜି ଖାଇବା ପାଇଁ ଯାଇଥିଲେ। କେତେଜଣ ଭୋଜି ଖାଇ ଘରକୁ ଫେରିଥିଲା ବେଳେ ମନୋଜଙ୍କ ସହ ଅନ୍ୟ କେତେଜଣ ଫେରି ନ ଥିଲେ। ମଙ୍ଗଳବାର ସକାଳେ ମନୋଜଙ୍କ ମୃତଦେହ ମହୁଲି ଗ୍ରାମ ନିକଟ ହରଭାଙ୍ଗି କେନାଲ ବ୍ରିଜ୍ ତଳେ ପଡ଼ିଥିବା ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ ସନ୍ଧ୍ୟାରାଣୀ ସିଂ, ଶେରଗଡ଼ ଥାନା ଅଧିକାରୀ ବୀରେନ୍ଦ୍ର ଶିଆଳ, ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ଉମାଶଙ୍କର ସିଂ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତକ ମନୋଜଙ୍କୁ ଚିହ୍ନଟ କରାଯାଇଥିଲା। ପୂର୍ବ ଶତ୍ରୁତାକୁ ନେଇ ମନୋଜଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ମନୋଜଙ୍କ ବଡ଼ଭାଇ ମୁନା ବେହେରାଙ୍କ ଏତଲା ପରେ ପୋଲିସ ନଂ. ୫୩୫/୨୩ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଅନ୍ୟ ଫେରାର ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ୩ଟି ଟିମ୍ ଗଠନ କରିଛି।

**PARADIP PORT AUTHORITY**
**e-TENDER CALL NOTICE**
**No.EM/PED-42/2023**
No.EM/PED/TECH-22/2023/580
Date : 01/12/2023
Name of the work : " Management of Power Distribution System of Paradip Port Authority ". Estimated Cost : Rs.21,41,67,922/-. Last Date & time of submission of bid : dt.28/12/2023 up to 17:00 Hrs. Refer our website for details : https://eprocure.gov.in/eprocure/app.
Executive Engineer (E), PED - II
PPA/PR/67/2023-24, Dt.05/12/23

**ପୂର୍ବ ତଟ ରେଳପଥ**
(1)ST-OT-AMC-EI-ANSALDO-357, ତା.29.11.2023ରିଖ
କାର୍ଯ୍ୟର ନାମ: ତିନି ବର୍ଷ ସମୟାବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ମେସର୍ସ ଅନସାଲଡୋ ଏସ୍‌ଟିଏସ୍ ଟ୍ରାନ୍ସପୋର୍ଟେସନ୍ ସିଷ୍ଟମ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, ବାଙ୍ଗାଲୋର (ମେସର୍ସ Hitachi ରେଲ୍ ଏସ୍‌ଟିଏସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍) ଦ୍ୱାରା ଉତ୍ପାଦିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ ସିଷ୍ଟମ୍ ର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ନିମନ୍ତେ ବ୍ୟବସ୍ଥା ।
ଟେଣ୍ଡର ମୂଲ୍ୟ(₹): 6,87,95,706.06, EMD(₹): 4,94,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ(₹): 11,800/- (18% GST ଅନ୍ତର୍ଭୁକ୍ତ) ।
(2)ST-OT-AMC-IPS-HBL-358, ତା.29.11.2023ରିଖ
କାର୍ଯ୍ୟର ନାମ: ତିନି ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ମେସର୍ସ HBL ପାୱାର ସିଷ୍ଟମ୍ସ ଲିମିଟେଡ୍ ଦ୍ୱାରା ଉତ୍ପାଦିତ SMPS ଆଧାରିତ ସମନ୍ୱିତ ବିଦ୍ୟୁତ୍ ଯୋଗାଣ ପ୍ରଣାଳୀର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ନିମନ୍ତେ ବ୍ୟବସ୍ଥା ।
ଟେଣ୍ଡର ମୂଲ୍ୟ(₹): 1,00,70,213.76, EMD (₹): 2,00,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (₹): 5,900/- (18% GST ଅନ୍ତର୍ଭୁକ୍ତ) ।
ବିଡ୍ ଆରମ୍ଭ ହେବା ତାରିଖ: ତା.07.12.2023ରିଖ (ଉଭୟ ଟେଣ୍ଡର ନିମନ୍ତେ), ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.21.12.2023 ରିଖ 1100 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ୍
PR-849/O/23-24

**कार्यपालक अभियंता का कार्यालय**
**ग्रामीण कार्य विभाग,**
**कार्य प्रमण्डल, डालटनगंज**
Email Id-rwdpalamu@gmail.com, eerwdpalamu@gmail.com,
Phone No.-06562357595
पत्रांक................ दिनांक......................
प्रेस विज्ञिप्त
**PR No.-312499**
ग्रामीण कार्य विभाग, कार्य प्रमंडल, डालटनगंज के अधीन अल्पकालीन ई0 निविदा संख्या–06/2023–24/EE/RWD/DALTONGANJ, दिनांक 30.11.2023 के द्वारा आमंत्रित निविदा में क्रमांक 01, पैकेज संख्या RWD/DALTONGANJ/STPKG/10/23-24 एवं क्रमांक 02, पैकेज संख्या RWD/DALTONGANJ/STPKG/11/23-24 को अपरिहार्य कारणों से रद्द किया जाता है ।
कार्यपालक अभियंता,
ग्रामीण कार्य विभाग,
कार्य प्रमंडल, डालटनगंज ।
PR.NO.312728 District(23-24):D

**OFFICE OF THE EXECUTIVE ENGINEER**
**ROAD CONSTRUCTION DEPARTMENT**
**ROAD DIVISION, KHUNTI**
**e-Procurement Notice**
E_Tender Reference No. RCD/KHUNTI/ 1048 Date :- 05/12/2023

| | | |
|---|---|---|
| 1. | Name of the work | Improvement of Riding Quality Pavement of Khunti – Torpa – Kolebira (SH-03) Road from Km 5.00 to KM 56.00 (Total Length- 52.00 KM) (Carriageway – 10.00M) |
| 2. | Estimated Cost (Rs.) | Rs. 56,77,79,600.00 Rs. Fifty Six Crore Seventy Seven Lakh Seventy Nine Thousand Six Hundred only. |
| 3. | Bid Security (Rs.) | Rs. 56,78,000.00 Rs. Fifty Six Lakh Seventy Eight Thousand Only. |
| 4. | Cost of Document (Rs.) | Rs. 10,000.00 Rs. Ten Thousand Only. |
| 5. | Time of Completion | 10 (Ten) Months |
| 6. | Last date / Time for receipt of bids | 02/01/2024 up to 12:00 Noon |
| 7. | Date of Publication of Tender on website | 12/12/2023 at 10:30 A.M. |
| 8. | Name & Address of office Inviting tender | Executive Engineer, Road Construction Department, Road Division, Khunti |
| 9. | Contact no. of Procurement Officer | 06528-221215 |
| 10. | Helpline number of e-Procurement Cell | 0651-2401010 |

Note :- Estimated cost of tender can be increased or decreased
Further details can be seen on website http://jharkhandtenders.gov.in
Executive Engineer,
R.C.D., Road Division, Khunti
PR 312739 Road(23-24)#D

**DISTRICT PROJECT OFFICE, SAMAGRA SHIKSHA, PURI**
**(ODISHA SCHOOL EDUCATION PROGRAMME AUTHORITY (OSEPA))**
**(Department of School & Mass Education, Odisha)**
Phone: 06752-229275, Fax: 06752-233095
E-mail: dpcpurissa.opepa@nic.in, prgpurissa.opepa@nic.in
Letter No. 3915 Date: 05.12.2023
File No.: III-05/Civil/23 GST No. 21AAALD1372N1DL
www.osepa.odisha.gov.in
**TENDER CALL NOTICE**
Sealed tenders are invited in prescribed proforma from the reputed authorized firms/distributors/OEMs to undertake the supply and installation of Sanitary Napkin Vending Machine and incinerators as per specification given in the tender paper. The sealed tender papers will be received at the District Project Office, Samagra Shiksha, Puri on any working day till 22.12.2023 upto 2 P.M. through Speed Post/Registered Post/Courier only. The same will be opened on 22.12.2023 at 4.00 P.M. in the Office of the District Education Officer & DPC, Samagra Shkisha, Puri in presence of the bidders/their authorized representatives & office functionaries. The office will not be held responsible for any kind of postal dealy. The undersigned reserves the right to accept or reject any or all the tenders without assigning any reason thereof. The detailed specification, proforma and term and conditions are available on the website i.e. www.puri.nic.in & www.osepa.odisha.gov.in.
By Order of Collector & Chairman, Samagra Shiksha
Sd./- District Education Officer & DPC, SS, Puri

ଭାରତ ସରକାର/GOVERNMENT OF INDIA
ମହାକାଶ ବିଭାଗ/DEPARTMENT OF SPACE
ଭାରତୀୟ ମହାକାଶ ଗବେଷଣା ସଂଗଠନ/INDIAN SPACE RESEARCH ORGANISATION
ରାଷ୍ଟ୍ରୀୟ ସୁଦୂର ସମ୍ବେଦନ କେନ୍ଦ୍ର/NATIONAL REMOTE SENSING CENTRE
ବାଲାନଗର, ହାଇଦ୍ରାବାଦ/BALANAGAR, HYDERABAD
**ବିଜ୍ଞାପନ ସଂଖ୍ୟା: ଏନ୍‌ଆର୍‌ଏସ୍‌ସି/ଆର୍‌ଏମ୍‌ଟି/୩/୨୦୨୩ ତାରିଖ: ୦୬।୧୨।୨୦୨୩**
**ଚୁକ୍ତିଭିତ୍ତିକ କର୍ମନିଯୁକ୍ତି ପାଇଁ ଅଧିସୂଚନା**
**ADVERTISEMENT NO. NRSC/RMT/3/2023 Dt.06.12.2023**
**NOTIFICATION FOR CONTRACT EMPLOYMENT**
ଏନ୍‌ଆର୍‌ଏସ୍‌ସି ଚୁକ୍ତି ଭିତ୍ତିରେ ନିମ୍ନଲିଖିତ ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରୁଛି:
NRSC invites applications for following post(s) on Contract basis:

| ପଦବୀ କୋଡ୍ Post Code | ପଦବୀର ନାମ Name of the Post | ପଦବୀଗୁଡ଼ିକର ସଂଖ୍ୟା No. of Positions | ପରିଲାଭ Emoluments |
|---|---|---|---|
| ୧ | ନିରନ୍ତର ଉଡ଼ାଣ–ଯୋଗ୍ୟତା ପ୍ରବନ୍ଧକ Continuous Airworthiness Manager | ୦୧ | ଏକତ୍ରୀକୃତ ବେତନ ମାସିକ ଟ.୯୬,୦୦୦/– Consolidated Pay of Rs.96,000/- per month |
| ୨ | ଗୁଣବତ୍ତା ପ୍ରବନ୍ଧକ Quality Manager | ୦୧ | |

ବିସ୍ତୃତ ବିଜ୍ଞାପନ ପାଇଁ ପ୍ରାର୍ଥୀମାନଙ୍କୁ ଏନ୍‌ଆର୍‌ଏସ୍‌ସି ୱେବ୍‌ସାଇଟ୍ www.nrsc.gov.in ଦେଖିବାକୁ ପରାମର୍ଶ ଦିଆଯାଉଛି ।
For detailed advertisement candidates are advised to visit NRSC website: www.nrsc.gov.in
ମନେ ରଖିବା ପାଇଁ ମହତ୍ତ୍ୱପୂର୍ଣ୍ଣ ତାରିଖ/Important Date(s) to Remember:

| | |
|---|---|
| ଆବେଦନର ପ୍ରାରମ୍ଭିକ ତାରିଖ/Opening date for Application | ୦୬।୧୨।୨୦୨୩ |
| ଆବେଦନର ଶେଷ ତାରିଖ/Closing date for Application | ୨୬।୧୨।୨୦୨୩ |

"ସରକାର ଲିଙ୍ଗ ସନ୍ତୁଳନକୁ ଦର୍ଶାଉଥିବା ଏକ କାର୍ଯ୍ୟବଳ ଗଢ଼ିବା ପାଇଁ ପ୍ରୟାସରତ ଏବଂ ମହିଳା ପ୍ରାର୍ଥୀମାନଙ୍କୁ ଆବେଦନ କରିବା ପାଇଁ ପ୍ରୋତ୍ସାହିତ କରାଯାଉଛି ।
"Government strives to have a workforce which reflects gender balance and women candidates are encouraged to apply".
CBC 49112/12/0001/2324

# ସରିଲା କଟକ ବାଲିଯାତ୍ରା

**କଟକ, ୫।୧୨ (ସୁପ୍ରିୟା ପ୍ରିୟଦର୍ଶିନୀ)**

ଦୀର୍ଘ ୯ ଦିନ ଧରି ପ୍ରବଳ ଜନସମାଗମ ମଧ୍ୟରେ ଚାଲିଥିବା ଐତିହାସିକ କଟକ ବାଲିଯାତ୍ରା ମଙ୍ଗଳବାର ଶେଷ ହୋଇଛି। ଶେଷ ଦିନରେ ବାଲିଯାତ୍ରାର ଉପର ଓ ତଳପଡିଆ ଲୋକାରଣ୍ୟ ହୋଇଥିଲା। ଚଳିତବର୍ଷ ବାଲିଯାତ୍ରାରେ ୧,୪୦୦ରୁ ଅଧିକ ଷ୍ଟଲ ପଡ଼ିଥିବାବେଳେ ଓର୍‌ମାସ ପକ୍ଷରୁ ୪୦୦ରୁ ଊର୍ଦ୍ଧ୍ୱ ଷ୍ଟଲ ଖୋଲାଯାଇଥିଲା। କଟକ ସହର ସମେତ ବିଭିନ୍ନ ଜିଲାରୁ ଆସିଥିବା ଲୋକମାନେ ଚଟ୍‌ପଟି ଖାଦ୍ୟ ଖାଇବା ସହ ବିଭିନ୍ନ ଘରକରଣା ସାମଗ୍ରୀ କିଣାକିଣି କରିଥିଲେ। ଏଥିସହ ପିଲାମାନେ ଦୋଳିରେ ବସି ମଜା ଉଠାଇଥିଲେ। ବାଲିଯାତ୍ରାକୁ ପ୍ରଥମଥର ଆସିଥିବା ଫିସ୍ ଆକ୍ୱାରିୟମ ଟନେଲରେ ବିଭିନ୍ନ ପ୍ରକାରର ମାଛ ଦେଖିଥିଲେ। ବିଶେଷକରି କଟକ ଇନ୍ କଟକ ପ୍ୟାଭିଲିୟନ୍‌ରେ ସୃଷ୍ଟି ହୋଇଥିବା ଗ୍ରାମ୍ୟ ପରିବେଶ ଦେଖିବାକୁ



ବାଲିଯାତ୍ରାର ଶେଷ ଦିବସରେ ଲୋକାରଣ୍ୟ।

ଭୁଲି ନଥିଲେ। ସେଠାରେ କିଛି ସମୟ ଅଟକି ରହିବା ସହ ପରିବାର ସହ ସେଲ୍ଫି ଉଠାଇଥିଲେ। ଏହି ଅବସରରେ ବାଲିଯାତ୍ରାର ଗଣକବି ବୈଷ୍ଣବ ପାଣି ମଞ୍ଚ ଏବଂ ଅକ୍ଷୟ ମହାନ୍ତି ମଞ୍ଚରେ ସାଂସ୍କୃତିକ ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାର ଝଲକ ଏଠାରେ ଦେଖିବାକୁ ମିଳିଥିଲା। ବଲିଉଡ୍ ଏବଂ ଓଲିଉଡ୍ କଣ୍ଠଶିଳ୍ପୀଙ୍କ ମନଛୁଆଁ ସଙ୍ଗୀତରେ ଦର୍ଶକ ମତୁଆଲା ହୋଇଥିଲେ। ଉଭୟ ମଞ୍ଚରେ ପରିବେଷିତ ନୃତ୍ୟ, ସଙ୍ଗୀତକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ଦେଶର ବିଭିନ୍ନ ପ୍ରାନ୍ତରୁ ନାନା ରକମର ସାମଗ୍ରୀ ଧରି ବାଲିଯାତ୍ରାକୁ ଆସିଥିବା ବ୍ୟବସାୟୀ ଭଲ ବ୍ୟବସାୟ କରିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ଭିଡ ନିୟନ୍ତ୍ରଣ ପାଇଁ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସୂଚନାଯୋଗ୍ୟ, ଗତ ନଭେମ୍ବର ୨୭ରୁ ଆରମ୍ଭ ହୋଇଥିବା ବାଲିଯାତ୍ରା ଡିସେମ୍ବର ୪ ତାରିଖରେ ଶେଷ ହେବାର ଥିଲା। ହେଲେ ଲୋକଙ୍କ ସମାଗମ ଓ ଆଗ୍ରହକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ବାଲିଯାତ୍ରା ଅବଧି ୨ ଦିନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲିଯାତ୍ରାର ଅବଧି ଆଉ ଗୋଟିଏ ଦିନ ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଥିଲେ। ଏ ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ନେବା ଲାଗି ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

## ପୋଡୁଆଁ ହେଲେ କପିଳନାଥ ଦେବ



**ପୁରୁଣା ଭୁବନେଶ୍ୱର,୫।୧୨ (ସୁବାସ ଚନ୍ଦ୍ର ପ୍ରଧାନ)**

ପ୍ରଥମାଷ୍ଟମୀ ଅବସରରେ ମଙ୍ଗଳବାର ପ୍ରଭୁ କପିଳନାଥ ଦେବ ପୋଢଆଁ ହୋଇଛନ୍ତି। ପ୍ରାତଃରୁ ଠାକୁରଙ୍କ ଅନ୍ୟାନ୍ୟ ନୀତି କରାଯାଇଥିଲା। ସକାଳ ଧୂପରେ ପ୍ରଭୁ କପିଳନାଥଙ୍କ ୩ ଧଳା ମଠାଜୋଡ଼, ମା'ପାର୍ବତୀଙ୍କୁ ନାଲି ଶାଢ଼ୀ ଲାଗି କରି ପତୁଆଁ କରିଥିଲେ ପୂଜକ। ସୂଚନାଥାଉ କି, ସୋମବାର ଶ୍ରୀ କପିଳନାଥଙ୍କ ମାମୁ ଘର କୈବର୍ତ୍ତ ସାହି ଝୁଣ୍ଟୁକେଶ୍ୱର ଦେବଙ୍କ ପକ୍ଷରୁ ପୋଡୁଆଁ ପାଇଁ ନୂତନ ବସ୍ତ୍ର ଆସିଥିଲା। ଘଣ୍ଟ ଘଣ୍ଟା, ମଶାଲ, ବାଜା, ବାଣ, ରୋଷଣୀ ଶୋଭାଯାତ୍ରାରେ ଏହି ନୂତନ ବସ୍ତ୍ର ଝୁଣ୍ଟୁକେଶ୍ୱର ପୀଠରୁ ସେବାୟତମାନେ ଧରି କପିଳେଶ୍ୱର ମନ୍ଦିରରେ ପହଞ୍ଚିଥିଲେ। ଏଥିରେ କର୍ପୋରେଟର ଚନ୍ଦ୍ରଶେଖର ମଲିଆ, ଶିବ ପ୍ରସାଦ ବେହେରା, କୈବର୍ତ୍ତ ସାହି ଦୁର୍ଗାପୂଜା ସମିତି ସମ୍ପାଦକ ଲକ୍ଷ୍ମୀଧର ବେହେରା, ନିରଞ୍ଜନ ମହଲିକ, ବୃନ୍ଦାବନ ବେହେରା, ଜିତେନ ସେନାପତି, ବାସୁଦେବ ବେହେରା, ରାଧାକାନ୍ତ ବେହେରାଙ୍କ ସମେତ କୈବର୍ତ୍ତ ସାହି ଗ୍ରାମବାସୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବିଏଏଫ୍‌ଟିଏ ବ୍ରେକ୍‌ଥ୍ରୋରେ ଓଡ଼ିଶାର ଲିପିକା

**ଭୁବନେଶ୍ୱର,୫।୧୨ (ଶର୍ମିଷ୍ଠା ପାଣିଗ୍ରାହୀ)**

ବ୍ରିଟିଶ୍ ଏକାଡେମୀ ଅଫ୍ ଫିଲ୍ମ ଆଣ୍ଡ ଟେଲିଭିଜନ (ବିଏଏଫ୍‌ଟିଏ) ପକ୍ଷରୁ ବ୍ରେକ୍‌ଥ୍ରୋ-୨୦୨୩ ଘୋଷଣା କରାଯାଇଛି। ଏଥିରେ ଭାରତ, ୟୁକେ, ୟୁଏସ୍‌ଏ ପ୍ରଭୃତି ରାଷ୍ଟ୍ରରୁ ୧୦ ବ୍ୟକ୍ତିଙ୍କୁ ମନୋନୀତ କରାଯାଇଛି। ଓଡ଼ିଶାର ଝିଅ ଲିପିକା ସିଂ ଦରାଇ ଏଥିରେ ମନୋନୀତ ହୋଇ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ମୟୂରଭଞ୍ଜ ଡମସାହିରେ ଜନ୍ମିତ ଲିପିକା ଜଣେ ଫିଲ୍ମ ନିର୍ମାତା ଭାବେ ବେଶ୍ ଜଣାଶୁଣା। ସେ ୪ଟମ ଜାତୀୟ ପୁରସ୍କାର ହାସଲ କରିଛନ୍ତି। ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟ ଅଫ୍



ଇଣ୍ଡିଆ(ଏଫ୍‌ଟିଆଇଆଇ)ରୁ ସେ ଫିଲ୍ମ ଉପରେ ଶିକ୍ଷା ଲାଭ କରିଛନ୍ତି। ସାଉଣ୍ଡ ରେକର୍ଡିଂ ଉପରେ ସେ ବିଶେଷ ଶିକ୍ଷା ଲାଭ କରିଛନ୍ତି। ୨୦୧୨ରେ ତାଙ୍କର ପ୍ରଥମ ଫିଲ୍ମ 'ଏକ ଗଛ ଏକ ମଣିଷ ଏକ ସମୁଦ୍ର' ସମେତ ୨୦୧୪ରେ 'କଙ୍କି ଓ ସାପ', ୨୦୧୭ରେ 'ଦ ୱାଟର୍‌ଫଲ୍' ଭଳି ଫିଲ୍ମରେ ସେ ନିର୍ଦ୍ଦେଶିକା ଏବଂ ରେକର୍ଡିଷ୍ଟ ଭାବେ କାମ କରିଛନ୍ତି। ଏହି ଫିଲ୍ମଗୁଡ଼ିକ ମଧ୍ୟ ଜାତୀୟ ପୁରସ୍କାର ହାସଲ କରିଛି। 'ଦ ୱାଟର୍‌ଫଲ୍' ଫିଲ୍ମ ଜାତୀୟ ପୁରସ୍କାର ପାଇବା ପରେ ଏହା ଭାରତର ୭୦୦ ସ୍କୁଲରେ ପ୍ରଦର୍ଶିତ ହୋଇଥିଲା। ପୂର୍ବରୁ ଓଡ଼ିଶାକୁ ଜାତୀୟ ସ୍ତରରେ ପହଞ୍ଚାଉଥିବା ଲିପିକା ଏଥର ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାକୁ ପହଞ୍ଚାଇଛନ୍ତି। ବିଏଏଫ୍‌ଟିଏ ପାଇଁ ପ୍ରଥମ ପର୍ଯ୍ୟାୟରେ ମୋଟ ୪୨ଜଣ ମନୋନୀତ ହୋଇଥିଲେ। ବିଏଏଫ୍‌ଟିଏର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜେନ ମିଲିଚିପ ରହିଛନ୍ତି। ଗତ ଦୁଇବର୍ଷ ଧରି ନେଟଫ୍ଲିକ୍ସ ସହ ଭାଗୀତାରେ ବିଏଏଫ୍‌ଟିଏ ହୋଇଆସୁଛି।





୫-ଟି ଏବଂ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ସାକ୍ଷାତ୍ କରି ଅଭିନନ୍ଦନ ଜଣାଉଛନ୍ତି ମନ୍ତ୍ରୀ ରୀତା ସାହୁ ଏବଂ ବିଜେଡି ନେତା ନଳନୀକାନ୍ତ ପ୍ରଧାନ।

## ପ୍ରେମିକାଙ୍କ ଘରୁ ପ୍ରେମିକଙ୍କ ମୃତଦେହ ଜବତ

**ପୁରୁଣା ଭୁବନେଶ୍ୱର(ସୁବାସ ଚନ୍ଦ୍ର ପ୍ରଧାନ)/ ଭୁବନେଶ୍ୱର(ସତ୍ୟଜିତ୍ ରାଉତ) ୫।୧୨**

କିଛି ମାସ ପରେ ବାହାଘର ହୋଇଥାନ୍ତା। ଦୁଇ ପରିବାର ସମ୍ପର୍କର ଡୋରିରେ ବାନ୍ଧି ହୋଇଯାଇଥିଲେ। ହେଲେ ନୂଆ ଜୀବନ ଆରମ୍ଭ କରିବା ପୂର୍ବରୁ ପ୍ରେମିକଙ୍କ ଜୀବନ ଦୀପ ଲିଭି ଯାଇଛି। ଭୁବନେଶ୍ୱର ଲିଙ୍ଗିପୁର ଇନ୍ଦିରା କଲୋନୀରେ ପ୍ରେମିକାଙ୍କ ଭଡ଼ାଘରୁ ସନ୍ଦେହଜନକ ଅବସ୍ଥାରେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ପୁରୀ ଜିଲା ନିମାପଡ଼ା ନମ୍ବିଲୋର ପୁପୁନ ସ୍ୱାଇଁ(୨୮)। ସୋମବାର ଏହି ଘଟଣା ଘଟିଥିବା ବେଳେ ଧଉଳି ଥାନା ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରପକ୍ଷରେ ପୁପୁନଙ୍କୁ ତଣ୍ଟିଚିପି ହତ୍ୟା କରାଯାଇଥିବା ଭାଇ ଦିପୁ ସ୍ୱାଇଁ ଧଉଳି ଥାନାରେ ଏତଲା ଦେଇଛନ୍ତି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଏକ ହତ୍ୟା ମାମଲା(ନଂ.୨୪୪/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ଆତ୍ମହତ୍ୟା ଉଦ୍ୟମ ଯୋଗୁ ପୁପୁନଙ୍କ ତଣ୍ଟିରେ



ପୁପୁନ ସ୍ୱାଇଁ

ଚିହ୍ନ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ ଚିତ୍ତରଞ୍ଜନ ରାଉତ କହିଛନ୍ତି।

ସୂଚନା ଅନୁଯାୟୀ, ପୁପୁନ ରାଜମିସ୍ତ୍ରି ଭାବେ କାମ କରନ୍ତି। ସେ ଖୋର୍ଦ୍ଧା ଜିଲା ହଳଦିଆ ଅଞ୍ଚଳର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ଉକ୍ତ ଯୁବତୀ ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁରରେ ମା'ବାପାଙ୍କ ସହ ଭଡ଼ାଘରେ ରହୁଛନ୍ତି। ଯୁବତୀ ଏକ ଜନସେବା କେନ୍ଦ୍ରରେ କାମ କରନ୍ତି। ୨୦୧୭ରୁ ପୁପୁନ ଓ ଯୁବତୀଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ି ଉଠିଥିବାବେଳେ ୨୦୨୧ରେ ବିବାହ ସ୍ଥିର ହୋଇଥିଲା। ହେଲେ ଭଉଣୀଙ୍କ ବାହାଘର ଯୋଗୁ ପୁପୁନ୍‌ଙ୍କ ବିବାହ ୨୦୨୪କୁ ଘୁଞ୍ଚି ଯାଇଥିଲା। ପୋଲିସକୁ ଯୁବତୀ ଦେଇଥିବା ବୟାନ ଅନୁଯାୟୀ, ସୋମବାର ଅପରାହ୍ନ ପ୍ରାୟ ୧ଟାଏ ବେଳେ ଇନ୍ଦିରା କଲୋନୀସ୍ଥିତ ତାଙ୍କ ଘରକୁ ପୁପୁନ ଆସିଥିଲେ। ଏହି ସମୟରେ ଯୁବତୀଙ୍କ ବାପା ଓ ମା' ଘରେ ନ ଥିଲେ। ପୁପୁନ ମଦ୍ୟପାନ କରିଥିବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। କିଛି ସମୟ ପରେ ଯୁବତୀ ରୋଷେଇ କରୁଥିବାବେଳେ ପୁପୁନ ଘର ବନ୍ଦ କରିଦେଇଥିଲେ। ପରେ ଯୁବତୀ ଜଣଙ୍କ କବାଟ ଖୋଲି ଦେଖିବାବେଳକୁ ପୁପୁନ ଫ୍ୟାନ୍‌ରେ ଓଢ଼ଣୀ ଦ୍ୱାରା ଝୁଲିଥିଲେ। ସେ ସଙ୍ଗେସଙ୍ଗେ ପୁପୁନଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରିଥିଲେ। ପରେ ପୁପୁନ୍‌ଙ୍କୁ ରୁମ୍‌ରେ ଶୁଆଇ ଯୁବତୀ ଅଫିସ ଚାଲିଯାଇଥିଲେ। ତେବେ ସନ୍ଧ୍ୟାରେ ପୁପୁନ ଫୋନ୍ କଲ୍ ନ ଉଠାଇବାରୁ ସନ୍ଦେହ କରି ଯୁବତୀ ଜଣଙ୍କ ଘରକୁ ଆସି ଦେଖିବା ବେଳକୁ ପୁପୁନ ଖଟରେ ମୃତ ଅବସ୍ଥାରେ ଶୋଇ ରହିଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

## ସିଫାରେ ମହିଳା କୃଷିଜୀବୀ ଦିବସ

**ବାଲକାଟୀ,୫।୧୨ (ମନୋଜ ମଣ୍ଡଳ)**

ସିଫା ଓ କୃଷି ବିଜ୍ଞାନ କେନ୍ଦ୍ର ଖୋର୍ଦ୍ଧାର ମିଳିତ ସହଯୋଗରେ କୌଶଲ୍ୟାଗଙ୍ଗସ୍ଥିତ କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥାନଠାରେ ମହିଳା କୃଷିଜୀବୀ ଦିବସ ପାଳିତ ହୋଇଯାଇଛି। ଏଥିରେ ସିଫା ନିର୍ଦ୍ଦେଶକ ଡ. ପି କେ ସାହୁ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ କେଭିକେର ମୁଖ୍ୟ ହରପ୍ରିୟା ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ କମ୍ୟୁନିଟି ସାଇନ୍ସର ଡିନ୍ ଡ. ତୃପ୍ତି ମହାନ୍ତି ଯୋଗଦେଇ ବିଭିନ୍ନ ସରକାରୀ ଯୋଜନା ଓ ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ବୈଷୟିକ ଅଧିକାରୀ ସୁକାନ୍ତି ବେହେରା ମହିଳା କୃଷିଜୀବୀଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ୫୫ ଜଣ କୃଷିଜୀବୀ ଅଂଶଗ୍ରହଣ କରିଥିଲେ। ୫ ସଫଳ ମହିଳା କୃଷିଜୀବୀଙ୍କୁ ସମ୍ମାନିତ କରାଯାଇଥିଲା। ଡ. ବି କେ ବଞ୍ଚା ଧନ୍ୟବାଦ ଦେଇଥିଲେ।

## ହ୍ୱାଇଟ୍ ସ୍ୱାଇଡର ଅଭିଯାନ: ନଭେମ୍ବରରେ ୧୮ ଗିରଫ

**ଭୁବନେଶ୍ୱର,୫।୧୨ (ସତ୍ୟଜିତ୍ ରାଉତ)**

ଭୁବନେଶ୍ୱରରେ ବେଆଇନ ନିଶା କାରବାରକୁ ରୋକିବାକୁ କମିଶନରେଟ୍ ପୋଲିସ ୨୦୨୧ରୁ 'ହ୍ୱାଇଟ୍ ସ୍ୱାଇଡର' ଅଭିଯାନ ଆରମ୍ଭ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ନଭେମ୍ବରରେ ମୋଟ୍ ୧୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ମଙ୍ଗଳବାର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ନଭେମ୍ବରରେ ଭୁବନେଶ୍ୱରରେ ବିଭିନ୍ନ ଥାନାରେ ରୁଜୁ ହୋଇଥିବା ୪ ବ୍ରାଉନସୁଗାର କାରବାର ମାମଲାରେ ୧୦ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୫୦ ଗ୍ରାମ୍ ବ୍ରାଉନସୁଗାର, ୩,୫୯୦ ଟଙ୍କା, ଗୋଟିଏ ବାଇକ୍ ଜବତ ହୋଇଛି। ସେହିପରି ୩ଗଞ୍ଜେଇ କାରବାର ମାମଲା ରୁଜୁ ହୋଇଥିବାବେଳେ ୮ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୬୦କେଜି ୧୩୦ ଗ୍ରାମ ଗଞ୍ଜେଇ, ୨୨,୫୦୦ ଟଙ୍କା, ୧୦ଟି ଗାଡ଼ି ଜବତ କରାଯାଇଛି।

## ଗୋପବନ୍ଧୁଙ୍କ ଜୀବନ ପୃଷ୍ଠା ସହ ଯୋଡ଼ିହେଲେ ଦର୍ଶକ

**ଭୁବନେଶ୍ୱର,୫।୧୨ (ଶର୍ମିଷ୍ଠା ପାଣିଗ୍ରାହୀ)**

### ନାଟକ ଉତ୍ସବ ଆରମ୍ଭ

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଯେତେ ଜାଣିଲେ ମଧ୍ୟ ଯେମିତି ଆଉ କିଛି ଜାଣିବା ବାକି ରହିଯାଏ। ଗୋପବନ୍ଧୁ ଜନ୍ମ ହେବା ଆଗରୁ ହିଁ ସେ ଯେ ନିଜକୁ ଜନସେବାରେ ସମର୍ପି ଦେବେ ତାହା ଏକ ପ୍ରକାର ଭବିଷ୍ୟବାଣୀ ହୋଇଥିଲା। ଜନ୍ମ ପରେ ମଧ୍ୟ ପଣ୍ଡିତ ତାଙ୍କ କୁଣ୍ଡଳି ଦେଖି ସେ କଥାକୁ ପୁଣି ଦୋହରାଇଥିଲେ। ଶୈଶବଠୁ ନେଇ ଯୌବନ, ଜୀବନର ପ୍ରତିଟି ସୋପାନରେ ସେବା ପାଇଁ ସମର୍ପିତ ଆଉ ସାହାଯ୍ୟ, ସହଯୋଗର ମଣିଷ ଭାବେ ଦୁଃଖୀରଙ୍କଙ୍କ ସାଥେ ଛିଡ଼ା ହେଉଥିଲେ ଗୋପବନ୍ଧୁ। ଓଡ଼ିଶାର ଦାରିଦ୍ର୍ୟ ବିରୋଧରେ ସେ ଯେଉଁ ସଂଗ୍ରାମ ଆରମ୍ଭ କରିଥିଲେ ତାହା ଆଜି ସେଇଠି ରହିଯାଇଛି। ତାଙ୍କ ଜୀବନର ପୃଷ୍ଠାକୁ ଯେତେ ଥର ଫେରିଲେ ଓଡ଼ିଆଙ୍କର ସେ ସ୍ୱରାଜ, ସ୍ୱାଭିମାନ, ସ୍ୱମାଟି, ସ୍ୱଭାଷା ପ୍ରୀତି ଆଜି ସତେ ଯେମିତି କେଉଁଠି ହଜିଯାଇଥିବା ପରିଲକ୍ଷିତ ହୁଏ। ମଙ୍ଗଳବାର ଗୋପବନ୍ଧୁଙ୍କ ଜୀବନୀ ଉପରେ ଆଧାରିତ ନାଟକ 'ଉତ୍କଳମଣି' ଦେଖିବା ପରେ ମନରେ ଏଭଳି ଅନେକ ଅସମାହିତ ପ୍ରଶ୍ନ ନେଇ ଫେରିଛନ୍ତି ଦର୍ଶକ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପାଞ୍ଚଦିନିଆ ନାଟକ ଉତ୍ସବ ସ୍ଥାନୀୟ ରବୀନ୍ଦ୍ରମଣ୍ଡପଠାରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଓଡ଼ିଶାର ପ୍ରବାଦପୁରୁଷ ଓ ସମାଜ ସଂସ୍କାରକଙ୍କ ଉତ୍କଳମଣି ଗୋପବନ୍ଧୁ ଜୀବନୀ ଉପରେ ଆଧାରିତ ବିଭିନ୍ନ ନାଟକ ୫ଦିନ ଧରି ପ୍ରଦର୍ଶନ କରାଯିବ। ବିଭାଗୀୟ କମିଶନର ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ୍ ଏହି ଉତ୍ସବକୁ ଉଦ୍‌ଘାଟନ କରି ଆଗକୁ ପ୍ରତ୍ୟେକ ଜିଲାରେ ଏଭଳି ନାଟକ ପରିବେଷଣ କରାଯିବ ବୋଲି କହିଛନ୍ତି। ଉତ୍ସବରେ ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଏକାଡେମୀର ଉପସଭାପତି ମନ୍ମଥ ଶତପଥୀ, ସଚିବ ପ୍ରବୋଧ ରଥ ଉପସ୍ଥିତ ଥିଲେ। ପଞ୍ଚାନନ ଦାଶ ନାଟକ ରଚନା କରିଥିବାବେଳେ ଅତିଶ କୁମାର ଶତପଥୀ ନିର୍ଦ୍ଦେଶନା ଦେଇଛନ୍ତି। ସମ୍ବଲପୁରର ଅଦୃଶ୍ୟ ନାଟ୍ୟ ଆଶ୍ରମ ପକ୍ଷରୁ ଏହାକୁ ପରିବେଷଣ କରାଯାଇଥିଲା। ଅଭିନୟରେ ନରେନ୍ଦ୍ର ବେହେରା, ଦଧିବାମନ ପଣ୍ଡା, ସୁବଳ ଚନ୍ଦ୍ର ବାଗ୍, ପ୍ଲାବନ ମିଶ୍ର, ଶୁଭମ୍ ମେହେର, ସଙ୍କେତ ପୁରୋହିତ, ଆଦିତ୍ୟ ଶାହା, ସୁବ୍ରତ ଅମାତ, ଉମାଶିଷ ବାଗ୍, ରାହୁଲ ଗୁପ୍ତା, ରାହୁଲ ମହାନନ୍ଦ, ପଙ୍କଜିନୀ ମେହେର, ସୁମିତ୍ରା ମହାକୁଡ଼, ଆକାଂକ୍ଷା ଦଣ୍ଡସେନା, ଆରାଧ୍ୟା ଶତପଥୀ, ସ୍ୱସ୍ତିକ ପଣ୍ଡା, ଶ୍ୱାଶତ ପଣ୍ଡା ପ୍ରମୁଖ ଅଭିନୟ କରିଥିଲେ। ସଙ୍ଗୀତରେ ଗିରିଜା ଶଙ୍କର ମିଶ୍ର, ଘନଶ୍ୟାମ ମେହେର, ସୁମିତ ପ୍ରଧାନ ଓ ଶ୍ୱେତା ଦାଶ ପ୍ରମୁଖ ସହଯୋଗ କରିଥିଲେ।



ନାଟକ 'ଉତ୍କଳମଣି'ର ଏକ ଦୃଶ୍ୟ। (ଫଟୋ: ମୌସମ ନନ୍ଦ)

## ଏଥର ନମନରେ ସମ୍ମାନିତ ହେବେ ମହିଳା ପୋଲିସ




ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

**ଭୁବନେଶ୍ୱର,୫।୧୨ (ଶର୍ମିଷ୍ଠା ପାଣିଗ୍ରାହୀ)**

ଆଇନ ଶୃଙ୍ଖଳା ରକ୍ଷା କରିବାଠୁ ନେଇ ଆମ ଜୀବନକୁ ସରଳ, ସୁନ୍ଦର ଓ ଶୃଙ୍ଖଳିତ କରିବାର ପ୍ରୟାସ ପୋଲିସ କର୍ମଚାରୀମାନେ ଜାରି ରଖିଥାନ୍ତି। ସେମାନଙ୍କ ସେବାକୁ ହୃଦୟରୁ ଧନ୍ୟବାଦ ଦେବା ପାଇଁ ଅନୁଷ୍ଠାନ 'ନମନ ଫାଉଣ୍ଡେଶନ' ପକ୍ଷରୁ ଆସନ୍ତା ୯ରେ ୭ମ ବାଟାଲିୟନ୍‌ଠାରେ ୨ୟ ନମନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମଙ୍ଗଳବାର ଏ ନେଇ ସ୍ଥାନୀୟ ଏକ ହୋଟେଲରେ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ହ୍ୱାଇଟ୍ କାନଭାସ୍, ପୋପା ଏବଂ ସ୍ମାଇଲ ପ୍ଲିଜ ଟ୍ରଷ୍ଟ ସହଯୋଗରେ ପୋଲିସ ଭଉଣୀଭାଇଙ୍କୁ ଏହି ଦିନଟି ସମର୍ପଣ କରାଯିବ। ଚଳିତ ବର୍ଷ ମହିଳା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ମାନିତ କରାଯିବ। ସମ୍ମିଳନୀରେ ଅଭିନେତା ତଥା ଅନୁଷ୍ଠାନର ଉପାଧ୍ୟକ୍ଷ ସବ୍ୟସାଚୀ ମିଶ୍ର, ଅଧ୍ୟକ୍ଷ ତଥା ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ ଏବଂ ମ୍ୟାନେଜିଂ ଟ୍ରଷ୍ଟି ଉଲ୍ଲାସ ବେହେରା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ୱତନ୍ତ୍ର ଶୈଳୀରେ ଉପସ୍ଥାପନ କରିବା ପାଇଁ ନମନ ଫାଉଣ୍ଡେଶନ ସମସ୍ତ ପ୍ରୟାସ ଜାରି ରଖିଛି ବୋଲି କର୍ମକର୍ତ୍ତାମାନେ କହିଥିଲେ।

## ବିଶ୍ୱ ଅର୍ଥନୀତି ପାଇଁ ବାୟୋଟେକ୍ନୋଲୋଜି ନୂତନ ଦିଗ ସୃଷ୍ଟି କରିଛି

**ଭୁବନେଶ୍ୱର,୫।୧୨ (ଶର୍ମିଷ୍ଠା ପାଣିଗ୍ରାହୀ)**

### ଗ୍ଲୋବାଲ ବାୟୋ ଇଣ୍ଡିଆ-୨୦୨୩ କନ୍‌କ୍ଲେଭ୍

ଓଡ଼ିଶାରେ ବାୟୋଟେକ୍ନୋଲୋଜିର ପରିସର ବ୍ୟାପକ ଏବଂ ଉଦ୍ୟୋଗ କ୍ଷେତ୍ରରେ ଏହାର ବିପୁଳ ସମ୍ଭାବନା ରହିଛି ବୋଲି ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଆୟୋଜିତ ଗ୍ଲୋବାଲ ବାୟୋ ଇଣ୍ଡିଆ-୨୦୨୩ କନ୍‌କ୍ଲେଭ୍‌ରେ ଓଡ଼ିଶା ପାଭିଲିଅନ୍ ଉଦ୍‌ଘାଟନ କରିବା ସହିତ ପ୍ଲେନାରି ଅଧିବେଶନରେ ଯୋଗଦେଇ ମନ୍ତ୍ରୀ ପଣ୍ଡା କହିଛନ୍ତି, ବିଶ୍ୱ ଅର୍ଥନୀତି ପାଇଁ ବାୟୋଟେକ୍ନୋଲୋଜି ନୂତନ ଦିଗ ସୃଷ୍ଟି କରିଛି। ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଓଡ଼ିଶା ବିଶେଷ ସଫଳତା ହାସଲ କରିଛି। ରାଜ୍ୟରେ ଥିବା ବ୍ୟାପକ ଜୈବ ସମ୍ପଦ, ଜଳ ସମ୍ବଳ ଓ ସାମୁଦ୍ରିକ ସମ୍ପଦ ବାୟୋଟେକ୍ନୋଲୋଜି ପରିସରକୁ ସମୃଦ୍ଧ କରିଛି। ଏଥିସହ ରାଜ୍ୟ ସରକାରଙ୍କ ଅନୁକୂଳ ଶିଳ୍ପନୀତି, ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ, ସ୍ୱତନ୍ତ୍ର ବାୟୋଟେକ୍ନୋଲୋଜି



ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଗ୍ଲୋବାଲ ବାୟୋ ଇଣ୍ଡିଆ-୨୦୨୩ କନ୍‌କ୍ଲେଭକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରୁଛନ୍ତି।

ପାର୍କ ଆଦି ଏହି କ୍ଷେତ୍ରକୁ ପ୍ରୋତ୍ସାହିତ କରିବାରେ ପ୍ରମୁଖ ଭୂମିକା ନେଇଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ବାୟୋ ଟେକ୍ନୋଲୋଜି ଶିଳ୍ପର ପ୍ରସାର ଲାଗି ବିଭିନ୍ନ ରାଜ୍ୟର ନୀତି ଓ ନିବେଶ କାର୍ଯ୍ୟକ୍ରମ ସମ୍ପର୍କରେ ଅନୁଷ୍ଠିତ ବିଶେଷ ଅଧିବେଶନରେ ବିଜ୍ଞାନ ଓ ବୈଷୟିକ ବିଭାଗର ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍ କହିଥିଲେ, ରାଜ୍ୟରେ ଥିବା ବିଭିନ୍ନ ଟେକ୍ନୋଲୋଜି ଇନ୍‌କ୍ୟୁବେଟର ମାଧ୍ୟମରେ ଷ୍ଟାର୍ଟଅପ୍‌ଗୁଡ଼ିକୁ ଉତ୍ସାହିତ କରାଯାଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଭୁବନେଶ୍ୱର ନିକଟସ୍ଥ ଅନ୍ଧାରୁଆଠାରେ ସ୍ୱତନ୍ତ୍ର ବାୟୋଟେକ୍ ପାର୍କ ନିର୍ମାଣ କରାଯାଇଛି ଓ ସେଠାରୁ ଆଗାମୀ ଦିନରେ ଭାରତ ବାୟୋଟେକ୍ କମ୍ପାନୀ ଟିକା ଉତ୍ପାଦନ କରିବ। ସରକାର ଏକ ସଂଶୋଧିତ ବାୟୋଟେକ୍ନୋଲୋଜି ନୀତି ଆଣିବାକୁ ଯାଉଛନ୍ତି। ବାୟୋକନ୍ ଇଣ୍ଡିଆ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷା କିରଣ ମଜୁମ୍‌ଦାର ଓଡ଼ିଶା ପାଭିଲିଅନ୍ ବୁଲି ଷ୍ଟାର୍ଟଅପ୍‌ଗୁଡ଼ିକୁ ପ୍ରଶଂସା କରିଥିଲେ। ଉଲ୍ଲେଖଯୋଗ୍ୟ, ପ୍ରଦର୍ଶନୀରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍‌ସ (ଆଇଏଲ୍‌ଏସ୍) ଏବଂ ଭୁବନେଶ୍ୱର ସିଟି ନଲେଜ ଇନୋଭେଶନ କ୍ଲଷ୍ଟର (ବିସିକେଆଇସି) ସମେତ ୧୦ଟି ପ୍ରମୁଖ ବାୟୋଟେକ୍ନୋଲୋଜି ଷ୍ଟାର୍ଟଅପ୍ ସାମିଲ ହୋଇଛନ୍ତି। ଗ୍ଲୋବାଲ ବାୟୋ ଇଣ୍ଡିଆ କାର୍ଯ୍ୟକ୍ରମରେ ବିଭାଗର ଯୁଗ୍ମ ସଚିବ ପୂଜା ମିଶ୍ର, ଉପନିର୍ଦ୍ଦେଶକ (ବାୟୋ ଟେକ୍ନୋଲୋଜି) ଡ. ଶଶିକାନ୍ତ ଦାଶ, ବୈଜ୍ଞାନିକ ଲକ୍ଷ୍ମୀନାରାୟଣ ପାଢ଼ୀ ଏବଂ ବିସିକେଆଇସିର ଅଧ୍ୟକ୍ଷ ଡ. ମୃତ୍ୟୁଞ୍ଜୟ ସୁଆରଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧି ଓ ଗବେଷକ ଯୋଗ ଦେଇଛନ୍ତି।

**ସଂକ୍ଷେପରେ**

## ପୋଢ଼ୁଆଁ ହେଲେ କପିଳନାଥ ଦେବ

ପୁରୁଣା ଭୁବନେଶ୍ୱର,୫।୧୨(ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରଥମାଷ୍ଟମୀ ଅବସରରେ ମଙ୍ଗଳବାର ପ୍ରଭୁ କପିଳନାଥ ଦେବ ପୋଢଆଁ ହୋଇଛନ୍ତି। ପ୍ରାତଃରୁ ଠାକୁରଙ୍କ ଅନ୍ୟାନ୍ୟ ନୀତି କରାଯାଇଥିଲା। ସକାଳ ଧୂପରେ ପ୍ରଭୁ କପିଳନାଥଙ୍କ ୩ ଧଳା ମଠାଜୋଡ଼, ମା'ପାର୍ବତୀଙ୍କୁ ନାଲି ଶାଢ଼ୀ ଲାଗି କରି ପଢୁଆଁ କରିଥିଲେ ପୂଜକ। ସୂଚନାଥାଉ କି, ସୋମବାର ଶ୍ରୀ କପିଳନାଥଙ୍କ ମାମୁ ଘର କୈବର୍ତ୍ତ ସାହି ଝୁଣ୍ଟୁକେଶ୍ୱର ଦେବଙ୍କ ପକ୍ଷରୁ ପୋଢୁଆଁ ପାଇଁ ନୂତନ ବସ୍ତ୍ର ଆସିଥିଲା। ଘଣ୍ଟ ଘଣ୍ଟା, ମଶାଲ, ବାଜା, ବାଣ, ରୋଷଣୀ ଶୋଭାଯାତ୍ରାରେ ଏହି ନୂତନ ବସ୍ତ୍ର ଝୁଣ୍ଟୁକେଶ୍ୱର ପୀଠରୁ ସେବାୟତମାନେ ଧରି କପିଳେଶ୍ୱର ମନ୍ଦିରରେ ପହଞ୍ଚିଥିଲେ। ଏଥିରେ କର୍ପୋରେଟର ଚନ୍ଦ୍ରଶେଖର ମଲିଆ, ଶିବ ପ୍ରସାଦ ବେହେରା, କୈବର୍ତ୍ତ ସାହି ଦୁର୍ଗାପୂଜା ସମିତି ସମ୍ପାଦକ ଲକ୍ଷ୍ମୀଧର ବେହେରା, ନିରଞ୍ଜନ ମହଲିକ, ବୃନ୍ଦାବନ ବେହେରା, ଜିତେନ ସେନାପତି, ବାସୁଦେବ ବେହେରା, ରାଧାକାନ୍ତ ବେହେରା ଉପସ୍ଥିତ ଥିଲେ।

## ଧର୍ମପରାୟଣା ମହିଳାଙ୍କ ପରଲୋକ

ବୋଲଗଡ଼,୫।୧୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଡାବରଧୁଆପାଟଣା ଗ୍ରାମର ଛାୟାମଣି ଦେବୀଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୯୩ ବର୍ଷ ହୋଇଥିଲା। ଛାୟାମଣି ଜଣେ ସ୍ନେହୀ, ପରୋପକାରୀ, ମିଷ୍ଟଭାଷୀ ଓ ଧର୍ମପରାୟଣା ମହିଳା ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଯିବା ପରେ ଗ୍ରାମ୍ୟ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ଅବସରପ୍ରାପ୍ତ ପ୍ରିନ୍ସିପାଲ ତଥା ପରମାନନ୍ଦ କଲେଜର ପରିଚାଳନା କମିଟି ସଭାପତି ସତ୍ୟନାରାୟଣ ରଥ ମୁଖାଗ୍ନି ଦେଇଥିଲେ।

## ହାତୀ ଆକ୍ରମଣରେ ଦୁଇଚାଷୀଙ୍କ ମୃତ୍ୟୁ ଘଟଣା: ରେଡ୍‌କ୍ରସ ପକ୍ଷରୁ ମିଳିଲା ସହାୟତା

ଟାଙ୍ଗୀ,୫।୧୨(ରଘୁନାଥ ସାହୁ)

ବିଲରେ ଧାନ ଫସଲ ଜଗିଥିବା ବେଳେ ଗତ ୩ ତାରିଖରେ ହାତୀ ଆକ୍ରମଣରେ ଦୁଇଜଣ ଚାଷୀଙ୍କ ମୃତ୍ୟୁ ଘଟିଥିଲା। ମୃତକଦ୍ୱୟ ହେଲେ ରାମଚନ୍ଦ୍ରପୁର ପଞ୍ଚାୟତ ବରିକୋ ଗ୍ରାମର ଲକ୍ଷ୍ମୀ ଧର ବେହେରା ଓ ପାରିଓରଡ ପଞ୍ଚାୟତ ଜରିଟାପୁ ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନ। ଏନେଇ ଟାଙ୍ଗୀ ଥାନାରେ ପୃଥକ୍ ଭାବେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଟାଙ୍ଗୀ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ରେଡ୍‌କ୍ରସ ପକ୍ଷରୁ ମୃତ ଚାଷୀଦ୍ୱୟଙ୍କ ପରିବାରକୁ ରାମଚନ୍ଦ୍ରପୁର ଆର୍‌ଆଇ ଅଙ୍କିତା ବାଲା ୧୦ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରିଛନ୍ତି। ତେବେ ଉଭୟ ପରିବାରର ଉତ୍ତରାଧିକାରୀଙ୍କୁ ୬୦ ହଜାର ଟଙ୍କା ଲେଖାଏ ମଙ୍ଗଳବାର ପ୍ରଦାନ କରାଯିବା ପାଇଁ ବନ ବିଭାଗ ରେଞ୍ଜର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସହାୟତା ରାଶି ପାଇନଥିବା ଦୁଇ ପରିବାର ଅଭିଯୋଗ କରିଛନ୍ତି।

# 'ମୃତ୍ତିକା ସ୍ୱାସ୍ଥ୍ୟର ସୁପରିଚାଳନା ଗୁରୁତ୍ୱପୂର୍ଣ୍ଣ'

### ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ

ଭୁବନେଶ୍ୱର, ୫।୧୨(ଅସମାପିକା ସାହୁ)

ସାରା ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଏକ ମୁଖ୍ୟ ସମସ୍ୟା ଭାବରେ ଉଭା ହୋଇଥିବାବେଳେ ମୃତ୍ତିକା ସ୍ୱାସ୍ଥ୍ୟର ସୁପରିଚାଳନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମୃତ୍ତିକାର ସ୍ୱାସ୍ଥ୍ୟ ପାଇଁ ପରମ୍ପରାଗତ କୃଷି ଏବଂ ଆଧୁନିକ କୃଷି ମଧ୍ୟରେ ଏକ ସମନ୍ୱୟ ଆଣିବା ଆବଶ୍ୟକ ବୋଲି କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି। ମଙ୍ଗଳବାର କୃଷି ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଢ଼ୀ କହିଲେ, ମୃତ୍ତିକା ପରୀକ୍ଷା ତଥା ଜୈବିକ କୃଷି ପ୍ରଣାଳୀ ବ୍ୟବହାର ଦ୍ୱାରା ମୃତ୍ତିକା ସ୍ୱାସ୍ଥ୍ୟ ଓ ଦୀର୍ଘକାଳୀନ ଫସଲର ଅଭିବୃଦ୍ଧି ହୋଇଥାଏ। ଏହି ପୃଷ୍ଠଭୂମିରେ ମାଟିର ସ୍ୱାସ୍ଥ୍ୟର ପୁନରୁଦ୍ଧାର ନିମନ୍ତେ ଏକ ସମନ୍ୱିତ ପ୍ରୟାସର ଆବଶ୍ୟକତା ରହିଛି, ଯାହାକି ନିରନ୍ତର ଫସଲ ଉତ୍ପାଦନ ଦିଗରେ ସହାୟକ ହୋଇପାରିବ।



ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଚିତ୍ରା ଅରୁମୁଗମ୍ କହିଲେ, ସୁସ୍ଥ ମାଟି ସଫଳ କୃଷିର ଆଧାର। ପରିବେଶରୁ ଉପୁଜୁଥିବା ଅଙ୍ଗାରକାମ୍ଳର କିଛି ଅଂଶକୁ ମାଟି ଶୋଷି ନେଇଥାଏ। ତେଣୁ ମୃତ୍ତିକାର ଅବକ୍ଷୟକୁ ରୋକିବା ଆବଶ୍ୟକ। ଗୋଟିଏ ଚାମଚ ମୃତ୍ତିକାରେ ଯେତେ ଅଣୁକୀଟାଣୁ ଅଛନ୍ତି ତାହା ପୃଥିବୀର ଜନସଂଖ୍ୟାଠାରୁ ମଧ୍ୟ ଅଧିକ। ଏହି ଦୃଷ୍ଟିରୁ ମୃତ୍ତିକାର ଅବକ୍ଷୟ ନିମନ୍ତେ ଜନସଚେତନତା ଜରୁରୀ ବୋଲି ଅରୁମୁଗମ୍ କହିଥିଲେ।

ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଲେ, ମୃତ୍ତିକା ଓ ଜଳବାୟୁ ଆଧାରରେ ଓଡ଼ିଶାରେ ଦଶଟି ଆଗ୍ରୋ-କ୍ଲାଇମେଟିକ ଅଞ୍ଚଳ ରହିଛି। ମୃତ୍ତିକାର ସ୍ୱାସ୍ଥ୍ୟ ଦିଗରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଅନେକ କାର୍ଯ୍ୟକ୍ରମ କରାଯାଉଥିବାବେଳେ ମୃତ୍ତିକାର ଅମ୍ଳ ପରିଚାଳନା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପଦ୍ମଶ୍ରୀ ଡ. ସାବରମତୀ କହିଲେ, ପ୍ରାକ୍ ବୈଦିକ କାଳରୁ ମଣିଷ ମାଟିର ଗୁରୁତ୍ୱ ଉପଲବ୍ଧି କରିଆସିଛି। ମୃତ୍ତିକାର ସୁପରିଚାଳନା ଅଭାବରୁ ମୃତ୍ତିକାର କ୍ଷୟ ହେବା ଯୋଗୁ ଅତୀତରେ ଅନେକ ସଭ୍ୟତା ଲୋପ ପାଇଯାଇଛି। ଉତ୍ସବ ପ୍ରାରମ୍ଭରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ସ୍ୱାଗତ ଭାଷଣ ଏବଂ ଅତିରିକ୍ତ ନିର୍ଦ୍ଦେଶକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଚାଷୀମାନେ ଅଧିକୃତ କୃଷି ବୈଜ୍ଞାନିକ କିମ୍ବା କୃଷି ଅଧିକାରୀମାନଙ୍କଠାରୁ ପ୍ରେସ୍କ୍ରିପସନ୍ ଆଣି କୀଟନାଶକ କିଣିବା ଏବଂ ସୁରକ୍ଷିତ ବ୍ୟବହାର ସମ୍ବଳିତ ନିୟମାବଳୀ ଆଧାରିତ ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲ। ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ଦିଗରେ ଉଲ୍ଲେଖନୀୟ

## ଦଳୀୟ ସଙ୍ଗଠନକୁ ମଜଭୁତ କରିବାକୁ ଆହ୍ୱାନ

କୃଷ୍ଣପ୍ରସାଦ,୫।୧୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଲଣ୍ଡା ପଞ୍ଚାୟତ ଅଧୀନ ଟିଛିଣିସ୍ଥିତ ବୀଣାପାଣି ୟୁଥ୍ କ୍ଲବ ପରିସରରେ ଭାଜପାର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ସଭାପତି ଦୀନବନ୍ଧୁ ଜେନାଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ୨୧ଟି ପଞ୍ଚାୟତର ଦଳୀୟ କର୍ମୀ ଯୋଗଦେଇଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ଦଳ କିପରି ବିଜୟଲାଭ କରିବ ସେନେଇ ଆଲୋଚନା ହୋଇଥିଲା। ୨୦୨୪ରେ ଓଡ଼ିଶାରେ ଭାଜପା ସରକାର ଗଠନ କରିବ ବୋଲି ଭାଜପା ନେତ୍ରୀ ଉପାସନା ମହାପାତ୍ର କହିଥିଲେ। ଦଳୀୟ ସଙ୍ଗଠନକୁ ଆହୁରି ମଜଭୁତ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ରଘୁନାଥ ବଡ୍ଡୁ, ଭାଜପା ପ୍ରଭାରୀ ଉତ୍ତମ କୁମାର ତରେଇ, ବ୍ଲକ ଭାଜପା କାର୍ଯ୍ୟକାରୀ ସଭାପତି ହରିହର ଦାଶ, ଅଲଣ୍ଡା ପଞ୍ଚାୟତ ଭାଜପା ସଭାପତି ଶରତ ଚନ୍ଦ୍ର ଜେନା, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ପ୍ରମୋଦ କୁମାର ବିଶ୍ୱାଳ, ନାଲୁ ପ୍ରଧାନ, ଅଲଣ୍ଡା ପଞ୍ଚାୟତ ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ, ସମିତିସଭ୍ୟା ମାନସୀ ସାହୁ, ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ଗମ୍ଭାରୀ ସରପଞ୍ଚ ସୁଶାନ୍ତ କୁମାର ପରିଡ଼ା, ପିରିଜିପୁର ସରପଞ୍ଚ ଇଂ. ମଳୟ କୁମାର ଜେନା, ଗୋପୀନାଥପୁର ସରପଞ୍ଚ ସରୋଜ କୁମାର ଲେଙ୍କା, ଗୋମୁଣ୍ଡିଆ ସରପଞ୍ଚ ଦୁଷ୍ମନ୍ତ କୁମାର ସେଠୀଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ଗୋପବନ୍ଧୁଙ୍କ ଜୀବନ ପୃଷ୍ଠା ସହ ଯୋଡ଼ିହେଲେ ଦର୍ଶକ

ଭୁବନେଶ୍ୱର,୫।୧୨(ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଯେତେ ଜାଣିଲେ ମଧ୍ୟ ଯେମିତି ଆଉ କିଛି ଜାଣିବା ବାକି ରହିଯାଏ। ଗୋପବନ୍ଧୁ ଜନ୍ମ ହେବା ଆଗରୁ ହିଁ ସେ ଯେ ନିଜକୁ ଜନସେବାରେ ସମର୍ପି ଦେବେ ତାହା ଏକ ପ୍ରକାର ଭବିଷ୍ୟବାଣୀ ହୋଇଥିଲା। ଜନ୍ମ ପରେ ମଧ୍ୟ ପଣ୍ଡିତ ତାଙ୍କ କୁଣ୍ଡଳି ଦେଖି ସେ କଥାକୁ ପୁଣି ଦୋହରାଇଥିଲେ। ଶୈଶବଠୁ ନେଇ ଯୌବନ, ଜୀବନର ପ୍ରତିଟି ସୋପାନରେ ସେବା ପାଇଁ ସମର୍ପିତ ଆଉ ସାହାଯ୍ୟ, ସହଯୋଗର ମଣିଷ ଭାବେ ଦୁଃଖୀରଙ୍କଙ୍କ ସାଥେ ଛିଡ଼ା ହେଉଥିଲେ ଗୋପବନ୍ଧୁ। ଓଡ଼ିଶାର ଦାରିଦ୍ର୍ୟ ବିରୋଧରେ ସେ ଯେଉଁ ସଂଗ୍ରାମ ଆରମ୍ଭ କରିଥିଲେ ତାହା ଆଜି ସେଇଠି ରହିଯାଇଛି। ତାଙ୍କ ଜୀବନର ପୃଷ୍ଠାକୁ ଯେତେ ଥର ଫେରିଲେ ଓଡ଼ିଆଙ୍କର ସେ ସ୍ୱରାଜ, ସ୍ୱାଭିମାନ, ସ୍ୱମାଟି, ସ୍ୱଭାଷା ପ୍ରୀତି ଆଜି ସତେ ଯେମିତି କେଉଁଠି ହଜିଯାଇଥିବା ପରିଲକ୍ଷିତ ହୁଏ। ମଙ୍ଗଳବାର ଗୋପବନ୍ଧୁଙ୍କ ଜୀବନୀ ଉପରେ ଆଧାରିତ ନାଟକ 'ଉତ୍କଳମଣି' ଦେଖିବା ପରେ ମନରେ ଏଭଳି ଅନେକ ଅସମାହିତ ପ୍ରଶ୍ନ ନେଇ ଫେରିଛନ୍ତି ଦର୍ଶକ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପାଞ୍ଚଦିନିଆ ନାଟକ ଉତ୍ସବ ସ୍ଥାନୀୟ ରବୀନ୍ଦ୍ରମଣ୍ଡପଠାରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି।



ବୋଲଗଡ଼: 'ଆଖିର ଜନମ କାନ୍ଦିବା ପାଇଁ' ନାଟକରେ ଅଭିନୟ କରିଥିବା କଳାକାର ଏବଂ ଅନ୍ୟମାନେ।

## 'ଆଖିର ଜନମ କାନ୍ଦିବା ପାଇଁ' ମଞ୍ଚସ୍ଥ

ବୋଲଗଡ଼,୫।୧୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ବଡ଼କୁମାରୀ ପଞ୍ଚାୟତ ପାନନଗର ଗ୍ରାମର ମା' ତାରିଣୀ ଯୁବନାଟ୍ୟ ପରିଷଦର ୪୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା 'ଆଖିର ଜନମ କାନ୍ଦିବା ପାଇଁ' ନାଟକ ମଞ୍ଚସ୍ଥ ହୋଇଥିଲା। ଏନେଇ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ, ସାମାଜିକ କର୍ମୀ ଜଗନ କୁମାର ନାୟକ, ପ୍ରକାଶ ଚନ୍ଦ୍ର ମାର୍ଥା, ତ୍ରିନାଥ ବେହୁରା, ଶିକ୍ଷାବିତ୍ ରବୀନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରମୋଦ କୁମାର ବରାଡ଼ଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ନାଟକରେ ଗ୍ରାମର ବିଜୟ, ସୁନୀଲ, ମିଟୁ, ଲକ୍ଷ୍ମଣ, ରାମଚନ୍ଦ୍ର, ଗାନ୍ଧୁ, ସୂର୍ଯ୍ୟକାନ୍ତ, ଜୟନ୍ତ, ନିଲୁ, ସତ୍ୟ, କାଳିଆ, ସ୍ମୃତିରଞ୍ଜନ, ଶୈଳେନ୍ଦ୍ର, ମାନସ, ପିଣ୍ଟୁ ପ୍ରମୁଖ ଅଭିନୟ କରିଥିଲେ।

## 'ବର୍ଷା ହେଲେ ବସବାସ ଅସହ୍ୟ ହୋଇପଡ଼ିବ'




### ନବମ ଦିନରେ ଜିଲା ଭାଜପାର ସତ୍ୟାଗ୍ରହ

ଭୁବନେଶ୍ୱର, ୫।୧୨ (ବନ୍ଦନା ସେଠୀ)

ଗାଡ଼କଣ ମୌଜାସ୍ଥିତ ସୈନିକସ୍କୁଲ ନିକଟବର୍ତ୍ତୀ ଟିଟିଏସ୍ ଆବର୍ଜନାରୁ ବାହାରୁଥିବା ଦୁର୍ଗନ୍ଧ ପାଇଁ ସମଗ୍ର ସହରବାସୀ ହନ୍ତସନ୍ତ ହେଉଛନ୍ତି। ଏହାକୁ ବିରୋଧ କରି ଭାଜପା ପକ୍ଷରୁ ଦିଆଯାଇଥିବା ସତ୍ୟାଗ୍ରହ ବୁଧବାର ନବମ ଦିନରେ ପହଞ୍ଚି ଥିବାବେଳେ ଏଯାଏ କିନ୍ତୁ ବିଏମ୍‌ସି ପକ୍ଷରୁ କୌଣସି ଆଲୋଚନା କରାଯାଇନାହିଁ କି ପଦକ୍ଷେପ ନିଆଯାଇ ନାହିଁ। ସ୍ଥାନୀୟ ବାସିନ୍ଦା ବୁଦ୍ଧିଜୀବୀ ଏହାକୁ ସମର୍ଥନ ଜଣାଇ ସତ୍ୟାଗ୍ରହରେ ସାମିଲ ହୋଇଥିବା ଭାଜପା ପକ୍ଷରୁ ସୂଚନା ଦିଆଯାଇଛି। ରାଜଧାନୀରେ ବିଏମ୍‌ସି ସ୍ଥାଣୁ ପାଲଟି ଥିବାବେଳେ ଅନ୍ୟପଟେ ରାଜ୍ୟ ସରକାର ଅନ୍ଧ, ମୂକ, ବଧିର ସାଜିଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। ଅସହ୍ୟ ଦୁର୍ଗନ୍ଧ କାରଣରୁ ଲୋକଙ୍କ ଜୀବନ ଅତିଷ୍ଠ ହୋଇପଡିଛି। ଲୋକେ ଏକପ୍ରକାର ଗୃହବନ୍ଦୀ ହୋଇ ରହିଛନ୍ତି। ତେବେ ଏହି ଦୁର୍ଗନ୍ଧ ଆହୁରି ତୀବ୍ର ହେବ ବୋଲି ଆଶଙ୍କା କରାଯାଉଛି। କାରଣ ଆଗକୁ ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷାହେଲେ ଡମ୍ପିଂୟାର୍ଡରୁ ଅସହ୍ୟ ଦୁର୍ଗନ୍ଧ ବାହାରିବ ଏବଂ ଅଞ୍ଚଳରେ ବସବାସ ଓ ଚଳପ୍ରଚଳ ଅସମ୍ଭବ ହୋଇପଡିବ। ତେଣୁ ତୁରନ୍ତ ଡମ୍ପିଂୟାର୍ଡର ସ୍ଥାୟୀ ସମାଧାନ କରିବା ସହ ଶାସକ ଦଳ ବିଧାୟକ ଓ ମେୟର ନୈତିକତା ଦୃଷ୍ଟିରୁ ରାଜଧାନୀବାସୀଙ୍କୁ କ୍ଷମା ପ୍ରାର୍ଥନା କରିବା ଆବଶ୍ୟକ ବୋଲି ଭୁବନେଶ୍ୱର ସାଙ୍ଗଠନିକ ଜିଲା ଭାଜପା ସଭାପତି ବାବୁ ସିଂ ଦାବି କରିଛନ୍ତି। ସେହିପରି ସତ୍ୟାଗ୍ରହକୁ ଜାରି ରଖିବା ସହ ଆବଶ୍ୟକ ପଡିଲେ ଆଇନ୍ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି। ଏହି ଆନ୍ଦୋଳନ ଲୋକଙ୍କ ପାଇଁ ଚାଲିଛି ଓ ଆଗକୁ ମଧ୍ୟ ଏଭଳି ଚାଲିଥିବ ବୋଲି ରାଜ୍ୟ ପ୍ରବକ୍ତା ଦିଲ୍ଲୀପ ମହାନ୍ତି କହଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ନାରାୟଣ ମହାନ୍ତି, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଦର୍ଶନ ନାୟକ, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଭୁବନାନନ୍ଦ ତ୍ରିପାଠୀ, ଉମାକାନ୍ତ ମିଶ୍ର, ଶିଶିର ଚନ୍ଦ୍ର ଘୋଷ, ସଜନ ଶର୍ମା, ଡା. ବିଶ୍ୱନାଥ ପଟ୍ଟନାୟକଙ୍କ ସମେତ ଭୁବନେଶ୍ୱର ସାଙ୍ଗଠନିକ ଜିଲା ଭାଜପାର ନେତୃବୃନ୍ଦ ଉପସ୍ଥିତ ଥିଲେ।

## ପ୍ରେମିକାଙ୍କ ଘରୁ ପ୍ରେମିକଙ୍କ ମୃତଦେହ ଜବତ

ପୁରୁଣା ଭୁବନେଶ୍ୱର, ୫।୧୨(ସୁବାସ ଚନ୍ଦ୍ର ପ୍ରଧାନ)

କିଛି ମାସ ପରେ ବାହାଘର ହୋଇଥାନ୍ତା। ଦୁଇ ପରିବାର ସମ୍ପର୍କର ଡୋରିରେ ବାନ୍ଧି ହୋଇଯାଇଥିଲେ। ହେଲେ ନୂଆ ଜୀବନ ଆରମ୍ଭ କରିବା ପୂର୍ବରୁ ପ୍ରେମିକଙ୍କ ଜୀବନ ଦୀପ ଲିଭି ଯାଇଛି। ଭୁବନେଶ୍ୱର ଲିଙ୍ଗିପୁର ଇନ୍ଦିରା କଲୋନୀରେ ପ୍ରେମିକାଙ୍କ ଭଡ଼ାଘରୁ ସନ୍ଦେହଜନକ ଅବସ୍ଥାରେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ପୁରୀ ଜିଲା ନିମାପଡ଼ା ନମ୍ବିଲୋର ପୁପୁନ ସ୍ୱାଇଁ(୨୮)। ସୋମବାର ଏହି ଘଟଣା ଘଟିଥିବା ବେଳେ ଧଉଳି ଥାନା ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରପକ୍ଷରେ ପୁପୁନଙ୍କୁ ତଣ୍ଟିଚିପି ହତ୍ୟା କରାଯାଇଥିବା ଭାଇ ଦିପୁ ସ୍ୱାଇଁ ଧଉଳି ଥାନାରେ ଏତଲା ଦେଇଛନ୍ତି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଏକ ହତ୍ୟା ମାମଲା(ନଂ.୨୪୪/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ଆତ୍ମହତ୍ୟା ଉଦ୍ୟମ ଯୋଗୁ ପୁପୁନଙ୍କ ତଣ୍ଟିରେ ଚିହ୍ନ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ ଚିତ୍ତରଞ୍ଜନ ରାଉତ କହିଛନ୍ତି।

ସୂଚନା ଅନୁଯାୟୀ, ପୁପୁନ ରାଜମିସ୍ତ୍ରି ଭାବେ କାମ କରନ୍ତି। ସେ ଖୋର୍ଦ୍ଧା ଜିଲା ହଳଦିଆ ଅଞ୍ଚଳର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ଉକ୍ତ ଯୁବତୀ ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁରରେ ମା'ବାପାଙ୍କ ସହ ଭଡ଼ାଘରେ ରହୁଛନ୍ତି। ଯୁବତୀ ଏକ ଜନସେବା କେନ୍ଦ୍ରରେ କାମ କରନ୍ତି। ୨୦୧୭ରୁ ପୁପୁନ ଓ ଯୁବତୀଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ି ଉଠିଥିବାବେଳେ ୨୦୨୧ରେ ବିବାହ ସ୍ଥିର ହୋଇଥିଲା। ହେଲେ ଭଉଣୀଙ୍କ ବାହାଘର ଯୋଗୁ ପୁପୁନ୍‌ଙ୍କ ବିବାହ ୨୦୨୪କୁ ଘୁଞ୍ଚି ଯାଇଥିଲା। ପୋଲିସକୁ ଯୁବତୀ ଦେଇଥିବା ବୟାନ ଅନୁଯାୟୀ, ସୋମବାର ଅପରାହ୍ନ ପ୍ରାୟ ୧ଟାଏ ବେଳେ ଇନ୍ଦିରା କଲୋନୀସ୍ଥିତ ତାଙ୍କ ଘରକୁ ପୁପୁନ ଆସିଥିଲେ। ଏହି ସମୟରେ ଯୁବତୀଙ୍କ ବାପା ଓ ମା' ଘରେ ନ ଥିଲେ। ପୁପୁନ ମଦ୍ୟପାନ କରିଥିବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। କିଛି ସମୟ ପରେ ଯୁବତୀ ରୋଷେଇ କରୁଥିବାବେଳେ ପୁପୁନ ଘର ବନ୍ଦ କରିଦେଇଥିଲେ। ପରେ ଯୁବତୀ ଜଣଙ୍କ କବାଟ ଖୋଲି ଦେଖିବାବେଳକୁ ପୁପୁନ ଫ୍ୟାନ୍‌ରେ ଓଢ଼ଣୀ ଦ୍ୱାରା ଝୁଲିଥିଲେ। ସେ ସଙ୍ଗେସଙ୍ଗେ ପୁପୁନଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରିଥିଲେ। ପରେ ପୁପୁନ୍‌ଙ୍କୁ ରୁମ୍‌ରେ ଶୁଆଇ ଯୁବତୀ ଅଫିସ ଚାଲିଯାଇଥିଲେ। ତେବେ ସନ୍ଧ୍ୟାରେ ପୁପୁନ ଫୋନ୍ କଲ୍ ନ ଉଠାଇବାରୁ ସନ୍ଦେହ କରି ଯୁବତୀ ଜଣଙ୍କ ଘରକୁ ଆସି ଦେଖିବା ବେଳକୁ ପୁପୁନ ଖଟରେ ମୃତ ଅବସ୍ଥାରେ ଶୋଇ ରହିଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

## ଜାଗୁଲାଇଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

କୃଷ୍ଣପ୍ରସାଦ,୫।୧୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚିଲିକା ନୂଆପଡ଼ା ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ମୁଖ୍ୟ ପୀଠାଧୀଶ ଗୁପ୍ତେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ମା'ଜାଗୁଲାଇଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। କର୍ତ୍ତା ଭାବେ ଚିଲିକା ନୂଆପଡ଼ା ଗ୍ରାମ୍ୟ କମିଟି ସଭାପତି ନଳିନୀକାନ୍ତ ଜେନା ଓ ତାଙ୍କ ସହଧର୍ମିଣୀ ମମତାମୟୀ ଜେନା ଯୋଗଦେଇଛନ୍ତି। ମଙ୍ଗଳବାର ପ୍ରତ୍ୟୁଷରୁ ବନଯାଗ ଇନ୍ଦ୍ର ଇନ୍ଦ୍ରାଣୀ ପୂଜା ଅନୁଷ୍ଠିତ ହୋଇଥିଲା। ସଭାପତି ଜେନାଙ୍କ ବାରିରେ ଥିବା ସାହାଡ଼ା ଏବଂ ବରୁଣ ବୃକ୍ଷକୁ ପୂଜାର୍ଚ୍ଚନା କରାଯାଇ ପ୍ରତିଷ୍ଠା ଉତ୍ସବ ପାଇଁ ଆବାହନ କରାଯାଇଥିଲା। ବୁଧବାରଠାରୁ ପାରମ୍ପରିକ ରୀତିନୀତି ଅନୁସାରେ ଯଜ୍ଞକାର୍ଯ୍ୟ ଅନୁଷ୍ଠିତ ହେବ। ପଣ୍ଡିତ ପ୍ରଫୁଲ୍ଲ ଚନ୍ଦ୍ର ଦେବତା, ପଞ୍ଚାନନ ଦାଶ, ପୂର୍ଣ୍ଣଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେବେ।

## ଫାଇନାଲରେ ମା' ମଙ୍ଗଳା କ୍ଲବ

ବାରଙ୍ଗ,୫।୧୨(ଲିଙ୍ଗରାଜ ରାଉତ)

କଲ୍ୟାଣପୁର ଗ୍ରାମପଞ୍ଚାୟତର ଗଣ୍ଡରପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌ରେ ଚାଲୁଥିବା ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ତୃତୀୟ ଦିନରେ ପହଞ୍ଚିଛି। ଗ୍ରାମାଞ୍ଚଳ ବିଭାଗର ପ୍ରଥମ ମ୍ୟାଚ ତିନିଘରିଆର ଇଲେଭେନଗନ କ୍ଲବ ସହିତ ଟାଙ୍ଗିବନ୍ତର ବାଞ୍ଛାମଣି କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇଲେଭେନଗନ କ୍ଲବ ୩-୦ ଗୋଲରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ଗଣେଶ ସେଠୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ସେହିଭଳି ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ମା' ମଙ୍ଗଳା କ୍ଲବ ଗୋଠପୁର ୩-୦ ଗୋଲରେ ଜାଗମରା ଫୁଟବଲ କ୍ଲବକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମା' ମଙ୍ଗଳା କ୍ଲବର ବିକାଶ ପିହାରୀଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ବିବେଚନା କରାଯାଇଥଲା। ଏହି ଟୁର୍ନାମେଣ୍ଟରେ ଗ୍ରାମାଞ୍ଚଳର ବି ଡିଭିଜନ ମ୍ୟାଚ ଆରମ୍ଭ ହୋଇଥିଲା। ପ୍ରଥମ ମ୍ୟାଚ ଉରାଳି ଓ କୁରାଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉରାଳି ୧-୦ରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ବିଳାଶୁଣୀ ଓ ଆମଣ ମଧ୍ୟରେ ହୋଇଥିଲା। ମ୍ୟାଚରେ ଟାଇବ୍ରେକର ଜରିଆରେ ଆମଣ ବିଜୟୀ ହୋଇଥିଲା। ଏହାପରେ ଉରାଳି ଏବଂ ଆମଣ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଆମଣ ବିଜୟୀ ହୋଇ ବି ଡିଭିଜନର ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଓଏସ୍‌ଏଇସି ଅଧ୍ୟକ୍ଷ ଚିନ୍ମୟ ସାହୁ ଅତିଥିଭାବେ ଯୋଗଦେଇ ତୃତୀୟ ଦିନର ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଭୁବନେଶ୍ୱର ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ସାଗର ପାଲୋ ଯୋଗଦେଇଥିଲେ। ସୁଦୀପ ଦାସ, ଜ୍ୟୋତି ରଞ୍ଜନ ସ୍ୱାଇଁ, ପ୍ରିୟବ୍ରତ ବାହିନୀପତି, ରାଜେନ୍ଦ୍ର ବାରିକ, ବରୁଣ ପ୍ରଧାନ ପରିଚାଳନା କରିଥିଲେ।

## ବିଶ୍ୱ ଅର୍ଥନୀତି ପାଇଁ ବାୟୋଟେକ୍ନୋଲୋଜି ନୂତନ ଦିଗ ସୃଷ୍ଟି କରିଛି

ଭୁବନେଶ୍ୱର,୫।୧୨(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶାରେ ବାୟୋଟେକ୍ନୋଲୋଜିର ପରିସର ବ୍ୟାପକ ଏବଂ ଉଦ୍ୟୋଗ କ୍ଷେତ୍ରରେ ଏହାର ବିପୁଳ ସମ୍ଭାବନା ରହିଛି ବୋଲି ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଆୟୋଜିତ ଗ୍ଲୋବାଲ ବାୟୋ ଇଣ୍ଡିଆ-୨୦୨୩ କନ୍‌କ୍ଲେଭ୍‌ରେ ଓଡ଼ିଶା ପାଭିଲିଅନ୍ ଉଦ୍‌ଘାଟନ କରିବା ସହିତ ପ୍ଲେନାରି ଅଧିବେଶନରେ ଯୋଗଦେଇ ମନ୍ତ୍ରୀ ପଣ୍ଡା କହିଛନ୍ତି, ବିଶ୍ୱ ଅର୍ଥନୀତି ପାଇଁ ବାୟୋଟେକ୍ନୋଲୋଜି ନୂତନ ଦିଗ ସୃଷ୍ଟି କରିଛି। ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଓଡ଼ିଶା ବିଶେଷ ସଫଳତା ହାସଲ କରିଛି। ରାଜ୍ୟରେ ଥିବା ବ୍ୟାପକ ଜୈବ ସମ୍ପଦ, ଜଳ ସମ୍ବଳ ଓ ସାମୁଦ୍ରିକ ସମ୍ପଦ ବାୟୋଟେକ୍ନୋଲୋଜି ପରିସରକୁ ସମୃଦ୍ଧ କରିଛି। ଏଥିସହ ରାଜ୍ୟ ସରକାରଙ୍କ ଅନୁକୂଳ ଶିଳ୍ପନୀତି, ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ, ସ୍ୱତନ୍ତ୍ର ବାୟୋଟେକ୍ନୋଲୋଜି ପାର୍କ ଆଦି ଏହି କ୍ଷେତ୍ରକୁ ପ୍ରୋତ୍ସାହିତ କରିବାରେ ପ୍ରମୁଖ ଭୂମିକା ନେଇଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ବାୟୋ ଟେକ୍ନୋଲୋଜି ଶିଳ୍ପର ପ୍ରସାର ଲାଗି ବିଭିନ୍ନ ରାଜ୍ୟର ନୀତି ଓ ନିବେଶ କାର୍ଯ୍ୟକ୍ରମ ସମ୍ପର୍କରେ ଅନୁଷ୍ଠିତ ବିଶେଷ ଅଧିବେଶନରେ ବିଜ୍ଞାନ ଓ ବୈଷୟିକ ବିଭାଗର ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍ କହିଥିଲେ, ରାଜ୍ୟରେ ଥିବା ବିଭିନ୍ନ ଟେକ୍ନୋଲୋଜି ଇନ୍‌କ୍ୟୁବେଟର ମାଧ୍ୟମରେ ଷ୍ଟାର୍ଟଅପ୍‌ଗୁଡ଼ିକୁ ଉତ୍ସାହିତ କରାଯାଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଭୁବନେଶ୍ୱର ନିକଟସ୍ଥ ଅନ୍ଧାରୁଆଠାରେ ସ୍ୱତନ୍ତ୍ର ବାୟୋଟେକ୍ ପାର୍କ ନିର୍ମାଣ କରାଯାଇଛି ଓ ସେଠାରୁ ଆଗାମୀ ଦିନରେ ଭାରତ ବାୟୋଟେକ୍ କମ୍ପାନୀ ଟିକା ଉତ୍ପାଦନ କରିବ। ସରକାର ଏକ ସଂଶୋଧିତ ବାୟୋଟେକ୍ନୋଲୋଜି ନୀତି ଆଣିବାକୁ ଯାଉଛନ୍ତି। ବାୟୋକନ୍ ଇଣ୍ଡିଆ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷା କିରଣ ମଜୁମ୍‌ଦାର ଓଡ଼ିଶା ପାଭିଲିଅନ୍ ବୁଲି ଷ୍ଟାର୍ଟଅପ୍‌ଗୁଡ଼ିକୁ ପ୍ରଶଂସା କରିଥିଲେ। ଉଲ୍ଲେଖଯୋଗ୍ୟ, ପ୍ରଦର୍ଶନୀରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍‌ସ (ଆଇଏଲ୍‌ଏସ୍) ଏବଂ ଭୁବନେଶ୍ୱର ସିଟି ନଲେଜ ଇନୋଭେଶନ କ୍ଲଷ୍ଟର (ବିସିକେଆଇସି) ସମେତ ୧୦ଟି ପ୍ରମୁଖ ବାୟୋଟେକ୍ନୋଲୋଜି ଷ୍ଟାର୍ଟଅପ୍ ସାମିଲ ହୋଇଛନ୍ତି। ଗ୍ଲୋବାଲ ବାୟୋ ଇଣ୍ଡିଆ କାର୍ଯ୍ୟକ୍ରମରେ ବିଭାଗର ଯୁଗ୍ମ ସଚିବ ପୂଜା ମିଶ୍ର, ଉପନିର୍ଦ୍ଦେଶକ (ବାୟୋଟେକ୍ନୋଲୋଜି) ଡ. ଶଶିକାନ୍ତ ଦାଶ, ବରିଷ୍ଠ ବୈଜ୍ଞାନିକ ଲକ୍ଷ୍ମୀନାରାୟଣ ପାଢ଼ୀ ଏବଂ ବିସିକେଆଇସିର ଅଧ୍ୟକ୍ଷ ଡ. ମୃତ୍ୟୁଞ୍ଜୟ ସୁଆରଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧି ଓ ଗବେଷକ ଯୋଗଦେଇଛନ୍ତି।



ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

# ଦାବି ପୂରଣ ସର୍ତ୍ତରେ ସମର୍ଥନ

## ଶ୍ରୀଦାଣ୍ଡ ନିର୍ମାଣ ନେଇ ଜନଶୁଣାଣି

ପୁରୀ,୫।୧୨(ଅଜିତ୍ ମହାନ୍ତି)



ଜଗନ୍ନାଥ ବଲ୍ଲଭଠାରେ ଆୟୋଜିତ ଜନଶୁଣାଣିରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ।

ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଯାତ୍ରୀଙ୍କ ସୁବିଧା ଓ ଶୃଙ୍ଖଳିତ ଗମନାଗମନ ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ତେବେ ଭକ୍ତମାନଙ୍କ ସୁବିଧା ପାଇଁ ଶ୍ରୀଜଗନ୍ନାଥ ବଲ୍ଲଭ ପାର୍କିଠାରୁ ଦୋଳବେଦି କୋଣ ପର୍ଯ୍ୟନ୍ତ ଏକ ରାସ୍ତା ନିର୍ମାଣ କରାଯାଉଛି। ଉକ୍ତ ରାସ୍ତାରେ ଭକ୍ତମାନେ ଆସି ମହାପ୍ରଭୁଙ୍କ ଦର୍ଶନ କରିବେ। ଉକ୍ତ ରାସ୍ତାର ନାମ ଶ୍ରୀଦାଣ୍ଡ ରଖାଯିବ ବୋଲି ସୂଚନା ମିଳିଛି । ପ୍ରସ୍ତାବିତ ଶ୍ରୀଦାଣ୍ଡ ନିର୍ମାଣ ନେଇ ପ୍ରଭାବିତ ହେଉଥିବା ବୃଦ୍ଧଙ୍ଗସାହି ଓ ଦାଣ୍ଡିମାଳସାହି ବାସିନ୍ଦାଙ୍କୁ ନେଇ ପ୍ରଶାସନ ପକ୍ଷରୁ ଜଗନ୍ନାଥ ବଲ୍ଲଭଠାରେ ମଙ୍ଗଳବାର ଜନଶୁଣାଣି ଅନୁଷ୍ଠିତ ହୋଇଛି। ପ୍ରକଳ୍ପ ଦ୍ୱାରା ଉଭୟ ଅଞ୍ଚଳରୁ ୮୪ ପରିବାର ପ୍ରଭାବିତ ହେଉଥିବାବେଳେ ୧.୧୪୮ ଏକର ଘରୋଇ ଜମି ଅଧିଗ୍ରହଣ ହେବ। ତେଣୁ ଜନଶୁଣାଣିରେ ସେସମ୍ପର୍କରେ ମତାମତ ଗ୍ରହଣ କରାଯାଇଛି। ପ୍ରଭାବିତ ହେବାକୁ ଥିବା ଲୋକମାନେ ସରକାରଙ୍କଠାରୁ ସ୍ୱତନ୍ତ୍ର ପ୍ୟାକେଜ ମାଧ୍ୟମରେ କ୍ଷତିପୂରଣ ପାଇବାନେଇ ଦାବି ଉପସ୍ଥାପନ କରିଥିବାବେଳେ ପ୍ରକଳ୍ପର ସଫଳତା ପାଇଁ ଦାବିଗୁଡ଼ିକ ଉପରେ ସମୀକ୍ଷା କରାଯାଇ ପଦକ୍ଷେପ ନିଆଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

ଜନଶୁଣାଣିରେ ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନ ମାଧ୍ୟମରେ ବିସ୍ଥାପିତ ପରିବାରଙ୍କୁ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ଦିଆଯିବା ସମ୍ପର୍କରେ ଅବଗତ କରାଯାଇଥିଲା। ତେବେ ସରକାରଙ୍କ ଏହି ପ୍ରକଳ୍ପ ନିର୍ମାଣକୁ ସ୍ଥାନୀୟ ବାସିନ୍ଦା ସ୍ୱାଗତ କରିଥିବାବେଳେ ଉପଯୁକ୍ତ କ୍ଷତିପୂରଣ ନେଇ ଭିନ୍ନ ଭିନ୍ନ ଦାବି ଉପସ୍ଥାପନ କରାଯାଇଛି। ସ୍ୱତନ୍ତ୍ର ପ୍ୟାକେଜ ମାଧ୍ୟମରେ ପ୍ରତି ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ସମେତ ଜମିର ମୂଲ୍ୟ ତଥା କ୍ଷତିଗ୍ରସ୍ତ ହେଉଥିବା ଘରର ମୂଲ୍ୟ ୪ ଗୁଣା ଦେବା ପାଇଁ ଦାବି ରଖିଥିଲେ। ତେବେ ରାସ୍ତା ନିର୍ମାଣ ପାଇଁ ଶ୍ରୀଜଗନ୍ନାଥ ବଲ୍ଲଭ ପିଲିଗ୍ରିମ୍ ସେଣ୍ଟରଠାରୁ ଦୋଳବେଦି କୋଣ ପର୍ଯ୍ୟନ୍ତ ପ୍ରସ୍ତାବିତ ଶ୍ରୀଦାଣ୍ଡ ନିର୍ମାଣ ଲାଗି ୧.୧୪୮ ଏକର ଘରୋଇ ଜମି ଅଧିଗ୍ରହଣ କରାଯିବ। ଶ୍ରୀଦାଣ୍ଡ ନିର୍ମାଣ ବଡଦାଣ୍ଡରେ ଟ୍ରାଫିକ ସମସ୍ୟା ଦୂର କରିବା ସହ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଅନେକ ସୁବିଧା ଆଣିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସେହିପରି ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବିତ ନିର୍ଦ୍ଧାରଣ ସର୍ବେକ୍ଷଣ କରାଯାଇଥିବାବେଳେ ଅଞ୍ଚଳରେ ରହିଥିବା ଭୁବନେଶ୍ୱରୀ ମନ୍ଦିର, ଧର୍ମଶାଳା ଆଦି ପାଇଁ ସ୍ୱତନ୍ତ୍ର ଥଇଥାନ ଓ ପୁନଃ ନିର୍ମାଣ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏହି ଜନଶୁଣାଣିରେ ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ, ଉପଜିଲାପାଳ ଭବତାରଣ ସାହୁ, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁଙ୍କ ସମେତ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ନାୟକ କହିଛନ୍ତି , ରାସ୍ତା ନିର୍ମାଣ ନେଇ ଏକ ସର୍ଭେ ବା ଷ୍ଟଡି କରାଯାଇଥିଲା। ଉକ୍ତ ତଥ୍ୟ ଅନୁଯାୟୀ ଦାଣ୍ଡିମାଳ ସାହିର ୧୮ଗୋଟି ପରିବାର ଏବଂ ବୃଦ୍ଧଙ୍ଗସାହିର ୬୬ଗୋଟି ପରିବାର ଏହିପରି ମୋଟ ୮୪ ଗୋଟି ପରିବାର ପ୍ରକଳ୍ପ ନିମନ୍ତେ ପ୍ରଭାବିତ ହେଉଛନ୍ତି। ପ୍ରଭାବିତ ହେଉଥିବା ବ୍ୟକ୍ତିମାନେ ପ୍ରକଳ୍ପକୁ ସ୍ୱାଗତ କରିବା ସହ କେତେକ ଦାବି ରଖିଛନ୍ତି। ସମସ୍ତ ଦାବି ସମ୍ପର୍କରେ ସରକାରଙ୍କ ସହ ଆଲୋଚନା କରାଯିବ। ସମସ୍ତଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବ୍ୟବସ୍ଥା କରାଯିବ ବୋଲି ନାୟକ ସୂଚନା ଦେଇଛନ୍ତି। ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହେଉଥିବା ଜଣେ କ୍ଷତିଗ୍ରସ୍ତଙ୍କ କହିବା ହେଲା, ସେ ପୂର୍ବରୁ ପ୍ରକଳ୍ପକୁ ବିରୋଧ କରୁଥିଲେ। ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ସହ ଆଲୋଚନା କରିବା ପରେ ସେ ଏବେ ତାଙ୍କ ଘର ଦେବାକୁ ରାଜି ଅଛନ୍ତି। ହେଲେ ସେ ପ୍ରଶାସନ ନିକଟରେ କିଛି ଦାବି ରଖିଛନ୍ତି। ଉକ୍ତ କାର୍ଯ୍ୟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅଂଶବିଶେଷ ହୋଇଥିବାରୁ ଆର୍‌ଏନ୍ ପ୍ୟାକେଜ ୫୦ଲକ୍ଷ ଟଙ୍କା ହିସାବରେ ଦିଆଯାଉ। ଜମିର ମୂଲ୍ୟ ଡିସିମିଲ ପିଛା ୧ କୋଟି ହିସାବରେ ଦିଆଯାଉ। ଦାବି ପୂରଣ ହେଲେ ପ୍ରକଳ୍ପକୁ ସମର୍ଥନ କରାଯିବ ବୋଲି ପ୍ରଭାବିତ ହେବାକୁଥିବା ଲୋକମାନେ କହିଛନ୍ତି।





୫।୧୨।୨୦୨୩

| | |
|---|---|
| ୩,୦୦,୬୯୯ ଟଙ୍କା | |
| ସୁନା | ୦୪.୨୦୦ ଗ୍ରାମ୍ |
| ରୁପା | ୧୮.୨୦୦ ଗ୍ରାମ୍ |

## ସଂକ୍ଷେପରେ

### ଡକାୟତି ଯୋଜନା ପଣ୍ଡ: ୪ ଗିରଫ

ବଳଙ୍ଗା,୫।୧୨(କେଦାରେଶ୍ୱର ନନ୍ଦ)

ବଳଙ୍ଗା ପୋଲିସ ସୋମବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ଡକାୟତି ଯୋଜନା କରୁଥିବା ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୁରୀ ସଦର ତାଳବଣିଆ ଥାନା ଅଞ୍ଚଳର ଶୁଭ୍ରଜିତ ମହାପାତ୍ର(୨୮), ସମୁଦ୍ର ଥାନା ଅଧୀନ ଲେଙ୍କା ସାହିର ଦୀପୁ ଦାସ(୩୦), ସେଳି ସାହି ଥାନା ଅଧୀନ ଗୋଖା ସାହିର ଶମ୍ଭୁ ଦାସ(୨୦) ଓ ତାଳବଣିଆ ଥାନା ପିକେଆରଆଇଟି କଲୋନୀର ସୁନିଲ ପ୍ରଧାନ(୨୮)। ପୋଲିସ ସେମାନଙ୍କଠାରୁ ଲୁହା ରଡ଼, ଖଣ୍ଡା ଏବଂ ଦୁଇଟି ଜୀବନ୍ତ ବୋମା ଜବତ କରିଛି। ଏନେଇ ୨୫୩/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ପୋଲିସ ପାଟ୍ରୋଲିଂ ସମୟରେ ବଳଙ୍ଗା- ନିମାପଡ଼ା ମୁଖ୍ୟ ରାସ୍ତାର ବାୟାବର ଛକଠାରେ ୫ ଜଣ ଯୁବକ ଏକତ୍ର ବସିଥିବାବେଳେ ପୋଲିସ ସନ୍ଦେହ କରିଥିଲା। ପୋଲିସ ତାଙ୍କ ପାଖକୁ ଯିବାବେଳକୁ ସେଠାରୁ ଜଣେ ବ୍ୟକ୍ତି କୌଶଳ କ୍ରମେ ଖସି ପଳାଇବାରେ ସଫଳ ହୋଇଥିଲେ। ସେହି ବ୍ୟକ୍ତି ହେଲେ ସତ୍ୟବାଦୀ ଥାନା ଅଧୀନ ସଚ୍ଚିଦାନନ୍ଦ ସ୍ୱାଇଁ ବୋଲି ପୋଲିସ ସୂଚନା ଦେଇଛି। ପୋଲିସ ଅନ୍ୟ ୪ ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିବାରେ ସେମାନେ ବିଳମ୍ବିତ ରାତ୍ରରେ ବଳଙ୍ଗା ବଜାରରେ ଡକାୟତି ପାଇଁ ଯୋଜନା କରୁଥିବା ପ୍ରକାଶ କରିଥିଲେ।

### ସମୁଦ୍ରରେ ବୁଡ଼ି ପର୍ଯ୍ୟଟକ ମୃତ

ପୁରୀ,୫।୧୨(ଅଜିତ୍ ମହାନ୍ତି)

ସମୁଦ୍ରରେ ବୁଡ଼ି ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ମୃତ୍ୟୁବରଣ କରିଥିବା ପର୍ଯ୍ୟଟକ ହେଉଛନ୍ତି ପଶ୍ଚିମବଙ୍ଗ କୋଲକାତାର ଅଶୋକ ଚାଟାର୍ଜୀ (୫୩)। ମିଳିଥିବା ସୂଚନା ଅନୁଯାୟୀ ଅଶୋକ ପରିବାର ସହ ପୁରୀ ବୁଲିବାକୁ ଆସିଥିଲେ। ମଙ୍ଗଳବାର ଅପରାହ୍ନରେ ସ୍ୱର୍ଗଦ୍ୱାର ନିକଟ ସମୁଦ୍ରରେ ସ୍ନାନ କରୁଥିବା ସମୟରେ ହଠାତ୍ ନିସ୍ତେଜ ହୋଇ ପଡ଼ିଥିଲେ। ଫଳରେ ପରିବାର ଲୋକ ତାଙ୍କୁ ସେଠାରୁ ଉଦ୍ଧାର କରି ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



ବାତ୍ୟା ମିଗ୍‌ଜୋଙ୍ଗ୍ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିଥିବାରୁ ମାଛଧରା ଡଙ୍ଗାଗୁଡିକ ପୁରୀ ବେଳାଭୂମିରେ ରଖାଯାଇଛି ।

# ଓଡ଼ିଶା ପୁମ୍‌ସିରେ ଚାମ୍ପିୟନ, କିରୋଗୀରେ ରନର ଅପ୍

ପୁରୀ,୫।୧୨(ଅଜିତ ମହାନ୍ତି):

ଉତ୍ତରାଖଣ୍ଡର ଡେରାଡୁନରେ ଡିସେମ୍ବର ୧ରୁ ୩ତାରିଖ ପର୍ଯ୍ୟନ୍ତ ୩୭ତମ ସବ୍‌ଜୁନିୟର କିରୋଗୀ, ୧୧ତମ ପୁମ୍‌ସି ଏବଂ ୬ଷ୍ଠତମ କ୍ୟାଡେଟ ଜାତୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ରାଜ୍ୟର ପ୍ରତିଯୋଗୀ ଭାଗନେଇଥିଲେ। ୫୩ଜଣିଆ ଓଡ଼ିଶା ସବ୍‌ଜୁନିୟର ଏବଂ କ୍ୟାଡେଟ ବାଳିକା ଓ ବାଳକ ଟିମ ଅଂଶଗ୍ରହଣ କରିଥିଲେ। ପୁମ୍‌ସି ଇଭେଣ୍ଟରେ ଓଭର ଅଲ ଓଡ଼ିଶା ଟିମ ୧୮ ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ଜିତି ଚାମ୍ପିୟନ ଟ୍ରଫି ହାସଲ କରିଛି। ସେହିପରି କିରୋଗୀରେ ୬ଟି ରୌପ୍ୟ ପଦକ ଓ ୧୪ଟି କାଂସ୍ୟ ପଦକ ଜିତି ଉପବିଜେତା ଟ୍ରଫି ହାତେଇଛି। ୪୦ବର୍ଷ ଭିତରେ ଜାତୀୟ ସ୍ତର ଇଭେଣ୍ଟରେ ଟାଏକୋଣ୍ଡୋରେ ଚାମ୍ପିୟନ ଓ ରନରଅପ୍ ଟ୍ରଫି ହାସଲ କରିବା ଓଡ଼ିଶା ଇତିହାସରେ ପ୍ରଥମ। ପୁମ୍‌ସିରେ ଏ. ଅରିଜିତ ରୟ, ଆର୍. ସିଦ୍ଧାର୍ଥ ରେଡ୍ଡୀ, ଲକ୍ଷ୍ମୀପ୍ରିୟା ମୁଣ୍ଡା, ଆଗ୍ନେୟ କୁମାର ପୃଷ୍ଟି, ଆୟୁଷ କୁମାର ପୃଷ୍ଟି, ଡି. ଅର୍ପିତା ରେଡ୍ଡୀ, ଦିବ୍ୟା ସାହୁ, ଅନ୍ୱେଷା ସାହୁ, ଦିବ୍ୟାଂଶୀ ବେହେରା, ସ୍ୱାଗତ ମିର୍ଦ୍ଧା, ଅପର୍ଣ୍ଣା ସାହୁ, ପ୍ରିୟାଂଶୁ ସ୍ୱାଇଁ, ଅସ୍ମିତ କୁମାର ସାହୁ, ଶୁଭାଶିଷ ମହିଷାଳ, ବୋମାଲୀ ଜହ୍ନବି, ସୁଶ୍ରୀ ସାମନ୍ତରା, ଶ୍ରୀୟା ମହାନ୍ତି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅପର୍ଣ୍ଣା ସାହୁ ଓ ଦିବ୍ୟା ସାହୁ ରୌପ୍ୟ ପଦକ ଜିତିଛନ୍ତି। କିରୋଗୀରେ ରୌପ୍ୟ ବିଜେତାମାନେ ହେଲେ ସତ୍ୟରଞ୍ଜନ ଜେନା, ସ୍ୱୟମ୍ ପ୍ରଜ୍ଞା ଦାସ, ପ୍ରିୟା ବେହେରା, ସ୍ମାରକ ଶର୍ମା, ଜ୍ୟୋତି ପ୍ରକାଶ ମଲ୍ଲିକ, ବୋମାଲୀ ଜାନ୍‌ଭି। ସେହିପରି କାଂସ୍ୟ ପଦକ ବିଜେତାମାନେ ହେଲେ ଆୟୁଷ କୁମାର ଗୌଡ୍ରୁ, ଓମ୍ ପ୍ରକାଶ ସେଠ, ଚନ୍ଦନ ନାୟକ, ଆୟୁଷ କୁମାର ପୃଷ୍ଟି, ଆଇସା ବେହେରା, ପାୟଲ ଧୁରୁଆ, ସାଇ ସମ୍ପ୍ରିତି ପ୍ରଧାନ, ଡି. ଅର୍ପିତା ରେଡ୍ଡୀ, ଲକ୍ଷ୍ମୀପ୍ରିୟା ମୁଣ୍ଡା, ଶୁଭମ୍ ମହାପାତ୍ର, ଅପର୍ଣ୍ଣା ସାହୁ, ଓମ୍‌ଶ୍ରିତା ରଥ, ଜାତବେଦ ତ୍ରିପାଠୀ ଏବଂ ଶ୍ରେୟାଶ୍ରୀ। ଏହି ସଫଳତା ପାଇଁ ଓଡ଼ିଶା ଟାଏକୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ମାଧ୍ୟମିକ ବିଦ୍ୟାଳୟସ୍ତରୀୟ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା



ପୁରୀ, ୫।୧୨(ଅଜିତ୍ ମହାନ୍ତି):

ପୁରୀ ଷ୍ଟାଡିୟମରେ ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ପ୍ରତାପ ପୁରୁଷୋତ୍ତମପୁରସ୍ଥିତ ଗୋପୀନାଥ ଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଜ୍ୟ ମାଧ୍ୟମିକ (ଯୁକ୍ତଦୁଇ) ବିଦ୍ୟାଳୟ ସ୍ତରୀୟ ବାଳିକା ଓ ବାଳକ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଚୟନକର୍ତ୍ତା ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧିକାରୀ ରଶ୍ମିରେଖା ଅମାତ, ପ୍ରଦୀପ ରଞ୍ଜନ ଏବଂ ହରିହର କର ଯୋଗଦେଇଥିଲେ। ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ରାଜ୍ୟ ଦୌଡ଼କୁଦ ସଂଘ କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ପୁରୀ ବକ୍ସିଂ ଏକାଡେମୀ ପ୍ରତିଷ୍ଠାତା ସୁଦର୍ଶନ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରଫୁଲ୍ଲ କୁମାର ମିଶ୍ର ପ୍ରତିଯୋଗିତାକୁ ସଂଯୋଜନା ଏବଂ ଅଧ୍ୟାପକ ପବିତ୍ର ମୋହନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ନୀଳକଣ୍ଠ ମିଶ୍ର, ଜ୍ଞାନରଞ୍ଜନ ମହାପାତ୍ର, ରବିନାରାୟଣ ମିଶ୍ର, ସୁନୀଲ କୁମାର ଶତପଥୀ ଓ ନୃସିଂହ ଚରଣ ଦେବତା ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

# ଜିଲାସ୍ତରୀୟ କୁସ୍ତି ପ୍ରତିଯୋଗିତା

ପୁରୀ, ୫।୧୨(ଅଜିତ୍ ମହାନ୍ତି):

ପୁରୀ ଜିଲା କ୍ରୀଡ଼ା ସଂସଦ ଓ ଜଗନ୍ନାଥବଲ୍ଲଭ ମିଳିତ ସହଯୋଗରେ ସ୍ଥାନୀୟ ଜଗନ୍ନାଥ ବଲ୍ଲଭ ବ୍ୟାୟାମ କ୍ରୀଡ଼ା ପରିଷଦଠାରେ ଜିଲାସ୍ତରୀୟ କୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ବାରବାଟୀ ଜାଗା, ଜଗନ୍ନାଥବଲ୍ଲଭ ଆଖଡା, ଖୁଣ୍ଟିଆ ଜାଗା, ମା' ବସନ୍ତେଇ କ୍ଲବ, ଗୁରୁ ହନୁମାନ ଆଖଡ଼ା, ପଞ୍ଚମୁଖୀ ଜାଗା, ପାଣ୍ଡଜାଗା, ରାହସ ମହାନ୍ତି, ଧ୍ୱଜାଗଡ଼ ଜାଗା, ଖାସ୍ ଜାଗା, ନୃସିଂହ ବଲ୍ଲଭ ଜାଗା, ବିଶୁନି ଜାଗା, ବ୍ରହ୍ମଗିରି, ମଙ୍ଗଳ ମୁଖୀ ଜାଗା, ବଦୁ ମହାପାତ୍ର ଜାଗା, ସି ବିଟ୍ କ୍ଲବ ସହ ବିଭିନ୍ନ ଜାଗା ଆଖଡ଼ା କ୍ଲବର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ ସମୁଦାୟ ୧୪୫ଜଣ ପୁରୁଷ ଓ ମହିଳା ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ସିନିୟର, ଜୁନିୟର, ସବ୍ ଜୁନିୟର ୧୫ବର୍ଷରୁ କମ୍ ଓଜନ ବର୍ଗର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଉପ ଜିଲାପାଳ ଭବତାରଣ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଟାଉନ ଥାନା ଆଇଆଇସି ସୁନୀଲ କୁମାର ପ୍ରଧାନ, ଓଡ଼ିଶା କୁସ୍ତି ସଂଘ ସଭାପତି ରାମଚନ୍ଦ୍ର ପାଢ଼ୀ, ରାମଚନ୍ଦ୍ର ଦାସମହାପାତ୍ର, ଗିରୀଶ ଚନ୍ଦ୍ର ନାୟକ, ବିଜୟ କୁମାର ପତି, ବିଜେଡି ନେତା ସୁଭାଶିଷ ଖୁଣ୍ଟିଆ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ବରିଷ୍ଠ ସେବାୟତ ଭଗବାନ ସୁଆର, ଲକ୍ଷ୍ମୀକାନ୍ତ ବେହେରା, ସିବୁନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ରବିଶଙ୍କର ପ୍ରତିହାରୀ, ଶ୍ୟାମସୁନ୍ଦର ମହାପାତ୍ର, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ପାତ୍ର, ହରିହର କର, ଦୀପକ ପଣ୍ଡା, ବାବନ ରାଉତ, ଶିବାନୀ ଜେନା, ନରସିଂହ ଲେଙ୍କା ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।

# ଷଡ଼ଦିବସୀୟ ଶଲ୍ୟଚିକିତ୍ସକ ଶିକ୍ଷା ପ୍ରଶିକ୍ଷଣ

## ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ

ପୁରୀ, ୫।୧୨(ଅଜିତ୍ ମହାନ୍ତି)

ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଆୟୁଷ ମନ୍ତ୍ରଣାଳୟ ନୂଆଦିଲ୍ଲୀର ସହଯୋଗରେ ଏକ ଷଡ଼ଦିବସୀୟ ଶଲ୍ୟ ଚିକିତ୍ସକ ଶିକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲର ଡିନ୍ ତଥା ଅଧ୍ୟକ୍ଷ ପ୍ରଫେସର ଡା. ସବିତା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷଣ ସଭାର ସଭାପତି ତଥା ମହାବିଦ୍ୟାଳୟ ଅଧ୍ୟକ୍ଷ ଡା. ଅରୁଣ କୁମାର ଦାସ ଅତିଥିଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବରେ ଗୋପବନ୍ଧୁ ମହାବିଦ୍ୟାଳୟ ତଥା ଆଇଟିଆର୍‌ଏ ଜାମ୍‌ନଗର ଶଲ୍ୟତନ୍ତ୍ର ପୂର୍ବତନ ବିଭାଗୀୟ ମୁଖ୍ୟ ଡା. ଚତୁର୍ଭୁଜ ଭୁୟାଁ ଏବଂ ୟୁନାନି ଟିବିଆ କଲେଜ ନୂଆ ଦିଲ୍ଲୀର ଶଲ୍ୟତନ୍ତ୍ର ବିଭାଗୀୟ ମୁଖ୍ୟ ଡା ପ୍ରବୀଣ କୁମାର ଚୌଧାରୀ ବକ୍ତା ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ରାଜ୍ୟରୁ ଚୟନ କରାଯାଇଥିବା ୩୦ଜଣ ଶଲ୍ୟ ଚିକିତ୍ସକ ପ୍ରତିଭାଗୀ ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଡା. ସନ୍ଧ୍ୟାରାଣୀ ବେହେରା ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ବିଭିନ୍ନ କର୍ମଚାରୀ ତଥା ସ୍ନାତକୋତ୍ତର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ବିଭାଗୀୟ ମୁଖ୍ୟ ଡା.ରଞ୍ଜନ କୁମାର କାସ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ଦାଣ୍ଡରେ ଏସି ଟନେଲ ନିର୍ମାଣ ପ୍ରକଳ୍ପକୁ ବିରୋଧ

ପୁରୀ,୫।୧୨(ଅଜିତ୍ ମହାନ୍ତି)

ଜାତୀୟ ରାଜପଥ ବଡ଼ଦାଣ୍ଡରେ ଏସି ଟନେଲ ନିର୍ମାଣ ନ କରିବାକୁ ଦାବି କରି ସୂଚନା ଅଧିକାର କର୍ମୀ ଦିଲୀପ ବରାଳ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୦୨ରେ ବଡ଼ଦାଣ୍ଡକୁ ଜାତୀୟ ରାଜପଥର ମାନ୍ୟତା ମିଳିଛି। ଶ୍ରୀମନ୍ଦିରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିରର ଲମ୍ବ ୨.୮ କି.ମି.। ତେଣୁ ରାଜପଥରେ କାର୍ଯ୍ୟ କରିବାକୁ ହେଲେ ଜାତୀୟ ରାଜପଥ ଅଧିକାରୀଙ୍କ ଅନୁମତି ଆବଶ୍ୟକ। ମାତ୍ର ତାହା କରାଯାଇ ନାହିଁ ବୋଲି ବରାଳ ଉଲ୍ଲେଖ କରିଛନ୍ତି।

# 'ଜଳ ଓ ମୃତ୍ତିକା ଜୀବନର ଉତ୍ସ'

## ଜିଲାସ୍ତରୀୟ ମୃତ୍ତିକା ଦିବସ ପାଳିତ

ପୁରୀ, ୫।୧୨(ଅଜିତ ମହାନ୍ତି):

ପୁରୀ ସଂସ୍କୃତି ଭବନରେ ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶରତ କୁମାର ବେହେରା, ଜିଲା ମତ୍ସ୍ୟ ଅଧିକାରୀ ସୂର୍ଯ୍ୟନାରାୟଣ ମିଶ୍ର, ଜିଲା କୃଷି ଅଧିକାରୀ (ସାକ୍ଷୀଗୋପାଳ) ବିଷ୍ଣୁପ୍ରସାଦ ପଟ୍ଟନାୟକ, ଜିଲା କୃଷି ଅଧିକାରୀ ସୁଶାନ୍ତ କୁମାର ଦାସ ଏବଂ ମୁଖ୍ୟ ଜିଲା କୃଷି ଅଧିକାରୀ ଡ. ମନୋଜ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ମୃତ୍ତିକାର ଉପାଦେୟତା, ଜୀବନ ଧାରଣ ଓ କୃଷିକ୍ଷେତ୍ରରେ ଏହାର ଭୂମିକା ଏବଂ ମୃତ୍ତିକା କ୍ଷୟ ରୋକିବା ଉପରେ ଅତିରିକ୍ତ ଜିଲାପାଳ ସାହୁ ଆଲୋକପାତ କରିଥିଲେ। ଜଳ ଓ ମୃତ୍ତିକା ଜୀବନର ଉତ୍ସ ବୋଲି ଅତିଥିମାନେ କହିଥିଲେ। ପୁରୀ ସଦର ବ୍ଲକ୍‌ର ଚାଷୀମାନଙ୍କୁ ମୃତ୍ତିକା କାର୍ଡ ପ୍ରଦାନ କରାଯାଇଥିଲା। ସେହିପରି ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପତିଯୋଗିତାର ବରିଷ୍ଠ ବର୍ଗ ଓ କନିଷ୍ଠ ବର୍ଗର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପରେ ବୈଷୟିକ ଅଧିବେଶନ ଆୟୋଜିତ ହୋଇଥିଲା। ସୁସ୍ମିତା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଶେଷରେ ମୃତ୍ତିକା ରସାୟନବିତ୍ ଜି. ଶ୍ୱେତା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ୍‌ର କୃଷି ଅଧିକାରୀ, ଛାତ୍ରୀଛାତ୍ର ଏବଂ ଚାଷୀମାନେ ଉପସ୍ଥିତ ଥିଲେ।





ଜିଲାସ୍ତରୀୟ ମୃତ୍ତିକା ଦିବସ ପାଳନ ଅବସରରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।

# ଶ୍ୟାମସୁନ୍ଦର ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ 'ସିଂହାରୀ ସ୍ମରଣେ'



ଶ୍ୟାମସୁନ୍ଦର ସଙ୍ଗୀତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ କଳାକାରଙ୍କ ସଙ୍ଗୀତ ପରିବେଷଣ ।

ପୁରୀ,୫।୧୨(ଅଜିତ ମହାନ୍ତି):

ଶ୍ୟାମସୁନ୍ଦର ସଙ୍ଗୀତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରରେ ସୋମବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ 'ସିଂହାରୀ ସ୍ମରଣେ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୁରୁ ତଥା ବୀଣାବାଦକ ପଣ୍ଡିତ କେ. ରାମାରାଓ ପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ବିଜେଡି ନେତା ଶୁଭାଶିଷ ଖୁଣ୍ଟିଆ, ଜ୍ୟୋତିର୍ବିଦ୍ ପବିତ୍ର ମୋହନ ମହାପାତ୍ର, ଶ୍ରୀମନ୍ଦିର କମାଣ୍ଡର ସୁଧାଂଶୁ ଶେଖର ପଟ୍ଟନାୟକ ପ୍ରମୁଖ ଯୋଗଦାନ କରିଥିଲେ। ଓଡ଼ିଶୀ ସଙ୍ଗୀତର ପ୍ରତିଷ୍ଠାତା ସ୍ୱର୍ଗତ ଗୁରୁ ଶ୍ୟାମସୁନ୍ଦର କରଙ୍କ ଇଚ୍ଛାକୁ ବିଶ୍ୱବ୍ୟାପୀ କରାଇବା ନିମନ୍ତେ ବର୍ତ୍ତମାନର କଳାକାରମାନଙ୍କୁ ବଦ୍ଧପରିକର ହୋଇ ମିଳିତ ଉଦ୍ୟମ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର, କାର୍ଯ୍ୟକାରୀ ସଭାପତି ନୃତ୍ୟଗୁରୁ ଗୋବିନ୍ଦ ଚନ୍ଦ୍ର ପାଳ, ସଭାପତି କୁନାମଣି ଦେବୀ, ସାଧାରଣ ସମ୍ପାଦକ ମହାବୀର ପ୍ରତିହାରୀ, କୋଷାଧ୍ୟକ୍ଷ ରଘୁନାଥ ଖୁଣ୍ଟିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡ଼ିଶୀ ଓ ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ, ବାଦ୍ୟ ବିଚିତ୍ରା, ଓଡ଼ିଶୀ ଏବଂ ପଲ୍ଲୀ ନୃତ୍ୟ ପରିବେଷଣ କରାଯାଇଥିଲା। ଅତିଥି କଳାକାରମାନେ ମଧ୍ୟ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।



ମଙ୍ଗଳବାର ଶେଷ ରାତିରେ କଟକ ବାଲିଯାତ୍ରା ପଡ଼ିଆ ଲୋକାରଣ୍ୟ।



ବାଲିଯାତ୍ରା ପଲ୍ଲିଶ୍ରୀ ମେଳା ଷ୍ଟଲ ପାର୍ଶ୍ୱରେ ଥିବା ଲାମ୍ବ୍ରେଟା ସ୍କୁଟରରେ ବସି ଯୁବତୀମାନେ ମଜା ନେଉଛନ୍ତି।

# ସରିଲା କଟକ ବାଲିଯାତ୍ରା



ପଲ୍ଲିଶ୍ରୀ ମେଳାରେ ଗୃହ ଉପକରଣ କିଣିବା ପାଇଁ ଗହଳି।

**କଟକ, ୫।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)** - ଦୀର୍ଘ ୯ ଦିନ ଧରି ପ୍ରବଳ ଜନସମାଗମ ମଧ୍ୟରେ ଚାଲିଥିବା ଐତିହାସିକ କଟକ ବାଲିଯାତ୍ରା ମଙ୍ଗଳବାର ଶେଷ ହୋଇଛି। ଶେଷ ଦିନରେ ବାଲିଯାତ୍ରାର ଉପର ଓ ତଳପଡିଆ ଲୋକାରଣ୍ୟ ହୋଇଥିଲା। ଚଳିତବର୍ଷ ବାଲିଯାତ୍ରାରେ ୧,୪୦୦ରୁ ଅଧିକ ଷ୍ଟଲ ପଡ଼ିଥିବାବେଳେ ଓର୍‌ମାସ ପକ୍ଷରୁ ୪୦୦ରୁ ଊର୍ଦ୍ଧ୍ୱ ଷ୍ଟଲ ଖୋଲାଯାଇଥିଲା। କଟକ ସହର ସମେତ ବିଭିନ୍ନ ଜିଲାରୁ ଆସିଥିବା ଲୋକମାନେ ଚଟ୍‌ପଟି ଖାଦ୍ୟ ଖାଇବା ସହ ବିଭିନ୍ନ ଘରକରଣା ସାମଗ୍ରୀ କିଣାକିଣି କରିଥିଲେ। ଏଥିସହ ପିଲାମାନେ ଦୋଳିରେ ବସି ମଜା ଉଠାଇଥିଲେ। ବାଲିଯାତ୍ରାକୁ ପ୍ରଥମଥର ଆସିଥିବା ଫିସ୍ ଆକ୍ୱାରିୟମ ଟନେଲରେ ବିଭିନ୍ନ ପ୍ରକାରର ମାଛ ଦେଖିଥିଲେ। ବିଶେଷକରି କଟକ ଇନ୍ କଟକ ପ୍ୟାଭିଲିୟନ୍‌ରେ ସୃଷ୍ଟି ହୋଇଥିବା ଗ୍ରାମ୍ୟ ପରିବେଶ ଦେଖିବାକୁ ଭୁଲି ନଥିଲେ। ସେଠାରେ କିଛି ସମୟ ଅଟକି ରହିବା ସହ ପରିବାର ସହ ସେଲ୍ଫି ଉଠାଇଥିଲେ। ଏହି ଅବସରରେ ବାଲିଯାତ୍ରାର ଗଣକବି ବୈଷ୍ଣବ ପାଣି ମଞ୍ଚ ଏବଂ ଅକ୍ଷୟ ମହାନ୍ତି ମଞ୍ଚରେ ସାଂସ୍କୃତିକ ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାର ଝଲକ ଏଠାରେ ଦେଖିବାକୁ ମିଳିଥିଲା। ବଲିଉଡ୍ ଏବଂ ଓଲିଉଡ୍ କଣ୍ଠଶିଳ୍ପୀଙ୍କ ମନଛୁଆଁ ସଙ୍ଗୀତରେ ଦର୍ଶକ ମତୁଆଲା ହୋଇଥିଲେ। ଉଭୟ ମଞ୍ଚରେ ପରିବେଷିତ ନୃତ୍ୟ, ସଙ୍ଗୀତକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ଦେଶର ବିଭିନ୍ନ ପ୍ରାନ୍ତରୁ ନାନା ରକମର ସାମଗ୍ରୀ ଧରି ବାଲିଯାତ୍ରାକୁ ଆସିଥିବା ବ୍ୟବସାୟୀ ଭଲ ବ୍ୟବସାୟ କରିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ଭିଡ ନିୟନ୍ତ୍ରଣ ପାଇଁ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସୂଚନାଯୋଗ୍ୟ, ଗତ ନଭେମ୍ବର ୨୭ରୁ ଆରମ୍ଭ ହୋଇଥିବା ବାଲିଯାତ୍ରା ଡିସେମ୍ବର ୪ ତାରିଖରେ ଶେଷ ହେବାର ଥିଲା। ହେଲେ ଲୋକଙ୍କ ସମାଗମ ଓ ଆଗ୍ରହକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ବାଲିଯାତ୍ରା ଅବଧି ୨ ଦିନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲିଯାତ୍ରାର ଅବଧି ଆଉ ଗୋଟିଏ ଦିନ ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଥିଲେ। ଏ ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ନେବା ଲାଗି ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।



ବାଲିଯାତ୍ରା ତଳପଡ଼ିଆ ମିଶନ ଶକ୍ତି ଷ୍ଟଲ୍‌ରେ ଥିବା ହସ୍ତକଳା ସାମଗ୍ରୀ।



ବାଲିଯାତ୍ରା ପଡ଼ିଆରେ ଯୁବତୀମାନେ ସାମଗ୍ରୀ କିଣୁଛନ୍ତି।



ବାଲିଯାତ୍ରାରେ ଆଲୋକମାଳାରେ ସଜ୍ଜିତ ଦୋଳି।





## ମନମୋହିଲା ମାଲ୍‌ଖମ୍ବ, ଓଡ଼ିଶୀ ନୃତ୍ୟ

**କଟକ, ୫।୧୨(ଶିଳ୍ପା ପ୍ରିୟଦର୍ଶିନୀ):** ବାଲିଯାତ୍ରା ପଡିଆର ଗଣକବି ବୈଷ୍ଣବ ପାଣି ମଞ୍ଚରେ ମଙ୍ଗଳବାର ଉଦ୍‌ଯାପନୀ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରାରମ୍ଭରେ ସରୋଜିନୀ କଳା ପରିଷଦ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା। ପରେ ସାଇ ସ୍ମୃତି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦାଣ୍ଡିଆ ନୃତ୍ୟ, ମା' ସାହେଶ୍ୱରୀ କଳାନିକେତନ ପକ୍ଷରୁ ଓଡ଼ିଶୀ ନୃତ୍ୟ, ନଟରାଜ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସପ୍ତରଙ୍ଗ ନୃତ୍ୟ, ନାଳନ୍ଦା ପବ୍ଲିକ ସ୍କୁଲ ପକ୍ଷରୁ ଯୁଗଳବନ୍ଦୀ ନୃତ୍ୟ, ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ସେହିପରି ଦି ପଲ୍ଲଭୀ ପକ୍ଷରୁ ମାଲଖମ୍ବ, ସପ୍ତରଙ୍ଗ ଫାଉଣ୍ଡେସନ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ଯାଗୃତୀ ନୃତ୍ୟ କଳାମନ୍ଦିର ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ନାଚ ଘର ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟ, ନୂପୁରଧ୍ୱନି ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଓଡ଼ିଶୀ ଓ ସାନ୍ତାଳୀ ନୃତ୍ୟ ପରିବେଷିତ ହୋଇଥିଲା। ସେହିପରି ଶ୍ୟାମ୍ କୁମାରଙ୍କ ମେଲୋଡି ନାଇଟ୍‌ରେ ଉପସ୍ଥିତ ଦର୍ଶକ ଝୁମିଥିଲେ।



ବାଲିଯାତ୍ରା ତଳପଡ଼ିଆ ରାସ୍ତାପାର୍ଶ୍ୱରେ ବିକ୍ରି ପାଇଁ କୋଲକାତାରୁ ଆସିଥିବା ମାଛ ଜାଲ।



ବାଲିଯାତ୍ରା ପଡ଼ିଆ କଟକ ଇନ୍ କଟକ ପାଭିଲିୟନରେ ଓଟ ଓ ଘୋଡ଼ା।



ବାଲିଯାତ୍ରା ପଡ଼ିଆ ପଲ୍ଲିଶ୍ରୀ ମେଳାରେ ମହିଳାମାନେ ଓଢ଼ଣୀ କିଣୁଛନ୍ତି।

## ସଂକ୍ଷେପରେ

### ଆୟୁଷ ହସ୍ପିଟାଲ ଭିତ୍ତିଭୂମି ବିକାଶ ପାଇଁ ଖର୍ଚ୍ଚ ହେବ ୧୫୭ କୋଟି

ଭୁବନେଶ୍ୱର, ୫।୧୨(ଅସମାପିକା ସାହୁ): ରାଜ୍ୟରେ ଆୟୁଷ ହସ୍ପିଟାଲଗୁଡ଼ିକର ଭିତ୍ତିଭୂମି ବିକାଶ ହେବ। ଏଥିପାଇଁ ୧୫୭ କୋଟି ଟଙ୍କା ଖର୍ଚ୍ଚ ହେବ। ନୂତନ ଗୃହ ନିର୍ମାଣ ଓ ପୁରୁଣା ମରାମତି ପାଇଁ ରିପୋର୍ଟ ଦିଆସରିଛି। ଯଥାଶୀଘ୍ର କାର୍ଯ୍ୟ ସରିବ ବୋଲି ଆୟୁଷ ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକ ପ୍ରେମଜିତ ନାୟକ ସୂଚନା ଦେଇଛନ୍ତି। ସ୍ୱତନ୍ତ୍ର ସ୍କ୍ୱାଡ୍ ସମସ୍ତ ଆୟୁଷ ଡିସ୍ପେନ୍ସାରି ପରିଦର୍ଶନ କରି ଆୟୁଷ ନିର୍ଦ୍ଦେଶାଳୟକୁ ରିପୋର୍ଟ ଦେବେ। ଯାହା ଅଭାବ ରହିଛି, ତାହା ପୂରଣ କରାଯିବ। ଡାକ୍ତର, ସହାୟକ ଓ ଅନ୍ୟ କର୍ମଚାରୀ ନିୟମିତ ଆସୁଛନ୍ତି ନା ନାହିଁ, ତାହା ଅନୁଧ୍ୟାନ କରିବାକୁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ ହୋଇଛି। ଓଡ଼ିଶା ପବ୍ଲିକ୍ ସର୍ଭିସ କମିଶନ ଜରିଆରେ ୨୨୧ ଆୟୁଷ ଡାକ୍ତର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିବା ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

### 'ମେରା ଭାରତ ମହାନ୍' ସଙ୍ଗୀତ ସନ୍ଧ୍ୟା

ଭୁବନେଶ୍ୱର, ୫।୧୨(ଶର୍ମିଷ୍ଠା ପାଣିଗ୍ରାହୀ): ଡିଲାଇଟ ଏଣ୍ଟରଟେନ ପକ୍ଷରୁ 'ମେରା ଭାରତ ମହାନ' ସଙ୍ଗୀତ ସନ୍ଧ୍ୟା ମଙ୍ଗଳବାର ସୂଚନା ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୟେ ପ୍ରୀତ୍ ଜାହାଁକି ରିତ୍ ସଦା.., ଦିଲ୍ କ୍ୟା କରେ ଜବ୍ କିସିକୋ.. ଭଳି ଦେଶାତ୍ମବୋଧକ ଓ ଚିର ସବୁଜ ଗୀତ ପରିବେଷିତ ହୋଇଥିଲା। କଣ୍ଠଶିଳ୍ପୀମାନେ ହିନ୍ଦୀ, ବଙ୍ଗଳା, ଓଡ଼ିଆ ଭାଷାରେ ଗୀତ ଗାଇଥିଲେ। ଅତିଥି ଭାବେ ଡ. ଡି.ଏସ୍. ମାଲାକାର ମଞ୍ଚାସୀନ ଥିବାବେଳେ ଅରୁଣ ମଥାନ୍ ସ୍ୱାଗତ ଭାଷଣ ଦେଇଥିଲେ। ସାଗରିକା, ଚିତ୍ତରଞ୍ଜନ, ସିଦ୍ଧାର୍ଥ, ସ୍ୱାତୀ, ସ୍ପନ୍ଦନିକା, ହରେକୃଷ୍ଣ, ତନୁଶ୍ରୀ, ମନୋଜ ପ୍ରମୁଖ ସଙ୍ଗୀତ ଗାନ କରିଥିଲେ। କମଲ କିରଣ ମଞ୍ଚ ପରିଚାଳନା କରିଥିଲେ।

### ମାନବିକ ଅଧିକାର ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୫।୧୨(ବନ୍ଦନା ସେଠୀ)- ୟୁନେସ୍କୋ ଏବଂ ଆଇଆଇଏମ୍‌ଟି ଭୁବନେଶ୍ୱରର ମିଳିତ ସହଯୋଗରେ ଭର୍ଚୁଆଲ୍ ମାଧ୍ୟମରେ ମାନବିକ ଅଧିକାର ଓ ଆର୍ଥିକ ବ୍ୟବସ୍ଥା ସଂକ୍ରାନ୍ତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ୟୁନେସ୍କୋ ଲେକ୍‌ଚର ସିରିଜ୍ ଚେୟାରର ପ୍ରଫେସର ଫ୍ରାନ୍‌ସିସ୍‌କୋ ଭିଗ୍ଲିଆରୋଲୋ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଦେଶର ମାନବିକ ଅଧିକାର ସୁରକ୍ଷା ରାଷ୍ଟ୍ରର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଆଇଆଇଏମ୍‌ଟି ପ୍ରଫେସର ଡ. ଶ୍ରୀକାନ୍ତ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରି କହିଲେ, ଗଣତନ୍ତ୍ର ପାଇଁ ଯେପରି ମାନବିକ ଅଧିକାର ଗୁରୁତ୍ୱପୂର୍ଣ୍ଣ, ଦେଶର ବିକାଶ ଲାଗି ଆର୍ଥିକ ସହଯୋଗ ସେହିପରି ଅତ୍ୟନ୍ତ ଆବଶ୍ୟକ। ସେହିପରି ମାନବିକ ଅଧିକାରକୁ ସମ୍ମାନ ଦେଲେ ଦେଶର ପ୍ରଗତି ଆଗେଇଚାଲେ ବୋଲି ଇଟାଲି ବିଶ୍ୱବିଦ୍ୟାଳୟର ପ୍ରଫେସର ଆରତ୍ତୁରେ ହର୍ମନ କହିଥିଲେ। ଓଡ଼ିଶା ଟେଲିକମ୍‌ର ନିର୍ଦ୍ଦେଶକ ଇଂ. ସୁବ୍ରତ କୁମାର ପୃଷ୍ଟି, ଅରୁଣାଚଳପ୍ରଦେଶସ୍ଥିତ ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଫେସର ସୁଶାନ୍ତ କୁମାର ନାଏକ ପ୍ରମୁଖ ଏନେଇ ମତ ରଖିଥିଲେ।

# ଦୁର୍ଗନ୍ଧକୁ ନେଇ ତେଜୁଛି ଜନଅସନ୍ତୋଷ

ଭୁବନେଶ୍ୱର, ୫।୧୨ (ବନ୍ଦନା ସେଠୀ)

ସୈନିକ ସ୍କୁଲ ନିକଟସ୍ଥ ଟିଟିଏସ୍ (ଟେମ୍ପରାରି ଟ୍ରାନ୍‌ଜିଟ୍ ଷ୍ଟେଶନ) ପାଇଁ ଦିନକୁ ଦିନ ସ୍ଥିତି ବିଗିଡ଼ି ଚାଲିଛି। ଦୁର୍ଗନ୍ଧରେ ଅଧା ସହର ଅଣନିଃଶ୍ୱାସୀ ହୋଇପଡ଼ିଲାଣି। ଦୈନିକ ସହରରୁ ୬ଶହ ମେଟ୍ରିକ୍ ଟନ୍ ଆବର୍ଜନା ବାହାରୁଥିବାବେଳେ ସେଥିରୁ ୪ଶହ ମେଟ୍ରିକ୍ ଟନ୍ ଆବର୍ଜନା ଟିଟିଏସ୍‌କୁ ଆସୁଥିବା ବିଏମ୍‌ସି ସୂତ୍ରରୁ ଜଣାପଡ଼ିଛି। ତେବେ ଏହି ଆବର୍ଜନାକୁ ବାଦ୍ ଦେଲେ ସବୁଜ ଆବର୍ଜନା, ନିର୍ମାଣ ଓ ଭଗ୍ନାବଶେଷ ଆବର୍ଜନାକୁ ମିଶାଇଲେ ଏହା ପ୍ରାୟ ୮ଶହ ମେଟ୍ରିକ୍ ଟନ୍‌କୁ ଛୁଇଁବ। ଭୁଆଶୁଣୀ ଡମ୍ପିଂୟାର୍ଡ ବନ୍ଦ ହେବା ପରଠାରୁ ବିଏମ୍‌ସି ଆବର୍ଜନା ପରିଚାଳନା କରିବାରେ ସମ୍ପୂର୍ଣ୍ଣ ଭାବେ ବିଫଳ ହେଉଥିବାବେଳେ ଜନସାଧାରଣଙ୍କୁ ଏକପ୍ରକାର ହନ୍ତସନ୍ତ କରୁଛି। ୧ମାସରୁ ଊର୍ଦ୍ଧ୍ୱ ସମୟ ହେବ ସହରବାସୀ ଦୁର୍ଗନ୍ଧରେ ଜୀବନ ଅତିବାହିତ କରୁଥିବାବେଳେ ସହର ବାହାରେ ମଧ୍ୟ ସ୍ମାର୍ଟସିଟିର ଏହି ଚିତ୍ରକୁ ନେଇ ଚର୍ଚ୍ଚା ଆରମ୍ଭ ହେଲାଣି। ମାତ୍ର ଏତେସବୁ ପରେ ମଧ୍ୟ ବିଏମ୍‌ସି କର୍ତ୍ତୃପକ୍ଷ କିଛି ପଦକ୍ଷେପ ନେଉ ନ ଥିବା ତଥା ଦୁର୍ଗନ୍ଧ କମାଇବା ପାଇଁ କୌଣସି ପ୍ରକାର ବ୍ୟବସ୍ଥା ନ କରିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଏ ନେଇ ସ୍ଥାନୀୟ ଅଞ୍ଚଳର କେତେଜଣ ବାସିନ୍ଦାଙ୍କ ମତାମତକୁ ନେଇ ଏକ ରିପୋର୍ଟ।




### ଭୁବନେଶ୍ୱର ଏବେ ଗାଁ ଗଣ୍ଡାଠାରୁ ବଳିଗଲାଣି



ରାଜଧାନୀ ଭୁବନେଶ୍ୱର ଏବେ ଆଉ ବାସୋପଯୋଗୀ ସହର ହୋଇ ରହିନାହିଁ। ଗାଁ ଗଣ୍ଡାଠାରୁ ଏହା ବଳିଗଲାଣି। କେବଳ ଟିଟିଏସ୍‌ରୁ ବାହାରୁଥିବା ଦୁର୍ଗନ୍ଧ ନୁହେଁ, ବରଂ ସହରର ଗଳିକନ୍ଦିରେ ଆବର୍ଜନା ପଡ଼ିରହିଥିବା ଦେଖିବାକୁ ମିଳୁଛି, ଯାହା କି ସାଧାରଣ ଜୀବନଯାପନ ଉପରେ ଘୋର ପ୍ରଭାବ ପକାଉଛି।

–ଭାସ୍କର ବଳ, ସ୍ଥାନୀୟ ବାସିନ୍ଦା

### ଅପରିଷ୍କାର ପରିବେଶ ପାଇଁ ଦେହ ଖରାପ ରହୁଛି

ଶାଶୁ, ଶ୍ୱଶୁରଙ୍କ ବୟସ ହେଲାଣି, ସେମାନେ ସୁସ୍ଥ ବାତାବରଣ ଏବଂ ଭଲରେ ରହିବେ ବୋଲି ତାଙ୍କୁ ଗାଁରୁ ମୋ ପାଖକୁ ଆଣିଛି। ହେଲେ ଏଠି ଅପରିଷ୍କାର ପରିବେଶ ପାଇଁ ତାଙ୍କ ଦେହ ଭଲ ରହୁନି। ଦୁର୍ଗନ୍ଧ ପାଇଁ କେତେବେଳେ ବାନ୍ତି ହେଉଛି ତ ଆଉ କେବେ ଦେହହାତ କୁଣ୍ଡାଇ ହେଉଛି।



–ଅରୁନ୍ଧତୀ ଦାଶମହାପାତ୍ର, ସ୍ଥାନୀୟ ବାସିନ୍ଦା

### ବିଏମ୍‌ସି ଏବେ ନିଦାବିଷ୍ଟ ସାଜିଛି



ରାଜ୍ୟର ସ୍ୱଚ୍ଛତା ରାଜଧାନୀକୁ ଦେଖିଲେ ଜଣାପଡ଼େ। କିନ୍ତୁ ବିଡ଼ମ୍ବନାର ବିଷୟ, ଆମ ରାଜଧାନୀ ତଥା ସ୍ମାର୍ଟସିଟି ଭୁବନେଶ୍ୱର ଏବେ ଅଳିଆ ପାହାଡ଼ ଉପରେ ଛିଡ଼ାହୋଇଛି। ଆବର୍ଜନା ଦୁର୍ଗନ୍ଧରେ ଭୁବନେଶ୍ୱରବାସୀଙ୍କ ନାକ ଫାଟିପଡ଼ୁଛି। ସ୍ୱଚ୍ଛତାରେ ନିଜକୁ ଏକ ନମ୍ବର କହୁଥିବା ବିଏମ୍‌ସି ଏବେ ନିଦାବିଷ୍ଟ ସାଜିଛି। ଭୁବନେଶ୍ୱରକୁ ଯଥାଶୀଘ୍ର ଆବର୍ଜନାରୁ ମୁକ୍ତ କରିବା ସହ ମନ୍ଦିର ମାଳିନୀ ସହରକୁ ତା'ର ସୌନ୍ଦର୍ଯ୍ୟ ଫେରାଇ ଦେବା ପାଇଁ ସ୍ୱର ଉଠିଲାଣି।

–ଦୀପ୍ତିରଞ୍ଜନ ସାହୁ, ସ୍ଥାନୀୟ ବାସିନ୍ଦା

### ଲୋକଙ୍କ ଜୀବନ ସହିତ ଖେଳ ଖେଳୁଛନ୍ତି

ରାଜ୍ୟ ସରକାର ଲୋକଙ୍କୁ ମୌଳିକ ସୁବିଧା ଦେଇପାରୁନାହାନ୍ତି। ମାତ୍ର ଅଳିଆ ପାହାଡ଼ ଦ୍ୱାରା ବିଭିନ୍ନ ପ୍ରକାର ରୋଗକୁ ବାୟୁ ମାଧ୍ୟମରେ ବାଣ୍ଟି ଲୋକଙ୍କ ଜୀବନ ସହିତ ଖେଳ ଖେଳୁଛନ୍ତି। ସହର ମଧ୍ୟରେ ଅଳିଆ ଗଦାଇ ପରିବେଶକୁ ଦୂଷିତ ଓ ଗନ୍ଧମୟ କରିବା ଆଦୌ ଶୋଭନୀୟ ନୁହେଁ। ଏହା ତୁରନ୍ତ ହଟାଯାଇ ସହରରୁ ବହୁ ଦୂରକୁ ନିଆଯିବା ଆବଶ୍ୟକ। ସେହିପରି ଅଳିଆ, ପ୍ଲାଷ୍ଟିକରୁ ନୂତନ ଜ୍ଞାନକୌଶଳ ପ୍ରୟୋଗ ଦ୍ୱାରା ଯେପରି ଏହାକୁ ପୁନଃ ବ୍ୟବହାର କରାଯାଇପାରିବ ସେଥିପ୍ରତି ମଧ୍ୟ ପଦକ୍ଷେପ ନିଆଯିବା ଆବଶ୍ୟକ।



–ଜୀବନଜ୍ୟୋତି କୁଅଁର, ସ୍ଥାନୀୟ ବାସିନ୍ଦା




ସୂଚନା ଭବନ ପ୍ରେକ୍ଷାଳୟରେ ମଙ୍ଗଳବାର ଡିଲାଇଟ ଏଣ୍ଟରଟେନ ପକ୍ଷରୁ ଆୟୋଜିତ 'ମେରା ଭାରତ ମହାନ୍' ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମରେ ଅତିଥି ଏବଂ କଣ୍ଠଶିଳ୍ପୀମାନେ।

# 'ବର୍ଷା ହେଲେ ବସବାସ ଅସହ୍ୟ ହୋଇପଡ଼ିବ'

ଭୁବନେଶ୍ୱର, ୫।୧୨ (ବନ୍ଦନା ସେଠୀ)

### ନବମ ଦିନରେ ଜିଲା ଭାଜପାର ସତ୍ୟାଗ୍ରହ

ଗାଡ଼କଣ ମୌଜାସ୍ଥିତ ସୈନିକସ୍କୁଲ ନିକଟବର୍ତ୍ତୀ ଟିଟିଏସ୍ ଆବର୍ଜନାରୁ ବାହାରୁଥିବା ଦୁର୍ଗନ୍ଧ ପାଇଁ ସହରବାସୀ ହନ୍ତସନ୍ତ ହେଉଛନ୍ତି। ଏହାକୁ ବିରୋଧ କରି ଭାଜପା ପକ୍ଷରୁ ଚାଲିଥିବା ସତ୍ୟାଗ୍ରହ ବୁଧବାର ନବମ ଦିନରେ ପହଞ୍ଚି ଥିବାବେଳେ ଏଯାଏ ବିଏମ୍‌ସି ପକ୍ଷରୁ କୌଣସି ଆଲୋଚନା କରାଯାଇନାହିଁ କି ପଦକ୍ଷେପ ନିଆଯାଇ ନାହିଁ। ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀ ଏହାକୁ ସମର୍ଥନ ଜଣାଇ ସତ୍ୟାଗ୍ରହରେ ସାମିଲ ହୋଇଥିବା ଭାଜପା ପକ୍ଷରୁ ସୂଚନା ଦିଆଯାଇଛି। ଅସହ୍ୟ ଦୁର୍ଗନ୍ଧ କାରଣରୁ ଲୋକଙ୍କ ଜୀବନ ଅତିଷ୍ଠ ହୋଇପଡିଛି। ଲୋକେ ଏକପ୍ରକାର ଗୃହବନ୍ଦୀ ହୋଇ ରହିଛନ୍ତି। ବର୍ଷାହେଲେ ଡମ୍ପିଂୟାର୍ଡରୁ ଅସହ୍ୟ ଦୁର୍ଗନ୍ଧ ବାହାରିବ ଏବଂ ଅଞ୍ଚଳରେ ବସବାସ ଓ ଚଳପ୍ରଚଳ ଅସମ୍ଭବ ହୋଇପଡିବ। ତେଣୁ ତୁରନ୍ତ ଡମ୍ପିଂୟାର୍ଡର ସ୍ଥାୟୀ ସମାଧାନ କରିବା ସହ ଶାସକ ଦଳ ବିଧାୟକ ଓ ମେୟର ନୈତିକତା ଦୃଷ୍ଟିରୁ ରାଜଧାନୀବାସୀଙ୍କୁ କ୍ଷମା ପ୍ରାର୍ଥନା କରିବା ଆବଶ୍ୟକ ବୋଲି ଭୁବନେଶ୍ୱର ସାଙ୍ଗଠନିକ ଜିଲା ଭାଜପା ସଭାପତି ବାବୁ ସିଂ ଦାବି କରିଛନ୍ତି। ସେହିପରି ସତ୍ୟାଗ୍ରହକୁ ଜାରି ରଖିବା ସହ ଆବଶ୍ୟକ ପଡିଲେ ଆଇନ୍ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି। ଏହି ଆନ୍ଦୋଳନ ଲୋକଙ୍କ ପାଇଁ ଚାଲିଛି ଓ ଆଗକୁ ମଧ୍ୟ ଏଭଳି ଚାଲିଥିବ ବୋଲି ରାଜ୍ୟ ପ୍ରବକ୍ତା ଦିଲ୍ଲୀପ ମହାନ୍ତି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ନାରାୟଣ ମହାନ୍ତି, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଦର୍ଶନ ନାୟକ, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଭୁବନାନନ୍ଦ ତ୍ରିପାଠୀ, ଉମାକାନ୍ତ ମିଶ୍ର, ଶିଶିର ଚନ୍ଦ୍ର ଘୋଷ, ସଜନ ଶର୍ମା, ଡା. ବିଶ୍ୱନାଥ ପଟ୍ଟନାୟକଙ୍କ ସମେତ ଭୁବନେଶ୍ୱର ସାଙ୍ଗଠନିକ ଜିଲା ଭାଜପାର ନେତୃବୃନ୍ଦ ଉପସ୍ଥିତ ଥିଲେ।




ଭାଜପା ପକ୍ଷରୁ ଚାଲିଥିବା ସତ୍ୟାଗ୍ରହ।

# ସରିଲା କାର୍ତ୍ତିକେଶ୍ୱର ପୂଜା: ଆଜି ଭସାଣି

ବାରଙ୍ଗ,୫।୧୨(ଲିଙ୍ଗରାଜ ରାଉତ)

ବାରଙ୍ଗର ଗଣପର୍ବ ତଥା ପ୍ରସିଦ୍ଧ କାର୍ତ୍ତିକେଶ୍ୱର ପୂଜାର ଶେଷ ଦିନ ମଙ୍ଗଳବାର ବିଭିନ୍ନ ପୂଜା ମଣ୍ଡପରେ ଗହଳି ଲାଗି ରହିଥିଲା। ୧୦ଦିନ ଧରି ଚାଲିଥିବା ଏହି ପୂଜାରେ କେତେକ ପୂଜା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। କିଣାବିକାର ପସରା ସାଙ୍ଗକୁ ଚଟାପଟ ଖାଦ୍ୟ ଓ ତା' ସାଙ୍ଗକୁ ମୀନା ବଜାରର ମଜା ଦର୍ଶକ ଭରପୂର ଉଠାଇଥିଲେ। ଏହି ପୂଜାର ଅନ୍ୟତମ ଆକର୍ଷଣ ଭସାଣି ଉତ୍ସବ ବୁଧବାର ଥିବାରୁ ଏହାକୁ ଆକର୍ଷଣୀୟ କରିବାକୁ ସମସ୍ତେ ଜୋରଦାର ଉଦ୍ୟମ ସାଙ୍ଗକୁ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ କରି ଦେଇଛନ୍ତି। ଏଥର ଭସାଣିରେ ଡିଜେକୁ ବାରଣ କରାଯାଇଥିବାବେଳେ ପାରମ୍ପରିକ ବାଦ୍ୟ ଓ ସୁସଜ୍ଜିତ ଆଲୋକ ଗେଟ୍‌କୁ ସମସ୍ତ ପୂଜା କମିଟି ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଏଥର ଭସାଣିରେ ୨୫ଟି ମେଢ଼ ସାମିଲ ହେବାକୁ ନିଷ୍ପତ୍ତି ହୋଇଛି। ବାରଙ୍ଗ ଥାନା ଅଧିକାରୀ ଆକାଶ ଚନ୍ଦ୍ର ରଣାଙ୍କ ତତ୍ତ୍ୱାବଧାନରେ ଶାନ୍ତି କମିଟି ଓ ପୂଜା କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ହୋଇଥିବା ନିଷ୍ପତ୍ତି ମୁତାବକ ସମସ୍ତ ମେଢ଼କୁ ଗାଁ ଛାଡ଼ି ବାରଙ୍ଗ ମୁଖ୍ୟରାସ୍ତା ଉପରେ ପହଞ୍ଚିବାକୁ ଶାନ୍ତି କମିଟି ପକ୍ଷରୁ ସମୟ ସାରଣୀ ପ୍ରଦାନ କରାଯାଇଛି। ପ୍ରତି ମେଢ଼ର ୧୫ ମିନିଟ୍ ବ୍ୟବଧାନ ପରେ ପଛ ମେଢଟି ଆସିବାର ନିଷ୍ପତ୍ତି ହୋଇଛି। ଫକୀରପଡ଼ା ମେଢ଼ ପ୍ରଥମେ ଅପରାହ୍ନ ୫ଟା ସମୟରେ ତ୍ରିଶୂଳିଆ ଛକରେ ପହଞ୍ଚିବ। ଏହାପରେ କ୍ରମାନ୍ୱୟରେ ପଛକୁ ପଛ ମେଢ଼ ଆସିବ। ସମସ୍ତ ମେଢ଼ ବାରଙ୍ଗ ଥାନା ପାଖକୁ ଆସି ଭୋଗହାଣ୍ଡି ନେଇ ଶାନ୍ତି କମିଟି ପକ୍ଷରୁ କରାଯାଇଥିବା ଅଭ୍ୟର୍ଥନା କକ୍ଷରେ କର୍ମକର୍ତ୍ତା ସମ୍ମାନିତ ହେବା ପରେ ମେଢ଼ଗୁଡ଼ିକ ବିସର୍ଜନ ସ୍ଥଳକୁ ଅଗ୍ରସର ହୋଇ ପୁରୀ ମୁଖ୍ୟ କେନାଲ କଡ଼ରେ କରାଯାଇଥିବା ୨ଟି କୃତ୍ରିମ ପୋଖରୀରେ ବିସର୍ଜନ ହେବ ବୋଲି ଶାନ୍ତି କମିଟି ସମ୍ପାଦକ ସୁରେଶ ମହାନ୍ତି କହିଛନ୍ତି। ଏହି ଦିନ ବାଲିଯାତ୍ରାର ଶେଷ ଦିନ ହୋଇଥିବାବେଳେ ବାରଙ୍ଗର ଭସାଣି ଥିବାରୁ ବାଲିଯାତ୍ରାକୁ ଯିବାକୁ ଚାହୁଁଥିବା ଲୋକମାନେ ଭିଡ଼ରୁ ବର୍ତ୍ତିବା ପାଇଁ ବାରଙ୍ଗ ଦେଇ ନ ଆସିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ଫାଇନାଲରେ ମା' ମଙ୍ଗଳା କ୍ଲବ

### ଗଣ୍ଡରପୁର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

ବାରଙ୍ଗ,୫।୧୨(ଲିଙ୍ଗରାଜ ରାଉତ)

ଗଣ୍ଡରପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌ରେ ଚାଲୁଥିବା ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ତୃତୀୟ ଦିନରେ ପହଞ୍ଚିଛି। ଗ୍ରାମାଞ୍ଚଳ ବିଭାଗର ପ୍ରଥମ ମ୍ୟାଚ ତିନିଘରିଆର ଇଲେଭେନ ଗନ କ୍ଲବ ସହିତ ଟାଙ୍ଗିବନ୍ତର ବାଞ୍ଛାମଣି କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇଲେଭେନ ଗନ କ୍ଲବ ୩-୦ ଗୋଲରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ଗଣେଶ ସେଠୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ସେହିଭଳି ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ମା' ମଙ୍ଗଳା କ୍ଲବ ଗୋଠପୁର ୩-୦ ଗୋଲରେ ଜାଗମରା ଫୁଟବଲ କ୍ଲବକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମା' ମଙ୍ଗଳା କ୍ଲବର ବିକାଶ ପିହାରୀଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ବିବେଚନା କରାଯାଇଥିଲା। ଏହି



ଅତିଥିଙ୍କ ଠାରୁ ଜଣେ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ଟୁର୍ଣ୍ଣାମେଣ୍ଟରେ ଗ୍ରାମାଞ୍ଚଳର ବି ଡିଭିଜନ ମ୍ୟାଚ ଆରମ୍ଭ ହୋଇଥିଲା। ପ୍ରଥମ ମ୍ୟାଚ ଉରାଳି ଓ କୁରାଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉରାଳି ୧-୦ରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ବିଳାଶୁଣୀ ଓ ଆମଣ ମଧ୍ୟରେ ହୋଇଥିଲା। ମ୍ୟାଚରେ ଟାଇବ୍ରେକର ଜରିଆରେ ଆମଣ ବିଜୟୀ ହୋଇଥିଲା। ପରେ ଉରାଳି ଏବଂ ଆମଣ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଆମଣ ବିଜୟୀ ହୋଇ ବି ଡିଭିଜନର ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଓଏସ୍‌ଏଇସି ଅଧ୍ୟକ୍ଷ ଚିନ୍ମୟ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ବିଡିଓ ସାଗର ପାଲୋ ଯୋଗ ଦେଇଥିଲେ। ମ୍ୟାଚକୁ ସୁଦୀପ ଦାସ, ଜ୍ୟୋତି ରଞ୍ଜନ ସ୍ୱାଇଁ, ପ୍ରିୟବ୍ରତ ବାହିନୀପତି, ରାଜେନ୍ଦ୍ର ବାରିକ, ବରୁଣ ପ୍ରଧାନ ରେଫରୀ ଭାବେ ପରିଚାଳନା କରିଥିଲେ। ବୁଧବାର ଗ୍ରାମାଞ୍ଚଳ ପ୍ରଥମ ମ୍ୟାଚ ପଦ୍ମକେଶରପୁର ସହିତ ନରଣପୁର ଓ ଦ୍ୱିତୀୟ ମ୍ୟାଚ ଉଷୁମା ସହିତ ଜୟପୁର ମଧ୍ୟରେ ଅନୁଷ୍ଠିତ ହେବ। ସହରାଞ୍ଚଳର ପ୍ରଥମ ସେମିଫାଇନାଲ ଜଗା ୟୁନାଇଟେଡ ସହିତ ସଂଘର୍ଷ କ୍ଲବର ମୁକାବିଲା ହେବ ।

# 'ମୃତ୍ତିକା ସ୍ୱାସ୍ଥ୍ୟର ସୁପରିଚାଳନା ଗୁରୁତ୍ୱପୂର୍ଣ୍ଣ'

### ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ

ଭୁବନେଶ୍ୱର, ୫।୧୨(ଅସମାପିକା ସାହୁ)

ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଏକ ମୁଖ୍ୟ ସମସ୍ୟା ଭାବରେ ଉଭା ହୋଇଥିବାବେଳେ ମୃତ୍ତିକା ସ୍ୱାସ୍ଥ୍ୟର ସୁପରିଚାଳନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମୃତ୍ତିକାର ସ୍ୱାସ୍ଥ୍ୟ ପାଇଁ ପରମ୍ପରାଗତ କୃଷି ଏବଂ ଆଧୁନିକ କୃଷି ମଧ୍ୟରେ ଏକ ସମନ୍ୱୟ ଆଣିବା ଆବଶ୍ୟକ ବୋଲି କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି। ମଙ୍ଗଳବାର କୃଷି ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଢ଼ୀ କହିଲେ, ମୃତ୍ତିକା ପରୀକ୍ଷା ତଥା ଜୈବିକ କୃଷି ପ୍ରଣାଳୀ ବ୍ୟବହାର ଦ୍ୱାରା ମୃତ୍ତିକା ସ୍ୱାସ୍ଥ୍ୟ ଓ ଦୀର୍ଘକାଳୀନ ଫସଲର ଅଭିବୃଦ୍ଧି ହୋଇଥାଏ। ଏହି ପୃଷ୍ଠଭୂମିରେ ମାଟିର ସ୍ୱାସ୍ଥ୍ୟ ପୁନରୁଦ୍ଧାର ନିମନ୍ତେ ଏକ ସମନ୍ୱିତ ପ୍ରୟାସର ଆବଶ୍ୟକତା ରହିଛି, ଯାହାକି



ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ନିରନ୍ତର ଫସଲ ଉତ୍ପାଦନ ଦିଗରେ ସହାୟକ ହୋଇପାରିବ। ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଚିତ୍ରା ଅରୁମୁଗମ୍ କହିଲେ, ସୁସ୍ଥ ମାଟି ସଫଳ କୃଷିର ଆଧାର। ପରିବେଶରୁ ଉପୁଜୁଥିବା ଅଙ୍ଗାରକାମ୍ଳର କିଛି ଅଂଶକୁ ମାଟି ଶୋଷି ନେଇଥାଏ। ତେଣୁ ମୃତ୍ତିକାର ଅବକ୍ଷୟକୁ ରୋକିବା ଆବଶ୍ୟକ। ଗୋଟିଏ ଚାମଚ ମୃତ୍ତିକାରେ ଯେତେ ଅଣୁକୀଟାଣୁ ଅଛନ୍ତି ତାହା ପୃଥିବୀର ଜନସଂଖ୍ୟାଠାରୁ ମଧ୍ୟ ଅଧିକ। ଏହି ଦୃଷ୍ଟିରୁ ମୃତ୍ତିକାର ଅବକ୍ଷୟ ନିମନ୍ତେ ଜନସଚେତନତା ଜରୁରୀ ବୋଲି ଅରୁମୁଗମ୍ କହିଥିଲେ।

ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଲେ, ମୃତ୍ତିକା ଓ ଜଳବାୟୁ ଆଧାରରେ ଓଡ଼ିଶାରେ ଦଶଟି ଆଗ୍ରୋ-କ୍ଲାଇମେଟିକ ଅଞ୍ଚଳ ରହିଛି। ମୃତ୍ତିକାର ସ୍ୱାସ୍ଥ୍ୟ ଦିଗରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଅନେକ କାର୍ଯ୍ୟକ୍ରମ କରାଯାଉଛି। ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପଦ୍ମଶ୍ରୀ ଡ. ସାବରମତୀ କହିଲେ, ପ୍ରାକ୍ ବୈଦିକ କାଳରୁ ମଣିଷ ମାଟିର ଗୁରୁତ୍ୱ ଉପଲବ୍ଧି କରିଆସିଛି। ମୃତ୍ତିକାର ସୁପରିଚାଳନା ଅଭାବରୁ ମୃତ୍ତିକାର କ୍ଷୟ ହେବା ଯୋଗୁ ଅତୀତରେ ଅନେକ ସଭ୍ୟତା ଲୋପ ପାଇଯାଇଛି। ଉତ୍ସବ ପ୍ରାରମ୍ଭରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ସ୍ୱାଗତ ଭାଷଣ ଏବଂ ଅତିରିକ୍ତ ନିର୍ଦ୍ଦେଶକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଚାଷୀମାନେ ଅଧିକୃତ କୃଷି ବୈଜ୍ଞାନିକ କିମ୍ବା କୃଷି ଅଧିକାରୀମାନଙ୍କଠାରୁ ପ୍ରେସ୍କ୍ରିପସନ୍ ଆଣି କୀଟନାଶକ କିଣିବା ଏବଂ ସୁରକ୍ଷିତ ବ୍ୟବହାର ସମ୍ବଳିତ ନିୟମାବଳୀ ଆଧାରିତ ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଅଗ୍ରଣୀ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଷୟିକ ଅଧିବେଶନରେ ମୃତ୍ତିକାର ସ୍ୱାସ୍ଥ୍ୟ ପରିଚାଳନା ନେଇ ବୈଜ୍ଞାନିକ ଓ ଆଧୁନିକ ପଦ୍ଧତି ସମ୍ପର୍କରେ କୃଷି ବିଶେଷଜ୍ଞମାନେ ଆଲୋଚନା କରିଥିଲେ। କୃଷିଭବନରେ ପ୍ରଦର୍ଶନୀ ଆୟୋଜନ ହୋଇଥିଲା।

## ସଂକ୍ଷେପରେ

### ବେଆଇନ ମାଟି କାରବାର, ଜରିମାନା ଆଦାୟ

**ଚୌଦ୍ୱାର,୫।୧୨(ଆଶୁତୋଷ ଦାସ)**

ଚୌଦ୍ୱାର ପୌରପାଳିକା ୧୭ନଂ. ୱାର୍ଡ଼ ଅଧୀନ ନୁଆସାହିରେ ବେଆଇନ ମାଟି କାରବାର ଚାଲିଥିବାବେଳେ ଟାଙ୍ଗୀ-ଚୌଦ୍ୱାର ତହସିଲ ପକ୍ଷରୁ ମଙ୍ଗଳବାର ଚଢ଼ଉ କରାଯାଇଥିଲା। ଆର୍‌ଆଇ ଚିତ୍ତରଞ୍ଜନ ପଟ୍ଟନାୟକ ଓ ସହଯୋଗୀ ମାମୁଲ ପ୍ରଧାନ ମାଟି ଡିପୋରେ ଚଢ଼ଉକରି ବେଆଇନ ମାଟି ଚାଲାଣରେ ବ୍ୟବହୃତ ଏକ ଟ୍ରାକ୍ଟରକୁ ଜବତ କରିବା ସହ ମାଲିକଙ୍କଠାରୁ ୩୦,୦୦୦ ଟଙ୍କା ଜରିମାନା ଆଦାୟ କରିଥିଲେ। ଏଥିସହ ଡିପୋରେ ମହଜୁଦ ଥିବା ବହୁପରିମାଣର ମାଟିକୁ ଜବତ କରି ତହସିଲ ଅଧୀନକୁ ଆଣିଛନ୍ତି। ସୂଚନାଯୋଗ୍ୟ, କେତେଜଣ ବ୍ୟକ୍ତି ବିଭିନ୍ନ ସ୍ଥାନରୁ ମାଟି ଉଠାଣ କରି ନୁଆସାହିସ୍ଥିତ ମଙ୍ଗଳାମନ୍ଦିର ପଡ଼ିଆରେ ରଖି ବ୍ୟବସାୟ କରୁଥିଲେ। ଜବତ ମାଟି ନିଲାମ କରାଯିବ ବୋଲି ଆର୍‌ଆଇ ପଟ୍ଟନାୟକ ସୂଚନା ଦେଇଛନ୍ତି।

### ପିକ୍‌ଅପ୍ ଭ୍ୟାନ୍ ଜବତ, ୭ ଗୋରୁ ଉଦ୍ଧାର

**ଚୌଦ୍ୱାର,୫।୧୨(ଆଶୁତୋଷ ଦାସ):**

ବେଆଇନ ଭାବେ ଚାଲାଣବେଳେ ୫୫ ନମ୍ବର ଜାତୀୟ ରାଜପଥର ଚୌଦ୍ୱାର ନୁଣ୍ଟିକିରୀ ଛକରେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ମଙ୍ଗଳବାର ଜବତ କରାଯାଇଛି। ଗାଡ଼ିରେ ଅତି ଦୟନୀୟ ଅବସ୍ଥାରେ ଥିବା ୭ଟି ଗୋରୁଙ୍କୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ବେଆଇନ୍‌ଭାବେ ଗୋରୁ ବୋଝେଇ କରି ଏକ ପିକ୍‌ଅପ୍ ଭ୍ୟାନ୍ କୁସପଙ୍ଗୀ ଅଞ୍ଚଳରୁ ମାହାଙ୍ଗା ଅଞ୍ଚଳକୁ ଯାଉଥିବା ଖବରପାଇ ବଜରଙ୍ଗ ଦଳର କର୍ମୀମାନେ ନୁଣ୍ଟିକିରୀ ଛକରେ ଜଗି ରହିଥିଲେ। କର୍ମୀମାନଙ୍କୁ ଦେଖି ଗାଡ଼ିଟି ଦ୍ରୁତ ଗତିରେ ମଙ୍ଗୁଳି ଆଡ଼କୁ ଯାଇଥିଲା। ହେଲେ କର୍ମୀମାନେ ଗାଡ଼ିର ପିଛା କରିଥିଲେ। ଭୟରେ ଗାଡ଼ିଟି ପୁଣି ନୁଣ୍ଟିକିରୀ ଆଡ଼କୁ ଫେରି ଆସୁଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କର୍ମୀମାନେ ଗାଡ଼ିରୁ ଗୋରୁଗୁଡ଼ିକୁ ତଳକୁ ଆଣିବା ସହିତ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଗୋରୁଗୁଡ଼ିକୁ ମଙ୍ଗରାଜପୁରସ୍ଥିତ ନନ୍ଦଗାଁଓ ଗୋ ସେବା ଆଶ୍ରମରେ ଛାଡ଼ିବା ସହିତ ଗାଡ଼ିକୁ ଜବତ କରି ଥାନାକୁ ଆଣିଛି।

### ଆନ୍ତଃ ମହାବିଦ୍ୟାଳୟ ପୁରୁଷ ଖୋ-ଖୋ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

### ସରକାରୀ କ୍ରୀଡ଼ା ମହାବିଦ୍ୟାଳୟ ଭୁବନେଶ୍ୱର ଚାମ୍ପିୟନ

**ବାଙ୍କୀ,୫।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଖେଳ ପଡ଼ିଆରେ ୨ ଦିନ ବ୍ୟାପୀ ଚାଲିଥିବା ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ପୁରୁଷ ଖୋ-ଖୋ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ସରକାରୀ କ୍ରୀଡ଼ା ମହାବିଦ୍ୟାଳୟ ଭୁବନେଶ୍ୱର ଚାମ୍ପିୟନ ହୋଇଛି। ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ରନର୍ସ ଅପ୍ ହୋଇ ପୁରସ୍କାର ଗ୍ରହଣ କରିଛି। ଅତିଥି ଭବେ ପ୍ରଶାସନିକ ଅଧିକାରୀ ଡକ୍ଟର ଶୈଳେନ୍ଦ୍ର ଚନ୍ଦ୍ର ଦେଓ ଓ ବୃନ୍ଦାବନ ପ୍ରଧାନ ଯୋଗଦେଇ ୨ ଦଳକୁ କପ୍ ଓ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡ଼ା ଅଧ୍ୟାପକ ରବିନାରାୟଣ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟକୁ ନିରଞ୍ଜନ ସାହୁ, ଜିତେନ୍ଦ୍ର ଦେଓ, ଦିଲୀପ ସ୍ୱାଇଁ ଓ ମୀନକେତନ ପଣ୍ଡା ସହଯୋଗ କରିଥିଲେ।

### ବରଦିଆରେ କାର୍ତ୍ତିକେଶ୍ୱରଙ୍କ ଭସାଣି

**ମାହାଙ୍ଗା : ୫।୧୨(ଯଯାତି ସିଂହ)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଚାହାପଡା ପଞ୍ଚାୟତସ୍ଥିତ ବରଦିଆ ତାରିଣୀ ଛକ ନିକଟରେ କାର୍ତ୍ତିକେଶ୍ୱରଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଶିବଚରଣ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତାରିଣୀ ଛକଠାରୁ ଏକ ଶୋଭାଯାତ୍ରା ବାହାରିଥିଲା। ପ୍ରଭୁ କାର୍ତ୍ତିକେଶ୍ୱରଙ୍କୁ ଗୋବରୀ ନଦୀରେ ବିସର୍ଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅବିନାଶ ମହାପାତ୍ର, ଆଶିଷ ବରାଳ, ଗୋବର୍ଦ୍ଧନ ଜେନା, ତାରାକାନ୍ତ ଜେନା, ଶେଖର ଲେଙ୍କାଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ଅନୁଷ୍ଠାନ ପକ୍ଷରୁ ଅନ୍ନଛତ୍ର ବ୍ୟବସ୍ଥା କରାଯାଇଥିଲା ।

# ବାଲିଯାତ୍ରାରେ ସିଏମ୍‌ସି ଖର୍ଚ୍ଚକୁ ନେଇ ବିବାଦ

**କଟକ,୫।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)**

- ଆଜି ଦାଖଲ ହେବ ତଦନ୍ତ ରିପୋର୍ଟ
- ରିପୋର୍ଟ ଭୁଲ୍ ଥିଲେ ଭିଜିଲାନ୍ସ ତଦନ୍ତ କରାଯାଉ
- ମିଳିନି ଗତବର୍ଷ ଅଡିଟ୍ ରିପୋର୍ଟ

ଐତିହାସିକ କଟକ ବାଲିଯାତ୍ରା ମଙ୍ଗଳବାର ଶେଷ ହୋଇଛି। ହେଲେ ଏଥିପାଇଁ ହୋଇଥିବା ଖର୍ଚ୍ଚକୁ ନେଇ ବିବାଦ ମୁଣ୍ଡ ଟେକିଛି। ଚଳିତବର୍ଷ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ବାଲିଯାତ୍ରା ପାଇଁ ୩ରୁ ୪ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ସଫେଇଠାରୁ ଆରମ୍ଭ କରି ସାଜସଜ୍ଜା, ମନୋରଞ୍ଜନ ପାଇଁ ଏହି ଟଙ୍କା ଖର୍ଚ୍ଚ ହୋଇଛି । ହେଲେ ଏଥିପାଇଁ ବ୍ୟବସ୍ଥିତ ଢଙ୍ଗରେ ଟେଣ୍ଡର ନ କରି ଗୋଟିଏ ସଂସ୍ଥାକୁ କାମ ଦିଆଯିବା ନେଇ ଉଭୟ ଶାସକ ଓ ବିରୋଧୀ ଦଳର କର୍ପୋରେଟର ପ୍ରଶ୍ନ ଉଠାଇଛନ୍ତି। ବାଲିଯାତ୍ରା ପଡିଆରେ ଧୂଳି ନ ଉଡ଼ିବା ନିମନ୍ତେ କେମିକାଲ ମିଶା ପାଣି ସ୍ପ୍ରେ, ଗାଡ଼ି ପାର୍କିଂ ଷ୍ଟାଣ୍ଡ, ଲେଜର ଲାଇଟ୍ ସୋ, ସଫେଇରେ ଦୁର୍ନୀତି ହୋଇଥିବା ଉଭୟ ଦଳର କର୍ପୋରେଟର ମତବ୍ୟକ୍ତ କରିଛନ୍ତି। ତଦନ୍ତକାରୀ ଟିମ୍‌ର ସଦସ୍ୟ ତଥା ୱାର୍କ୍ସ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ଖୁଣ୍ଟିଆ ମଙ୍ଗଳବାର ବାଲିଯାତ୍ରା ପଡିଆ ଓ ସହରର ବିଭିନ୍ନ ସ୍ଥାନ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି।

ବିଭିନ୍ନ ସଂସ୍ଥାକୁ ଭିନ୍ନ ଭିନ୍ନ କାର୍ଯ୍ୟ ଦିଆଯାଇଥିଲେ ସୁଦ୍ଧା ସମ୍ପୃକ୍ତ ସଂସ୍ଥା ସିଏମ୍‌ସି ଗାଡ଼ି ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ସିଏମ୍‌ସି ଗାଡ଼ିରେ ପାଣି ସ୍ପ୍ରେ ହେଉଛି। ଏପଟେ କେମିକାଲ ପାଇଁ ୩୪ ଲକ୍ଷ ବଜେଟ୍ ରହିଛି। ସେହିଭଳି ଜାଗୃତି ସଂସ୍ଥା ସଫେଇ ଦାୟିତ୍ୱ ନେଇଥିଲାବେଳେ ସିଏମ୍‌ସି ଗାଡ଼ିରେ ସଫେଇ ଚାଲିଛି। ପ୍ରବେଶ ପଥରେ ବାଉଁଶ ବନ୍ଧା ଯାଇଥିବାବେଳେ ୩୨ ଲକ୍ଷ ଟଙ୍କା ବିଲ୍ କରିବାକୁ ପ୍ରସ୍ତାବ ଦିଆଯାଇଛି। ଲେଜର୍ ଲାଇଟ୍ ସୋ', ୩-ଡି ସୋ, ସ୍ୱାଗତ ତୋରଣ, ସବୁଜ ବାଣ ପାଇଁ ରାଜସ୍ୱ ଖର୍ଚ୍ଚ ହେଉଛି। ଯୋଜନାବଦ୍ଧ ଭାବରେ ନିର୍ଦ୍ଦିଷ୍ଟ ଏକ ସଂସ୍ଥାକୁ ସୁହାଇଲା ଭଳି କାର୍ଯ୍ୟ ଦିଆଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେହିପରି ପାର୍କିଂଷ୍ଟାଣ୍ଡ ଅବ୍ୟବସ୍ଥାକୁ ନେଇ କର୍ପୋରେଟର ପ୍ରଦୀପ ସାହୁ ଓ ବାଲିଯାତ୍ରା ପାଇଁ ହୋଇଥିବା ସ୍ୱାଗତ ତୋରଣକୁ ନେଇ ଭାଜପା କର୍ପୋରେଟର ଗଗନ ଓଝା ପ୍ରଶ୍ନ ଉଠାଇଛନ୍ତି। ସହର ପ୍ରବେଶ ପଥରେ ଦୁଇଟି ସ୍ୱାଗତ ତୋରଣ ନିର୍ମାଣ ପାଇଁ ୧୭ ଲକ୍ଷ ଟଙ୍କା ବଜେଟ ହୋଇଛି। ହେଲେ ତୋରଣ କେଉଁଥିରେ ତିଆରି ବୋଲି ଗଗନ ପ୍ରଶ୍ନ କରିଛନ୍ତି।

ଅପରପକ୍ଷରେ ଗତ ରବିବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଖୁଣ୍ଟିଆ ବାଲିଯାତ୍ରା ପଡ଼ିଆ ବୁଲିବା ସହ ବିଭିନ୍ନ କାର୍ଯ୍ୟ ତଦାରଖ କରି ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି, ସବୁ କାମରେ ଦୁର୍ନୀତି ହୋଇଥିବା ଜଣାପଡିଛି। ଏ ସମ୍ପର୍କିତ ରିପୋର୍ଟ ବୁଧବାର ସିଏମ୍‌ସିରେ ଦାଖଲ କରିବି। ଯଦି ଉକ୍ତ ରିପୋର୍ଟରେ ସତ୍ୟତା ନ ଥିବ, ତା'ହେଲେ ବାଲିଯାତ୍ରା ଖର୍ଚ୍ଚକୁ ନେଇ ତୃତୀୟ ପାର୍ଟି କିମ୍ବା ଭିଜିଲାନ୍ସ ଦ୍ୱାରା ତଦନ୍ତ କରାଯାଉ ବୋଲି ସେ କହିଛନ୍ତି। ଅପରପକ୍ଷରେ ଗତବର୍ଷ ବାଲିଯାତ୍ରାରେ ଦୁର୍ନୀତି ହୋଇଥିବା ନେଇ ସମସ୍ତ କର୍ପୋରେଟର ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ଏହାର ସ୍ୱତନ୍ତ୍ର ଅଡିଟ୍ କରାଯିବ ବୋଲି ମେୟର ଓ କମିଶନର କହି କର୍ପୋରେଟରମାନଙ୍କୁ ଚୁପ୍ କରାଇ ଦେଇଥିଲେ। ଗତବର୍ଷ ବାଲିଯାତ୍ରା ଶେଷ ହୋଇ ଚଳିତବର୍ଷ ମଧ୍ୟ ଶେଷ ହେଲା। ହେଲେ ସ୍ୱତନ୍ତ୍ର ଅଡିଟ୍ ରିପୋର୍ଟ ମିଳିପାରିଲା ନାହିଁ। ଏଥର ମଧ୍ୟ ସମ୍ମାନ ସ୍ଥିତି ଉପୁଜିବା ନେଇ ସନ୍ଦେହ ପ୍ରକାଶ ପାଇଛି। ହେଲେ ଏଥର କର୍ତ୍ତୃପକ୍ଷ କ'ଣ କହି କର୍ପୋରେଟରଙ୍କୁ ଚୁପ୍ କରିବେ ତାହା ଦେଖିବାକୁ ରହିଛି।

## କମ୍ପାନୀ ଉତ୍ପାଦନ ସହ ସାମାଜିକ କାର୍ଯ୍ୟକ୍ରମ କରୁଛି



ଖବରଦାତା ସମ୍ମିଳନୀରେ ଭବେଶ ୱାଲାଙ୍କ ସମେତ ଅନ୍ୟମାନେ।

**ମଙ୍ଗୁଳି-ଜଗତପୁର,୫।୧୨(ମାନସ ସାମଲ)**

କଟକ ଜିଲା ଟାଙ୍ଗୀସ୍ଥିତ କପିଳାସ ସିମେଣ୍ଟ ମାନ୍ୟୁଫ୍ୟାକ୍ଚରିଂ ୱାର୍କ୍ସ ୟୁନିଟ୍‌ରେ ଡାଲ୍‌ମିଆ ସିମେଣ୍ଟର ଗୁଣାତ୍ମକ ଉତ୍ପାଦନ ପ୍ରତି ପ୍ରତିବଦ୍ଧତାକୁ ସୁଦୃଢ କରିବା ସହିତ ଅଞ୍ଚଳର ବିକାଶ ବ୍ୟାପକ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ଓଡ଼ିଶାରେ ଏହାର ବାଣିଜ୍ୟିକ ଉତ୍ପାଦନ ବାର୍ଷିକ ୨.୨୫ ମିଲିୟନ ଟନ୍‌ର କ୍ଷମତା ପ୍ରଦାନ କରୁଛି ବୋଲି କମ୍ପାନୀର ପ୍ରବକ୍ତା ଭବେଶ ୱାଲା କମ୍ପାନୀ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆମେ ଉତ୍କୃଷ୍ଟ ଲାଭ, ଦ୍ରୁତ ପ୍ରାରମ୍ଭିକ ସେଟିଂ ସମୟ, ଉନ୍ନତ କଂକ୍ରିଟ ଭଲ୍ୟୁମ୍ ସ୍ଥିରତା, କଂକ୍ରିଟ୍‌ର ଦୃଢତା, ଉପଯୁକ୍ତ ହାଇଡ୍ରେଶନ, କ୍ଷୟ ସୁରକ୍ଷା ଓ ସିମେଣ୍ଟର ସତେଜତା ସହିତ ସର୍ବୋତ୍ତମ ମାନର ଉତ୍ପାଦ ସୃଷ୍ଟି କରିବା ଦିଗରେ କାମ କରୁଛୁ। କମ୍ପାନୀ ୨୦୩୦ ସୁଦ୍ଧା ଶୂନ ଅଙ୍ଗାରକାମ୍ଳର ହାସଲ ପାଇଁ ଲକ୍ଷ୍ୟ ରଖିଛି। ନିର୍ମାଣ ସାମଗ୍ରୀ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଏହି କମ୍ପାନୀ ଅନୁକୂଳ ପରିବେଶ ପ୍ରତି ପ୍ରାଧାନ୍ୟ ଦେଉଥିବାବେଳେ ଅର୍ଥନୈତିକ ବିକାଶ କ୍ଷେତ୍ରରେ ପୁଞ୍ଜିନିବେଶ କରୁଛି। କେବଳ ସେତିକି ନୁହେଁ କମ୍ପାନୀ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ ଆଖପାଖ ଅଞ୍ଚଳର ବିକାଶ, ନାରୀ ସଶକ୍ତୀକରଣ, କର୍ମ ସଂସ୍ଥାନ ଓ ବେକାରି ଯୁବତୀଯୁବକଙ୍କ ପାଇଁ ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଉଛି ବୋଲି ଭବେଶ କହିଛନ୍ତି। ଏ ସମ୍ପର୍କରେ କମ୍ପାନୀ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସ୍ଲାଇଡ୍ ଶୋ ପ୍ରଦର୍ଶନ କରାଯାଇଥିଲା।

## ଜୀବଜଗତ ରକ୍ଷା ପାଇଁ ପରିବେଶ ସୁରକ୍ଷା ଅପରିହାର୍ଯ୍ୟ



ପରିବେଶ ସୁରକ୍ଷା ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀମାନେ ।

**ବଡ଼ମ୍ବା,୫।୧୨(ମାୟାଧର ମଲ୍ଲିକ)**

ଓଡିଶା ସରକାରଙ୍କ ନୂଆ ଓ ଯୁବ ଓଡିଶା ନବୀନ ଓଡିଶା ଆନୁକୂଲ୍ୟରେ ସ୍ଥାନୀୟ ବଡ଼ମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ବଡ଼ମ୍ବାର ପ୍ରସିଦ୍ଧ ଶୈବ ପୀଠ ସିଂହନାଥ ଦେବଙ୍କ ମନ୍ଦିର ପରିସରରେ ହୋଇଥିଲା। ଏହି ଅବସରରେ ପରିବେଶ ସୁରକ୍ଷା ତଥା ପ୍ଲାଷ୍ଟିକର ଅପବ୍ୟବହାର ଉପରେ ଉପସ୍ଥିତ ପର୍ଯ୍ୟଟକ ତଥା ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏଥିସହ ମନ୍ଦିର ପରିସର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ସଫେଇ କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷା ତଥା ଅଭିଯାନର ମୁଖ୍ୟ ସଙ୍ଗଠକ ଡ. ସୁଚିସ୍ମିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୮୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଅର୍ଥନୀତି ବିଭାଗ ପ୍ରାଧ୍ୟାପକ ତଥା ନିର୍ବାହୀ ଅଧିକାରୀ ବିଶ୍ୱନାଥ ପଟ୍ଟନାୟକ, ଗଣିତ ବିଭାଗ ମୁଖ୍ୟ ଡ. ତନୟା ପଟେଲ, ଅଧ୍ୟାପକ ନାରାୟଣ ସାହୁ ଏବଂ ଓଡ଼ିଆ ବିଭାଗ ମୁଖ୍ୟ ତଥା ନୋଡାଲ ଅଧିକାରୀ ସରିତା ସାହୁ ଏହାର ନେତୃତ୍ୱ ନେଇଥିଲେ। ଏହି ପରିପ୍ରେକ୍ଷୀରେ ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମରେ ଏକ ସଚେତନତା ଶୋଭାଯାତ୍ରା କରାଯାଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଜୀବଜଗତ ରକ୍ଷା ପାଇଁ ପରିବେଶ ସୁରକ୍ଷା ଅପରିହାର୍ଯ୍ୟ ବୋଲି ଛାତ୍ରୀଛାତ୍ରମାନେ ଲୋକମାନଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ଡ. ପ୍ରିୟମ୍ବଦା ଦାଶ, ପ୍ରଜ୍ଞା ପାରମିତା ମହାନ୍ତି, ସୁଶ୍ରୀ ସଂଗୀତା ମହାପାତ୍ରଙ୍କ ସମେତ ଅଧ୍ୟାପକ ମାନଗୋବିନ୍ଦ ପାତ୍ର, ଲକ୍ଷ୍ମୀଧର ପଣ୍ଡା, କ୍ୟାପଟେନ ସୁଧୀର ମହାରଣା, ସୌମ୍ୟରଞ୍ଜନ ପରିଡା, କରୁଣାକର ରାଉତ, ସଂଜୟ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ପରିବେଶ ସମ୍ପର୍କିତ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଏସ୍‌ସିବିରେ କାର୍ଯ୍ୟକ୍ଷମ ହେଲା ବ୍ୟବଚ୍ଛେଦ ଗୃହ

**କଟକ, ୫।୧୨(ଶିଳ୍ପା ପ୍ରିୟଦର୍ଶିନୀ)**

ଏସ୍‌ସିବି ମେଡିକାଲରେ ମଙ୍ଗଳବାରଠାରୁ ପୁଣି ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ସୋମବାର ଡ୍ରେନେଜ୍ ପାଇପ ଫାଟିଯିବାରୁ ମେଡିକାଲର ମୃତଦେହ ବ୍ୟବଚ୍ଛେଦ ଗୃହ ପରିସରରେ ନର୍ଦ୍ଦମା ପାଣି ଜମି ରହିଥିଲା। ଫଳରେ ମୃତଦେହ ବ୍ୟବଚ୍ଛେଦ ୫ଘଣ୍ଟା ଧରି ବନ୍ଦ ରହିଥିଲା। ଏ ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷ ପିଏଚ୍‌ଡି ବିଭାଗକୁ ଜଣାଇଥିଲେ। ବିଭାଗର କର୍ମଚାରୀ ପହଞ୍ଚି ପାଇପ ମରାମତି କରିଥିଲେ। ଫଳରେ ମଙ୍ଗଳବାର ପଞ୍ଜୀକରଣ କରାଯାଇଥିବା ସମସ୍ତ ମୃତଦେହ ଗୃହରେ ବ୍ୟବଚ୍ଛେଦ କରାଯାଇଛି। ଏ ସମ୍ପର୍କରେ ଏସ୍‌ସିବି ମେଡିକାଲର ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା କହିଛନ୍ତି, ସୋମବାର ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ଆନାଟମୀ ବିଭାଗରେ ବ୍ୟବସ୍ଥା କରାଯାଇଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ଗୃହ ଦେଇ ଯାଇଥିବା ପାଇପ୍ ଫାଟିଯିବାରୁ ଅଚଳାବସ୍ଥା ଦେଖାଦେଇଥିଲା। ପାଇପ ମରାମତି କରାଯିବା ପରେ ମୃତଦେହ ବ୍ୟବଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି।

## ଏସ୍‌ବିଆଇ ଅଫିସର ସମବାୟ ସମିତିର ସାଧାରଣ ସଭା



**ଭୁବନେଶ୍ୱର, ୫।୧୨ (ଅନୁରାଧା ମହାରଣା**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ଅଫିସରମାନଙ୍କ ଦ୍ୱାରା ଗଠିତ ସମବାୟ ସମିତିର ରାଜ୍ୟସ୍ତରୀୟ ୪୦ତମ ବାର୍ଷିକ ସାଧାରଣ ସଭା ଶାରଳା ଭବନଠାରେ ଆୟୋଜିତ ହୋଇଯାଇଛି। ଅରୁଣ କୁମାର ବିଶୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନବକିଶୋର ସାହୁ ଅତିଥି ପରିଚୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମବାୟ ବିଭାଗ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ରଶ୍ମିପ୍ରଭା ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମବାୟ ସମିତିର ଭୂମିକା ଉପରେ ସବିଶେଷ ଆଲୋକପାତ କରିଥିଲେ। ଅଫିସର ସଂଘର ସଭାପତ ଅମିତାଭ ଦାସ ଉଲ୍ଲେଖ କରିଥିଲେ, ଐକ୍ୟବଦ୍ଧତା ଯୋଗେ ସମିତିର ତଥା ସଂଘର ଉତ୍ତରୋତ୍ତର ଉନ୍ନତି ସମ୍ପାଦିତ ହୋଇପାରିଛି ଏବଂ ଆଗାମୀ ଦିନରେ ମଧ୍ୟ ସମସ୍ତ ସଭ୍ୟଙ୍କର ସହଯୋଗ କାମନା କରିଥିଲେ। ସଭାପତି ଅରୁଣ କୁମାର ବିଶୋଇ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସଭା ପରିଚଳାନା କରିଥିଲେ । ଷ୍ଟେଟ ବ୍ୟାଙ୍କ ଷ୍ଟାଫ୍ ଆସୋସିଏସନ ଭୁବନେଶ୍ୱର ସର୍କଲର ସଭାପତି ସ୍ୱାଧୀନ କୁମାର ଦାଶ ଓ ସମ୍ପାଦକ ଡ. ଚିତ୍ତରଞ୍ଜନ ପଣ୍ଡା ବୈଠକରେ ଉଦ୍‌ବୋଧନ ଦେଇଥିଲେ। ସର୍ବଶେଷରେ କୋଷାଧ୍ୟକ୍ଷ ତନ୍ମୟ ଦାଶଗୁପ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ମୁନ୍‌ସୀ ମେଲଣ ଜାଗାକୁ ଜବରଦଖଲ ଉଦ୍ୟମ

**ସାଲେପୁର,୫।୧୨(ଅରବିନ୍ଦ ଭୂୟାଁ)**

**ତହସିଲଦାରଙ୍କୁ ଲିଖିତ ଅଭିଯୋଗ**

ସାଲେପୁର ସାପ୍ତାହିକ ହାଟ ଓ ମୁନ୍‌ସୀ ମେଲଣ ପଡ଼ିଆରେ ଜଣେ ବ୍ୟକ୍ତି ଜବରଦଖଲ କରି ଗୃହ ନିର୍ମାଣ କରିବା ପାଇଁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ତାଙ୍କୁ ବାଧା ଦେବାରୁ ସମ୍ପୃକ୍ତ ବ୍ୟକ୍ତି ଗାଳିଗୁଲଜ କରିଥିବା ନେଇ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି।

ଅଭିଯୋଗ ଅନୁଯାୟୀ, ସାଲେପୁର ତହସିଲ ଅନ୍ତର୍ଗତ ଲୁଣାହାର ମୌଜାର ସାଲେପୁର ସାପ୍ତାହିକ ହାଟ ନିକଟସ୍ଥ ମୁନ୍‌ସୀ ମେଲଣ ଦୋଳଯାତ୍ରା ପଡ଼ିଆରେ ୧୯୨୯ ବନ୍ଦୋବସ୍ତ ଖାତା ନଂ-୧୮୯, ପ୍ଲଟ୍ ନଂ-୨୨୫୫ ଉପରେ ଜଣେ ବ୍ୟକ୍ତି ଜବରଦଖଲ କରି ଗୃହ ନିର୍ମାଣ କରିବାକୁ ଉଦ୍ୟମ କରୁଛନ୍ତି। ଉକ୍ତ ପ୍ଲଟ୍ ଉପରେ କୌଣସି ନିର୍ମାଣ କାର୍ଯ୍ୟ ନ କରିବାପାଇଁ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ରହିତାଦେଶ ଜାରି କରାଯାଇଛି। ସେଥିରେ ଉଲ୍ଲେଖ ରହିଛି ଯେ, ଦୋଳଯାତ୍ରା ପାଇଁ ଉକ୍ତ ପ୍ଲଟ୍‌ଟି ସଂରକ୍ଷିତ ରଖାଗଲା। ସେହିପରି ସିଭିଲ୍ ଜଜ୍ କଟକ ପକ୍ଷରୁ ୫।୩।୧୯୬୯ରେ ଏକ ପ୍ଲିଡର କମିଶନର ନିଯୁକ୍ତି କରାଯାଇ ସରଜମିନ୍ ତଦନ୍ତ ପାଇଁ ଆଦେଶନାମା ଜାରି କରାଯାଇଥିଲା। ତଦନ୍ତ ପରେ ଉପରୋକ୍ତ ଆଦେଶନାମା ବଳରେ ତତ୍କାଳୀନ ଜିଲାପାଳ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଦେଶକୁ ତୁରନ୍ତ କାର୍ଯ୍ୟକାରୀ କରାଯାଇ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ସହ ନିର୍ମାଣାଧୀନ ଗୃହକୁ ଭଙ୍ଗାଯାଇ ଦୋଳଯାତ୍ରା ନିମନ୍ତେ ସଂରକ୍ଷଣ ରଖିବାକୁ ସାଲେପୁର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏବେ ଚଞ୍ଚକତା କରି ଉକ୍ତ ପ୍ଲଟ୍‌କୁ ଜନୈକ ବ୍ୟକ୍ତି କ୍ରୟ କରିଥିବା ଦର୍ଶାଇ ଜବରଦଖଲ କରିବାକୁ ଯୋଜନା କରୁଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗପତ୍ର ପ୍ରଦାନ ସମୟରେ ସରପଞ୍ଚ ରଶ୍ମିତା ଦାସଙ୍କ ସମେତ ହେମନ୍ତ କୁମାର ଭୂୟାଁ, ରାଜେଶ ଭୂୟାଁ, ରାମଚନ୍ଦ୍ର କାଣ୍ଡି, ରାମଚନ୍ଦ୍ର ଜେନା, ବେଣୁଧର ସାହୁ, ରଣଜିତ୍ କୁମାର ପାଲ, ରାମନାଥ ସାହୁ, ସୌମ୍ୟରଞ୍ଜନ ମଲ୍ଲ, ବିଜୟ କୁମାର ସାହୁଙ୍କ ସମେତ ଏକ ହଜାରରୁ ଉର୍ଦ୍ଧ୍ୱ ଲୋକେ ଉପସ୍ଥିତ ଥିଲେ।

## ୨ ପୁସ୍ତକ ଉନ୍ମୋଚିତ




ଓଡ଼ିଶା ଜୁଡ଼ିସିଆଲ ଏକାଡେମୀ ପରିସରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**କଟକ,୫।୧୨(କାର୍ତ୍ତିକ ସାହୁ)**

ଓଡ଼ିଶା ଜୁଡ଼ିସିଆଲ ଏକାଡେମୀ ଦ୍ୱାରା ପ୍ରସ୍ତୁତ 'ପ୍ରଶିକ୍ଷଣ ହ୍ୟାଣ୍ଡବୁକ ୨୦୨୩-୨୪' ଏବଂ ନ୍ୟାୟିକ ଆଚରଣ ସଂହିତା ଆଧାରିତ ପୁସ୍ତକ 'ଦି ବୁକ୍ ଅଫ୍ ଜୁଡ଼ିସିଆଲ କୋଡ୍ ଅଫ୍ କଣ୍ଡକ୍ଟ ଅନୁଶାସନ' ଉନ୍ମୋଚିତ ହୋଇଯାଇଛି। ଓଡ଼ିଶା ଜୁଡିସିଆଲ ଏକାଡେମୀର ମୁଖ୍ୟ ପୃଷ୍ଠପୋଷକ ତଥା ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଏହାକୁ ଉନ୍ମୋଚନ କରି ପୁସ୍ତକଦ୍ୱୟ ଅତ୍ୟନ୍ତ ଉପାଦେୟ ହେବ ବୋଲି କହିଥିଲେ। ଓଡ଼ିଶା ଜୁଡ଼ିସିଆଲ ଏକାଡେମୀ ଏବଂ ପ୍ରଶିକ୍ଷଣ ସମିତି ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ଦେବବ୍ରତ ଦାଶ ଉନ୍ମୋଚିତ ପୁସ୍ତକ ସମ୍ବନ୍ଧରେ ଆଲୋଚନା କରିଥିଲେ। ହାଇକୋର୍ଟ ବିଚାରପତି କୃଷ୍ଣରାମ ମହାପାତ୍ର ସ୍ୱାଗତ ଭାଷଣ ଏବଂ ଓଡ଼ିଶା ଜୁଡିସିଆଲ ଏକାଡେମୀ ଓ ପ୍ରଶିକ୍ଷଣ ସମିତିର ସଦସ୍ୟ ତଥା ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟ ବିଚାରପତି, ବିଚାର ବିଭାଗୀୟ ଅଧିକାରୀ, ରାଜ୍ୟ ଆଇନ ସେବା ପ୍ରାଧୀକରଣର ଅଧିକାରୀ, ପ୍ରଶିକ୍ଷଣ ନେଉଥିବା ୨୦୨୧ ବ୍ୟାଚର ସିଭିଲ ଜଜ୍ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଓଡ଼ିଶା ଜୁଡିସିଆଲ ଏକାଡେମୀର ଅତିରିକ୍ତ ନିର୍ଦ୍ଦେଶକ ବଦ୍ରିନାରାୟଣ ନନ୍ଦ, ଉପନିର୍ଦ୍ଦେଶିକା ସ୍ୱପ୍ନା ସାଗରିକା ମିଶ୍ର, ସହାୟକ ନିର୍ଦ୍ଦେଶକ ମାନସ ରଞ୍ଜନ ପ୍ରଧାନଙ୍କ ସମେତ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ମାଟି, ଜଳ ମଧ୍ୟରେ ସମ୍ପର୍କ ଆମ ବଞ୍ଚିବା ପାଇଁ ଜରୁରୀ'

**ଏନ୍‌ଆର୍‌ଆର୍‌ଆଇରେ ବିଶ୍ୱ ମୃତ୍ତିକା ଦିବସ**

**କଟକ,୫।୧୨(କାର୍ତ୍ତିକ ସାହୁ):**

କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍‌ଆର୍‌ଆର୍‌ଆଇ) ପକ୍ଷରୁ ଜାତୀୟ କୃଷି ବିଜ୍ଞାନ ଏକାଡେମୀ (ଏନ୍‌ଏଏଏସ୍), କଟକ ଚାପ୍ଟର ସହଯୋଗରେ ବିଶ୍ୱ ମୃତ୍ତିକା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ସରକାରଙ୍କ ଅନୁଦାନପ୍ରାପ୍ତ ପ୍ରକଳ୍ପ ସଫର ଅଧୀନରେ ମୃତ୍ତିକା ଓ ଜଳ : ଜୀବନର ଉତ୍ସ ଶୀର୍ଷକ ବିଶ୍ୱ ମୃତ୍ତିକା ଦିବସ ଓ ସଚେତନତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ମାଟି ଓ ଜଳ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ଆମର ବଞ୍ଚିବା ପାଇଁ ଜରୁରୀ। ଆମେ ଖାଉଥିବା ଖାଦ୍ୟର ୯୫%ରୁ ଅଧିକ ଅଂଶ ମାଟି ଓ ଜଳରୁ ଆସିଥାଏ, ଯାହା ସ୍ୱାସ୍ଥ୍ୟ ପାଇଁ ଜରୁରୀ ବୋଲି ବକ୍ତାମାନେ କହିଥିଲେ। ଏହି ବୈଠକରେ କୃଷକ, କୃଷିଜୀବୀ ମହିଳା, ବୈଜ୍ଞାନିକ ଓ ଛାତ୍ରୀଛାତ୍ରଙ୍କ ସମେତ ୮୦ରୁ ଅଧିକ ପ୍ରତିଯୋଗୀ ଯୋଗଦେଇଥିଲେ। ଏନ୍‌ଆର୍‌ଆରଆଇ ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ ଅଧ୍ୟକ୍ଷତା କରି ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମର ଆୟୋଜକ ସମ୍ପାଦକ ଡ. ଦେବରତୀ ଭାଦୁରୀ ସ୍ୱାଗତ ଭାଷଣ ଓ ବିଶ୍ୱ ମୃତ୍ତିକା ଦିବସ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଓୟୁଏଟିର ପୂର୍ବତନ ଡିନ୍ ପ୍ରଫେସର କେ. କେ. ରାଉତ ଯୋଗଦେଇ ମାଟିର ମହତ୍ତ୍ୱ, ଭାରତରେ ଭୂମି ଅବକ୍ଷୟ, ମାଟିର ଶାରୀରିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରସଙ୍ଗ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ବୃଦ୍ଧିରେ କମ୍ପୋଷ୍ଟ ଓ ଜିଆ ଖତର ଉପକାରିତା ଉପରେ ବକ୍ତବ୍ୟ ରଖିଥିଲେ। ଡ. ସଙ୍ଗୀତା ମହାନ୍ତି, ବିଶ୍ୱ ମୃତ୍ତିକା ଦିବସର ମହତ୍ତ୍ୱ, ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ବିଷୟରେ କୃଷକମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ କଟକ ଓ ଯାଜପୁର ଜିଲାର ଚାଷୀମାନଙ୍କୁ ମାଟି ନମୁନା ସମ୍ପର୍କରେ ସଚେତନତା ପ୍ରଶିକ୍ଷଣ ଦେବା ସହ ବୈଜ୍ଞାନିକମାନଙ୍କ ଏକ ଟିମ୍ ମାଟି ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।



କାର୍ଯ୍ୟକ୍ରମକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### ଧାନ ବେଙ୍ଗଳା ମେଶିନ ଓଲଟି ଶ୍ରମିକ ମୃତ

ବାଲୁଗାଁ,୫।୧୨(ସଂଗ୍ରାମ ପାଇକରାୟ)

ବାଲୁଗାଁ ଥାନା ଅଧୀନ ଲମ୍ବୋଦରପୁର ଗ୍ରାମ ନିକଟରେ ମଙ୍ଗଳବାର ସକାଳେ ଏକ ବିଲରେ ଧାନ ଅମଳ କାର୍ଯ୍ୟ ଚାଲିଥିବା ବେଳେ ଟ୍ରାକ୍ଟରରେ ଲଦା ହୋଇଥିବା ବେଙ୍ଗଳା ମେଶିନ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ କାର୍ଯ୍ୟରତ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ଶିଖରପଦର ଗ୍ରାମର ରଘୁନାଥ ପଲେଇ(୪୩)। ସୂଚନା ମୁତାବକ, ଗୋଟିଏ ଜମିରୁ ଧାନ ଅମଳ କାର୍ଯ୍ୟ ସାରି ପାର୍ଶ୍ୱ ଅନ୍ୟ ଏକ ଜମିକୁ ଟ୍ରାକ୍ଟରରେ ଲଦା ହୋଇଥିବା ବେଙ୍ଗଳା ମେଶିନ ଯାଉଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଫଳରେ ମେଶିନ ପାର୍ଶ୍ୱରେ ବସିଥିବା ରଘୁନାଥ ଚାପି ହୋଇ ଗୁରୁତର ହୋଇଥିଲେ। ଖବରପାଇ ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବାଲୁଗାଁ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ. ୩୫୧/୨୩) ରୁଜୁ କରି ତଦନ୍ତ ଚଳାଇଛି।

### ସାମାଜିକ କର୍ମୀଙ୍କ ପରଲୋକ

ନିରାକାରପୁର,୫।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା କାମାଗୁରୁ ପଞ୍ଚାୟତ ଅଞ୍ଚଳର ସାମାଜିକକର୍ମୀ କୈଳାସ ଚନ୍ଦ୍ର ମହାନ୍ତିଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୭୮ବର୍ଷ ହୋଇଥିଲା। ସେ ଜଣେ ଏକାଧାରରେ ସମାଜସେବୀ ଥିଲେ। ଉକ୍ତ ପଞ୍ଚାୟତର ସମିତିସଭ୍ୟ ସହିତ କାମଗୁରୁ ଉଚ୍ଚ ବିଦ୍ୟାଳୟର ସମ୍ପାଦକ ଥିଲେ। ଏଥିସହ ସ୍ଥାନୀୟ କଲେଜର ସମ୍ପାଦକଭାବେ ଦୀର୍ଘଦିନ ଦାୟିତ୍ୱ ତୁଲାଇଥିଲେ। ଶୋକାକୁଳ ପରିବେଶରେ ନିଜ ଜନ୍ମମାଟିରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନିରାକାରପୁର,୫।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଅଚ୍ୟୁତପୁର ପଞ୍ଚାୟତ ଅଧୀନ ଜଗନ୍ନାଥପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ପଟ୍ଟନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଳାସିନୀ ଦେଈଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଟାଙ୍ଗୀ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ମୁଖ୍ୟବକ୍ତା ସହକାରୀ ଗୋଷ୍ଠୀ ଶିକ୍ଷାଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ସମ୍ମାନିତ ଅତିଥି ଶିକ୍ଷକ ସଂଘ ସମ୍ପାଦକ ପ୍ରଦୀପ କୁମାର ପରିଡ଼ା, ଗୋବିନ୍ଦ ଚନ୍ଦ୍ର ବେହେରା, ପ୍ରଭାସ ରଞ୍ଜନ ପଟ୍ଟନାୟକ, ବଳଭଦ୍ର ସେଠୀ, ଶିକ୍ଷକ ଅମ୍ଲାନ ପ୍ରହରାଜ, ବିଜୟ ମାନସିଂ, ଚକ୍ରଧର ତ୍ରିପାଠୀ, ବିଜୟ ସାହୁ, ଅମର ଜୟସିଂ, ଦୁଃଶାସନ ସେଠୀ, ସାବିତ୍ରୀ ବେହେରା,ବଳଭଦ୍ର ସେଠୀ ଯୋଗଦେଥିଲେ। ଏହି ଅବସରରେ ଛାତ୍ରୀ ସୁଶ୍ରୀ ସଙ୍ଗୀତା ତାଡଙ୍କୁ ପୁରସ୍କୃତ କକରାଯାଇଥିଲା। ଶିକ୍ଷକ ଦୁଃଶାସନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଅମର ଜୟସିଂ ଧନ୍ୟବାଦ ଦେଇଥିଲେ। ରଞ୍ଜିତ ବେହେରା ମାନପତ୍ର ପାଠ କରିଥିଲେ। ପରେ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ଗ୍ରାମ ପରିକ୍ରମା କରାଯାଇଥିଲା।

# ୧୧ ମାସରେ ଗଲାଣି ୧୭ ଜୀବନ

ବେଗୁନିଆ,୫।୧୨(ହର ପ୍ରସନ୍ନ ପଣ୍ଡା)

**ଜାତୀୟ ରାଜପଥରେ ବଢ଼ୁଛି ଦୁର୍ଘଟଣା**

- ଚକାପଦାଠାରୁ ସାରୁଅ ପର୍ଯ୍ୟନ୍ତ ଦୁର୍ଘଟଣା ଜୋନ୍ ପାଲଟିଛି
- ୧୪୧ରୁ ଊର୍ଦ୍ଧ୍ୱ ପଥଚାରୀ ଆହତ
- କାମରେ ଲାଗୁନି ସଚେତନତା ବାର୍ତ୍ତା

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥରେ ଦିନକୁଦିନ ଦୁର୍ଘଟଣା ବଢ଼ିଚାଲିଛି। ବିଶେଷକରି ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ଚକାପଦାଠାରୁ ସାରୁଅ ଛକ ପର୍ଯ୍ୟନ୍ତ ଦୁର୍ଘଟଣା ଜୋନ୍ ପାଲଟିଛି। ଏଠାରେ ଗତ ୧୧ ମାସ ମଧ୍ୟରେ ଦୁର୍ଘଟଣାରେ ୧୭ ଜଣଙ୍କ ଜୀବନ ଯାଇଥିବାବେଳେ ୧୪୧ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ବେଗୁନିଆ ଏବଂ ବାଘମାରୀ ଥାନାରେ ହୋଇଥିବା ମାମଲାରୁ ଜଣାପଡିଛି। ଏଠାରେ ଦୁର୍ଘଟଣା ନିତିଦିନିଆ ଘଟଣାରେ ପରିଣତ ହୋଇଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ଦୁର୍ଘଟଣାକୁ ରୋକିବା ସହ ପଥଚାରୀଙ୍କୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

ସୂଚନାଯୋଗ୍ୟ, 'ସଡ଼କ ସୁରକ୍ଷା, ଜୀବନ ରକ୍ଷା', 'ଦ୍ରୁତଗତି ମହାବିପତ୍ତି' ଏ ହେଉଛି ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ଦୁର୍ଘଟଣାରୁ ରକ୍ଷା ପାଇଁ ସତର୍କ ସୂଚନା। ମାତ୍ର ଏହି ବାର୍ତ୍ତା କାମରେ ଲାଗୁନି। ଫଳରେ ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ବିଶେଷକରି ଦୁର୍ଘଟଣାର ଜୋନ୍ ପାଲଟିଛି ଚକାପଦାଠାରୁ ସାରୁଅ ଛକ ପର୍ଯ୍ୟନ୍ତ। ଯେଉଁଭଳି ଭାବେ ଦୈନିକ ଦୁର୍ଘଟଣା ଘଟୁଛି ଅନେକଙ୍କ ପରିବାର ଉଜୁଡିଯାଉଛି। ଗତ ଜାନୁୟାରୀରୁ ଏପର୍ଯ୍ୟନ୍ତ ଦୁର୍ଘଟଣାରେ ୧୭ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୪୧ଜଣ ପଥଚାରୀ ଆହତ ହୋଇଥିବା ଥାନାରେ ହୋଇଥିବା ମାମଲାରୁ ଜଣାପଡିଛି। ଆଉ କେତେକ ଛୋଟ ଦୁର୍ଘଟଣାକୁ ଚାପି ଦିଆଯାଇଛି। ତେବେ ଦୁର୍ଘଟଣାକୁ ରୋକିବା ପାଇଁ ବେଗୁନିଆ ଅଞ୍ଚଳର ବରିଷ୍ଠ ଆଇନଜୀବୀ ସୁଶାନ୍ତ କୁମାର ରାୟ, ବିକାଶ ମଞ୍ଚର ସଭାପତି ଶିବ କୁମାର ମୁନି, ସାମାଜିକ କର୍ମୀ ବିରଞ୍ଚି ନାରାୟଣ ପଟ୍ଟନାୟକ ଏବଂ ଜୟକୃଷ୍ଣ ମହାପାତ୍ର ପ୍ରମୁଖ ଦାବି କରିଛନ୍ତି। ଅନ୍ୟପକ୍ଷରେ ରାଜପଥ ଉପରେ ଲାଗି ରହିଥିବା ଅନେକ ସମସ୍ୟାର ସମାଧାନ କ୍ଷେତ୍ରରେ ୬ଟି ପ୍ରସ୍ତାବକୁ ଗୁରୁତ୍ୱ ଦେବାକୁ ଶତାଧିକ ବ୍ୟକ୍ତିଙ୍କ ଦସ୍ତଖତ ଥିବା ଏକ ଅଭିଯୋଗପତ୍ର ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ପ୍ରଦାନ କରାଯାଇଛି। ଜନଗହଳିପୂର୍ଣ୍ଣ ବେଗୁନିଆ ପୋଷ୍ଟ ଅଫିସ ଛକଠାରେ ଦୈନିକ ସକାଳ ୭ରୁ ରାତି ୯ଟା ପର୍ଯ୍ୟନ୍ତ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଜଣେ କର୍ମଚାରୀ ନିଯୁକ୍ତି, ଜାତୀୟ ରାଜପଥ ଉପରେ ଚକାପଦାଠାରୁ ସାରୁଅ ଛକ ପର୍ଯ୍ୟନ୍ତ ଥିବା ବଜାର ପାର୍ଶ୍ୱରେ ଦେଖାଦେଉଥିବା ବେଆଇନ ପାର୍କିଂକୁ ହଟାଇବା ପାଇଁ ପଦକ୍ଷେପ ନିଆଯାଉ। ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଦିଆଯାଇଥିବା ଧଳାରଙ୍ଗର ଦାଗ ଉପରେ ରେଡିୟମ ଷ୍ଟିକରିଂ କରାଯାଉ। ବେଗୁନିଆ ବ୍ଲକ ଛକଠାରୁ ଗୋଡିପୋଖରୀ ପର୍ଯ୍ୟନ୍ତ ବାରମ୍ବାର ଦୁର୍ଘଟଣା ଘଟୁଛି। ତେଣୁ ପ୍ରତି ୩୦୦ ମିଟର ଦୂରତାରେ ୫ଟି ପ୍ଲାଷ୍ଟିକ ହମ୍ପ ନିର୍ମାଣ କରାଯାଉ। ଚାଳକଙ୍କ ଦ୍ରୁତଗତିକୁ ରୋକିବା ପାଇଁ ରାଜପଥ କଡରେ ସ୍ପିଡ ମିଟର ଖଞ୍ଜିବା ସହ ଅନୁଧ୍ୟାନ ପାଇଁ ସିସିଟିଭି କ୍ୟାମେରା ଲଗାଯାଉ ବୋଲି ପ୍ରସ୍ତାବ ଦିଆଯାଇଛି।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତା, କର୍ମୀ ଏବଂ ଅଞ୍ଚଳବାସୀ।

ଜଟଣୀ,୫।୧୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ମଙ୍ଗଳବାର ଉନ୍ନତିମୂଳକ କାର୍ଯ୍ୟର ଶୁଭ ଦିଆଯିବା ସହିତ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୯ ନମ୍ବର ୱାର୍ଡରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ସହିତ ପାତ୍ରପଡାସ୍ଥିତ ନାଗେଶ୍ୱର ମନ୍ଦିରର ଉନ୍ନତି ପାଇଁ ୧୫ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିବା ବେଳେ ମନ୍ଦିର ବେଢ଼ା ପାଚେରି ଏବଂ ଅନ୍ୟ ଉନ୍ନତି କାର୍ଯ୍ୟ ପାଇଁ ଶିଳାନ୍ୟାସ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ଜିଲା ବିଜେଡି ପର୍ଯ୍ୟବେକ୍ଷକ କୈଳାସ ପାତ୍ର, ଜଟଣୀ ନଗରପାଳ ଅନନ୍ତ ବେହେରା, ଜିଲା ବିଜେଡି ସମ୍ପାଦକ ଅନନ୍ତ ଶତପଥୀ, ମନମୋହନ ରାଉତରାୟ, ମିଟୁ ପାଇକରାୟ, ସୁଧାଂଶୁ ସାହୁ, ଜିଲା ବିଜେଡି ଉପସଭାପତି ବିଜୟ କୁମାର ଛୋଟରାୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୀପକ ଜେନା, ଲକ୍ଷ୍ମୀଧର ବିଶ୍ୱାଳ, ଦୀପକ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ନାଗେଶ୍ୱର ମନ୍ଦିର କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁସ୍ଥ ନିରାମୟ ଜୀବନ ପାଇଁ ହୋମଯଜ୍ଞ ସହିତ ପୂଜାର୍ଚ୍ଚନା କରାଯାଇଥିଲା।

## ୧୪୪ ବିଜ୍ଞାନ ପ୍ରକଳ୍ପ, ୨୮ ହସ୍ତକଳା ପ୍ରଦର୍ଶିତ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ଏବଂ ଅନ୍ୟମାନେ।

ଝାଁଳା,୫।୧୨(ବୁଲା ବାରିକ)

ଭୁବନେଶ୍ୱର ବ୍ଲକ ମହୁରା ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପରିସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଜ୍ଞାନ ମେଳା ଓ ହସ୍ତକର୍ମ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ୧୪୪ଟି ବିଜ୍ଞାନ ପ୍ରକଳ୍ପ ଓ ୨୮ଟି ହସ୍ତକଳା ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ସୁଚିତ୍ରା ପାତ୍ର, ଓୟୁଏଟି ପୂର୍ବତନ କୁଳପତି ବିକାଶ ଚନ୍ଦ୍ର ପଣ୍ଡା, ଆଶୀର୍ବାଦ ମହାପାତ୍ର, ଦେବବ୍ରତ ମହାନ୍ତି, ରମା ବଲ୍ଲଭ ପରିଡା ଯୋଗଦେଇଥିବା ବେଳେ ମହୁରା ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଚେୟାରମେନ ଅନ୍ନପୂର୍ଣ୍ଣା ଜେନା ମୁଖ୍ୟ ବକ୍ତାଭାବେ ଉପସ୍ଥିତ ଥିଲେ। ସଭାପତିତ୍ୱ କରିଥିଲେ ପ୍ରଧାନ ଶିକ୍ଷକ ମନୋଜ କୁମାର ସେନାପତି।ଏହି ମେଳାରେ ଭାଗ ନେଇଥିବା ୧୭୨ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ୧୫ଟି ଉଚ୍ଚମାନର ପ୍ରକଳ୍ପଧାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସୂତାପା ଘୋଷ ସଭା ପରିଚାଳନା କରିଥିବା ବେଳେ ସୁଶ୍ରୀ ସଙ୍ଗୀତା ବାରିକ ଧନ୍ୟବାଦ ଦେଇଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ମିଳିଲା

ବେଗୁନିଆ/କଳାପଥର,୫।୧୨(ହର ପ୍ରସନ୍ନ ପଣ୍ଡା/ଗଙ୍ଗାଧର ସାହୁ):

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ଧଳାପଥର ଫାଣ୍ଡି ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ଶ୍ରୀରାମପୁର ଗ୍ରାମ ଆଦିବାସୀ ସାହିର ଜଗନ୍ନାଥ ନାୟକ। ପୋଲିସ ସୂଚନା ଅନୁସାରେ, ଠଣାପଲ୍ଲୀ ଗ୍ରାମ ନିକଟ ଏକ ରାଧିଗାଡିଆ ପୋଖରୀ ନିକଟରେ ଥିବା ଏକ ଗଛରେ ଜଣେ ଯୁବକ ଝୁଲୁଥିବା ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ଧଳାପଥର ଫାଣ୍ଡି ଅଧିକାରୀ ସୁଶାନ୍ତ ମଲ୍ଲିକ ଏବଂ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏନେଇ ବେଗୁନିଆ ଥାନାରେ ଅପମୃତ୍ୟୁ ମାମଲା (ନଂ.୧୪/୨୩) ରୁଜୁ ହୋଇଛି। କୌଣସି କାରଣକୁ ନେଇ ଜଗନ୍ନାଥ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି।

## ରାସ୍ତାରୁ ବିଦ୍ୟୁତ୍ ଖୁଣ୍ଟ ହଟାଇବାକୁ ଦାବି

ନିରାକାରପୁର,୫।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)



ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ବଡ଼ବଜାରସ୍ଥିତ ନୂଆଜଗନ୍ନାଥ ସଡ଼କ ମଙ୍ଗଳା ବଜାର ରାସ୍ତାର ମଝିରେ ଏକ ବିଦ୍ୟୁତ୍ ଖୁଣ୍ଟ ଥିବାରୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ଫଳରେ ବହୁ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ପ୍ରକାଶ ଯେ, ନୂଆଜଗନ୍ନାଥ ସଡ଼କ ମଙ୍ଗଳା ବଜାର ଦେଇ ଭୂଷଣ୍ଡପୁରକୁ ସଂଯୋଗ କରୁଥିବା ରାସ୍ତାଟି ବ୍ୟସ୍ତ ବହୁଳ। ଏପରିକି ଏହି ରାସ୍ତା ଉପରେ ଭୂଷଣ୍ଡପୁର, ବାଲିପାଟପୁର, ଦେଇପୁର, ଗଡ଼ଖାରଦ, ଅଡାଲ-ବଡାଲ, ଡିଆ, ନିରାକାରପୁର ଆଦି ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ନିର୍ଭର କରିଥାନ୍ତି।

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଖୋର୍ଦ୍ଧା,୫।୧୨(ପ୍ରଭାତ ପାଣିଗ୍ରାହୀ)

କାଇପଦର ଶ୍ରୀଜଗନ୍ନାଥ କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷ ରୂପଶ୍ରୀରାଣୀ ଗୁମାନସିଂହ କହିଥିଲେ, ଯୁବକମାନେ ଦେଶ ଓ ଜାତିର ସମ୍ପତ୍ତି। ସେମାନଙ୍କର ବିକାଶରେ ସମାଜର ବିକାଶ ସମ୍ଭବ। ଖୋର୍ଦ୍ଧାର ପୂର୍ବତନ ବିଧାୟକ ତଥା ପରିବେଶବିତ୍ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଯୁବକମାନେ ପ୍ରବଳ ଇଚ୍ଛା ଶକ୍ତିର ଅଧିକାରୀ ହେବା ଆବଶ୍ୟକ। ସେମାନଙ୍କ ଜୀବନ ଅଭିଧାନରେ ଅସମ୍ଭବ ବୋଲି ଶବ୍ଦ ନ ରହିବା ଉଚିତ୍। ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ତରୁଣକାନ୍ତି ରାୟଙ୍କ ସଭାପତିତ୍ୱରେ




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ମାନସିଂହ, ପର୍ଶୁରାମ ମାର୍ଥା, ଉପାଧ୍ୟକ୍ଷ ପ୍ରତାପ ଛୋଟରାୟ, ଅଧ୍ୟାପକ ଡ. ଜନ୍ମେଜୟ ଚୌଧୁରୀ, ସଞ୍ଜୁକ୍ତା ପଟ୍ଟନାୟକ, ସଚଳା ସାମନ୍ତରାୟ, ଅନୁପମା ଚମ୍ପତିରାୟ, ସୁଜ୍ଞାନୀ ଭଞ୍ଜସାମନ୍ତ, ମାନସ ଜୟସିଂହ, ଭୁବନେଶ୍ୱର ମହାରଣା, ସମାଜସେବୀ ରବି ବଳିୟାରସିଂହ, ସଦାଉଲ୍ଲା ମିଆଁ, ରଜନୀ ରଣସିଂହ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ସମନ୍ୱିତ କାର୍ଯ୍ୟକ୍ରମର ଉପାଦେୟତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରିଣୀ ଅଧ୍ୟାପିକା ଅନୁପମା ଚମ୍ପତିରାୟ ରାଜ୍ୟର ଶ୍ରେଷ୍ଠ କାର୍ଯ୍ୟକ୍ରମ ଅଧିକାରୀଭାବେ ସମ୍ମାନିତ ହୋଇଥିବାରୁ ମହାବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଦେଶୀମଦ ସହ ସ୍କୁଟି ଜବତ, ୩ ଗିରଫ

ବାଲୁଗାଁ,୫।୧୨(ସଂଗ୍ରାମ ପାଇକରାୟ):

ବାଲୁଗାଁ ଏବଂ ବାଣପୁର ଅଞ୍ଚଳରେ ବେଆଇନଭାବେ ଦେଶୀ ଓ ବିଦେଶୀ ମଦ କାରବାର ବଢ଼ିଚାଲିଛି। ମଙ୍ଗଳବାର କୌଣସି ସୂତ୍ରରୁ ଖବରପାଇ ବାଲୁଗାଁ ଅବକାରୀ ଅଧିକାରୀ ବି. ମନୋଜ କୁମାରଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ୩ଟି ସ୍ଥାନରୁ ମୋଟ ୧୨୦ଲିଟର ଦେଶୀ ମଦ ଓ ଏକ ସ୍କୁଟି ଜବତ କରିଛି। ଏହି ବ୍ୟବସାୟରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୩ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ବାଲୁଗାଁ ନିକଟ ଲମ୍ବୋଦରପୁର ଗ୍ରାମର ବିକ୍ରମ ସିଂ(୩୫), ବାଣପୁର ଥାନା ଅଧୀନ କୁଲେଇ ଗ୍ରାମର ମହିଳା ଲିଲି ମହାରଥୀ(୩୫), ବାଣପୁର ଶାଳିଆ ଡ୍ୟାମ୍ ରାସ୍ତାର କୋଶରଡ଼ା ଗ୍ରାମର ପ୍ରଫୁଲ୍ଲ ଶବର(୨୫)। ବିଭାଗ ପକ୍ଷରୁ ଏନେଇ ୩ଟି ମାମଲା ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ବ୍ରାଉନ୍‌ସୁଗାର, ପିସ୍ତଲ ଜବତ: ୪ ଗିରଫ

ଖୋର୍ଦ୍ଧା,୫।୧୨(ପ୍ରଭାତ ପାଣିଗ୍ରାହୀ)

ଶିଳ୍ପାଞ୍ଚଳ ଥାନା ପୋଲିସ ବରୁଣେଇ ଜଙ୍ଗଲ ନିକଟରୁ ୪ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଗଡ଼ଖୋର୍ଦ୍ଧା ହାଉସିଂ ବୋର୍ଡ କଲୋନୀର ଚନ୍ଦନ ନାୟକ(୨୮), ମୁକୁନ୍ଦପ୍ରସାଦର ଫାରୁକ ଖାନ୍(୨୬), ଜଙ୍କିଆ ଥାନା କମାଗୁରୁ କମାରସାହିର ମନୋରଞ୍ଜନ ପ୍ରଧାନ(୩୨) ଏବଂ ପୁରୀ କୁମ୍ଭାରପଡା ଥାନା ଷ୍ଟେଶନରୋଡ ଗୋରାକବରର ଏମ୍. ରମେଶ ରେଡ୍ଡୀ(୨୩)। ଏମାନଙ୍କଠାରୁ ୨୦ଗ୍ରାମ ବ୍ରାଉନ୍‌ସୁଗାର, ଗୋଟିଏ ୭ଏମ୍‌ଏମ୍ ପିସ୍ତଲ ଏବଂ ୨ଟି ଗୁଳି ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କା ହେବ। ସୂଚନା ଅନୁସାରେ, ବରୁଣେଇ ଜଙ୍ଗଲ ନିକଟରେ କେତେଜଣ ଯୁବକ ଏକାଠି ହୋଇ ବ୍ରାଉନସୁଗାର ବେପାର ଡିଲ୍ କରୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ସେମାନଙ୍କୁ ଧରିବା ଲାଗି ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ଦିଲୀପ ଦାସଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଅପରାହ୍ନ ସାଢ଼େ ୧୨ଟାରେ ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଜୟସିଂଙ୍କ ନେତୃତ୍ୱରେ ଏସ୍‌ଆଇ ବୁଲୁ ସେଠୀଙ୍କ ସମେତ ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଅଭିଯୁକ୍ତମାନେ ଖସିବାକୁ ଉଦ୍ୟମ କରିଥିଲେ ମଧ୍ୟ ପୋଲିସ ସେମାନଙ୍କୁ କାବୁ କରିଥିଲା। ଏନେଇ ଥାନାରେ ମାମଲା (ନଂ. ୧୧/୨୩) ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା।

## ମତ୍ସ୍ୟଜୀବୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ

କୃଷ୍ଣପ୍ରସାଦ,୫।୧୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଚିଲିକା ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ମତ୍ସ୍ୟଜୀବୀମାନଙ୍କୁ ସ୍ୱାବଲମ୍ବୀ କରିବା ଓ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ଯୋଜନାଗୁଡିକ କିପରି ମତ୍ସ୍ୟଜୀବୀଙ୍କ ପାଖରେ ପହଞ୍ଚିପାରିବ ଏବଂ ସେମାନେ କିପରି ଏହାର ଲାଭ ଉଠାଇପାରିବେ, ସେନେଇ ମତ୍ସ୍ୟ ବିଭାଗ ପକ୍ଷରୁ ଏକ ଜନସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର କୃଷ୍ଣପ୍ରସାଦ ବ୍ଲକର ମା'ମଙ୍ଗଳା ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି କୁମାରପୁର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସହକାରୀ ମତ୍ସ୍ୟ ଅଧିକାରୀ ବିଜୟାନନ୍ଦ ସେଠଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମା'ମଙ୍ଗଳା ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ସଭାପତି କାବିରାଜ ଜୟସିଂହ, ମା'ଚାମୁଣ୍ଡା ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ସଭାପତି ଅଭିମନ୍ୟୁ ବେହେରା, ମୁଖ୍ୟ ସହକାରୀ ମତ୍ସ୍ୟ ଅଧିକାରୀ ବୀରବର ସେଠୀ, ବରିଷ୍ଠ ମତ୍ସ୍ୟ ପରାମର୍ଶଦାତା ରଜନୀକାନ୍ତ ମଲିକ ପ୍ରମୁଖ ଯୋଗଦେଇ ମତ୍ସ୍ୟଜୀବୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସରକାରଙ୍କ ବିଭିନ୍ନ ଯୋଜନା ଓ ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଚିଲିକା ଉପକୂଳବର୍ତ୍ତୀ କୁମାରପୁର ଗ୍ରାମର ୩୫ଟି ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଏବଂ ସମସ୍ତ ମତ୍ସ୍ୟଜୀବୀ ସାମିଲ ହୋଇଥିଲେ। ସାଗର ମିତ୍ର, ରେନିରାଣୀ ଜେନା, ରଶ୍ମିତା ନାୟକ, ମାମାଲି ବରାଳ, ରୂପା ଦାସ, ଶଶିକାନ୍ତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

# ସମନ୍ୱିତ ଚାଷ କରିବାକୁ ଆହ୍ୱାନ

ବେଗୁନିଆ,୫।୧୨(ହର ପ୍ରସନ୍ନ ପଣ୍ଡା)

ନୂଆ ପରିଚୟ ଦେଇଛି ସମନ୍ୱିତ ଚାଷ। ବର୍ଷକୁ ରୋଜଗାର କରୁଛନ୍ତି ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା। ଅକ୍ଲାନ୍ତ ପରିଶ୍ରମ ବଳରେ ପୁରସ୍କାର ଲାଭ କରିଛନ୍ତି ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଅରୁଣ କୁମାର ମହାପାତ୍ର। ସମନ୍ୱିତ ଚାଷକୁ ଯୁବପିଢ଼ି ନିଜର ଧନ୍ଦାମୂଳକ ରୋଜଗାର ଭାବେ ମାଧ୍ୟମ କରି ପରିବାର ପ୍ରତିପୋଷଣ କରନ୍ତୁ ବୋଲି ଅରୁଣ ଆହ୍ୱାନ ଦେଇଛନ୍ତି।

ସୂଚନାଥାଉ କି, ଅରୁଣ ପାଠପଢ଼ା ଶେଷ ପରେ କାମଧନ୍ଦା ଅନ୍ୱେଷଣରେ ବାହାର ରାଜ୍ୟକୁ କିଛି ବର୍ଷ ଯାଇଥିଲେ। ପରେ ସେ ଗାଁକୁ ଫେରି ଚାଷକୁ ଆପଣାଇଥିଲେ। ବୁଦ୍ଧି ଓ ବଳ ଖଟେଇ ନିଜର ପ୍ରାୟ ୧ ଏକର ଜମିରେ ୨୦୧୩ରେ ପ୍ରଥମେ ପରିବା ଚାଷ କରିଥିଲେ। ଫସଲ ଅମଳ ଭଲ ହେବାରୁ ତାଙ୍କୁ ଅଧିକ ଉତ୍ସାହିତ କରିଥିଲା। ପରେ ସେ ସବ୍‌ସିଡି ଋଣ ସହାୟତା ରାଶି ଆଣି ନିଜର ୫ ଏକର ଜମିରେ କୃଷି



ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାରେ ମନ୍ତ୍ରୀଙ୍କଠାରୁ ଅରୁଣ ପୁରସ୍କାର ଗ୍ରହଣ କରୁଛନ୍ତି।

- ସଫଳ ମତ୍ସ୍ୟଚାଷୀ ଭାବେ ପୁରସ୍କାର ପାଇଲେ ଅରୁଣ
- ବର୍ଷକୁ ରୋଜଗାର କରୁଛନ୍ତି ୨ଲକ୍ଷ ଟଙ୍କା

ଫାର୍ମ ହାଉସ ତିଆରି କରିଥିଲେ। ଭଳିକି ଭଳି ବିଭିନ୍ନ କିସମର ପରିବା, ମେଣ୍ଢା, କୁକୁଡ଼ା ଚାଷ ଆରମ୍ଭ କରିଥିଲେ। ପରେ ସେ ପୋଖରୀ ଖନନ କରି ମାଛଚାଷ ଉପରେ ଗୁରୁତ୍ୱ ଦେଇଥିଲେ। ଫାର୍ମ ପରିସରରେ ୪ଟି ପୋଖରୀ ଖନନ କରି ଚିଙ୍ଗୁଡି ମାଛଚାଷ ଆରମ୍ଭ କରିଥିଲେ। ବିଭିନ୍ନ ପ୍ରକାର ମାଛଚାଷ କରିବା ସହ ଏବେ ଯାଁଳ ବିକ୍ରି କରୁଛନ୍ତି। ଅରୁଣ ସମସ୍ତ ପ୍ରକାର ଚାଷକରି ବର୍ଷକୁ ୨ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରିପାରୁଛନ୍ତି। ସେ ନିଜର ଅକ୍ଲାନ୍ତ ପରିଶ୍ରମ ବଳରେ ସରକାରଙ୍କ ଅଗ୍ରଣୀ ଚାଷୀ ତାଲିକାରେ ନିଜର ନୂଆ ପରିଚୟ ଲାଭ କରିଛନ୍ତି। ଗତ ସୋମବାର ଅନୁଷ୍ଠିତ ଖୋର୍ଦ୍ଧା ଜିଲାର କୃଷି ଯନ୍ତ୍ରପାତି ମେଳାରେ ସଫଳ ମାଛ ଚାଷୀ ଭାବେ ପୁରସ୍କାର ଲାଭ କରିଛନ୍ତି। ଏ ସମ୍ପର୍କରେ ଅରୁଣ କୁହନ୍ତି, କେବଳ ମୁଁ ସଫଳତା ହାସଲ କରିଛି, କିନ୍ତୁ ସମସ୍ତ ବେକାରୀଯୁବବର୍ଗଙ୍କୁ ନିବେଦନ କରୁଛି ସେମାନେ ସମନ୍ୱିତ ଚାଷକୁ ଆପଣାନ୍ତୁ।

## ସଂକ୍ଷେପରେ

### ପୋଢୁଆଁ ହେଲେ ଶ୍ରୀସାକ୍ଷୀଗୋପାଳ, ଶ୍ରୀରାଧା

ସାକ୍ଷୀଗୋପାଳ,୫।୧୨(କିଶୋର ମହାପାତ୍ର /ପ୍ରଶାନ୍ତ ବାରିକ/ଭରତ ରାଉତ)

ପୁରୀ ଜିଲା ସାକ୍ଷୀଗୋପାଳ ମନ୍ଦିରରେ ପ୍ରଥମାଷ୍ଟମୀ ନୀତି ମଙ୍ଗଳବାର ପାଳିତ ହୋଇଛି। ଏହି ଉପଲକ୍ଷେ ଦୈନନ୍ଦିନ ଦେବନୀତି ସହିତ ଦ୍ୱିପ୍ରହର ଧୂପରେ ଶ୍ରୀସାକ୍ଷୀଗୋପାଳ ଠାକୁର ଓ ଶ୍ରୀରାଧାଙ୍କୁ ନୂତନ ବସ୍ତ୍ର, ଫୁଲହାର, ଚନ୍ଦନ ଲାଗି କରାଯାଇଥିଲା। ଜାତ ଭୋଗ, ଆଳତି, ଉପଚାର ଓ ବନ୍ଦାପନା କରାଯାଇ ଠାକୁରଙ୍କ ପୋଢୁଆଁ ନୀତି ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଛତିଡ୍ରାସ, ବିଜେକାହାଳୀ, ଘଣ୍ଟ, ତେଲିଙ୍ଗି ବାଦ୍ୟ, ମହୁରୀ ସେବା କରାଯାଇଥିଲା। ପୂଜାପଣ୍ଡା ନରହରି ମହାପାତ୍ର, ପାଳିଆ ପତ୍ରୀ ମାନସ ମହାପାତ୍ର, ସିଂହାରୀ ରବିନାରାୟଣ ପତ୍ରୀ, ଭଣ୍ଡାର ମେକାପଙ୍କ ସହିତ ବିଭିନ୍ନ ବର୍ଗର ସେବାୟତ ସାମିଲ ହୋଇଥିଲେ। ବିଶେଷକରି ପୋଢୁଆଁ ହୋଇଥିବା ବାଳିକାବାଳକ ପରିବାର ସହ ଠାକୁରଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଘରେ ଘରେ ପିଠାପଣା ସହ ନୂତନ ବସ୍ତ୍ର ପରିଧାନ ବନ୍ଦାପନା ଆଦି ଆସର ଜମିଥିଲା।

### ପୁରୀରେ ବିଶର ମହାନ୍ତିଙ୍କ ସ୍ମୃତିରକ୍ଷା ପାଇଁ ଦାବି

ପୁରୀ, ୫।୧୨(ଅଜିତ ମହାନ୍ତି):

କଳାପାହାଡ଼ କବଳରୁ ମହାପ୍ରଭୁଙ୍କ ବ୍ରହ୍ମ ଉଦ୍ଧାର କରିଥିବା କୁଜଙ୍ଗର ବିଶ୍ୱର ମହାନ୍ତିଙ୍କ ସ୍ମାରକୀ ପୁରୀରେ ରଖିବା ପାଇଁ ବିଶର ମହାନ୍ତି ସ୍ମାରକୀ ମେଳି ପକ୍ଷରୁ ପ୍ରଶାସନ ନିକଟରେ ଦାବି କରାଯାଇଛି। ଏ ସଂକ୍ରାନ୍ତ ଏକ ବୈଠକ ମଙ୍ଗଳବାର ଗୋପବନ୍ଧୁ ଭବନରେ ଆୟୋଜିତ ହୋଇଯାଇଛି। ବୈଠକରେ ପୁରୀର ବଦ୍ରି ମିଶ୍ର, ଜଗନ୍ନାଥ ବଡ଼ିଆ, ବୀରେନ୍ଦ୍ର ମହାନ୍ତି, ଶ୍ୟାମପ୍ରକାଶ ସେନାପତି ଏବଂ ଜଗତ୍‌ସିଂହପୁରର ସରୋଜ ନାୟକ, ଅରୁଣ କୁମାର ଆଚାର୍ଯ୍ୟ, ରଶ୍ମିରଞ୍ଜନ ସ୍ୱାଇଁ, ନ୍ୟାୟବ୍ରତ ରାଉତ, ପୀତାମ୍ବର ରାଉତ, ଦିଲ୍ଲୀପ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବିଶରଙ୍କ ସମ୍ମାନରେ କୁଜଙ୍ଗର କୁଞ୍ଜବିହାରୀଙ୍କୁ ପ୍ରତିବର୍ଷ ଜଗନ୍ନାଥଙ୍କ ଓଲାଗି ପାଟ ଓ ରଥଚକ ପ୍ରଦାନ କରିବା ନିବେଦନ କରାଯାଇଛି। ଖୁବ୍‌ଶୀଘ୍ର ବିଶର ମହାନ୍ତିଙ୍କ ସ୍ମୃତିରେ ରାଜ୍ୟସ୍ତରୀୟ ସେମିନାର କରାଯିବା ସହ ଶ୍ରୀମନ୍ଦିର ମାଜଣା ମଣ୍ଡପକୁ ମେଳି ପକ୍ଷରୁ ବାଦ୍ୟ ଖୋଳ ପ୍ରଦାନ କରାଯିବ ବୋଲି ବଦ୍ରି ମିଶ୍ର ଏବଂ ସରୋଜ ନାୟକ ସୂଚନା ଦେଇଛନ୍ତି।

### ବିଜେଡିରେ ୫୦ରୁ ଊର୍ଦ୍ଧ୍ୱ କଂଗ୍ରେସ ସମର୍ଥକ ସାମିଲ

ଗୋପ,୫।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

୫୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶଙ୍କ ଉପସ୍ଥିତିରେ ମଙ୍ଗଳବାର ଦଳରେ ସାମିଲ ହୋଇ ଦଳ ପାଇଁ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକ ଦାଶ ମଧ୍ୟ ସବୁବେଳେ ସେମାନଙ୍କ ସହିତ ରହିବେ ବୋଲି କହିଛନ୍ତି। ପ୍ରକାଶ ଯେ, ଗୋପ ବ୍ଲକ ବଡ଼ତରା ପଞ୍ଚାୟତ ଅଧୀନ ବଡ଼ ପ୍ରଧାନସାହି ଗ୍ରାମରେ ବିକାଶମୂଳକ କାର୍ଯ୍ୟ ଠିକ୍ ଭାବରେ ପହଞ୍ଚି ନ ଥିବା ନେଇ ଗାଁର ଯୁବବର୍ଗ ବିଧାୟକ ଦାଶଙ୍କୁ ଅଭିଯୋଗ କରିଥିଲେ। ବିଧାୟକ ଅଭିଯୋଗରେ ପ୍ରଥମେ ଗାଁ ଶ୍ମଶାନ ଲାଗି ୩ ଲକ୍ଷ ଟଙ୍କା ମଞ୍ଜୁର କରିବାରୁ ଗ୍ରାମବାସୀ ବିଧାୟକଙ୍କୁ ଗାଁକୁ ନିମନ୍ତ୍ରଣ କରିଥିଲେ। ବିଧାୟକ ଦାଶ ମଙ୍ଗଳବାର ପ୍ରଧାନସାହି ଗ୍ରାମରେ ପହଞ୍ଚିବା ପରେ ଗାଁର ଯୁବଗୋଷ୍ଠୀ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଦୀର୍ଘ ଘଣ୍ଟାଏ ଧରି ଗାଁର ବିକାଶ ସମ୍ପର୍କରେ ଆଲୋଚନା କରିବା ସହ ସେହିଠାରେ ପିଇବା ପାଣି ସମସ୍ୟା ନେଇ ଜଳ ପରିମଳ ବିଭାଗକୁ ଫୋନ କରି ସମସ୍ୟା ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ନବୀନ ସରକାରଙ୍କ ସମସ୍ତ ଯୋଜନା ନିଶ୍ଚିତ ଭାବରେ ଗାଁରେ ପହଞ୍ଚିବା ସହ ତୁମ ସହ ସରକାର ଅଛନ୍ତି ବୋଲି କହିଥିଲେ। ଏପରି ପ୍ରତିଶ୍ରୁତି ପାଇବା ପରେ ଦିଲ୍ଲୀପ ପାଇକରାୟ, ରଞ୍ଜିତ ପାଇକରାୟ, ବାପି ମଙ୍ଗରାଜ, ସ୍ମୃତି ସାମନ୍ତରାୟ, ରଶ୍ମିତା ମଙ୍ଗରାଜ, ବିଳାସିନୀ ମଙ୍ଗରାଜ, ସୁକାନ୍ତି ମଙ୍ଗରାଜଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ ହୋଇଥିଲେ।

### ଯୁବ ସେବାୟତଙ୍କ ବିୟୋଗ

କାକଟପୁର, ୫।୧୨(ଶୁଭଦର୍ଶନ ମିଶ୍ର):

କାକଟପୁର ସେବକ ସାହିର ଯୁବ ସେବାୟତ ବସନ୍ତ ଦୀକ୍ଷିତଙ୍କ ମଧ୍ୟମ ପୁତ୍ର ସୁରେଶ ଦୀକ୍ଷିତ(୪୩)ଙ୍କ ମଙ୍ଗଳବାର ଭୋର ୫ଟାରେ ଚିକିତ୍ସାଧୀନ ଅବସ୍ଥାରେ ବିୟୋଗ ଘଟିଛି। ୪ ମାସ ହେବ ସେ ଯକୃତ ରୋଗରେ ପୀଡ଼ିତ ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ଧର୍ମପରାୟଣ ଯୁବକ ଭାବେ ଅଞ୍ଚଳରେ ପରିଚିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବାବେଳେ ତାଙ୍କର ସାନ ଭାଇ କାହ୍ନା ମୁଖାଗ୍ନି ଦେଇଥିଲେ।

# ଶ୍ୟାମାକାଳୀ ସମବାୟ ସମିତିରେ ପଡ଼ିଲା ତାଲା

## ସମ୍ପାଦକ ନିଯୁକ୍ତିକୁ ନେଇ ବିବାଦ

କଣାସ,୫।୧୨(ବିଭୂତି ଭୂଷଣ ତ୍ରିପାଠୀ)



ଶ୍ୟାମାକାଳୀ ସମବାୟ ସମିତିରେ ସମ୍ପାଦକ ନିଯୁକ୍ତି ଦାବିରେ ଜନ ପ୍ରତିନିଧି ତାଲା ପକାଇଛନ୍ତି ।

କଣାସ ଅଧୀନ ଦେଇପୁର ଗ୍ରାମପଞ୍ଚାୟତର ତେଲେଙ୍ଗାପଡ଼ା ଗ୍ରାମରେ ଅବସ୍ଥାପିତ ଶ୍ୟାମାକାଳୀ ସମବାୟ ସମିତି ଲିମିଟେଡ୍‌ରେ ସମ୍ପାଦକ ନିଯୁକ୍ତି ନେଇ ମଙ୍ଗଳବାର ଜନପ୍ରତିନିଧିମାନେ ତାଲା ପକାଇ ଦେଇଛନ୍ତି। ସୂଚନା ମୁତାବକ, ଦେଇପୁର, ଗଡ଼ଖାରଦ, ଦୋଛିଆଁ, ବଡାଲ ଗ୍ରାମପଞ୍ଚାୟତର ୨୪ଗୋଟି ଗ୍ରାମକୁ ନେଇ ଶ୍ୟାମାକାଳୀ ସମବାୟ ସମିତି ଲିମିଟେଡ୍ ଗଠିତ। ସମିତିରେ ପ୍ରାୟ ୧ହଜାର ଚାଷୀ ମେମ୍ବର ଥିବାବେଳେ ୨କୋଟି ୫୦ଲକ୍ଷ ଟଙ୍କା ଚାଷୀଙ୍କୁ ଋଣ ପ୍ରଦାନ କରାଯାଇଛି। ୭ବର୍ଷ ହେଲା ସମିତିରେ ସ୍ଥାୟୀ ସମ୍ପାଦକ ନ ଥିବାରୁ ଚାଷୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଚାଷୀ ବାରମ୍ବାର ସ୍ଥାୟୀ ସମ୍ପାଦକ ନିଯୁକ୍ତି ଦାବି କରିବାରୁ ୨୦୨୧ରେ ସ୍ଥାୟୀ ସମ୍ପାଦକ ନିଯୁକ୍ତି ପାଇଁ ଏକ ବିଜ୍ଞାପନ ପ୍ରକାଶ ପାଇଥିଲା। ହେଲେ ଏଯାବତ୍ ସ୍ଥାୟୀ ସମ୍ପାଦକ ନିଯୁକ୍ତି ହୋଇପାରି ନାହାନ୍ତି। ଗତ ୭ବର୍ଷ ମଧ୍ୟରେ ଅସ୍ଥାୟୀ ଭାବେ ୩ ଜଣ ସମ୍ପାଦକ କାର୍ଯ୍ୟଭାର ତୁଲାଇ ଆସୁଛନ୍ତି। ବର୍ତ୍ତମାନ ସମିତି ଦାୟିତ୍ୱରେ ଥିବା ବ୍ୟାଙ୍କ ସୁପରଭାଇଜରଙ୍କ ଅନ୍ୟ ଶାଖାକୁ ବଦଳି ହୋଇଛି। ଫଳରେ ଗୋପବନ୍ଧୁ ସେବା ସମବାୟ ସମିତି ସମ୍ପାଦକ ହେମନ୍ତ ସ୍ୱାଇଁଙ୍କୁ ଅସ୍ଥାୟୀ ସମ୍ପାଦକ ଭାବେ ଦାୟିତ୍ୱ ନେବାକୁ ଚିଠି ସଂଖ୍ୟା–୪୫୩୩ ତା୧।୧୧।୨୦୨୩ରେ ନିର୍ଦ୍ଦେଶ ହୋଇଛି। ହେଲେ ସ୍ୱାଇଁ ପୂର୍ବରୁ ୨ଟି ସେବା ସମବାୟ ସମିତିରେ ସମ୍ପାଦକ ଥିବାରୁ ତୃତୀୟଟିରେ କିପରି କାର୍ଯ୍ୟ କରିବେ ବୋଲି ଚାଷୀ ଓ ସରପଞ୍ଚମାନେ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ପୁରୀ ମଣ୍ଡଳକୁ ଏକ ଦାବିପତ୍ର ଦେବା ସହ ପୁନଶ୍ଚ ବିଚାର କରି ଅନ୍ୟ ଜଣେ ସମ୍ପାଦକଙ୍କୁ ନିଯୁକ୍ତି ଦେବାକୁ ଦାବି କରିଥିଲେ। ଏହି ଦାବିପତ୍ରର ନକଲ ଡି.ଆର୍.ସି.ଏସ୍ ପୁରୀ ଡିଭିଜନ, ଆର୍.ସି.ଏସ୍ ଓଡ଼ିଶା, ଭୁବନେଶ୍ୱର, ଜିଲାପାଳ ପୁରୀ, ବ୍ୟାଙ୍କ ସେକ୍ରେଟାରୀ ୟୁ.ପି.ଏନ୍.ସି.ସି.ବି, ପୁରୀ ଏବଂ ପ୍ରେସିଡେଣ୍ଟ, କମିଶନର କମ୍ ସି.ଓ କର୍ପୋରେସନ୍ ଡିପାର୍ଟମେଣ୍ଟ ଓଡ଼ିଶା, ଭୁବନେଶ୍ୱରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ୟୁ.ପି.ଏନ୍.ସି.ସି.ବି, ପୁରୀର ସଭାପତି, ୩ ସରପଞ୍ଚ (ଦେଇପୁର, ଗଡ଼ଖାରଦ ଓ ଦୋଛିଆଁ)ଙ୍କୁ ନୂତନ ସମ୍ପାଦକ ଯୋଗାଡ଼ କରି ଜଣାଇବାକୁ ଏକ ଲିଖିତ ପତ୍ର ଦେଇଥିଲେ। ଲିଖିତ ପତ୍ର ପାଇଁ ୩ ସରପଞ୍ଚ ତ୍ରିଲୋଚନପୁର ସେବା ସମବାୟ ସମିତି ସମ୍ପାଦକଙ୍କୁ ଶ୍ୟାମାକାଳୀ ସେବା ସମବାୟ ସମିତି ସମ୍ପାଦକ ରୂପେ ନିଯୁକ୍ତି କରିବାକୁ ଲିଖିତ ଭାବେ ସଭାପତିଙ୍କୁ ଜଣାଇଥିଲେ। ସୋମବାର ସେବା ସମବାୟ ସମିତିଠାରେ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରା ନ ଯାଇ ଗୋପବନ୍ଧୁ ସେବା ସମବାୟ ସମିତି ସମ୍ପାଦକ ସ୍ୱାଇଁଙ୍କୁ ପୁରୀଠାରେ ଦାୟିତ୍ୱ ହସ୍ତାନ୍ତର କରାଯାଇ ଥିବାରୁ ଶ୍ୟାମାକାଳୀ ସେବା ସମବାୟ ସମିତିର ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

# ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତିକଲେ ଥାନା ଅଧିକାରୀ

ଗୋପ,୫।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ– କୋଣାର୍କ ରାସ୍ତାର ଶାରଡ଼ା ଛକ ନିକଟରେ ମଙ୍ଗଳବାର ରାତ୍ର ୯ଟା ସମୟରେ ଏକ ଅଟୋ ସହିତ ବାଇକ୍ ଧକ୍କା ହେବାରୁ ଘଟଣା ସ୍ଥଳରେ ୧୪ ଜଣ ରାସ୍ତାରେ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିଲେ। ଏହି ସମୟରେ କୋଣାର୍କ ନୃତ୍ୟ ମହୋତ୍ସବ ଡ୍ୟୁଟିରେ ଥିବା ଗୋପ ଥାନା ଅଧିକାରୀ ମହେଶ୍ୱର ସେଠୀ ସମସ୍ତଙ୍କୁ ପୋଲିସ ଗାଡ଼ିରେ ଉଦ୍ଧାର କରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଥାନା ଅଧିକାରୀଙ୍କ ଏପରି ମହନୀୟତାକୁ ସାଧାରଣରେ ବେଶ ପ୍ରଶଂସା କରାଯାଇଛି। ପ୍ରକାଶ ଯେ, କୋଣାର୍କ ନୃତ୍ୟ ମହୋତ୍ସବ ଦେଖିବାକୁ ଛଇତନା ଚୋଟୋଳ ଗ୍ରାମର ୨ ଗୋଟି ପରିବାର ୧୧ଜଣ ଅଟୋ (ଓଡି–୧୩ ଜେ–୫୧୮୧)ରେ ଯାଉଥିଲେ। କୋଣାର୍କ ନୃତ୍ୟ ମହୋତ୍ସବ ଦେଖି ନିମାପଡ଼ାର ସୁଶାନ୍ତ ନାମକ ଜଣେ ବ୍ୟକ୍ତି ତା' ଝିଆରୀ, ପୁତୁରାଙ୍କୁ ନେଇ ବାଇକ୍(ଜିଏ–୦୧–୦୦୯୬)ରେ ଘରକୁ ଫେରୁଥିବାବେଳେ ଅଟୋଟି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସମସ୍ତେ ରାସ୍ତାରେ ଆହତ ଅବସ୍ଥାରେ ପଡ଼ିଥିଲେ। ଏଭଳି ଘଟଣା ଦେଖି ଥାନା ଅଧିକାରୀ ସେଠୀ, ଗୃହରକ୍ଷୀ ସୁବାସ ଚନ୍ଦ୍ର ମହାନ୍ତି, ଥାନା ଗାଡ଼ି ଡ୍ରାଇଭର ମନମୋହନ ପଣ୍ଡା ସେମାନଙ୍କୁ ଗାଡ଼ିରେ ନେଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସୁଶାନ୍ତଙ୍କ ଡାହାଣ ଗୋଡ ଭାଙ୍ଗି ଯାଇଥିବାବେଳେ ତାଙ୍କୁ ଭୁବନେଶ୍ୱର ୬ନଂ. ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ଅଟୋରେ ଥିବା ୪ ଜଣ ଆହତ ହୋଇ ଗୋପ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ିକୁ ଜବତ କରିଥିବାବେଳେ ଅଟୋଚାଳକ ସେଠାରୁ ଫେରାର ଥିବା ଜଣାପଡ଼ିଛି।

# ଚଢ଼ାଉରେ ଯାଆଁଳ ମାଫିଆ ଧରାପଡ଼ିଲେ



ଧରାପଡିଥିବା ଯାଆଁଳ ମାଫିଆ ଏବଂ ଜବତ ଜାଲ ।

## ପଶ୍ଚିମବଙ୍ଗରୁ ଲୋକ ଆଣି ତୋରା ଚାଲାଣ ଚାଲିଥିଲା

ଅସ୍ତରଙ୍ଗ,୫।୧୨(ପ୍ରଦୀପ୍ତ କୁମାର ଦୀକ୍ଷିତ):

ପୁରୀ ଜିଲା ଅସ୍ତରଙ୍ଗ ମୁହାଣର ୭ଟି ସ୍ଥାନରେ ମଙ୍ଗଳବାର ଅସ୍ତରଙ୍ଗ ମତ୍ସ୍ୟ ବିଭାଗ ଓ ସାମୁଦ୍ରିକ ଥାନା ପୋଲିସର ମିଳିତ ସହଯୋଗରେ ଚଢ଼ାଉ କରି କିଛି ବ୍ୟକ୍ତିଙ୍କୁ ଧରିଛି। ସେମାନଙ୍କଠାରୁ ପୋଲିସ ହାପା ଜାଲ, ପଲିଥିନ, ଖଙ୍ଗା ଯାଆଁଳ ସହ ଅନେକ ସାମଗ୍ରୀ ଜବତ କରିଛି। ଜବତ ଖଙ୍ଗା ଯାଆଁଳକୁ ନୂଆଗଡ଼ ଜେଠୀ ନିକଟରେ ସର୍ବସମ୍ମୁଖରେ ନଦୀରେ ଛାଡ଼ି ଦିଆଯାଇଛି। ଧରା ପଡ଼ିଥିବା ବ୍ୟକ୍ତିଙ୍କୁ ପୋଲିସ ୱାର୍ନିଂ ଦେଇ ଛାଡ଼ି ଦେଇଛି।

ପୁରୀ ଜିଲା ଅସ୍ତରଙ୍ଗ କେଲୁଣୀ ମୁହାଣ ସମେତ ଦେବୀ ମୁହାଣ ନିକଟରେ ଯାଆଁଳ ଧରିବା ସମ୍ପୂର୍ଣ୍ଣ ବେଆଇନ ହୋଇଥିଲେ ବି ମାଫିଆମାନେ ଦୈନିକ ଲକ୍ଷ ଲକ୍ଷ ଟଙ୍କାର ଯାଆଁଳ ଧରିନେଉଥିବା ସ୍ଥାନୀୟ ମତ୍ସ୍ୟଜୀବୀ ବାରମ୍ବାର ଅଭିଯୋଗ କରୁଥିଲେ। ସ୍ଥାନୀୟ ଅଞ୍ଚଳର କିଛି ମାଫିଆ ପଶ୍ଚିମବଙ୍ଗରୁ ଲୋକଆଣି ସ୍ୱତନ୍ତ୍ର ଜାଲ ସହିତ ଯାଆଁଳ ଧରୁଥିଲେ। ପଶ୍ଚିମବଙ୍ଗରେ ଖଙ୍ଗା ମାଛ ଚାଷ କରାଯାଉଥିବାରୁ ସେଠାରେ ଏହି ଯାଆଁଳର ବେଶ ଚାହିଦା ରହିଛି। ତେବେ ଯାଆଁଳକୁ ଛାଣି ନିଆଯାଉଥିବାରୁ ସମୁଦ୍ରରେ ମାଛର ପରିମାଣ ବହୁ ମାତ୍ରାରେ ହ୍ରାସ ପାଉଛି। ଆଗାମୀ ଦିନରେ ଏପରି ବେଆଇନ ଯାଆଁଳ ଧରୁଥିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅସ୍ତରଙ୍ଗ ସହକାରୀ ମତ୍ସ୍ୟାଧିକାରୀ ସତ୍ୟବ୍ରତ ଦାସ ସୂଚନା ଦେଇଛନ୍ତି।

# ସିପିଆଇ ପକ୍ଷରୁ ତହସିଲ ଅଫିସ୍ ସମ୍ମୁଖରେ ବିକ୍ଷୋଭ




ତହସିଲ ଅଫିସ୍ ସମ୍ମୁଖରେ ସିପିଆଇ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ନିମାପଡ଼ା,୫।୧୨
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ):

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ଓ ଅଖିଳ ଭାରତ କୃଷକ ସଭା ନିମାପଡ଼ା ଆଞ୍ଚଳିକ କମିଟି ପକ୍ଷରୁ ଦଳୀୟ କର୍ମୀମାନେ ମଙ୍ଗଳବାର ସ୍ଥାନୀୟ ତହସିଲ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଦଳୀୟ ନେତୃବୃନ୍ଦମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନିମାପଡ଼ା ତହସିଲଦାର ବିଦ୍ୟାଧର ପତିଙ୍କୁ ୫ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଧନୁଆଁ ନଦୀ ବନ୍ୟାର ସ୍ଥାୟୀ ପ୍ରତିକାର କରାଯିବା ଓ ଭାର୍ଗବୀ ନଦୀର ଅଚ୍ୟୁତପୁର ଓ କୁଶଭଦ୍ରା ନଦୀର ଭଇଁଆଠାରେ ସୁଇଜ୍ ଗେଟ୍ ନିର୍ମାଣ, ସମସ୍ତ ନଦୀ ଶଯ୍ୟା ଖନନ ସହ ନଦୀବନ୍ଧ ଉଚ୍ଚା କରାଯିବା, ଖରାଦିନେ ଜଳ ସଂରକ୍ଷଣ ପାଇଁ ସ୍ଥାନେ ସ୍ଥାନେ ଚେକ୍ ଡ୍ୟାମ୍ ନିର୍ମାଣ, ଧାନ କୁଇଣ୍ଟାଲ ଦର ୫ ହଜାର ଟଙ୍କାକୁ ବୃଦ୍ଧି କରାଯିବା, ସମସ୍ତ ପ୍ରକାର କୃଷିଋଣ ଛାଡ଼ କରାଯିବା, ୫୮ ବର୍ଷ ପରେ ସମସ୍ତ ଚାଷୀ ମୂଲିଆଙ୍କୁ ୩ ହଜାର ଟଙ୍କା ପେନ୍‌ସନ ଦିଆଯିବା ପ୍ରଭୃତି ଦାବି ଅନ୍ତର୍ଭୁକ୍ତ। ସିପିଆଇ ଓ କୃଷକ ସଭା ନେତା ଦେବେନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ରାଉତ, ସନ୍ତୋଷ ବେହେରା, ପ୍ରଫୁଲ୍ଲ ସାହୁ, ଜୟରାମ ମାଝୀ, ଶଙ୍କର ପରିଡ଼ା, ରବୀନ୍ଦ୍ର ପ୍ରଧାନ, ଭୁବନାନନ୍ଦ ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା।

# ୫ ଦିନରେ ଲକ୍ଷାଧିକ ଟଙ୍କା ଇ–ଚାଲାଣ ଆଦାୟ

ନିମାପଡ଼ା,୫।୧୨(ବିଚିତ୍ରାନନ୍ଦ ସାହୁ):

ନିମାପଡ଼ା ଥାନା ପୋଲିସ ପକ୍ଷରୁ ଗତ କିଛିଦିନ ହେଲା ଗାଡ଼ି ଚେକିଂ କରାଯାଉଛି। ଏହି ଚେକିଂବେଳେ ଅମାନିଆ ବାଇକ୍ ଚାଳକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଗତ ୫ ଦିନ ମଧ୍ୟରେ ବେଆଇନ ଗାଡ଼ିଚାଳନା ଓ ଅମାନିଆ ବାଇକ୍ ଚାଳକଙ୍କଠାରୁ ଲକ୍ଷାଧିକ ଟଙ୍କା ଇ–ଚାଲାଣ ଆଦାୟ କରାଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି। ବିନା ହେଲ୍‌ମେଟ୍‌ରେ ଗାଡ଼ି ଚାଳନା, ବାଇକ୍‌ରେ ବେଆଇନ୍ ଭାବେ ୩ ଜଣ ବସିବା, ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଉଥିବା, ଫୋନ୍‌ରେ ଗପସପ କରୁଥିବା, ଦ୍ରୁତ ବେଗରେ ଗାଡ଼ି ଚାଳନା, ମନମୁଖି ଗାଡି ପାର୍କିଂ କରି ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଥିବା ସମ୍ପର୍କରେ ପୋଲିସ ପକ୍ଷରୁ ଏହି ଗାଡ଼ି ଚେକିଂ କରାଯିବା ସହ ବାଇକ୍ ଚାଳକମାନଙ୍କୁ ସଚେତନ କରାଯାଉଛି। ପୁରୀ ଏସ୍‌ପି ଡ. କନ୍ୱାର ବିଶାଲ ସିଂଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ପ୍ରଭାତ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଇଆଇସି ବାସୁଦେବ ସ୍ୱାଇଁଙ୍କ ନେତୃତ୍ୱରେ ଜୋରଦାର ଭାବେ ଏହି ଚେକିଂ ଚାଲିଛି।

# ୮ରେ ରେଙ୍ଗଳ ସରପଞ୍ଚ ଭୋଟ ପୁନଃ ଗଣତି

ଡେଲାଙ୍ଗ,୫।୧୨(ରଶ୍ମିରଞ୍ଜନ ପ୍ରଧାନ):

ଡେଲାଙ୍ଗ ବ୍ଲକର ରେଙ୍ଗଳ ଗ୍ରାମପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ହୋଇଥିବା ତ୍ରିସ୍ତରୀୟ ଭୋଟର ପୁନଃଗଣତି ୮ ତାରିଖରେ କରିବାକୁ ପିପିଲି ଦେୱାନୀ ଅଦାଲତ(କନିଷ୍ଠ) ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଏହି ପଞ୍ଚାୟତରେ ମୋଟ ୪୭୬୫ ଜଣ ମତଦାତା ଥିବାବେଳେ ୪୦୪୯ ଜଣ ମତଦାନ କରିଥିଲେ। ସାଗରିକା ବଡ଼ଜେନା ୧୫୨୫ ଖଣ୍ଡ ଭୋଟ, ପ୍ରତିଦ୍ୱନ୍ଦ୍ୱୀ ସ୍ୱର୍ଣ୍ଣଲତା ରାଉତରାୟ ୧୫୦୭ ଖଣ୍ଡ ଭୋଟ ପାଇଥିଲେ। ନିର୍ବାଚନରେ ମୋଟ ୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଭୋଟ ଗଣତିରେ ୧୫୬ ଖଣ୍ଡ ଭୋଟ ନାକଚ ହୋଇଥିବାବେଳେ ବଡ଼ଜେନା ମାତ୍ର ୧୮ ଖଣ୍ଡ ଭୋଟରେ ବିଜୟୀ ହୋଇଥିଲେ। ଭୋଟଗୁଡ଼ିକର ପୁନଃ ଗଣତି କରିବାକୁ ନିର୍ବାଚନ ଦାୟିତ୍ୱରେ ଥିବା ବିଡିଓଙ୍କୁ ପରାଜିତ ପ୍ରାର୍ଥୀ ସ୍ୱର୍ଣ୍ଣଲତା ନିବେଦନ କରିଥିଲେ। ହେଲେ ବିଳମ୍ବରେ ଆବେଦନ କରାଯାଇଥିବାରୁ ଗଣତି କରାଯାଇ ନ ଥିଲା। ପରେ ସ୍ୱର୍ଣ୍ଣଲତା ପିପିଲି କୋର୍ଟରେ ନିର୍ବାଚନ ବିବାଦ କେସ୍ ରୁଜୁ କରିଥିଲେ। ଏହି ପଞ୍ଚାୟତ ୧୨ଟି ୱାର୍ଡ ବିଶିଷ୍ଟ ହୋଇଥିବାବେଳେ ୬ରୁ ୧୨ ନଂ. ପର୍ଯ୍ୟନ୍ତ ୱାର୍ଡରେ ଭୋଟ ଗଣତିରେ ଅନିୟମିତତା ହୋଇଥିବା ଅଭିଯୋଗ କରିଥିଲେ। ତାଙ୍କ ପକ୍ଷରୁ ଆଇନଜୀବୀ ଅନିଲ ଦଳେଇ, ବିନାୟକ ପ୍ରଧାନ ଓ ରସିଦ ଖାଁ କେସ ଲଢୁଥିବାବେଳେ ନିର୍ବାଚିତ ସରପଞ୍ଚଙ୍କ ପକ୍ଷରୁ ବିଭୁପ୍ରସାଦ ବୈରୀଗଞ୍ଜନ ମାମଲା ଲଢିଥିଲେ।

# ଖୋର୍ଦ୍ଧାକୁ ହରାଇ ସେମିରେ ଜୁଭେନାଇଲ

ନିମାପଡ଼ା,୫।୧୨
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ):

ନିମାପଡ଼ା ଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ଅଲ୍ ଓଡ଼ିଶା ବାରବାଟୀ କପ୍ ୩ୟ ଟୁବୁଲି ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର ୩ୟ ଦିନରେ ପହଞ୍ଚିଛି। ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଖୋର୍ଦ୍ଧା କ୍ରିକେଟ୍ ଆସୋସିଏଶନକୁ ପରାସ୍ତ କରି କଟକ ଜୁଭେନାଇଲ ବିଜୟ ହାସଲ କରି ଦ୍ୱିତୀୟ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଖୋର୍ଦ୍ଧା ଦଳ ନିର୍ଦ୍ଧାରିତ ୨୫ ଓଭରରୁ ୨୦.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୧୦୫ ରନ୍ ସଂଗ୍ରହ କରିଥିଲା। ଜବାବରେ ଜୁଭେନାଇଲ କଟକ ପରେ ବ୍ୟାଟିଂ କର ନିର୍ଦ୍ଧାରିତ ୨୫ ଓଭରରୁ ୨୨ ଓଭରରେ ୪ ଉଇକେଟ୍ ହରାଇ ୧୦୬ ରନ୍ କରି ବିଜୟ ହାସଲ କରିଛି। ମଙ୍ଗଳବାର ଅନୁଷ୍ଠିତ ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ବିଜେତା ଜୁଭେନାଇଲର ଖେଳାଳି ସୁମିତ ଶର୍ମା ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ। ଅମ୍ପାୟାର ଭାବେ ନିର୍ମଳ ମିଶ୍ର ଓ ଅଭିନନ୍ଦନ ପାତ୍ର ମ୍ୟାଚ ପରିଚାଳନା କରିଥିଲେ। ବୁଧବାର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ପାରାମାଉଣ୍ଟ ଦଳକୁ ଭେଟିବ।

# ମା' ଅଡ଼ଙ୍ଗେଇ ପୀଠରୁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ

ଗୋପ,୫।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ଦୀର୍ଘ ୨୫ ବର୍ଷ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧାରଣ ଗାଁ ଲୋକଙ୍କ ସୁଖଦୁଃଖରେ ଅଛନ୍ତି। ଗାଁ ବିକାଶ କିପରି ହେବ ସେଥିପ୍ରତି ଗୁରୁତ୍ୱ ଦେଇ ଆସୁଛନ୍ତି ବୋଲି ମଙ୍ଗଳବାର ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ କହିଛନ୍ତି। ପ୍ରଥମେ ନାଗପୁର ପଞ୍ଚାୟତର ମା' ଅଡଙ୍ଗେଇ ପୀଠରୁ ଏହି ଯୋଜନାର ଶୁଭାରମ୍ଭ ହୋଇଥିଲା। ଏଥିସହ ପୀଠରେ ସାଢ଼େ ୭ ଲକ୍ଷ ଟଙ୍କାରେ ମା' ତାରିଣୀ କମ୍ୟୁନିଟି ସେଣ୍ଟର ଗୃହର ଭିତ୍ତିପ୍ରସ୍ତର ସ୍ଥାପନା କରିଥିଲେ। ବ୍ଲକରେ ଏହି ଯୋଜନାରେ ୪୪୩ଟି ପ୍ରୋଜେକ୍ଟରେ ଖୁବ୍‌ଶୀଘ୍ର ୧୫କୋଟି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ ପୃଷ୍ଟି ସୂଚନା ଦେଇଛନ୍ତି। ଏହି ଭିତ୍ତିପ୍ରସ୍ତର ସ୍ଥାପନା କାର୍ଯ୍ୟକ୍ରମରେ ସହକାରୀ ଯନ୍ତ୍ରୀ ସୁଦୀପ ବେଶ୍ରା, ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ନାଗପୁର ପଞ୍ଚାୟତ ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ର, ଯୁବ ସଭାପତି ପ୍ରଶାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




# ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ

ଅସ୍ତରଙ୍ଗ,୫।୧୨(ମମତା ଜେନା)

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ନଇଗୁଆଁଠାରେ ଚାଲିଥିବା ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ରାଜ୍ୟର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନଗୁଡ଼ିକ ଯୋଗଦେଇଥିଲେ। କାକଟପୁର ବ୍ଲକ ପଥରପକା ଗ୍ରାମର ମା' ବାଟମଙ୍ଗଳା ନାଟ୍ୟ ସଂସଦ ଦ୍ୱାରା ପରିବେଷିତ ସନ୍ତୋଷ ସ୍ୱାଇଁ(ଟୁଟୁ)ଙ୍କ ପ୍ରଯୋଜିତ କାବୁଲା ବିଶ୍ୱାଳ ଏବଂ ଅଜିତ ନାୟକଙ୍କ ପରିଚାଳିତ ଧ୍ରୁବଚରଣ ଖୁଣ୍ଟିଆଙ୍କ ନିର୍ଦ୍ଦେଶନାର ନାଟକ 'ଆଖି ଅବୁଝାକୁ ଲୁହ ଅବୁଝା'କୁ ବିଚାରକମାନେ ଶ୍ରେଷ୍ଠ ନାଟକ ଭାବେ ବିବେଚନା କରି ପୁରସ୍କୃତ କରିଥିଲେ। ଉକ୍ତ ନାଟକକୁ ଗ୍ରାମର ଅଗ୍ରଣୀ କଳାକାର ରମାକାନ୍ତ ନାୟକ, ସୁଦର୍ଶନ ନାୟକ, ଟୁଲୁ ନାୟକ, ଦୁଷ୍ମନ୍ତ ସ୍ୱାଇଁ, ଦିପୁନା ନାୟକ ଓ ସଞ୍ଜୟ ମଲ୍ଲିକ ପରିବେଷଣ କରିଥିଲେ। ସେହିପରି ମା' ଲକ୍ଷ୍ମୀ ନାଟ୍ୟ ସଂସଦ ଅସ୍ତରଙ୍ଗ ଉପ–ବିଜେତା ଭାବେ ପୁରସ୍କୃତ ହୋଇଛି। ବିଜେତା ଦଳକୁ ନଗଦ ୩୦ ହଜାର ଟଙ୍କା ଓ ଉପ–ବିଜେତା ଦଳକୁ ୨୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଯାତ୍ରା ଜଗତର ଲୋକପ୍ରିୟ ଅଭିନେତା ଗୌର ଦାଶ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କଂଗ୍ରେସ ଯୁବନେତା ବିଶ୍ୱଭୂଷଣ ଦାସ, ନାଇଗୁଆଁ ସରପଞ୍ଚଙ୍କ ପ୍ରତିନିଧି ପ୍ରତାପ ଖୁଣ୍ଟିଆ ଯୋଗଦେଇଥିଲେ। ବିଜୟୀ ନାଟ୍ୟ ସଂସଦର ମୁଖ୍ୟ ପରିଚାଳକ ଭାବେ ନିଶିକାନ୍ତ ସ୍ୱାଇଁ, ରାକେଶ ନାୟକ ଓ ବାଉରୀବନ୍ଧୁ ପରିଡ଼ା ଦାୟିତ୍ୱ ତୁଲାଇଥିଲେ।




ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ଗହଣରେ ଟ୍ରଫି ସହ ବିଜୟୀ ଦଳ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ବକ୍ସି ଜଗବନ୍ଧୁ ଇଂରାଜୀ ମିଡିୟମ୍ ସ୍କୁଲର ୪୯ତମ ବାର୍ଷିକ ଆଥଲେଟିକ୍ ମିଟ୍, ସ୍କୁଲ ପରିସର, ସକାଳ ୮ଟା ୩୦।
- ଓଡ଼ିଶା ଭଲ୍ୟୁଣ୍ଟାରୀ ହେଲ୍‌ଥ ଆସୋସିଏଶନ (ଓଭା)ର ସୁବର୍ଣ୍ଣ ଜୟନ୍ତୀ, ଲୋକ ସ୍ୱାସ୍ଥ୍ୟ ଭବନ, ଲକ୍ଷ୍ମୀସାଗର, ପୂର୍ବାହ୍ନ ୧୦ଟା।
- ଏକାଗ୍ରତା ଡ୍ୟାନ୍ସ ଫାଉଣ୍ଡେଶନ ପକ୍ଷରୁ ପ୍ରଥମ ଏକାଗ୍ରତା ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ୍ ଫେଷ୍ଟିଭାଲ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟା।
- ପ୍ରବନ୍ଧୋତ୍ସବ, ଇନ୍‌ଷ୍ଟିଚ୍ୟୁଟ୍ ଅଫ ମ୍ୟାନେଜମେଣ୍ଟ ଭୁବନେଶ୍ୱର, ଅପରାହ୍ନ ୪ଟା ୩୦।
- ଡ. ବି ଆର୍ ଆମ୍ବେଡ଼କରଙ୍କ ୬୭ତମ ଶ୍ରାଦ୍ଧୋତ୍ସବ, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା।
- ସଙ୍ଗୀତ ସନ୍ଧ୍ୟା 'ଜୀବନ ଜିନ୍ଦାବାଦ୍', ସୂଚନା ଭବନ, ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ପ୍ରବାଦ ପୁରୁଷ ଓ ସମାଜ ସଂସ୍କାରକଙ୍କ ଜୀବନୀ ଉପରେ ଆଧାରିତ ନାଟକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ବଡ଼ମ୍ବା

- ତୃତୀୟ ବାର୍ଷିକ ସର୍ବଭାରତୀୟ ବାପୁଜୀ ପ୍ରିମିୟର ଲିଗ୍ ଶୁଭାରମ୍ଭ, ବୁଦ୍ଧିସାହୁ ଉଚ୍ଚ ବିଦ୍ୟାଳୟ, ଶଙ୍ଖାମେରୀ ନିକଟ ପଡ଼ିଆ, ପୂର୍ବାହ୍ନ ୧୦ଟା।

# ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ଆରମ୍ଭ

## 'ଓଡ଼ିଶାରେ ଆୟୁର୍ବେଦିକ ଚିକିତ୍ସାର ପର୍ଯ୍ୟାପ୍ତ ସୁଯୋଗ ରହିଛି'

ଭୁବନେଶ୍ୱର,୫।୧୨(ଶର୍ମିଷ୍ଠା ପାଣିଗ୍ରାହୀ)

ଆୟୁର୍ବେଦିକ ଚିକିତ୍ସା ପଦ୍ଧତି ବହୁ ପୁରାତନ। ଜଗନ୍ନାଥ ସଂସ୍କୃତିର ଏହା ଏକ ଅଭିନ୍ନ ଅଙ୍ଗ। ଏହି ଚିକିତ୍ସା ପଦ୍ଧତି ଓଡ଼ିଆ ସଂସ୍କୃତି ଓ ପରମ୍ପରା ସହ ଓତପ୍ରୋତ ଭାବେ ଜଡ଼ିତ। କେରଳ ଭଳି ଓଡ଼ିଶାରେ ଆୟୁର୍ବେଦିକ ଚିକିତ୍ସାର ପର୍ଯ୍ୟାପ୍ତ ସୁଯୋଗ ରହିଛି। କାରଣ ନିରବଚ୍ଛିନ୍ନ ଭାବେ ଓଡ଼ିଶାରେ ଜଙ୍ଗଲ ଅଭିବୃଦ୍ଧି ହେଉଛି । ଆୟୁର୍ବେଦ ଚିକିତ୍ସାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନ ଥାଏ ବୋଲି ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ପକ୍ଷରୁ ଆୟୋଜିତ ୧୬ତମ କଳିଙ୍ଗ ହର୍ବାଲ୍ ମେଳାକୁ ଉଦ୍‌ଘାଟନ କରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏହା କହିଛନ୍ତି ।

ମଙ୍ଗଳବାର ସ୍ଥାନୀୟ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ କଳିଙ୍ଗ ହର୍ବାଲ ମେଳାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଅମାତ ଯୋଗଦେଇ ଆୟୁର୍ବେଦିକ ଚିକିତ୍ସାକୁ ଲୋକପ୍ରିୟ କରିବା ନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦିଗରେ ଏହି ମେଳା ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି କହିଛନ୍ତି। ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଛନ୍ତି, କରୋନା ପରେ ଭାରତୀୟ ଆୟୁର୍ବେଦିକ ଚିକିତ୍ସାର ଆଦର କ୍ରମଶଃ ବଢ଼ିବାରେ ଲାଗିଛି। ତେଣୁ ଔଷଧୀୟ ଉଦ୍ଭିଦର ଚାହିଦା ମଧ୍ୟ ବଢ଼ିଚାଲିଛି। ସେହିପରି ଅନ୍ୟତମ ସମ୍ମାନିତ ଅତିଥି ଭାବେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ଜଙ୍ଗଲ ବାହିନୀ ମୁଖ୍ୟ ଡ. ଦେବୀଦତ୍ତ ବିଶ୍ୱାଳ ଯୋଗଦେଇ କହିଥିଲେ, ଆୟୁର୍ବେଦିକ, ଏଲୋପାଥିକ ଏବଂ ହୋମିଓପାଥିକ ଚିକିତ୍ସା ପଦ୍ଧତି ପରସ୍ପରଠାରୁ ଭିନ୍ନ କିନ୍ତୁ ଅଭିନ୍ନ ନୁହନ୍ତି । ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଦୀପ ନାୟକ ସ୍ୱାଗତ ଭାଷଣ ଏବଂ ଉପବନସଂରକ୍ଷକ କିରଣବାଳା ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଦୁଇଟି ସ୍ୱତନ୍ତ୍ର ପୁସ୍ତିକା ଉନ୍ମୋଚିତ ହୋଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗର ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ମେଳା ଡିସେମ୍ବର ୧୧ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ରାତି ୯ଟା ପର୍ଯ୍ୟନ୍ତ ସାଧାରଣ ଜନତାଙ୍କ ନିମନ୍ତେ ଖୋଲା ରହିବ ।



କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏବଂ ଅନ୍ୟ ଅତିଥିମାନେ ସ୍ୱତନ୍ତ୍ର ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଦୟାସାଗର


@ ମାଧବନନ୍ଦ


@ ସୌମ୍ୟରଞ୍ଜନ


@ ଡି. ମାଝି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଦଶମ ପରୀକ୍ଷାର୍ଥୀଙ୍କ ପାଇଁ ନମୁନା ପ୍ରଶ୍ନପତ୍ର ଜାରି

**ଭୁବନେଶ୍ୱର, ୫।୧୨(ଅସମାପିକା ସାହୁ):** ୨୦୨୪ ମାଟ୍ରିକ ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କ ନିମନ୍ତେ ଗୋଟିଏ ସେଟ୍ ସାମ୍ପୁଲ ବା ନମୁନା ପ୍ରଶ୍ନପତ୍ର ଜାରି କରାଯାଇଛି। ପ୍ରତି ଦଶମ ଛାତ୍ରୀଛାତ୍ର ଯେଭଳି ଏହି ନମୁନା ପ୍ରଶ୍ନପତ୍ର ପାଇପାରିବେ ସେଥିପ୍ରତି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଦୃଷ୍ଟିଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାସ ମଙ୍ଗଳବାର ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖିଛନ୍ତି। ପରୀକ୍ଷା ପଦ୍ଧତି ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି। ଓଡ଼ିଆ, ଇଂଲିଶ, ହିନ୍ଦୀ, ସଂସ୍କୃତ, ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନର ଗୋଟିଏ ସେଟ୍ ନମୁନା ପ୍ରଶ୍ନପତ୍ର ପ୍ରସ୍ତୁତ କରାଯାଇ ପଠାଯାଇଛି। ସେଗୁଡ଼ିକୁ ନିଜ ଜିଲାରେ ଥିବା ମାଧ୍ୟମିକ ସ୍କୁଲର ସମସ୍ତ ପ୍ରଧାନ ଶିକ୍ଷକଙ୍କ ନିକଟରେ ବାଣ୍ଟିବାକୁ ଜିଲା ଶିକ୍ଷାଧିକାରୀଙ୍କୁ କୁହାଯାଇଛି। ସବୁ ପିଲାଙ୍କ ପାଖରେ ଏହି ନମୁନା ପ୍ରଶ୍ନପତ୍ର ପହଞ୍ଚାଇବା ପ୍ରତି ଗୁରୁତ୍ୱ ଦେବା ଲାଗି ଡିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ୨୦୨୪ ଦଶମ ବାର୍ଷିକ ପରୀକ୍ଷା ପାଇଁ ଜିଲାସ୍ତରରେ ଏକାଧିକ ପ୍ରଶ୍ନପତ୍ର ସେଟ୍ ପ୍ରସ୍ତୁତ କରିବାକୁ କୁହାଯାଇଛି। ନିଜ ଜିଲାରେ ଥିବା ଅଭିଜ୍ଞ ଶିକ୍ଷକମାନଙ୍କଠାରୁ ଏହିସବୁ ପ୍ରଶ୍ନପତ୍ର ସେଟ୍ ପ୍ରସ୍ତୁତ କରି ନିର୍ଦ୍ଦେଶାଳୟକୁ ପଠାଇବାକୁ କୁହାଯାଇଛି। ସବୁ ଜିଲାରୁ ସଂଗୃହୀତ ସେଟ୍‌କୁ ନେଇ ପ୍ରଶ୍ନପତ୍ର ବ୍ୟାଙ୍କ୍ ପ୍ରସ୍ତୁତ କରାଯିବାକୁ ଯୋଜନା ହୋଇଛି।


ଶୂନ୍ୟ ମୃତ୍ୟୁ ସପ୍ତାହ ପାଳନ ଅବସରରେ ସଚେତନତା ସୃଷ୍ଟି ପାଇଁ ମଙ୍ଗଳବାର ଭୁବନେଶ୍ୱର ଡିଏମ୍‌ଇଟି ବିଲ୍ଡିଂ ପରିସରରୁ ବାହାରିଥିବା ବାଇକ୍ ରାଲି। (ଫଟୋ-ମନୋରଞ୍ଜନ ମିଶ୍ର)

## ବିମାନବନ୍ଦରରୁ ପୁରୀ, କଟକକୁ ମୋ ବସ୍ ଏକ୍ସପ୍ରେସ୍ ସେବା ଆରମ୍ଭ

ଭୁବନେଶ୍ୱର, ୫।୧୨(ବନ୍ଦନା ସେଠୀ)

ରାଜଧାନୀ ଭୁବନେଶ୍ୱରରୁ ପୁରୀ ଓ କଟକକୁ 'ମୋ ବସ୍ ଏକ୍ସପ୍ରେସ୍ ସେବା' ଆରମ୍ଭ ହୋଇଛି। ଭୁବନେଶ୍ୱର ବିମାନ ବନ୍ଦରରୁ ସିଧାସଳଖ କଟକ ନେତାଜୀ ବସ୍ ଟର୍ମିନାଲ୍ (ସିଏନ୍‌ବିଟି) ଏବଂ ପୁରୀ ବସ୍‌ଷ୍ଟାଣ୍ଡ୍ ପର୍ଯ୍ୟନ୍ତ ଏହି ସେବା ମିଳିପାରିବ। ବିମାନବନ୍ଦର ଲେନ୍ ନଂ.୪ରୁ ଯାତ୍ରୀମାନେ ବସ୍‌ରେ ବସି ଏହାର ସୁବିଧା ଉଠାଇପାରିବେ ବୋଲି କ୍ରୁଟ୍ ପକ୍ଷରୁ ସୂଚନା ଦିଆଯାଇଛି। ଅଧିକାଂଶ ଯାତ୍ରୀ ବିମାନବନ୍ଦରରୁ ସିଧାସଳଖ ପୁରୀ କିମ୍ବା କଟକ ଯାତାୟାତ କରୁଛନ୍ତି। ଏଥିପାଇଁ ସହରରେ ପୂର୍ବରୁ ପବ୍ଲିକ୍ ଟ୍ରାନ୍ସପୋର୍ଟ ଭାବେ 'ମୋ ବସ୍' ସୁବିଧା ରହିଥିଲେ ମଧ୍ୟ ତାହା ସହରର ଅନେକ ଷ୍ଟପେଜ୍ ଦେଇ ପୁରୀ ଓ କଟକ ଯାଉଥିଲା। ଫଳରେ ଯାତ୍ରୀମାନଙ୍କୁ ସେଠାରେ ପହଞ୍ଚିବାକୁ ଅଧିକ ସମୟ ଲାଗୁଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରିମିୟମ୍ ଯାତ୍ରା ଭାବେ ସ୍ୱତନ୍ତ୍ର ଏକ୍ସପ୍ରେସ୍ ସେବା ଆରମ୍ଭ କରାଯାଇଛି। ଫଳରେ ପୂର୍ବାପେକ୍ଷା ୪୦ରୁ ୫୦ ମିନିଟ୍ ଆଗରୁ ଗନ୍ତବ୍ୟସ୍ଥଳରେ ପହଞ୍ଚିହେବ। ପୁରୀ ଯିବାକୁ ହେଲେ ଯାତ୍ରୀଙ୍କୁ ୨ଶହ ଏବଂ କଟକ ପାଇଁ ଶହେ ଟଙ୍କା ଭଡ଼ା ଦେବାକୁ ପଡ଼ିବ। ଏନେଇ କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ତଥା ଭାରତୀୟ ପୁଲିସ ସେବା ଅଧିକାରୀ ଅରୁଣ ବୋଥ୍ରା କହିଛନ୍ତି, ମୋ ବସ ସବୁବର୍ଗର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଏକ ଯାତାୟତ ସେବା। ଏହି ଆନ୍ତଃ ସହରାଞ୍ଚଳ ପରିବହନ ପଦକ୍ଷେପ ଯାତ୍ରୀଙ୍କ ଆତ୍ମବିଶ୍ୱାସକୁ ଆହୁରି ବୃଦ୍ଧି କରିବା ସହିତ ସହଜ ଓ ସୁଲଭ ଯାତ୍ରାର ଅନୁଭୂତି ପ୍ରଦାନ କରିବ।

ସୂଚନାଯୋଗ୍ୟ, ଯାତ୍ରୀଙ୍କ ସୁବିଧା ପାଇଁ କ୍ରୁଟ୍ ପକ୍ଷରୁ 'ମୋ ବସ୍' ସେବା ଜାରି ରହିଛି। ଉଭୟ ଏସି ଏବଂ ନନ୍‌ଏସି ବସ୍‌ସେବା ଉପଲବ୍ଧ ଅଛି। ଏବେ ପ୍ରାୟ ୮୪ଟି ରୁଟ୍‌ରେ ମୋ ବସ୍ ଚଳାଚଳ କରୁଥିବାବେଳେ ଦୈନିକ ୨.୫ ଲକ୍ଷ ଲୋକ 'ମୋ ବସ୍' ଯୋଗେ ଯାତାୟାତ କରୁଥିବା 'ମୋ ବସ୍' ଅଫିସିଆଲ୍ ପକ୍ଷରୁ ସୂଚନା ଦିଆଯାଇଛି।

## ନନ୍ଦନକାନନରେ ଆନାକୋଣ୍ଡା ମୃତ

ବାରଙ୍ଗ,୫।୧୨(ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଏବେ ଜନ୍ତୁ ମଡ଼କ ଦେଖିବାକୁ ମିଳିଲାଣି। ଗୋଟିଏ ପରେ ଗୋଟିଏ ବିରଳ ଜୀବଜନ୍ତୁଙ୍କ ମୃତ୍ୟୁ ହେବାରେ ଲାଗିଛି, ଯାହାକୁ ନେଇ ଚିକିତ୍ସା ଓ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସପ୍ତାହ ହେବ ଗାଡ଼ ଭାଲୁ, ଜଳହସ୍ତୀ, ବାରସିଂହାର ମୃତ୍ୟୁ ହୋଇଥିବାବେଳେ ମଙ୍ଗଳବାର ସରୀସୃପ ଉଦ୍ୟାନରେ ରହୁଥିବା ଗୋଟିଏ ଆନାକୋଣ୍ଡା ସାପର ମୃତ୍ୟୁ ହୋଇଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ସୂଚନା ମିଳିଛି। ତେବେ ଏହି ଆନାକୋଣ୍ଡା ମୃତ୍ୟୁ ପରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୯ରେ ପହଞ୍ଚିଛି।

# କଥକ ତାଳେ ତାଳେ କୋଣାର୍କ ଉତ୍ସବ ଉଦ୍‌ଯାପିତ


ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।


କଳାକାରମାନେ କଥକ ନୃତ୍ୟ ପରିବେଷଣ କରୁଛନ୍ତି।

କୋଣାର୍କ, ୫।୧୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ସୂର୍ଯ୍ୟମନ୍ଦିର ପାଦଦେଶରେ ମୁକ୍ତାକାଶ ରଙ୍ଗମଞ୍ଚରେ ଗତ ୧ତାରିଖଠାରୁ ଚାଲିଥିବା ୫ଦିନିଆ ୩୪ତମ କୋଣାର୍କ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ଅତିଥି ଭାବେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା, ଓଟିଡିସି ଅଧ୍ୟକ୍ଷ ଡ. ଲେନିନ ମହାନ୍ତି, ପୂର୍ବତନ ବରିଷ୍ଠ ପ୍ରଶାସନିକ ଅଧିକାରୀ ଅଶୋକ କୁମାର ତ୍ରିପାଠୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଭାପତି ଗୁରୁ ଅରୁଣା ମହାନ୍ତି ଏବଂ କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ସନ୍ଧ୍ୟାର ପ୍ରଥମାର୍ଦ୍ଧରେ ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ କୁମ୍‌କୁମ୍ ମହାନ୍ତି ଏବଂ ଗୀତଗୋବିନ୍ଦ ଓଡ଼ିଶୀ ଅନୁଷ୍ଠାନର ନୃତ୍ୟ ଶିଳ୍ପୀମାନେ ମଞ୍ଚ ପୂଜା ଓ ହଂସ ଧ୍ୱନି ପଲ୍ଲବୀକୁ ସୁନ୍ଦର ଭାବେ ପରିବେଷଣ କରିଥିଲେ। ବିଚିତ୍ର ରାମାୟଣ କାବ୍ୟ ଅନ୍ତର୍ଗତ ବୈଦେହୀ ବିଳାସ- 'ହେ ବନଗିରି ହେ ଲତାଗିରି ମୋ କାନ୍ତ ଗଲେ ମୃଗ ମାରି' ପରିବେଷଣ କରିଥିଲେ। ଓଡ଼ିଶୀ ନୃତ୍ୟର ଅନ୍ତିମ ଚରଣରେ ମା' ଭବାନୀ ପରିବେଷଣ ଦର୍ଶନଙ୍କୁ ଆକୃଷ୍ଟ କରିଥିଲା। ଉଦ୍‌ଯାପନୀ ଉତ୍ସବର ଦ୍ୱିତୀୟ ଚରଣରେ କଥକ ନୃତ୍ୟରେ ସୂର୍ଯ୍ୟନାରାୟଣ ଉପାସନା ଉପରେ ଆଧାରିତ ଅଭିନୟ ସୂର୍ଯ୍ୟ ଜ୍ୟୋତି ଓ ରସ-ରୂପ ଏବଂ ରଙ୍ଗର କଳାତ୍ମକ ନିବେଦନ 'ରଙ୍ଗ ବସନ୍ତ' ପର୍ଯ୍ୟଟକଙ୍କୁ ବିମୋହିତ କରିଥିଲା। ରାଜକୀୟ ଆଟୋପକୁ ନେଇ ଦରବାର ନୃତ୍ୟ ସଙ୍ଗୀତର ଅନୁଭବ ଦେଇଥିଲା। ଦରବାରୀ କାନାଡାର ନୃତ୍ୟ ସଂରଚନା ଗୁରୁ ଲୁନା ପୋଦ୍ଦାର ଓ ପ୍ରେରଣା ଅନୁଷ୍ଠାନର ନୃତ୍ୟ ଶିଳ୍ପୀମାନେ ନିଖୁଣ ଭାବେ ପ୍ରଦର୍ଶନ କରିଥିଲେ।

ସେହିପରି ଚନ୍ଦ୍ରଭାଗାଠାରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୁଲ୍ୟରେ ଆୟୋଜିତ ୧୩ତମ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବେଳାଭୂମିରେ ଦେଶବିଦେଶର ବାଲୁକା ଶିଳ୍ପୀମାନେ ଓଡ଼ିଶାର ମନ୍ଦିର, ପରମ୍ପରା, ଭାରତର କୀର୍ତ୍ତିରାଜି ସମେତ ବିଭିନ୍ନ ସଚେତନତାମୂଳକ ବାର୍ତ୍ତା ସମ୍ବଳିତ ବାଲୁକା କଳା ପ୍ରଦର୍ଶନ କରିଥିଲେ। ୬ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ, ଓଡ଼ିଶା ବାହାରର ୧୦ ଏବଂ ଓଡ଼ିଶାର ୯୮ଜଣ ବାଲୁକା ଶିଳ୍ପୀ ଯୋଗଦେଇ ଚମତ୍କାର ବାଲୁକା କଳା ପ୍ରଦର୍ଶନ କରିଥିଲେ। ବେଳାଭୂମିରେ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଓ ସ୍ଥାନୀୟ ଜନସାଧାରଣଙ୍କ ଭିଡ ଜମିଥିଲା। ୧୧୪ଜଣ ବାଲୁକା ଶିଳ୍ପୀଙ୍କୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଘୋଷକ ଭାବେ ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ଓ ସଂହତି ପାଣି କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ସୁବୋଧ ରଥ, ଡ. ସଙ୍ଗୀତା ଗୋସାଇଁ, ପୁରୀ ଜିଲା ପର୍ଯ୍ୟଟନ ବିଭାଗ ସହନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀଙ୍କ ସମେତ ରାଜ୍ୟ ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପଦାଧିକାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପର୍ଯ୍ୟଟନ ବିଭାଗ ପକ୍ଷରୁ ୧୧୪ ବାଲୁକା ଶିଳ୍ପୀ ସମ୍ବର୍ଦ୍ଧିତ


ଜଣେ ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ଓଡ଼ିଶାର କଳା ସଂସ୍କୃତି ଉପରେ ପର୍ଯ୍ୟବସିତ ବାଲୁକା କଳା।


ଚନ୍ଦ୍ରଭାଗା ବେଳାଭୂମିରେ ଶିଳ୍ପା ଗୋଚ୍ଛାୟତ ଓ ସାଥୀଙ୍କ ବାଲୁକା କଳା।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବ୍ରହ୍ମପୁର, ହିଞ୍ଜିଳିରୁ ନବୀନ ନିର୍ବାଚନ ଲଢ଼ିବା ନେଇ ଚର୍ଚ୍ଚା

ବ୍ରହ୍ମପୁର,୫।୧୨(ନରସିଂହ ସାହୁ)

ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ରହ୍ମପୁର ଓ ହିଞ୍ଜିଳି ବିଧାନସଭା ଆସନରୁ ଲଢ଼ିବା ନେଇ ଗଞ୍ଜାମ ଜିଲା ରାଜନୀତିରେ ଚର୍ଚ୍ଚା ଜୋର ଧରିଛି । ଦୁଇଟିଯାକ ଆସନରେ ଜିତିଲେ ଗୋଟିଏରୁ ଇସ୍ତଫା ଦେବେ ଓ ସେଠାର ଉପନିର୍ବାଚନରେ ଦଳର ଜଣେ ପ୍ରଭାବଶାଳୀ ନେତା ମଇଦାନକୁ ଓହ୍ଲାଇବେ ବୋଲି ଆଲୋଚନା ଚାଲିଲାଣି। ସୂଚନାଯୋଗ୍ୟ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡାଙ୍କୁ ଗତ ଅକ୍ଟୋବର ୧୧ରୁ ପଡ଼ୋଶୀ ଗୋପାଳପୁରର ସାଙ୍ଗଠନିକ ଓ ଅନ୍ୟ ଦାୟିତ୍ୱ ଦିଆଯାଇଛି। ଆଗାମୀ ନିର୍ବାଚନରେ ତାଙ୍କୁ ବିଧାୟକ ପ୍ରାର୍ଥୀ କରାଯିବା ନେଇ ତାଙ୍କ ସମର୍ଥକଙ୍କଠାରୁ ଶୁଣିବାକୁ ମିଳୁଛି। ତେଣୁ ଗୋପାଳପୁରରେ ବିଗିଡ଼ି ଯାଇଥିବା ବିଜେଡି ସଂଗଠନକୁ ସଜାଡ଼ିବାରେ ସେ ଲାଗିଛନ୍ତି। ବିକ୍ରମଙ୍କ ଉତ୍ତରାଧିକାରୀ ହେବାକୁ ମହାନଗରର କେତେକ ଦଳୀୟ ନେତା ଓ କର୍ମୀ ସଜବାଜ ହେଉଥିବା ବେଳେ ପରିଶେଷରେ ନବୀନ ହିଁ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ଏଠାରେ ଚର୍ଚ୍ଚା ଚାଲିଲାଣି।

ଗତ କିଛି ମାସ ହେବ ମହାନଗରରେ ବିକାଶ କାର୍ଯ୍ୟକ୍ରମକୁ ସରକାରୀ ସ୍ତରରେ ଗୁରୁତ୍ୱ ଦିଆଯାଇଛି। ବଡ଼ବଡ଼ିଆ ଅଧିକାରୀମାନେ ସବୁ ୱାର୍ଡ ବୁଲି ତଦାରଖ କରୁଛନ୍ତି। ଦଳର କର୍ପୋରେଟରଙ୍କୁ ସାଥିରେ ନେଇ ଲୋକଙ୍କ ସମସ୍ୟା ବୁଝୁଛନ୍ତି। ଏମ୍‌ପି, ବିଧାୟକ ଓ ମେୟର ମଧ୍ୟ ଉନ୍ନୟନ କାର୍ଯ୍ୟ ତଦାରଖ କରୁଛନ୍ତି। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ତାଙ୍କ ବ୍ରହ୍ମପୁର ଗସ୍ତ ଅବସରରେ ବିଭିନ୍ନ କାର୍ଯ୍ୟ ନିମନ୍ତେ ଦେଇଥିବା ପ୍ରତିଶ୍ରୁତି ଅନୁସାରେ ବହୁ କୋଟି ଟଙ୍କା ସରକାରୀ ଅନୁଦାନ ମଂଜୁର ହୋଇଛି। ସେସବୁ ଠିକଣା ଭାବରେ ବିନିଯୋଗ ସାଙ୍ଗକୁ ନିର୍ଦ୍ଧାରିତ ସମୟରେ ସାରିବାକୁ ପାଣ୍ଡିଆନ ପରାମର୍ଶ ଦେଇଛନ୍ତି। ମେୟର, ଡେପୁଟି ମେୟର ଓ ବିଜେଡିରୁ ନିର୍ବାଚିତ କର୍ପୋରେଟରମାନଙ୍କୁ ଭୁବନେଶ୍ୱର ଡକାଇ ଏକାଧିକ ଥର ସମୀକ୍ଷା କରିଛନ୍ତି। ପାଣ୍ଡିଆନ୍ ବିଜେଡିରେ ମିଶିବା ଦିନ ତାରାତାରିଣୀ ଶକ୍ତିପୀଠକୁ ଆସିଥିଲେ। ବ୍ରହ୍ମପୁର ନେତା ଓ କର୍ମୀଙ୍କ ସହ ଆଲୋଚନା କରି ଦଳର ସଙ୍ଗଠନ ସୁଦୃଢ଼ ପାଇଁ ମନ୍ତ୍ର ଫୁଙ୍କିଥିଲେ।



ନବୀନ ପଟ୍ଟନାୟକ

ଉଲ୍ଲେଖଯୋଗ୍ୟ, ମହାନଗରର ୪୨ୱାର୍ଡ ମଧ୍ୟରୁ ୩୬ଟିକୁ ନେଇ ବ୍ରହ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀ ଗଠନ ହୋଇଛି। ଗୋଟିଏ ବି ପଞ୍ଚାୟତ ନଥିବାରୁ ଏହି ଆସନ ଅତି ସୁବିଧା ଜନକ ହୋଇଛି। ତେଣୁ ଏହି ଆସନ ନବୀନଙ୍କ ପାଇଁ ଉପଯୁକ୍ତ ହେବାର ବିଜେଡି ଲକ୍ଷ୍ୟ ରଖିଛି। ଅନ୍ୟପକ୍ଷରେ ୨୦୦୦ରୁ ୨୦୧୯ ମଧ୍ୟରେ ହୋଇଥିବା ୫ ନିର୍ବାଚନରେ ବିଜେଡି ସଭାପତି ଲଗାତର ଜିତି ୫ମ ପାଳି ମୁଖ୍ୟମନ୍ତ୍ରୀ ହୋଇଛନ୍ତି ଓ ଜାତୀୟ ରାଜନୀତିରେ ଚର୍ଚ୍ଚିତ ହୋଇଛନ୍ତି। ୨୦୨୪ ନିର୍ବାଚନରେ ଲଢ଼ି ଷଷ୍ଠଥର ମୁଖ୍ୟମନ୍ତ୍ରୀ କରାଇବାର ବିଜେଡି ରଣନୀତି ପ୍ରସ୍ତୁତ କରିଛି। କେବଳ ବ୍ରହ୍ମପୁର ଓ ହିଞ୍ଜିଳି ନୁହେଁ, ସମଗ୍ର ଜିଲାରେ ନବୀନଙ୍କ ଲୋକପ୍ରିୟତା ବଢ଼ି ଚାଲିଛି। ଏଭଳି ସ୍ଥିତିରେ ନବୀନ ତାଙ୍କ ଗଞ୍ଜାମ ଜିଲା ରାଜନୀତିରେ ପ୍ରଥମ କରି ଦୁଇ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି ଚମକାଇବେ ବୋଲି ରାଜନୀତି ସମୀକ୍ଷକ ଆକଳନ କରିଛନ୍ତି। ମୁଖ୍ୟମନ୍ତ୍ରୀ ବ୍ରହ୍ମପୁର ଆସନରୁ ପ୍ରାର୍ଥୀ ହେବା ନେଇ ଜଣେ ପ୍ରଭାବଶାଳୀ ବିଧାୟକ ପରୋକ୍ଷରେ ସୂଚନା ଦେଇଛନ୍ତି।

# ରାହୁଲ ଗାନ୍ଧୀ ଭାଜପା ଗଡ଼ରୁ ନିର୍ବାଚନ ଲଢ଼ନ୍ତୁ: ଗୋବିନ୍ଦନ୍



ନୂଆଦିଲ୍ଲୀ,୫।୧୨

ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ କଂଗ୍ରେସ ପରାଜିତ ହେବା ପରେ ଏବେ ଏହାର ନେତୃତ୍ୱକୁ ନେଇ ନାନା ପ୍ରଶ୍ନ ଉଠିବାରେ ଲାଗିଛି। ତେବେ ରାହୁଲ ଗାନ୍ଧୀ ୨୦୨୪ ନିର୍ବାଚନ ୱାୟନାଡ ବଦଳରେ ଭାଜପା ଗଡ଼ ଉତ୍ତର ଭାରତରୁ ଲଢନ୍ତୁ ବୋଲି ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ସହଯୋଗୀ ସିପିଏମର ବରିଷ୍ଠ ନେତା ଏମବି ଗୋବିନ୍ଦନ୍ ପରାମର୍ଶ ଦେଇଛନ୍ତି। ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେବା ଅବସରରେ କେରଳର ଏହି ସିପିଏମ୍ ନେତା କହିଛନ୍ତି, କଂଗ୍ରେସର ଏଭଳି ପରାଜୟକୁ ନେଇ ଯେକେହି ବି କହିବ ଯେ, ରାହୁଲ ଆଗାମୀ ନିର୍ବାଚନ ୱାୟନାଡରୁ ନ ଲଢନ୍ତୁ। କାରଣ କେରଳରେ ଭାଜପା ନାହିଁ। ରାହୁଲ ଭାଜପା ବିରୋଧରେ ନିର୍ବାଚନ ଲଢିବା ଆବଶ୍ୟକ। କିନ୍ତୁ ଏଲଡିଏଫ୍ ବିରୋଧରେ ନୁହେଁ। ଯଦି ରାହୁଲ ଏଲଡିଏଫ୍ ବିରୋଧରେ ନିର୍ବାଚନ ଲଢନ୍ତି ତେବେ ଏଇ ସନ୍ଦେଶ ଯିବ ଯେ ରାହୁଲ ଭାଜପା ବିରୋଧରେ ନୁହେଁ ବାମ ଦଳ ବିରୋଧରେ ଲଢୁଛନ୍ତି। ତେଣୁ ରାହୁଲଙ୍କୁ ଭାଜପା ଗଡ଼କୁ ଯାଇ ନିର୍ବାଚନ ଲଢିବା ଉଚିତ ବୋଲି ଗୋବିନ୍ଦନ କହିଛନ୍ତି।

# ସଂସ୍କୃତ ଭାଷା ଜ୍ଞାନବିଜ୍ଞାନ ପ୍ରବାହର ମାଧ୍ୟମ ଥିଲା: ଧର୍ମେନ୍ଦ୍ର



ଭୁବନେଶ୍ୱର, ୫।୧୨(ସୁନିତ୍ ମିଶ୍ର)

ପ୍ରାଚୀନ କାଳରେ ସଂସ୍କୃତ ଭାଷା ଜ୍ଞାନ ବିଜ୍ଞାନ ପ୍ରବାହର ମାଧ୍ୟମ ଥିଲା। ବର୍ତ୍ତମାନ ସମୟରେ ସଂସ୍କୃତ ଅଧ୍ୟୟନରେ ନୂତନ ଦୃଷ୍ଟିଭଙ୍ଗୀ ଆସିବା ଜରୁରୀ ବୋଲି ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ସମାରୋହରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି କାରଣରୁ ହିଁ ସଂସ୍କୃତ ଶିକ୍ଷା ଏବଂ ସଂସ୍କୃତର ପ୍ରଚାରପ୍ରସାରରେ ନୂଆ ଉପକ୍ରମ ଯୋଡ଼ିହେଉଛି। ୩ଟି ସଂସ୍କୃତ ବିଶ୍ୱବିଦ୍ୟାଳୟର ପୁନଃ ସଂରଚନା କରି ପ୍ରଧାନମନ୍ତ୍ରୀ ଭାରତର ମୂଳ ବିଦ୍ୟାଭଣ୍ଡାରକୁ ସଂରକ୍ଷିତ କରିବା ପାଇଁ ପ୍ରୟାସକୁ ଅଧିକ ଗତି ଦେଇଛନ୍ତି। ସଭ୍ୟତାର ସବୁଠୁ ପୁରୁଣା ଗ୍ରନ୍ଥ ବେଦ ସଂସ୍କୃତରେ ଲେଖାଯାଇଥିଲା। ବେଦ କେବଳ ଏକ ଗ୍ରନ୍ଥ ନୁହେଁ ବରଂ ସର୍ବବିଦ୍ୟାର ମହାଗ୍ରନ୍ଥ। ଏହିସବୁ ବିଷୟକୁ ସର୍ବଜନବିଦିତ କରିବାର ମାଧ୍ୟମ ହେଉଛି ସଂସ୍କୃତ। ବର୍ତ୍ତମାନ ସମୟରେ ସଂସ୍କୃତକୁ ନୂଆ ଦୃଷ୍ଟିକୋଣରେ ପଢ଼ିବା, ପଢ଼ାଇବା ଏବଂ ସଂସ୍କୃତରେ ଗବେଷଣାକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି। ଜାତୀୟ ଶିକ୍ଷାନୀତି ଭାରତୀୟ ଭାଷାକୁ ପ୍ରାଥମିକତା ଦେଇଛି। ଏହି ଶିକ୍ଷାନୀତିର ଉଦ୍ଦେଶ୍ୟ ଅନୁସାରେ ଲାଲବାହାଦୁର ଶାସ୍ତ୍ରୀ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଭାରତୀୟ ଜ୍ଞାନ ପରମ୍ପରାକୁ ପୁନର୍ଜୀବିତ କରିବା ସହ ସଂସ୍କୃତ ସମେତ ଭାରତୀୟ ଭାଷା ଗୁଡ଼ିକୁ ସମୃଦ୍ଧ କରିବ।


## ଶୁଭ ବିବାହ ଶୁଭେଚ୍ଛା



ପ୍ରୀତିକା ରାକେଶ

ବଡ଼ଙ୍ଗ, କୁଜଙ୍ଗ, ଜଗତ୍‌ସିଂହପୁର
ମନ୍ଦାରୀ, ବାସୁଦେବପୁର, ଭଦ୍ରକ

ଶୁଭ ସାହାନାଇ ମଙ୍ଗଳ ମହୁରୀ ବାଜୁଛି ଶଙ୍ଖ ତୁରୀ ଭେରୀ, ମା'ଶାରଳାଙ୍କ ପାଦପଦ୍ମେ ଗୁହାରି ଢାଳିଦିଅ ଆଶିଷ ବାରି।

ଶୁଭେଚ୍ଛା ସହ: କ୍ରିଷ୍ଣା, ବନ୍ଧୁ ଓ ପରିବାରବର୍ଗ ।

ଧ-୧୯୫୬


# କଂଗ୍ରେସ ମିଶ୍ରଣ ପର୍ବକୁ ନେଇ ତେଜିଲା ରାଜନୀତି

ମୋରଡ଼ା,୫।୧୨(ସ୍ମାରକ ମାଝୀ)

## ମୋରଡ଼ା ବିଧାୟକ-କଂଗ୍ରେସ ନେତା କଥା କଟାକଟି

ମୟୂରଭଞ୍ଜ ଜିଲା ମୋରଡ଼ା ରାଜନୀତି ଏବେ ସରଗରମ ହେବାରେ ଲାଗିଛି। ମୋରଡ଼ା ବ୍ଲକ୍‌ର ଧଡ଼ାସାହି ପଞ୍ଚାୟତ ସମିତି ସଭ୍ୟ ସୁରାଇ ବେସ୍ରା ଓ ୬ ଜଣ ୱାର୍ଡ ସଭ୍ୟଙ୍କ ସହିତ ବିଜୁ ଜନତା ଦଳର ବହୁ ପୁରୁଖା କର୍ମୀ ରବିବାର କଂଗ୍ରେସରେ ଯୋଗ ଦେଇଥିଲେ। ତେବେ ମୋରଡ଼ା ବିଧାୟକ ରାଜକିଶୋର ଦାସ ଘଟଣାକୁ ସହଜରେ ହଜମ କରିପାରୁନାହାନ୍ତି। ମିଶ୍ରଣକୁ ନେଇ ବିଧାୟକ ଧଡ଼ାସାହି ପଞ୍ଚାୟତକୁ ଆସି କର୍ମୀଙ୍କ ସହିତ ଏକ ବୈଠକ କରି ସମିତି ସଭ୍ୟ ସୁରାଇ ବେସ୍ରାଙ୍କୁ ବୁଝାଶୁଝା କରିଥିବା ଆଲୋଚନା ହେଉଛି।

ଘଟଣା ବାବଦରେ ବିଧାୟକ କହିଛନ୍ତି, ଏମିତି ମିଶ୍ରଣ ପର୍ବ ହୁଏ ନାହିଁ। ଏଥି ସହିତ କଂଗ୍ରେସର ବିଧାୟକ ପ୍ରାର୍ଥୀ ପ୍ରଭାସକର ମହାପାତ୍ର ଆରଟିଆଇ ରିପୋର୍ଟ ମାଗିବାରେ ବ୍ୟସ୍ତ ରହିବା ସହିତ ଜନସାଧାରଣଙ୍କ କୌଣସି ସମସ୍ୟା ବୁଝନ୍ତି ନାହିଁ ବୋଲି ବିଧାୟକ କହିଥିଲେ। ଏ ସମ୍ପର୍କରେ ପ୍ରଭାସକର କହିଛନ୍ତି, ବିଧାୟକ ଛାନିଆ ହୋଇ ସମିତି ସଭ୍ୟଙ୍କ ଉପରେ କୌଣସି ମତେ ଚାପ ପକାଇଛନ୍ତି। ମୋରଡ଼ା ନିର୍ବାଚନମଣ୍ଡଳୀର ଉନ୍ନତି ପାଇଁ ଏ ପର୍ଯ୍ୟନ୍ତ ସେ ବିଧାନସଭାରେ କୌଣସି ପ୍ରଶ୍ନ କି ଦାବି ଉପସ୍ଥାପନା କରିନାହାନ୍ତି। ବିଧାୟକ ତାଙ୍କର ସହଯୋଗୀ ଓ ସମ୍ପର୍କୀୟଙ୍କ ମାଧ୍ୟମରେ ମୋରଡ଼ା ଅଞ୍ଚଳରୁ ବାଲି ଓ ମୋରମ ଚାଲାଣ କରି ରାଜସ୍ୱ ଲୁଟ୍ କରିବାରେ ବ୍ୟସ୍ତ। ତାଙ୍କ ସମୟରେ ନିର୍ବାଚନମଣ୍ଡଳୀରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି ବୋଲି ସେ କହିଥିଲେ। ଅନ୍ୟପକ୍ଷେ କଂଗ୍ରେସର ମିଶ୍ରଣ ପର୍ବ ସମ୍ପର୍କରେ ସମିତି ସଭ୍ୟ ସୁରାଇ କହିଛନ୍ତି, କିଛି ଅଣ ରାଜନୈତିକ ଲୋକ ତାଙ୍କୁ ଭୋଜି ପାଇଁ ଡାକିଥିଲେ। ସେ କିଛି ବୁଝି ନ ପାରି କଂଗ୍ରେସ ମିଶ୍ରଣରେ ସାମିଲ ହୋଇଥିଲେ। ବର୍ତ୍ତମାନ ସେ ବିଜୁ ଜନତା ଦଳରେ ଅଛନ୍ତି।


# Classified Everyday

0674-2580101, 2549949



MATRIMONIAL

**BRIDE WANTED**

Highly educated, Beautiful, fair with good permanent Govt./ Private Job, humble Christ-believer bride is required for a Bhubaneswar settled, highly qualified permanent job software engineer, handsome, fair ht. 5'11" 30, parent well established in BBSR. Contact: 9437281290, 7077549777. D-1836

**GROOM WANTED**

Beautiful Gudia Girl 26+/ SBI Po (Caste No-Bar) 'SUHAG'. 9938199964. D-1957



REAL ESTATE

**SALE**

**Commercial plot: 3 sides road, facing to NH Nakhara to Niali road. Frontage 60 foot facing to South 10000 Sft. 8 Km. from Nakhara, 13 Km. from BBSR. 8249851363, 7809525452.** D-75072

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

**Twincity** ମଧ୍ୟଭାଗରେ **Grand Bazar (Nakhara NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **Plot** ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ – **9658562429.** D-75276

Gharabari Boundary plot sale at- Balianta, Hanspal, Pahal, Benupur and Jaydebpitha @ 350/- 7735940233, 7657095962. D-75275

Book 3BHK, 4BHK premium flat at Saubhagya Nagar, OUAT square, Near Khimji & Narula Sweets, Handover Aug-2024. 7978584549. D-75506

ଭୁବନେଶ୍ୱର ଏୟାରପୋର୍ଟରୁ ୧୪କିମି, ଜଟଣୀ-ପିପିଲି ମେନ୍‌ରୋଡ଼ ପାଖରେ ୩୦ ଫୁଟ ରୋଡଥାଇ ଘରବାଡି ପ୍ଲଟ୍ ବର୍ଗଫୁଟକୁ- 850/-,1100/- କିଣି ଘର କରନ୍ତୁ। 9853150290. D-75274

**Fully developed residential plots at Dhauli, Balakati, Sundarpada and Rangabazar. Contact: 9438620034.** D-1937

2634sqft. stitiban gharabadi plot W/ Boundary, front road for sale at Senapati Bagicha, Puri @ 75 Lakhs: negotiable. Contact No- 9437281290, 8895729136. D-1835

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com



CONSTRUCTION

**Construct your Dream home @460/-, 850/-, 1325/- with Branded material along with 3 years AMC & 50 years structural guarantee. We provide plan approval, Boring, Bank estimate. Contact the Engineering Pvt. Ltd. 9439856856.** D-1789





**Full Body massage by experience therapist @999 only-9078484455 (Bhubaneswar).** D-1928

Newly open spa positively Heath benefits with expert therapist. 9040286886. D- 75173

**Ashirvaad Salon and SPA get good massage for your health tha best therapy. 7077181074.** D-75069

**Newly Healthcare benefited spa Experience Therapist in Bhubaneswar. Contact: 9938843929** D-75172

**Relax, Refresh your body, Mind at Saikrupa Spa with best therapies. 8984068077.** D-1873

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75066

**LOST**

I, Sri Sushil Ch. Sarkar, FN Late Kartik Sarkar, At-Jhatinuagaon Colony, PO.- Bhusandpur, Dist.- Khordha, my Registered Sale Deed No.-1849, dt.14.09.1987 has lost anywhere, its Khata No.-131/291, Plot No. is 271/607. If any person get my R.S.D. please contact me in this No.- 9777963740. D-1955

**AFFIDAVIT**

By virtue of an affidavit before Executive Magistrate, Tirtol, I SANGRAM KESHARI SAMAL, Village- Bikipur, P.O- Dagarpada, P.S- Tirtol, Dist.- Jagatsinghpur states that spelling of my name is SANGRAM. But wrongly it is recorded SANGRM by omitting 'a' in Aadhaar Card. So I submit this affidavit for correction spelling of name. D-1954

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

By virtue of an affidavit before Executive Magistrate, Bhubaneswar, Odisha on dated 15.11.2023, I Goutam Pradhan of At- Tarini Basti, Pandaba Nagar, lane No.-1, PO.- Badagada Brit Colony, P.S.- Badagada, Bhubaneswar, Dist.- Khordha, PIN- 751018, Odisha have changed my daughter's name from Archita Pradhan to Asmita Pradhan. Henceforth, she will be known as Asmita Pradhan for all purposes.
(Goutam Pradhan)
D-1952

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଝାଙ୍କର
ମଠସାହି, ଦେବଗଡ଼
ଆବିର୍ଭାବ: ୧୦।୧୧।୧୯୪୮
ତିରୋଧାନ: ୨୬।୧୧।୨୩

ଆପଣଙ୍କ ଅମର ଆତ୍ମା ଶାନ୍ତି, ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା ।

ଶୋକସନ୍ତପ୍ତ: ଧର୍ମପତ୍ନୀ: ଶାନ୍ତିଶୀଳା ଝାଙ୍କର, ପୁଅ, ବୋହୂ, ନାତି, ନାତୁଣୀ, ଝିଅ, ଜ୍ୱାଇଁ, ଝିଆରୀ, ପୁତୁରା ଓ ଝାଙ୍କର ପରିବାରବର୍ଗ ।

ଧ-୧୯୫୯


# କଂଗ୍ରେସକୁ ଫେରିଲେ ଡା.ଶରତ ମିଶ୍ର



ଡା.ଶରତ ମିଶ୍ରଙ୍କୁ ସ୍ୱାଗତ କରୁଛନ୍ତି ପିସିସି ସଭାପତି ଶରତ ପଟ୍ଟନାୟକ।

ଭୁବନେଶ୍ୱର, ୫।୧୨(ସୁନିତ୍ ମିଶ୍ର)

ବିଶିଷ୍ଟ ଅସ୍ଥିଶଲ୍ୟ ଚିକିତ୍ସକ ଡା. ଶରତ ମିଶ୍ର ମଙ୍ଗଳବାର କଂଗ୍ରେସରେ ପୁଣି ଯୋଗ ଦେଇଛନ୍ତି। କଂଗ୍ରେସ ଭବନରେ ଆୟୋଜିତ ମିଶ୍ରଣ ପର୍ବରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଡା. ମିଶ୍ରଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ଶରତ କହିଛନ୍ତି, ଡାକ୍ତର ମିଶ୍ରଙ୍କ ଯୋଗଦାନ ଦଳର ସଙ୍ଗଠନକୁ ଆହୁରି ମଜଭୁତ କରିବ। ନିଜ ବକ୍ତବ୍ୟରେ ଡାକ୍ତର ମିଶ୍ର କହିଛନ୍ତି, ସେ ସର୍ବଦା କଂଗ୍ରେସର ନୀତି ଆଦର୍ଶକୁ ଭଲ ପାଆନ୍ତି। ସେଥିପାଇଁ ବିଗତ ଦିନରେ ସରକାରୀ ଚାକିରିରୁ ଅବସର ଗ୍ରହଣକରି କଂଗ୍ରେସରେ ଯୋଗଦେଇଥିଲେ। ଦଳର ବିଭିନ୍ନ ପଦପଦବୀରେ ସେ କାର୍ଯ୍ୟ କରିଛନ୍ତି। ବିଶେଷ କରି ପିସିସିର ଡାକ୍ତର ସେଲ୍‌ର ଅଧ୍ୟକ୍ଷ ଭାବେ ସେ ନିଷ୍ଠାର ସହ କାର୍ଯ୍ୟ କରିଥିଲେ। ଅବଶ୍ୟ ବିଜେଡିରେ ବି ସେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଥିଲେ। ତଥାପି କଂଗ୍ରେସ ପ୍ରତି ତାଙ୍କର ଭଲପାଇବା ଯୋଗୁ ସେ ବିଜେଡି ଛାଡ଼ି ପୁରୁଣା ଘରକୁ ଫେରିଛନ୍ତି ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତାମାନେ ମଧ୍ୟ ଉପସ୍ଥିତ ଥିଲେ।

# ରାଜ୍ୟରେ ଅପରାଧୀଙ୍କ ଭିତ୍ତିଭୂମି ଦୃଢ଼ ହେଉଛି: ଇରାଶିଷ

ଭୁବନେଶ୍ୱର,୫।୧୨(ସୁନିତ୍ ମିଶ୍ର)

ଶାନ୍ତିପ୍ରିୟ ଓଡ଼ିଶାରେ ଦିନକୁ ଦିନ ଅପରାଧପ୍ରବଣତା ବଢ଼ିଚାଲିଛି । ରାଜ୍ୟ ଅପରାଧୀଙ୍କ ଚରାଭୂଇଁ ପାଲଟିବା ସହ ଭିତ୍ତିଭୂମି ଦୃଢ଼ହେବାରେ ଲାଗିଛି ବୋଲି ଭାଜପା ରାଜ୍ୟ ସମ୍ପାଦକ ଇରାଶିଷ ଆଚାର୍ଯ୍ୟ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଇରାଶିଷ କହିଛନ୍ତି, ୨୩ ବର୍ଷର ନିରଙ୍କୁଶ ଶାସନ ପରେ ମଧ୍ୟ ବର୍ତ୍ତମାନ ଓଡ଼ିଶାରେ କାହିଁକି ଆଇନଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ି ପଡ଼ିଛି। ବହୁଚର୍ଚ୍ଚିତ ବରଗଡ଼ ଜିଲା ଅମ୍ବାଭୋନା ଥାନା ଭଙ୍ଗାରୁଜା ଘଟଣାକୁ ମାସେ ବିତିଛି। ଥାନା ଭିତରେ ପଶି ଭଙ୍ଗାରୁଜା କରିବା ସହ ସରକାରୀ ସମ୍ପତ୍ତି ନଷ୍ଟ କରାଗଲା। ଏହି ଘଟଣାରେ ପୋଲିସ ନିଜେ ଅଭିଯୋଗକାରୀ, ଆକ୍ରମଣରେ ନିଜେ ଆହତ ଏବଂ ନିଜେ ମଧ୍ୟ ସାକ୍ଷୀ। ମାତ୍ର ଏହି ଘଟଣା ପୋଲିସ ପ୍ରଶାସନ ଏବଂ ଶାସକ ବିଜେଡିର ମଧୁଚନ୍ଦ୍ରିକାକୁ ସ୍ପଷ୍ଟ କରିଛି ବୋଲି ଇରାଶିଷ କହିଛନ୍ତି।

# ମହିଳା, ଶିଶୁଙ୍କ ପାଇଁ ଓଡ଼ିଶା ଅସୁରକ୍ଷିତ: ଭାଜପା

ଭୁବନେଶ୍ୱର, ୫।୧୨(ସୁନିତ୍ ମିଶ୍ର)

ପ୍ରକାଶିତ ଏନ୍‌ସିଆର୍‌ବି ରିପୋର୍ଟ ଦର୍ଶାଉଛି ଯେ, ମହିଳା ଓ ଶିଶୁଙ୍କ ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇପଡ଼ିଛି। ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ୨୦୨୧ରେ ୧, ୫୫, ୪୨୦ ଆପରାଧିକ ମାମଲା ରୁଜୁ ହୋଇଥିଲା। ୨୦୨୨ରେ ଏହା ବୃଦ୍ଧି ପାଇ ୧, ୭୮, ୧୯୦ରେ ପହଞ୍ଚିଛି। ସେହିପରି ରାଜ୍ୟରେ ବାର୍ଷିକ ପ୍ରତି ଲକ୍ଷେ ଲୋକରୁ ୩ ଜଣ ହତ୍ୟାର ଶିକାର ହେଉଛନ୍ତି ଅର୍ଥାତ୍ ସାଢେ ୪ କୋଟିରେ ୧୩୫୦ ଜଣ ଲୋକ ହତ୍ୟାର ଶିକାର ହେଉଛନ୍ତି। ୨୦୨୧ ତୁଳନାରେ ରାଜ୍ୟରେ ମହିଳାଙ୍କ ପ୍ରତି ଅସଦାଚରଣରେ ଓଡ଼ିଶା ଦେଶର ୪ର୍ଥ ସ୍ଥାନରେ ଅଛି ଓ ମହିଳା ବିରୋଧୀ ଅପରାଧରେ ଦେଶରେ ୭ମ ସ୍ଥାନରେ ଅଛି ବୋଲି ଭାଜପା ରାଜ୍ୟ ମୁଖପାତ୍ର ସୋନାଲି ସାହୁ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟ ଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୋନାଲି କହିଛନ୍ତି, ମହିଳା ଓ ଶିଶୁମାନଙ୍କ ପ୍ରତି ଘଟୁଥିବା ହିଂସା ପାଇଁ ଗୃହ ବିଭାଗ ଦାୟୀ। ବେଶି ଦୁର୍ନୀତି ପୋଲିସ୍ ବିଭାଗରେ ହେଉଛି। ବର୍ତ୍ତମାନ ସୁଦ୍ଧା କେତେ ମହିଳା ଓ ଶିଶୁ ନିଖୋଜ ଅଛନ୍ତି, ମହିଳା ଓ ଶିଶୁ ସୁରକ୍ଷା ପାଇଁ କେଉଁ ଯୋଜନା ମାଧ୍ୟମରେ କ'ଣ ସୁଫଳ ମିଳିଛି ସେନେଇ ସରକାର ଶ୍ୱେତପତ୍ର ଜାରି କରନ୍ତୁ ବୋଲି ସେ କହିଛନ୍ତି।

# ଟାଟା ମୋଟର୍ସର ଅଲ୍ ନ୍ୟୁ ଏସ୍‌ସିଭି ରେଞ୍ଜର ଅନାବରଣ

ଭୁବନେଶ୍ୱର,୫।୧୨(ଅଭୟ ଦାଶ)

ଭାରତର ସର୍ବବୃହତ୍ ବାଣିଜ୍ୟିକ ଯାନ ଉତ୍ପାଦନକାରୀ 'ଟାଟା ମୋଟର୍ସ'ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍ ନ୍ୟୁ ଏସ୍‌ସିଭି (ସ୍ମଲ କମର୍ସିଆଲ ଭେଇକିଲ ବା ଏସ୍‌ସିଭି) ରେଞ୍ଜର ସର୍ବଭାରତୀୟ ଉନ୍ମୋଚନ (ଅନାବରଣ) ମଙ୍ଗଳବାର ଆନୁଷ୍ଠାନିକ ଭାବେ ହୋଇଯାଇଛି। ଏପରିକି ଟାଟା ମୋଟର୍ସର ଅଲ୍ ନ୍ୟୁ ଇଣ୍ଟ୍ରା ଭି୭୦ ପିକ୍‌ଅପ୍, ଇଣ୍ଟ୍ରା ଭି୨୦ ଗୋଲ୍ଡ ପିକ୍‌ଅପ୍ ଏବଂ ଏସିଇ ଏଚଟି+ର ବଜାର ପ୍ରବେଶ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ବିଶେଷକରି ଉନ୍ନତ ଅର୍ଥନୀତି ସହ ଦୀର୍ଘତମ ଦୂରତା ପର୍ଯ୍ୟନ୍ତ ଅଧିକ ପେ-ଲୋଡ୍ ବହନ କରିବାକୁ ଉପରୋକ୍ତ ମଡେଲଗୁଡ଼ିକୁ ବିଶେଷ ଭାବେ

## ବଜାରରେ ଟାଟା ଇଣ୍ଟ୍ରା ଭି୭୦ ପିକ୍‌ଅପ୍, ଇଣ୍ଟ୍ରା ଭି ୨୦ ଗୋଲ୍ଡ ପିକ୍‌ଅପ୍ ଏବଂ ଏସିଇ ଏଚ୍‌ଟି+ ମଡେଲ




ଇଞ୍ଜିନିୟରିଂ କରାଯାଇଛି। ଏପରିକି ଶ୍ରେଣୀ ବୈଶିଷ୍ଟ୍ୟ ସର୍ବୋତ୍ତମ ସୁବିଧା ରହିଥିବା ଉକ୍ତ ମଡେଲଗୁଡ଼ିକ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଅଧିକ ଲାଭ ଏବଂ ଉତ୍ପାଦକତା ପ୍ରଦାନ କରି ବିଭିନ୍ନ କାମରେ ବ୍ୟବହୃତ ହୋଇପାରିବ। ଅପରପକ୍ଷରେ ଟାଟା ମୋଟର୍ସର ଇଣ୍ଟ୍ରା ଭି୫୦ ଏବଂ ଏସିଇ ଡିଜେଲ ମଡେଲ (ଯାନ)ର ଉନ୍ନତ ସଂସ୍କରଣର ମଧ୍ୟ ଶୁଭାରମ୍ଭ (ଲଞ୍ଚ) କରାଯାଇଛି।

ଟାଟା ମୋଟର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗିରୀଶ ୱାଗ କହିଥିଲେ, ଏହି ଯାନଗୁଡ଼ିକ ଉନ୍ମୋଚନ ସହ ବଜାର ପ୍ରବେଶ କରାଇ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଉକ୍ତ ଯାନଗୁଡ଼ିକର ଆଧାର ନିର୍ଦ୍ଦିଷ୍ଟ ଇନ୍‌ପୁଟ ଏବଂ ପ୍ରକୃତ ଉପଭୋକ୍ତାମାନଙ୍କ ଏକ ବୃହତ୍ ଖଣ୍ଡର ଚାହିଦାକୁ ଦୃଷ୍ଟିରେ ରଖି ବିକଶିତ କରାଯାଇଛି। ବିଶେଷକରି ଇନ୍ଧନ ଦକ୍ଷତାକୁ ଅପ୍ଟିମାଇଜ କରିବା ଏବଂ ଦୀର୍ଘତମ ଦୂରତା ପର୍ଯ୍ୟନ୍ତ ଅଧିକ ପେ-ଲୋଡ୍ ବହନ କରିବା ପାଇଁ ଉକ୍ତ ଯାନଗୁଡ଼ିକୁ ଇଞ୍ଜିନିୟରିଂ କରାଯାଇଛି। ବିଶେଷକରି ଉକ୍ତ ମଡେଲଗୁଡ଼ିକ ବିଭିନ୍ନ କାମ ପାଇଁ ସର୍ବୋତ୍ତମ ସମାଧାନ ପ୍ରଦାନ କରିବା ବ୍ୟତୀତ ଆମର ଏସ୍‌ସିଭି ଏବଂ ପିକ୍‌ଅପ୍ ଗ୍ରାହକଙ୍କ ଜୀବନ ଜୀବିକା ତଥା ସେମାନଙ୍କର ଜୀବନରେ ଗୁଣାତ୍ମକ ଉନ୍ନତି ଆଣିଛି ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ସେହିଭଳି ଦ୍ରୁତ ସହରୀକରଣ, ଇ-ବାଣିଜ୍ୟ ବୃଦ୍ଧି, ବ୍ୟବହାରରେ ବୃଦ୍ଧି ଏବଂ ହବ୍ ଓ ସ୍ପୋକେଡମ ଡେଲର ବୃଦ୍ଧି, ଲଜିଷ୍ଟିକ ପରିଚାଳନାରେ ଦକ୍ଷ ଏବଂ ପରିବହନର ପ୍ରଭାବଶାଳୀ ଶେଷ ଏବଂ ପ୍ରଥମ ଭାଗର ଗୁରୁତ୍ୱକୁ ଯଥେଷ୍ଟ ଜୋର ଦିଆଯାଇପାରିବ ନାହିଁ। ତେଣୁ ପ୍ରତ୍ୟେକ ଯାନକୁ ନିଶ୍ଚିତତା ସହିତ ଏକ ଦୃଢ଼ ଏବଂ ନିର୍ଭରଯୋଗ୍ୟ କାର୍ଗୋ ପରିବହନ ସମାଧାନ ପ୍ରଦାନ କରିବାକୁ ଡିଜାଇନ କରାଯାଇଛି। ବ୍ୟକ୍ତିଗତ ଗ୍ରାହକ ତଥା ଭେଲା ମାଲିକଙ୍କ ପାଇଁ ଅଧିକ ବ୍ୟବସାୟିକ ଲାଭ ଉଭୟ ଗର୍ବର ସହିତ ଭାରତର ବଢୁଥିବା ଅର୍ଥନୀତିର ଆବଶ୍ୟକତାକୁ ସେବା କରୁଛନ୍ତି।

## ଶେୟାର ବଜାରରେ ଉତ୍ସାହ

ଭୁବନେଶ୍ୱର,୫।୧୨

କ୍ରମାଗତ ୬ଷ୍ଠ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୩୧ (୪୩୧.୦୨) ପଏଣ୍ଟ ବଢ଼ି ୬୯,୨୯୬(୬୯,୨୯୬.୧୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୬୮ (୧୬୮.୩୦) ପଏଣ୍ଟ ବୃଦ୍ଧି ଘଟି ୨୦,୮୫୫ (୨୦,୮୫୫.୧୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

## ନୀତାଙ୍କୁ ସ୍ପୋର୍ଟ୍ସ ଲିଡର ଅଫ୍ ଦି ଇୟର ଆୱାର୍ଡ

ଭୁବନେଶ୍ୱର,୫।୧୨



ନୀତା ଏମ୍. ଅମ୍ବାନୀ

ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ନୀତା ଏମ୍. ଅମ୍ବାନୀଙ୍କୁ ନିକଟରେ ସ୍ପୋର୍ଟ୍ସଲିଡର ଅଫ୍ ଦି ଇୟର (ମହିଳା) ଆୱାର୍ଡ (ପୁରସ୍କାର)ରେ ସମ୍ମାନିତ କରାଯାଇଛି। ବିଶେଷକରି କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନୀତାଙ୍କୁ ଉପରୋକ୍ତ ଆୱାର୍ଡ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ନୂଆଦିଲ୍ଲୀଠାରେ ଆୟୋଜିତ ସିଆଇଆଇ ସ୍କୋରକାର୍ଡ-୨୦୨୩ ସମ୍ମାନ ସମାରୋହରେ ନୀତାଙ୍କୁ ସମ୍ମାନିତ ଓ ପୁରସ୍କୃତ କରାଯାଇଥିଲାବେଳେ କ୍ରୀଡ଼ା କ୍ଷେତ୍ରରେ ଉତ୍କର୍ଷର ମାନକ ସ୍ଥାପନ କରିଥିବାରୁ ରିଲାଏନ୍ସ ଫାଉଣ୍ଡେଶନକୁ ମଧ୍ୟ କର୍ପୋରେଟ ଆୱାର୍ଡ (କ୍ରୀଡ଼ାକୁ ପ୍ରୋତ୍ସାହନ ଦେଉଥିବା ଶ୍ରେଷ୍ଠ କର୍ପୋରେଟ ପୁରସ୍କାର) ପ୍ରଦାନ କରାଯାଇଛି।

ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ନୀତା ଏମ୍. ଅମ୍ବାନୀ କହିଛନ୍ତି, ସିଆଇଆଇ ସ୍ପୋର୍ଟ୍ସ ବିଜ୍‌ନେସ୍ ଆୱାର୍ଡ ସମାରୋହରେ ସ୍ପୋର୍ଟ୍ସଲିଡର ଅଫ୍ ଦି ଇୟର ପୁରସ୍କାର ଏବଂ କ୍ରୀଡ଼ାକୁ ପ୍ରୋତ୍ସାହନ ଦେଉଥିବା ଶ୍ରେଷ୍ଠ କର୍ପୋରେଟ ପୁରସ୍କାର ଗ୍ରହଣକରି ମୁଁ ବେଶ୍ ଗୌରବାନ୍ୱିତ ଅନୁଭବ କରୁଛି। ଚଳିତ ବର୍ଷ ବାସ୍ତବରେ ଭାରତର କ୍ରୀଡ଼ା ଉତ୍କର୍ଷର ବର୍ଷ ହୋଇଥିବାବେଳେ ବିବିଧ କ୍ରୀଡ଼ାରେ ମେଡାଲ ଜିତି ଓ ବିଜୟୀ ହୋଇ ଆମ ଆଥ୍‌ଲେଟମାନେ ବିଶ୍ୱସ୍ତରରେ ଦେଶର ଗୌରବ ବଢ଼ାଇଛନ୍ତି।

# ବାଲିଯାତ୍ରାରେ ଡିଓନ୍ ଗ୍ରୁପ୍ ସମ୍ମାନିତ



କଟକ,୫।୧୨

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଡିଓନ୍ ଗ୍ରୁପ୍‌କୁ ବାଲିଯାତ୍ରା ଆୟୋଜନ ସମିତି ଏବଂ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଛି। ଉଲ୍ଲେଖଯୋଗ୍ୟ, କଟକ ବାଲିଯାତ୍ରା ପଡ଼ିଆର ବୈଷ୍ଣବ ପାଣି ମଞ୍ଚରେ ଆୟୋଜିତ ବାଲିଯାତ୍ରା ଉଦ୍‌ଯାପନୀ ଉତ୍ସବରେ ଡିଓନ୍ ଗ୍ରୁପ୍‌ର ଡାଇରେକ୍ଟର ମନୋଜ ସାହୁ ମୁଖ୍ୟ ଅତିଥି ରାଜ୍ୟପାଳ ରଘୁବର ଦାସଙ୍କଠାରୁ ସମ୍ମାନ ଓ ମାନପତ୍ର ଗ୍ରହଣ କରିଥିଲେ। ବିଶେଷକରି ଡିଓନ୍ ଗ୍ରୁପ୍ ବାଲିଯାତ୍ରା ଆୟୋଜନରେ ମୁଖ୍ୟ ପୃଷ୍ଠପୋଷକ ସାଜିବା ଅତ୍ୟନ୍ତ ଗୌରବର ବିଷୟ ବୋଲି ରାଜ୍ୟପାଳ ବାଲିଯାତ୍ରା ଉଦ୍‌ଯାପନୀ ଉତ୍ସବରେ କହିଥିଲେ।

ଉଲ୍ଲେଖଯୋଗ୍ୟ, ଡିଓନ୍ ଗ୍ରୁପ୍ ପକ୍ଷରୁ ଡିଓନ୍ ଇନ୍‌ଫ୍ରା ଏବଂ ଡିଓନ୍ ଅଟୋମେଟିକ୍‌ର ଆକର୍ଷଣୀୟ ଷ୍ଟଲ୍ ପ୍ରଦର୍ଶିତ କରାଯାଇଥିଲା। ଏପରିକି ଡିଓନ୍ ଗ୍ରୁପ୍ ପକ୍ଷରୁ ଏକ ଡମି ଫ୍ଲାଟ୍ ମଡେଲ ମଧ୍ୟ ପ୍ରଦର୍ଶିତ କରାଯାଇଥିଲା। ସେହିଭଳି ହଜାର ହଜାର ଦର୍ଶକ ଉକ୍ତ ମଡେଲ ବୁଲି ଦେଖିବା ଅବସରରେ ଉଚ୍ଚ ପ୍ରଶଂସା କରିଥିଲେ।

# ଆକାଶ ବାଇଜୁସ୍‌ର ଏକ୍ସପର୍ଟ ଗାଇଡାନ୍ସ ଉନ୍ମୋଚିତ

ନୂଆଦିଲ୍ଲୀ,୫।୧୨

ଦେଶର ଅଗ୍ରଣୀ ଘରୋଇ ଶିକ୍ଷାନୁଷ୍ଠାନ (କୋଚିଂ ସେଣ୍ଟର) ତଥା ଆକାଶ ବାଇଜୁସ୍‌ର ଏକ ଏକ୍ସପର୍ଟ ଗାଇଡାନ୍ସ ନିକଟରେ ଉନ୍ମୋଚିତ ହୋଇଯାଇଛି। ବିଶେଷକରି ଜାତୀୟ ଚିକିତ୍ସା ଆୟୋଗ (ଏନ୍‌ଏମ୍‌ସି) ଦ୍ୱାରା ନିକଟରେ ଏନ୍‌ଇଇଟି ୟୁଜି-୨୦୨୪ ସିଲାବସ୍‌ରେ କରାଯାଇଥିବା ସଂଶୋଧନ ଯୋଗୁ ଆଶାୟୀ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନେକ ଆଶା ଓ ଆଶଙ୍କାର ଏକ ମିଶ୍ରିତ ଭାବ ସୃଷ୍ଟି ହୋଇଛି। ଏହିସବୁ ପରିବର୍ତ୍ତନ ନିମନ୍ତେ ପ୍ରାର୍ଥୀମାନେ ପ୍ରସ୍ତୁତି ଜୋର୍‌ଦାର କରୁଥିବାବେଳେ ଟେଷ୍ଟ ପ୍ରସ୍ତୁତି ସେବା କ୍ଷେତ୍ରରେ ଭାରତର ଅଗ୍ରଣୀ ଆକାଶ ବାଇଜୁସ୍ ରୂପାନ୍ତରିତ ସଂଶୋଧିତ ଏନ୍‌ଇଇଟି (ୟୁଜି)-୨୦୨୪ ପାଠ୍ୟକ୍ରମକୁ ନେଇ ଆଗକୁ ବଢ଼ିବା ନିମନ୍ତେ ପୂର୍ଣ୍ଣାଙ୍ଗ ମାର୍ଗଦର୍ଶନ ଉନ୍ମୋଚନ କରିଛି। ଏ ସମ୍ପର୍କରେ ଆକାଶ ବାଇଜୁସ୍‌ର ନ୍ୟାଶନାଲ ଏକାଡେମିକ ଡାଇରେକ୍ଟର (ମେଡିକାଲ) ନବୀନ କାରକି କହିଥିଲେ, ପରିବର୍ତ୍ତିତ ଏନ୍‌ଇଇଟି ୟୁଜି ୨୦୨୪ ପାଠ୍ୟକ୍ରମ ମଧ୍ୟରେ ଆଶାୟୀ ଡାକ୍ତରୀ ଛାତ୍ରୀଛାତ୍ର ସମ୍ମୁଖୀନ ହେଉଥିବା ନାନା କଳ୍ପନାଜଳ୍ପନା ପ୍ରତି ଦୃଷ୍ଟିଦେବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଏହି ପରିବର୍ତ୍ତନ ପରିପ୍ରେକ୍ଷୀରେ ଆଶାୟୀ ଛାତ୍ରୀଛାତ୍ର ନିଜକୁ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷଣରେ ରହିଥିବା ମନେକରୁଛନ୍ତି, ଯାହାକୁ ଚତୁରତାର ସହ ଆପଣାଇବାର ଆବଶ୍ୟକତା ରହିଛି। ଏପରିକି ହ୍ରାସ କରାଯାଇଥିବା ବିଷୟବସ୍ତୁ ଏବଂ ପ୍ରତିଯୋଗିତାର ବ୍ୟାପକତା ମଧ୍ୟରେ ଭାରସାମ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ତଥ୍ୟ ଏକତ୍ର କରିବା ଏବଂ ଏକାଗ୍ର ଭାବେ ଅଭ୍ୟାସ କରିବାର ରଣକୌଶଳାତ୍ମକ ମିଶ୍ରଣକୁ ଗ୍ରହଣ କରିବାର ଆବଶ୍ୟକତା ଦେଖାଦେଇଛି ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ଏହି ରୂପାନ୍ତରିତ ଦୃଶ୍ୟପଟରେ ସଫଳତା ହାସଲ ନିମନ୍ତେ କେବଳ ଏକାଗ୍ରତା ନୁହେଁ, ତା'ସହ ଆଭିମୁଖ୍ୟରେ ବ୍ୟାପକ ପରିବର୍ତ୍ତନର ଆବଶ୍ୟକତା ରହିଛି। ଆଶାୟୀମାନଙ୍କୁ ନିଶ୍ଚିତ ଭାବେ ବିଶ୍ୱସନୀୟ ପାଠ୍ୟ ସାମଗ୍ରୀ ବ୍ୟବହାର କରିବା ସହିତ କଠିନ ଅଭ୍ୟାସ କରିବା ଏବଂ ପରୀକ୍ଷାମୂଳକ ଶିକ୍ଷା ଆହରଣ ଅନୁଭୂତି ଆପଣେଇବାକୁ ହେବ। ପୁରାତନ ମୂଳଦୁଆ ଏବଂ ନୂତନ ଅନ୍ତର୍ଦୃଷ୍ଟି ମଧ୍ୟରେ ସମନ୍ୱୟରେ ସଫଳତା ଚାବିକାଠି ରହିଛି, ଯାହା ସଂଶୋଧିତ ପାଠ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବେ ଗ୍ରହଣ କରିବା ସୁନିଶ୍ଚିତ କରିଥାଏ। ଜଣେ ଶୃଙ୍ଖଳିତ ଅଧ୍ୟୟନ ଅଭ୍ୟାସରେ ଆଗକୁ ବଢ଼ିବା ସହ ଏହି ପରିବର୍ତ୍ତନ ଉପସ୍ଥାପନ କରୁଥିବା ସୁଯୋଗଗୁଡ଼ିକୁ ଆପଣେଇବା ନିତାନ୍ତ ଜରୁରୀ ବୋଲି ସେ କହିଛନ୍ତି।

# ଭାରତ ମସଲାର ରେକର୍ଡ କାରବାର



## ସଞ୍ଜୟ ବମ୍ପର ପ୍ରାଇଜର ବିଜେତା

କଟକ,୫।୧୨

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭାରତ ମସଲା ପକ୍ଷରୁ ଐତିହାସିକ କଟକ ବାଲିଯାତ୍ରା ପରିସରରେ ଆକର୍ଷଣୀୟ ଭାରତ ମଣ୍ଡପ (ଷ୍ଟଲ୍) ଖୋଲାଯାଇଥିଲା। ଏପରିକି ବାଲିଯାତ୍ରା ଅବସରରେ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଆକର୍ଷଣୀୟ ରିହାତି ସହ ପ୍ରତିଦିନ ଲକି ଡ୍ର'ର ଉଠାଣ କରାଯାଉଥିଲା। ବିଶେଷକରି ବାଲିଯାତ୍ରା ଉପଲକ୍ଷେ ଭାରତ ମସଲା ପକ୍ଷରୁ ଏକ ବମ୍ପର ପ୍ରାଇଜ ସମ୍ପର୍କରେ ଘୋଷଣା କରାଯାଇଥିଲା। ବାଲିଯାତ୍ରାର ଶେଷ ଦିନରେ ଲକି ଡ୍ର ସାଙ୍ଗକୁ ବମ୍ପର ପ୍ରାଇଜ୍‌ର ଲଟେରି ଉଠାଣ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କ ଉପସ୍ଥିତିରେ କରାଯାଇଥିଲା। ଏଥିରେ ନୟାଗଡ ଜିଲ୍ଲାର ସଞ୍ଜୟ ରାଉତ ବମ୍ପର ପ୍ରାଇଜର ବିଜେତା ହୋଇଥିବାବେଳେ ତାଙ୍କୁ ପରିଚାଳନା ନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ପଣ୍ଡା ଉପହାର ସ୍ୱରୂପ ୱାଶିଂ ମେଶିନ ଏବଂ ଉତ୍ତରୀୟ ପ୍ରଦାନ କରିଥିଲେ। ଅପରପକ୍ଷରେ ବାଲିଯାତ୍ରାର ଶେଷ ଦିନର ଲକି ଡ୍ର ବିଜେତା ଭାବେ ଭୁବନେଶ୍ୱର ପଟିଆର ଜୟନ୍ତ କୁମାର ବେଉରା ମାଇକ୍ରୋ ଓଭାନ, କଟକ ବକ୍ସିବଜାରର ମହେଶ ଭଗତ ବାଇସାଇକେଲ, କଟକ ହରିପୁରର ବିକାଶ ଦୀପ ଦାସ ଗ୍ରାଇଣ୍ଡର, କଟକ ଓଡ଼ିଆ ବଜାରର ସେକ୍ ରାଜୁ ରୁମ୍ ହିଟର ଭଳି ଉପହାର ଜିତିଛନ୍ତି।

ଏ ନେଇ ପଣ୍ଡା କହିଛନ୍ତି, ଭାରତ ମସଲା ନିଜର ଗୁଣବତ୍ତା ବଜାୟ ରଖିବା ସହ ବାଲିଯାତ୍ରାରେ ଦୀର୍ଘ ୨୫ବର୍ଷ ଧରି ବ୍ୟବସାୟକରି ଆସୁଛି। ଚଳିତ ବର୍ଷ ଭାରତ ମସଲା ଯେଉଁ ରେକର୍ଡ ବିଜ୍‌ନେସ୍ କରିଛି ତାହା କେବଳ ସମ୍ଭବ ହୋଇଛି ମୋର ପ୍ରିୟ ଗ୍ରାହକ ଓ ଅକ୍ଳାନ୍ତ ପରିଶ୍ରମ କରିଥିବା ମୋ କମ୍ପାନୀର କର୍ମକର୍ତ୍ତାମାନଙ୍କ ପାଇଁ ବୋଲି ପଣ୍ଡା କହିଛନ୍ତି, ଆଜିର ଏହି ବମ୍ପର ପ୍ରାଇଜ୍ ଉଠାଣ ବେଳେ ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡାଙ୍କ ସମେତ ନିର୍ଦ୍ଦେଶକ ସୁମନ୍ତ କୁମାର ପଣ୍ଡା, ଶ୍ରୀମନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ଜିଏମ୍ ଅପରେଶନ ଅରୁଣ କୁମାର ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନ, ଷ୍ଟଲ୍ ପରିଚାଳକ ଦିଲୀପ କୁମାର ପାଢ଼ୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ନାଲ୍‌କୋ ଆଲୁମିନା ରିଫାଇନେରିକୁ ବ୍ୟବସାୟ ଉତ୍କର୍ଷ ପୁରସ୍କାର

ଦାମନଯୋଡି,୫।୧୨
(ନରସିଂହ ବ୍ରହ୍ମା)




ନବରତ୍ନ ରାଷ୍ଟ୍ରୀୟ ଉଦ୍ୟୋଗ ନାଲ୍‌କୋର ଦାମନଯୋଡ଼ିସ୍ଥିତ ଆଲୁମିନା ରିଫାଇନାରି ପ୍ଲାଣ୍ଟ,ବ୍ୟବସାୟ ଉତ୍କର୍ଷ ଅଭ୍ୟାସ ପାଇଁ ସର୍ବୋଚ୍ଚ ସମ୍ମାନ 'ସିଆଇଆଇ ଏକ୍ସିମ୍ ବ୍ୟାଙ୍କ ବିଜ୍‌ନେସ୍ ଏକ୍ସିଲେନ୍ସ ପୁରସ୍କାର -୨୦୨୩' ହାସଲ କରିଛି। ବେଙ୍ଗାଲୁରୁରେ ଆୟୋଜିତ ୩୧ତମ ସିଆଇଆଇ ଏକ୍ସିମ୍ ବ୍ୟାଙ୍କ ଗୁଣବତ୍ତା ସମ୍ମିଳନୀରେ ନାଲ୍‌କୋକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ନାଲକୋ ଆଲୁମିନା ରିଫାଇନେରିର ସମୂହ ମହାପ୍ରବନ୍ଧକ (ଏ.ଆର) ଇଂ. ପ୍ରମୋଦ ବେହେରା ଯୋଗଦେଇ ଏହି ପୁରସ୍କାର ଗ୍ରହଣ କରିଥିଲେ। ବିଜନେସ୍ ଏକ୍ସଲେନ୍ସ ପଦକ୍ଷେପ ଏବଂ ସବୁ ଦିଗରେ ଗୁଣବତ୍ତା ଉତ୍କର୍ଷ ପାଇଁ ପ୍ରୟାସ ଆଲୁମିନା ରିଫାଇନାରିକୁ ଏହି ପୁରସ୍କାରର ବିଜେତା କରିଛି। ରିଫାଇନାରି ପ୍ଲାଣ୍ଟ ଚଳିତ ବର୍ଷ ଏହି ସର୍ବୋଚ୍ଚ ସମ୍ମାନ ହାସଲ କରିବା ପୂର୍ବରୁ ପୂର୍ବବର୍ଷଗୁଡ଼ିକରେ ଗୋଲ୍ଡ ପ୍ଲସ୍ ଏବଂ ପ୍ଲାଟିନମ୍ ମାନ୍ୟତା ପାଇଥିଲା। ସୂଚନାଯୋଗ୍ୟ,ଏହି ପୁରସ୍କାର ଆନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ୟୁରୋପୀୟ ଫାଉଣ୍ଡେସନ ଫର କ୍ୱାଲିଟି ମ୍ୟାନେଜମେଣ୍ଟ (ଇଏଫକ୍ୟୁଏମ)ର ଉତ୍କୃଷ୍ଟତା ମଡେଲ ଉପରେ ଆଧାରିତ। କନଫିଡିରେସନ ଅଫ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ) ଓ ଏକ୍ସପୋର୍ଟ ଇମ୍ପୋର୍ଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏକ୍ସିମ୍ ବ୍ୟାଙ୍କ) ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ।

# ବିଓଏମ୍‌ର ନୂତନ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର,୫।୧୨

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍)ର ନୂତନ ଶାଖା (ଭଞ୍ଜନଗର ଶାଖା) ନିକଟରେ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ମେନ୍ ରୋଡ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଭଞ୍ଜନଗର ଉପଜିଲାପାଳ ଅନିଲ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ଶାଖାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଓଏମ୍‌ର ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ଆଲୋକ କୁମାର ମିଶ୍ର, ବ୍ରହ୍ମପୁର ଶାଖାର ଶାଖା ପ୍ରବନ୍ଧକ ସତ୍ୟଜିତ୍ ରାଉତ, ନୟାଗଡ଼ ଶାଖାର ଶାଖା ପ୍ରବନ୍ଧକ ପୂଜାଶ୍ରୀ ସାହୁ ଏବଂ ଭଞ୍ଜନଗର ଶାଖାର ଶାଖା ପ୍ରବନ୍ଧକ ବ୍ରଜବନ୍ଧୁ ସାହୁଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି ଉକ୍ତ ଶାଖା ବିଓଏମ୍‌ର ସମସ୍ତ ପ୍ରକାର ବ୍ୟାଙ୍କିଙ୍ଗ୍ କାରବାର ଏବଂ ଗ୍ରାହକଙ୍କ ଆବଶ୍ୟକତା ଉପରେ କାର୍ଯ୍ୟ କରିବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ରାଜ୍ୟରେ ବିଓଏମ୍‌ର ଏହା ୫୦ ତମ ଶାଖା ହୋଇଥିବାବେଳେ ଭଞ୍ଜନଗରରେ ପ୍ରଥମ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି।


**OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION**
**AT-MATIAGARH CHHAKA, PO-K. JASHIPUR, DIST-MAYURBHANJ, ODISHA-757091**
**Tel: - 06797-295030, Email-dfo.similipalnorthwl@odisha.gov.in/ ddsimilipalnorth@gmail.com**

**TENDER CALL NOTICE**

**No.108, Date:4.12.2023**

**No.MM-343:**The **DEPUTY DIRECTOR, SIMILIPAL NORTH WL DIVISION, JASHIPUR** on behalf of Governor of Odisha invites **Percentage Rate bids** to be received in offline mode for the following works from the eligible experienced contractors in similar nature of work, registered with State Govt. & Contractor of equivalent Grade / Class registered with Central Govt. / Railways.

| | | | |
|---|---|---|---|
| 1. | Nature of Work | : | Construction of Forester Quarter Complex |
| 2. | No. of Work | : | 01 Building |
| 3. | Period of Completion | : | 03 (Three) Months |
| 4. | Cost of Tender | : | Rs.6000/- (Six Thousand) only |
| 5. | Estimated Cost | : | Rs.30,21,507/- |
| 6. | Class of Contractor | : | "B" Class & "C" Class |
| 7. | Date & Time of availability of tender document | : | Tender Documents for construction of Forester Quarter as stated above will be available in the O/o the Deputy Director, Similipal North Wildlife Division, Jashipur, on payment of cost of Tender Document as mentioned above. The Tender Document cost which is non-refundable, should be deposited in shape of Demand Draft from any Nationalized Bank drawn in favour of the Deputy Director, Similipal North Wildlife Division, Jashipur, Mayurbhanj payable at Jashipur from 10.00 AM of 06.12.2023 to 05.30 PM of 14.12.2023. |
| 8. | Receipt of Bid documents | : | Through Direct Deposit by hand / Registered post/ Speed post/ Courier service to the Deputy Director, O/o the Deputy Director, Similipal North (WL) Division, At-Matiagarh Chhaka, P.O.- K. Jashipur, Dist.- Mayurbhanj, Pin-757091 on or before 15.12.2023 by 11.00 A.M. |
| 9. | Receipt of Bid cost, Bid Security, documents | : | Earnest Money Deposit (EMD) of Rs. 30,215/- (Rupees Thirty Thousand Two Hundred Fifteen) Only shall be submitted along with Tender, EMD will be in the form of demand draft in favour of Deputy Director, Similipal North (WL) Division, Jashipur payable at Jashipur. The EMD will be refunded to the unsuccessful bidder. The EMD for the successful bidder will be released only after completion and handover the Quarter |
| 10. | Date & Time of opening of technical bid | : | Dt.15.12.2023 at 12.00 hours onwards |
| 11. | Other documents | : | (As mentioned in DTCN) |
| 12. | The undersigned reserves the right to accept/reject any or all Tender without assigning any reason thereof. | | |

**Sd./-Deputy Director**
OIPR-08133/11/0017/2324 **Similipal (North) WL Division, Jashipur**



**Expression of Interest**

No. PP-71:- "**Expression of Interest**" in sealed cover is hereby invited for allotment of **two Food Stalls, one KIOSK & one Juice centre** available at Ekamra Haat, Bhubaneswar, Odisha.

For details of EOI, TOR etc please visit the website: **www.sidacodisha.org.in**. The last date for submission of EOI in the Office of SIDAC, Handicrafts Complex, Gandamunda, Khandagiri, Bhubaneswar Ph: 0674-2350318 is upto 5:00 PM. on 20.12.2023. The details of EOI will be available in the website w.e.f. 7.12.2023.

**Sd./- Member Secretary**

**State Institute for Development of Arts & Crafts**
**Handlooms, Textiles & Handicrafts Department, Govt. of Odisha**
**Handicrafts Complex, Gandamunda, Bhubaneswar-751030**
**Tel. No. +91(0)674 2350318,**
**E-mail: sidacorissa@gmail.com, www.sidacodisha.org.in**
SIDAC
OIPR-31036/11/0025/2324



**GOVERNMENT OF ODISHA**
**"e" PROCUREMENT NOTICE**
**OFFICE OF THE NOTIFIED AREA COUNCIL, BALLIGUDA**

**Tender Call Notice**

**No. 2729 Date 02.12.2023**
**E-mail: eonacballiguda@yahoo.in**
**Bid Identification No. EO_BLG.N_04_2023-24**

**No. C-2018:-** The Executive Officer, NAC, Balliguda, Dist- Kandhamal inviting percentage rate bid in **online mode** for the works as detailed in the table from eligible contractors for civil work as detailed in the table below.

| | | |
|---|---|---|
| 1. | Name of Work | As per DTCN |
| 2. | No. of work | 01 |
| 3. | Tender Cost | As Per DTCN |
| 4. | Class of Contractor | As Per DTCN |
| 5. | Period & time of completion | As Per DTCN |
| 6. | Available of Bid Document in the Website | From Dt.**06.12.2023**, 11.00 AM to Dt.**14.12.2023** Up to 5.00 PM |
| 7. | Date of opening of Bid | Dt.**15.12.2023** at 11.00 AM |
| 8. | The bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any Addendum/Corrigendum/Cancellation of tender can also be seen in the said website. | |

OIPR-13097/11/0012/2324 **Sd./- Executive Officer, NAC, Balliguda**



**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 9008/PSC** **Dt.05.12.2023**
**(1E-08-2023-24) (DR-II)**
**Website: https://www.opsc.gov.in**

No. D-173: In continuation to this Office Notice No. 8971/PSC, Dt.02.12.2023, it is for information of all concerned that the Commission have decided to conduct the Physical Verification of Original Certificates & Documents and Viva Voce Test simultaneously in respect of **101 Candidates** (Bearing following Roll Nos.), qualified in the main written examination, for recruitment to the Post of **Civil Judges in Odisha Judicial Service, 2022,** pursuant to Advt. No. 19 of 2022-23, **from 18.12.2023 to 22.12.2023** in the Office of the Commission, at 19, Dr. P.K. Parija Road, Cuttack - 753001, as per the following programme detailed below.

The candidates are required to come with hard-copies of online application forms (indicating their Roll Nos. at the top right corner), four passport size photographs, self-attested copies of all relevant certificates, documents, proof of identity etc. **with originals of the same** as per **Para - 09** of the aforesaid advertisement and duly filled in **"Attestation Form" & "Bio-Data Form"** (to be downloaded from the website of the Commission) and submit the same **in person** on the day of verification.

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Viva Voce Test**. The candidates shall be allowed to the Viva Voce Test on the scheduled date & time mentioned below subject to fulfillment of their eligibility in all respect as per verification of original certificate/documents. The decision of the Commission thereon shall be final.

**PROGRAMME OF DOCUMENT VERIFICATION & VIVA VOCE TEST**

| Date | Time of Verification | Time of Viva Voce Test | Roll No. of Candidates |
|---|---|---|---|
| 18.12.2023 | 8.30 A.M. | 10.45 A.M. | 100031, 200116, 300014, 300029, 300044, 300056, 300076, 300094, 300113, 300182, 300253 & 300266 **= 12 Candidates** |
| | 1.00 P.M. | 3.00 P.M. | 300309, 300319, 300388, 300414, 300423, 300443, 300533, 300544 & 300546 **= 09 Candidates** |
| 19.12.2023 | 8.30 A.M. | 10.45 A.M. | 300551, 300621, 300636, 300673, 300740, 300741, 300762, 300786, 300802, 300806, 300833 & 300893 **= 12 Candidates** |
| | 1.00 P.M. | 3.00 P.M. | 300988, 301020, 301059, 301064, 301081, 301083, 301091 & 301176 **= 08 Candidates** |
| 20.12.2023 | 8.30 A.M. | 10.45 A.M. | 301186, 301228, 301233, 301243, 301244, 301247, 301333, 301337, 301386, 301463, 301465 & 301470 **= 12 Candidates** |
| | 1.00 P.M. | 3.00 P.M. | 301479, 301486, 301566, 301595, 301602, 301604, 301637 & 400004 **= 08 Candidates** |
| 21.12.2023 | 8.30 A.M. | 10.45 A.M. | 400009, 400026, 400070, 400077, 400084, 400097, 400144, 400173, 400208, 400235, 400236 & 400284 **= 12 Candidates** |
| | 1.00 P.M. | 3.00 P.M. | 400299, 400306, 400341, 400394, 400403, 400408, 400431 & 400449 **= 08 Candidates** |
| 22.12.2023 | 8.30 A.M. | 10.45 A.M. | 400492, 400495, 400530, 400578, 400583, 400730, 400743, 400765, 400788, 400802, 400853 & 400854 **= 12 Candidates** |
| | 1.00 P.M. | 3.00 P.M. | 400865, 400969, 401014, 500125, 500144, 500192, 500250 & 500371 **= 08 Candidates** |

**N.B.:** The candidates are advised to report at the Office of the Commission **half an hour before the commencement of verification** of original certificates & documents on their scheduled dates & time as mentioned against each.

**OIPR-12002/11/0117/2324** **Sd./- Secretary**

# ସୁଚିତ୍ରାଙ୍କୁ ସ୍ୱର୍ଣ୍ଣ, ଜୟନ୍ତୀଙ୍କୁ ବ୍ରୋଞ୍ଜ

**ୱାର୍ଲ୍ଡ ଆବିଲିଟିସ୍ପୋର୍ଟ ଗେମ୍ସ**

ଭୁବନେଶ୍ୱର, ୫।୧୨
(ତପନ ସ୍ୱାଇଁ)

ଥାଇଲାଣ୍ଡର ନାଖୋନ ରାଚାସିମାରେ ଚାଲିଥିବା ୱାର୍ଲ୍ଡ ଆବିଲିଟି ସ୍ପୋର୍ଟ ଗେମ୍ସରେ ଭାରତକୁ ପ୍ରଥମ ସ୍ୱର୍ଣ୍ଣ ପଦକ ଦେଇଛନ୍ତି ଓଡ଼ିଶାର ସୁଚିତ୍ରା ପରିଡ଼ା। ସେ ମହିଳା ଜାଭେଲିନ୍ ଥ୍ରୋ ଏଫ୍୫୩/୫୪/୫୬ ବର୍ଗର ଫାଇନାଲରେ ୧୬.୮୮ ମିଟର ଥ୍ରୋ କରି ଏହି ସଫଳତା ପାଇଛନ୍ତି। ଅନ୍ୟତମ ଭାରତୀୟ ପ୍ରତିଯୋଗୀ କିର୍ତ୍ତୀକା ଜୟଚନ୍ଦ୍ରନ ରୌପ୍ୟ ଓ ଥାଇଲାଣ୍ଡର ପୁଆଙ୍ଗପେଟ ଚାଇଥୋନଗ୍ରାଟ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସୁଚିତ୍ରାଙ୍କ ପୂର୍ବରୁ ମହିଳା ୧୦୦ ମିଟର ରେସ୍‌ରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ ଓଡ଼ିଶାର ତାରକା ପାରା ଆଥଲେଟ୍ ଜୟନ୍ତୀ ବେହେରା। ସେ ୧୦୦ ମିଟର ଦୂରତାକୁ ୧୩.୧୮ ସେକେଣ୍ଡରେ ଅତିକ୍ରମ କରି ଏହି ସଫଳତା ପାଇଥିଲେ। ଥାଇଲାଣ୍ଡର ସସିରାୱନ ଇନ୍‌ଥାଚୋଟ ୧୨.୭୧ ଓ ଇଣ୍ଡୋନେସିଆର ନନ୍ଦ ମେଇ ଶୋଲିହା ୧୩.୦୧ ସେକେଣ୍ଡ ସମୟ ନେଇ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ। ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୧୩ ଖେଳାଳି ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ଏହା ମଧ୍ୟରେ ପାରା ଆଥ୍‌ଲେଟିକ୍ସରେ ୨, ପାରା ବ୍ୟାଡ୍‌ମିଣ୍ଟନରେ ୪, ହୁଇଲ୍‌ଚେୟାର ଫେନ୍‌ସିଂରେ ୭ ପ୍ରତିଯୋଗୀ ସାମିଲ। ଏମାନଙ୍କ ମଧ୍ୟରୁ ଜୟନ୍ତୀ ମହିଳା ଟି-୪୭ ବର୍ଗରେ ବ୍ରୋଞ୍ଜ ପଦକ ଜିତି ରାଜ୍ୟ ପାଇଁ ପଦକ ଅଭିଯାନ ଆରମ୍ଭ କରିଥିଲେ। ରିପୋର୍ଟ ପ୍ରସ୍ତୁତ ହେବା ବେଳକୁ ଭାରତ ୧ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ସହ ଟେବୁଲର ୪ର୍ଥ ସ୍ଥାନରେ ରହିଥିଲା।




ପଦକ ସହ ସୁଚିତ୍ରା ପରିଡ଼ା ଓ ଜୟନ୍ତୀ ବେହେରା।

# ଅରାଇଜିତ୍‌ଙ୍କ ହ୍ୟାଟ୍ରିକ୍: ବିଜୟରୁ ଭାରତର ଅଭିଯାନ

**ପୁରୁଷ ଜୁନିୟର ହକି ବିଶ୍ୱକପ୍**

କୁଆଲାଲମ୍ପୁର, ୫।୧୨ (ପି.ଟି.)

ମାଲେସିଆରେ ଆରମ୍ଭ ହୋଇଥିବା ପୁରୁଷ ଜୁନିୟର ହକି ବିଶ୍ୱକପ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛି ଭାରତ। ଫରୱାର୍ଡ ଅରାଇଜିତ୍ ସିଂ ହୁଣ୍ଡାଲଙ୍କ ହ୍ୟାଟ୍ରିକ୍ ବଳରେ ଭାରତ ୪-୨ରେ କୋରିଆକୁ ପରାସ୍ତ କରିଛି। ଅରାଇଜିତ୍ ୧୧, ୧୬ ଓ ୪୧ ମିନିଟରେ ୩ ଗୋଲ ଦେଇଥିବା ବେଳେ ଅମନଦୀପ୍ ୩୦ ମିନିଟରେ ଅନ୍ୟ ଗୋଲଟି ଦେଇଥିଲେ। କୋରିଆ ପକ୍ଷରୁ ଡୋୟୁନ୍ ଲିମ୍(୩୮) ଓ ମିଙ୍ଗଓନ୍ କିମ୍ ୪୫ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବୁକିତ୍ ଜଲିଲର ନ୍ୟାଶନାଲ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଭାରତ ପକ୍ଷରୁ ଅରାଇଜିତ ଚମତ୍କାର ପ୍ରଦର୍ଶନ କରିଥିଲେ।

ଆରମ୍ଭରୁ ମ୍ୟାଚ୍‌ଟି ସଂଘର୍ଷପୂର୍ଣ୍ଣ ରହିଥିଲା। ଉଭୟ ଦଳ ସ୍କୋର କରିବା ପାଇଁ ଉଦ୍ୟମ କରିଥିବା ବେଳେ ୧୧ତମ ମିନିଟରେ ଅରାଇଜିତ ପ୍ରଥମ ଗୋଲ ଦେଇଥିଲେ। ପେନାଲ୍ଟି କର୍ନରରୁ ସେ ଭାରତକୁ ୧-୦ରେ ଆଗୁଆ କରିଥିଲେ। ପ୍ରଥମ କ୍ୱାର୍ଟରରେ ୧-୦ରେ ଆଗୁଆ ରହିବା ପରେ ଦ୍ୱିତୀୟ କ୍ୱାର୍ଟରର ପ୍ରଥମ ମିନିଟରେ ଅରାଇଜିତ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇଥିଲେ। ବବିଙ୍କ ଆଟାକିଂ ରନ୍‌ର ଫାଇଦା ଉଠାଇ ଅରାଇଜିତ ଗୋଲ ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟର ଶେଷ ହେବାର ଠିକ୍ ପୂର୍ବରୁ ଅମନଦୀପ୍ ଭାରତ ପାଇଁ ତୃତୀୟ ଗୋଲ ଦେଇଥିଲେ। ୨୯ ତମ ମିନିଟରେ ପେନାଲ୍ଟି କର୍ନରରୁ ଗୋଲ ରୋକିବାରେ ସମର୍ଥ ହୋଇଥିଲା କୋରିଆ। ତେବେ ଏହାର ୧ ମିନିଟ ମଧ୍ୟରେ ଅମନଦୀପ ଭାରତକୁ ୩-୦ରେ ଆଗୁଆ କରିଥିଲେ।

ତୃତୀୟ କ୍ୱାର୍ଟରରେ କୋରିଆ ଆକ୍ରମଣାତ୍ମକ ପ୍ରଦର୍ଶନ କରିବା ସହିତ ୩୮ ତମ ମିନିଟରେ କୋରିଆ ପକ୍ଷରୁ ଡୋୟୁନ୍ ଲିମ୍ ଏକ ଗୋଲ ପରିଶୋଧ କରିଥିଲେ। ଏହାର ୩ ମିନିଟରେ ଅରାଇଜିତ ନିଜର ହ୍ୟାଟ୍ରିକ୍ ପୂରଣ କରିଥିଲେ। ତେବେ ୪୧ ତମ ମିନିଟରେ ଅଧିନାୟକ ଉତ୍ତମ ସିଂଙ୍କୁ ଗ୍ରୀନ୍ କାର୍ଡ ଓ ରୋହିତଙ୍କୁ ୟେଲୋ କାର୍ଡ ମିଳିଥିଲା। ଉଭୟ ଖେଳାଳିଙ୍କୁ ୫ ମିନିଟରେ ପଡିଆ ଛାଡିବାକୁ ପଡିଥିଲା। ଏହାର ଫାଇଦା ଉଠାଇ ମିଙ୍ଗଓନ୍ କିମ୍ କୋରିଆ ପକ୍ଷରୁ ଦ୍ୱିତୀୟ ଗୋଲ ଦେଇଥିଲେ। ଅନ୍ତିମ କ୍ୱାର୍ଟର ଗୋଲଶୂନ୍ୟ ରହିବା ସହ ଭାରତ ୪-୨ରେ ମ୍ୟାଚ୍‌କୁ ଜିତି ନେଇଥିଲା। ଭାରତ ଗୁରୁବାର ଦ୍ୱିତୀୟ ମ୍ୟାଚ୍‌ରେ ସ୍ପେନ୍‌କୁ ଭେଟିବ।



ଗୋଲ୍ ସ୍କୋର କରିବା ପରେ ଅମନଦୀପ ସିଂଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

# ନ୍ୟୁଜିଲାଣ୍ଡକୁ ହରାଇଲା ଭାରତ

**ଜୁନିୟର ମହିଳା ହକି ବିଶ୍ୱକପ୍**

ସାଣ୍ଟିଆଗୋ (ଚିଲି), ୫।୧୨ (ପି.ଟି.)

ଚଳିତ ଜୁନିୟର ମହିଳା ହକି ବିଶ୍ୱକପ୍‌ରେ ମଙ୍ଗଳବାର ୯ମରୁ ୧୦ମ ସ୍ଥାନ ପାଇଁ ଏକ କ୍ଲାସିଫିକେଶନ ମ୍ୟାଚରେ ଭାରତ ସଡନ ଡେଥ୍ ପେନାଲ୍ଟିଶୁଟଆଉଟରେ ନ୍ୟୁଜିଲାଣ୍ଡକୁ ହରାଇ ଦେଇଛି। ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୩-୩ରେ ଅମୀମାଂସିତ ରହିଥିଲା। ନିର୍ଦ୍ଧାରିତ ୬୦ ମିନିଟ ଖେଳରେ ଭାରତ ତରଫରୁ ରୋପନୀ କୁମାରୀ (୮ମ ମିନିଟ), ଜ୍ୟୋତି ଛେତ୍ରୀ (୧୭ ତମ) ଓ ସୁନେଲିତା ଟପ୍ପୋ (୫୩ ତମ) ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିବା ବେଳେ ନ୍ୟୁଜିଲାଣ୍ଡ ପକ୍ଷରୁ ଇସାବେଲା ଷ୍ଟୋରୀ (୧୧ତମ), ମାଡ୍‌ଲିନି ହାରିସ (୧୪ତମ) ଓ ରାଇନା ଫୋ (୪୯ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ପେନାଲ୍ଟି ଶୁଟ୍ ଆଉଟରେ ଭାରତ ୩-୨ରେ ବିଜୟ ଲାଭ କରିଥିଲା। ପେନାଲ୍ଟି ଶୁଟଆଉଟରେ ଭାରତ ତରଫରୁ ସାକ୍ଷୀ ରାଣା ଓ ପ୍ରୀତି ଏବଂ ନ୍ୟୁଜିଲାଣ୍ଡର ହାନା କୋଟର ଏବଂ ରାଇନା ଫୋ' ଗୋଲ୍ ଦେଇଥିଲେ। ମମ୍‌ତାଜ ଖାନ୍ ଭାରତ ପକ୍ଷରୁ ସଡନ ଡେଥ୍ ଗୋଲ୍ ସ୍କୋର କରିଥିଲେ। ମଙ୍ଗଳବାର ଏହି ବିଜୟ ଦ୍ୱାରା ଭାରତ ଗୁରୁବାର ଦକ୍ଷିଣ କୋରିଆ ବନାମ ଦକ୍ଷିଣ ଆଫ୍ରିକା ମଧ୍ୟରେ ନବମରୁ ଦ୍ୱାଦଶ ସ୍ଥାନ ପାଇଁ ଖେଳାଯିବାକୁଥିବା କ୍ଲାସିଫିକେଶନ ମ୍ୟାଚର ବିଜେତା ସହ ମୁକାବିଲା କରିବ।

# ବାତ୍ୟା ଯୋଗୁ ବିଜୟୱାଡାରେ ଅଟକିଲେ ୨୦୦ ଟିଟି ଖେଳାଳି

କୋଲକାତା, ୫।୧୨ (ପି.ଟି.)

ସାମୁଦ୍ରିକ ଝଡ଼ 'ମିଗ୍‌ଜୋମ୍' ଇତିମଧ୍ୟରେ ଆନ୍ଧ୍ର ପ୍ରଦେଶର ଉପକୂଳବର୍ତ୍ତୀ ଜିଲା ବାପାଟ୍‌ଲାରେ ଲ୍ୟାଣ୍ଡଫଲ୍ କରିଛି। ବିଜୟୱାଡାରେ ପ୍ରବଳ ବର୍ଷା ଲାଗି ରହିଛି। ଏହାଠାରୁ ପ୍ରାୟ ୮୦ କିଲୋମିଟର ଦୂରରେ ନ୍ୟାଶନାଲ ର୍‍ୟାଙ୍କିଙ୍ଗ୍ ଟେବୁଲ ଟେନିସ (ଟିଟି) ଟୁର୍ନାମେଣ୍ଟ ସୋମବାର ଶେଷ ହୋଇଛି। ଟେବୁଲ ଟେନିସ ଫେଡେରେଶନ ଅଫ୍ ଇଣ୍ଡିଆ (ଟିଟିଏଫ୍‌ଆଇ) ତରଫରୁ ମଙ୍ଗଳବାର ଦିଆଯାଇଥିବା ସୂଚନା ଅନୁସାରେ ୧୧ ବର୍ଷରୁ କମ୍ ଓ ୧୯ ବର୍ଷରୁ କମ୍ ପ୍ରାୟ ୨୦୦ ଖେଳାଳି ସେଠାରେ ଅଟକି ରହିଛନ୍ତି। ୫ ଜୋନାଲ ଟୁର୍ନାମେଣ୍ଟ ଅନ୍ତର୍ଗତ ଏହା ଚତୁର୍ଥ ପର୍ଯ୍ୟାୟ ରହିଥିଲା। ଡିସେମ୍ବର ୮ରୁ ପଞ୍ଚକୁଲାରେ ଅନ୍ତିମ ପର୍ଯ୍ୟାୟ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ବର୍ତ୍ତମାନ ପରିସ୍ଥିତିରେ ଖେଳାଳିମାନେ ପ୍ରତିଯୋଗିତା ପାଇଁ ପଞ୍ଚକୁଲା(ହରିୟାଣା)ରେ ଉପଯୁକ୍ତ ସମୟରେ ପହଞ୍ଚି ପାରିବେ କି ନା ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଖେଳାଳିମାନଙ୍କର ତାମିଲନାଡୁ ଏକ୍ସପ୍ରେସ୍ ଯୋଗେ ପ୍ରଥମେ ନୂଆଦିଲ୍ଲୀ ଏବଂ ସେଠାରୁ ପଞ୍ଚକୁଲା ଯିବା ଲାଗି ଟିକେଟ ହୋଇଛି। ବେଙ୍ଗଲର ଜଣେ ଟେବୁଲ ଟେନିସ ଖେଳାଳି ଶେୟୋଶ୍ରୀ ଚକ୍ରବର୍ତ୍ତୀଙ୍କ ପିତା ମୃଣ୍ମୟ ଚକ୍ରବର୍ତ୍ତୀ ଏହା ପ୍ରକାଶ କରିଛନ୍ତି।



ନେପାଳରେ ଅନୁଷ୍ଠିତ ଦକ୍ଷିଣ ଏସୀୟ କରାଟେ ପ୍ରତିଯୋଗିତାରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀମାନଙ୍କୁ
ମଙ୍ଗଳବାର ଭୁବନେଶ୍ୱର ବିମାନ ବନ୍ଦରରେ ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀ ଓ ସାଥୀ କରାଟେକାମାନେ ସ୍ୱାଗତ କରୁଛନ୍ତି।

# ୮ ସୁଦ୍ଧା ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ତାରିଖ ଘୋଷଣା

ନୂଆଦିଲ୍ଲୀ, ୫।୧୨ (ପି.ଟି.)

ଦୀର୍ଘଦିନର ବିବାଦ ପରେ ଶେଷରେ ଭାରତୀୟ ରେସ୍‌ଲିଂ ମହାସଂଘ(ଡବ୍ଲ୍ୟୁଏଫ୍‌ଆଇ)ର ନିର୍ବାଚନ ହେବାକୁ ଯାଉଛି। ନିକଟରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କ ନିଷ୍ପତ୍ତି ଉପରେ ସୁପ୍ରିମକୋର୍ଟ ରହିତାଦେଶ ଜାରି କରିଥିଲେ। ଏହାପରେ ନିର୍ବାଚନ ହେବାର ରାସ୍ତା ପ୍ରଶସ୍ତ ହୋଇଥିବା ବେଳେ ଡିସେମ୍ବର ୮ ପୂର୍ବରୁ ନିର୍ବାଚନ ତାରିଖ ଘୋଷଣା ହେବାର ସମ୍ଭାବନା ରହିଛି। ଡବ୍ଲ୍ୟୁଏଫ୍‌ଆଇର ଏକ ନିର୍ବାଚିତ ପ୍ରତିନିଧି ଦଳ ନ ଥିବା କାରଣରୁ ଭାରତୀୟ ଅଲିମ୍ପିକ୍ସ ମହାସଂଘ(ଆଇଓଏ) ପକ୍ଷରୁ ଏକ ଆଡ୍‌ହକ ପ୍ୟାନେଲ ଗଠନ କରାଯାଇଥିଲା। ଭାରତୀୟ ଉଷୁ ମହାସଂଘ ଅଧକ୍ଷ ଭୂପିନ୍ଦର ସିଂ ବାଜୱାଙ୍କ ନେତୃତ୍ୱରେ ଗଠିତ ଏହି ପ୍ୟାନେଲ ବର୍ତ୍ତମାନ ଡବ୍ଲ୍ୟୁଏଫ୍‌ଆଇର ଦୈନନ୍ଦିନ ବ୍ୟାପାର ସମ୍ପର୍କରେ ନିଷ୍ପତ୍ତି ନେଉଛି। ପୂର୍ବତନ ସଭାପତି ବ୍ରିଜଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆସିବା ପରେ କେନ୍ଦ୍ର ସରକାରଙ୍କ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ମହାସଂଘକୁ ଭଙ୍ଗ କରାଯାଇଥିଲା। ପୂର୍ବତନ ସଭାପତି ବ୍ରିଜଭୂଷଣଙ୍କ ବିରୋଧରେ ଯୌନଶୋଷଣ ଅଭିଯୋଗ ଆସିବା ପରେ ରେସ୍‌ଲର ବଜରଙ୍ଗ ପୁନିଆ, ସାକ୍ଷୀ ମଲିକ୍ ଓ ଭିନେଶ ଫୋଗଟ୍ ଧାରଣାରେ ବସିଥିଲେ। ଦୀର୍ଘ ଦିନ ଧରି ଏହି ଆନ୍ଦୋଳନ ଚାଲିବା ପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଦିଲ୍ଲୀ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା।

# ରେକର୍ଡ ସୁଧାରିବା ଲକ୍ଷ୍ୟରେ ଭାରତ

**ମହିଳା ଟି୨୦ ସିରିଜ୍**
ମ୍ୟାଚ୍ ସ୍ଥାନ: ମୁମ୍ବାଇ
ସମୟ: ସନ୍ଧ୍ୟା ୭.୦୦
ପ୍ରସାରଣ: ସ୍ପୋର୍ଟ୍ସ ୧୮

ମୁମ୍ବାଇ, ୫।୧୨ (ପି.ଟି.)

ବୁଧବାର ଭାରତ ଓ ଇଂଲଣ୍ଡ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯିବ। ଘରୋଇ ଦର୍ଶକଙ୍କ ସମ୍ମୁଖରେ ଇଂଲଣ୍ଡ ବିପକ୍ଷରେ ଖରାପ ରେକର୍ଡ ସୁଧାରିବାକୁ ପ୍ରୟାସ କରିବ ଭାରତ। ଚଳିତ ବର୍ଷ ଟି୨୦ ଭାରତ ପାଇଁ ବେଶ ସଫଳ ରହିଛି। ଭାରତ ବାଂଲାଦେଶ ବିପକ୍ଷ ସିରିଜକୁ ୨-୧ରେ ବିଜୟୀ ହୋଇଛି। ଅନ୍ୟ ପକ୍ଷରେ ଇଂଲଣ୍ଡ ୧-୨ରେ ଶ୍ରୀଲଙ୍କା ବିପକ୍ଷରେ ପରାଜିତ ହୋଇଛି। ଘରୋଇ ମାଟିରେ ଇଂଲଣ୍ଡ ବିପକ୍ଷରେ ଭାରତ ୯ଟି ଟି୨୦ ମ୍ୟାଚ୍ ଖେଳିଛି। ଏଥିରୁ ଦଳ ମାତ୍ର ୨ଟିରେ ବିଜୟୀ ହୋଇଥିବା ବେଳେ ଏହି ରେକର୍ଡ ସୁଧାରିବାକୁ ପ୍ରୟାସ କରିବ। ଏପରିକି ଉଭୟ ଦଳ ମଧ୍ୟରେ ଖେଳାଯାଇଥିବା ଟି୨୦ ମ୍ୟାଚ୍‌ରେ ଭାରତ ଶେଷ ଥର ପାଇଁ ମାର୍ଚ୍ଚ ୨୦୨୧ରେ ବିଜୟୀ ହୋଇଥିଲା। ଏହା ପରଠାରୁ ଉଭୟ ଦଳ ୫ ଥର ମୁହାଁମୁହିଁ ହୋଇଛନ୍ତି। ଇଂଲଣ୍ଡ ଏଥିମଧ୍ୟରୁ ୪ଟିରେ ବିଜୟୀ ହୋଇଥିବା ବେଳେ ଗୋଟିଏ ମ୍ୟାଚ୍ ଟାଇରେ ଶେଷ ହୋଇଛି। ଉଭୟ ଦଳ ଶେଷ ଟି୨୦ ବିଶ୍ୱକପରେ ସେମି ଫାଇନାଲିଷ୍ଟ ରହିଥିଲେ। ଆସନ୍ତା ସେପ୍ଟେମ୍ବର-ଅକ୍ଟୋବରରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ ପୂର୍ବରୁ ଉଭୟ ଦଳ ପାଇଁ ଏହା ପ୍ରସ୍ତୁତିର ସୁଯୋଗ ମଧ୍ୟ ରହିବ। ଭାରତ ପକ୍ଷରୁ ଦୀପ୍ତି ଶର୍ମା ୧୬ ମ୍ୟାଚ୍‌ରୁ ୧୯ ଉଇକେଟ ନେଇଥିବା ବେଳେ ହରମନ୍‌ପ୍ରୀତ କୌର ୧୩ ମ୍ୟାଚ୍‌ରୁ ୩୨୩ ରନ୍ କରିଛନ୍ତି। ଉପ ଅଧିନାୟିକା ସ୍ମୃତି ମନ୍ଧାନା ସର୍ବାଧିକ ୩୬୯ ରନ୍ କରିଥିବା ବେଳେ ଜେମିମା ରୋଡ୍ରିଗୁଏଜ୍ ସ୍କୋର କରିଛନ୍ତି ୩୪୨ ରନ୍। ଚଳିତ ସିରିଜ୍ ପାଇଁ ଭାରତ ୩ ଜଣ ନୂଆ ସ୍ପିନରଙ୍କୁ ଦଳରେ ସାମିଲ କରିଛି।

# ଅଶ୍ୱିନୀ-ତନିଶା ଯୋଡ଼ିଙ୍କ ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି

ନୂଆଦିଲ୍ଲୀ, ୫।୧୨ (ପି.ଟି.)

ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ର୍‍ୟାଙ୍କିଙ୍ଗ୍ ତାଲିକା ପ୍ରକାଶ ପାଇଛି। ଏଥିରେ ଭାରତର ଡବଲ୍ସ ଯୋଡ଼ି ଅଶ୍ୱିନୀ ପୋନାପ୍ପା ଓ ତନିଶା କ୍ରାଷ୍ଟୋ ୪ ସ୍ଥାନ ଉନ୍ନୀତ ହୋଇ ୨୮ତମ ସ୍ଥାନରେ ପହଞ୍ଚିଛନ୍ତି। ୩୬ ବର୍ଷୀୟା ଅଶ୍ୱିନୀ ଓ ତାଙ୍କ ୨୦ ବର୍ଷୀୟା ପାର୍ଟନର ଚଳିତବର୍ଷ ଜାନୁୟାରୀରୁ ପାର୍ଟନର ହୋଇ ଖେଳୁଛନ୍ତି। ରବିବାର ଲକ୍ଷ୍ନୌଠାରେ ଉଦ୍‌ଯାପିତ ସୟଦ ମୋଦି ଇଣ୍ଟରନ୍ୟାଶନାଲ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ସେମାନେ ରନର୍ସଅପ୍ ହୋଇଥିଲେ।

# ସେମିଫାଇନାଲରେ ଏଜି ରିକ୍ରିଏଶନ କ୍ଲବ

**ଭୁବନେଶ୍ୱର 'ଏ' ଡିଭିଜନ ଫୁଟ୍‌ବଲ ଲିଗ୍**



ଅର୍ପଣ ଲାକ୍ରା ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୫।୧୨ (ତପନ ସ୍ୱାଇଁ)

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା 'ଗତିକୃଷ୍ଣ ପଣ୍ଡା ମେମୋରିଆଲ' ଭୁବନେଶ୍ୱର 'ଏ' ଡିଭିଜନ ଫୁଟବଲ ଲିଗ୍‌ରେ ମଙ୍ଗଳବାର ଏଜି ରିକ୍ରିଏଶନ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୪-୧ ଗୋଲରେ ଘାଟିକିଆର ବଜରଙ୍ଗ କ୍ଲବକୁ ହରାଇ ଦେଇଛି। ଏଜି ଦଳର ଅର୍ପଣ ଲାକ୍ରା ମ୍ୟାଚର ୫ମ ଓ ୨୧ତମ ମିନିଟରେ ୨ଟି ଗୋଲ ଦେଇଥିବାବେଳେ ୨୬ତମ ମିନିଟରେ ଘାଟିକିଆର ତୋଫାନ ନାୟକ ଗୋଟିଏ ଗୋଲ ପରିଶୋଧ କରିଥିଲେ। ମଧ୍ୟାନ୍ତର ସୁଦ୍ଧା ଏଜି ଦଳ ୨-୧ ଗୋଲରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଏଜି ରିକ୍ରିଏଶନ କ୍ଲବ ପ୍ରଭାବ ବିସ୍ତାର କରି ଖେଳିଥିଲା। ଦଳ ପକ୍ଷରୁ ରାଜେନ୍ଦ୍ର ହେମ୍ବ୍ରମ ୬୪ତମ ମିନିଟରେ ଏକ ଗୋଲ ଦେଇଥିବାବେଳେ ୭୦ତମ ମିନିଟରେ ଅର୍ପଣ ବ୍ୟକ୍ତିଗତ ତୃତୀୟ ଗୋଲ ସ୍କୋର କରି ହ୍ୟାଟ୍ରିକ ଅର୍ଜନ କରିଥିଲେ। ଫଳରେ ଅର୍ପଣଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜକ ଆସୋସିଏଶନର ହକି ସମ୍ପାଦକ ଅଶୋକ ପଟ୍ଟନାୟକ ପୁରସ୍କାର ଦେଇଥିଲେ। ରେଫରି ପ୍ରଦୀପ୍ତ ନାୟକ ମ୍ୟାଚ ପରିଚାଳନା କରିଥିଲେ। ସୁଶାନ୍ତ ମିଶ୍ର ଓ ଏମ୍.ଏସ୍. ବେଗ୍ ତାଙ୍କୁ ସହାୟତା କରିଥିବାବେଳେ ଚତୁର୍ଥ ରେଫରି ଦାୟିତ୍ୱ ନିର୍ବାହ କରିଥିଲେ ମ୍ୟାଚ କମିଶନର ସୁଜିତ କୁମାର ପାତ୍ର। ବୁଧବାର କ୍ଲବ-୭୩ ଓ କିଶୋର କ୍ଲବ ମଧ୍ୟରେ ଅପରାହ୍ନ ୩ଟାରେ ମ୍ୟାଚ ଅନୁଷ୍ଠିତ ହେବ।

# ଗୁଜରାଟ ଜାଏଣ୍ଟ୍ସର ସଂଘର୍ଷପୂର୍ଣ୍ଣ ବିଜୟ

ଅହମଦାବାଦ, ୫।୧୨ (ପି.ଟି.)

ପ୍ରୋ କବାଡି ଲିଗ୍‌ରେ ଗୁଜରାଟ ଜାଏଣ୍ଟ୍ସ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ୟୁ ମୁମ୍ବାକୁ ହରାଇଛି। ସୋନୁ ଜଗଲାନ୍‌ଙ୍କ ଅନ୍ତିମ ମିନିଟ୍ ସୁପର ରେଡ୍ ବଳରେ ଗୁଜରାଟ ୩୯-୩୭ରେ ଏହି ମ୍ୟାଚକୁ ଜିତି ନେଇଥିଲା। ଅଧିନାୟକ ଫଜଲ ଅତ୍ରାଚାଲିଙ୍କ ୧୦୦ତମ ମ୍ୟାଚ୍‌କୁ ଜିତିବା ସହିତ ଗୁଜରାଟ ଏହାକୁ ଆହୁରି ସ୍ୱତନ୍ତ୍ର କରିଛି। ମ୍ୟାଚର ପଞ୍ଚମ ମିନିଟ ସୁଦ୍ଧା ୟୁ ମୁମ୍ବା ୭-୫ରେ ଆଗୁଆ ରହିଥିଲା। ତେବେ ଅଧିନାୟକ ଫଜଲ, ରୋହିତ ଓ ସୋନୁଙ୍କ ପ୍ରଦର୍ଶନ ବଳରେ ଗୁଜରାଟ ବିଜୟୀ ହୋଇଥିଲା।

ପ୍ରଥମ ହାଫ୍‌ରେ ମୁମ୍ବାଇ ୧୬-୧୮ରେ ଆଗୁଆ ରହିଥିଲା। ତେବେ ଏକ ଅଲଆଉଟର ସମ୍ମୁଖୀନ ହେବା ସହିତ ମୁମ୍ବାଇ ପଛରେ ପଡି ଯାଇଥିଲା। ଗୁଜରାଟ ୩୦-୨୨ରେ ଆଗୁଆ ରହିଥିବା ବେଳେ ମୁମ୍ବାଇ ମ୍ୟାଚ୍‌କୁ ନିଜ ପକ୍ଷକୁ ଆଣିଥିଲା। ଲଗାତାର ୧୨ ପଏଣ୍ଟ ସ୍କୋର କରି ମୁମ୍ବାଇ ବିଜୟର ନିକଟବର୍ତ୍ତୀ ହୋଇଥିଲା। ମ୍ୟାଚ ଶେଷ ହେବାକୁ ୩୧ ସେକେଣ୍ଡ ସମୟ ବାକି ଥିବା ବେଳେ ଉଭୟ ଦଳର ସ୍କୋର ୩୬-୩୬ ରହିଥିଲା। ଏହି ସମୟରେ ସୋନୁ ଏକ ସୁପର ରେଡ୍ ସହ ୩ ପଏଣ୍ଟ ହାସଲ କରି ଦଳକୁ ବିଜୟୀ କରିଥିଲେ। ଏହି ବିଜୟ ସହ ୩ ମ୍ୟାଚ୍‌ରୁ ୧୫ ପଏଣ୍ଟ ପାଇ ଗୁଜରାଟ ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନରେ ରହିଛି।



ଗୁଜରାଟ ଜାଏଣ୍ଟସ ଓ ୟୁ ମୁମ୍ବା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# କଦଳୀ ଗଛରେ ରୋଗ ପୋକ ନିୟନ୍ତ୍ରଣ



**କ**ଦଳୀ ଗଛରେ କବକଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ଲାଗି ଆକ୍ରାନ୍ତ ଗଛକୁ ଉପାଡ଼ି ପୋଡ଼ିଦିଅନ୍ତୁ। ଆଉ ମୂଳରେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ପ୍ରତି ଗଛମୂଳରେ ୫ଗ୍ରାମ୍ କାର୍ବେଣ୍ଡାଜିମ୍ ପୁଡ଼ିଆ କରି ରଖି ଦିଅନ୍ତୁ। ପତ୍ରଦାଗ ରୋଗର ଦମନ ଲାଗି ପ୍ରତି ଲିଟର ପାଣିରେ ୧ ମିଲି ହିସାବରେ ପ୍ରୋପିକୋନାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ। କଦଳୀରେ ଜଉପୋକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ପତ୍ରକୋଣକୁ ଦେଖାଇ ସିଞ୍ଚନ କରନ୍ତୁ। ସୂତ୍ରଜୀବ ଦ୍ୱାରା ଆକ୍ରାନ୍ତ କଦଳୀଗଛ ଛୋଟ ହେବା ସହିତ ପତ୍ର ସଂଖ୍ୟା ବି କମି ଯାଇଥାଏ। ଏହାର ଦମନ ପାଇଁ ପ୍ରତି ଗଛ ମୂଳରେ ୩୦ଗ୍ରାମ କାର୍ବୋଫୁରାନ୍ କିମ୍ବା ୫୦୦ ଗ୍ରାମ୍ ନିମ୍ବ ପିଡିଆ ପ୍ରୟୋଗ କରନ୍ତୁ।

# ଗହମରେ କାଳିଗୁଣ୍ଡି ପୋକ ପରିଚାଳନା



**ଗ**ହମ ଫସଲରେ କାଳିଗୁଣ୍ଡି ରୋଗ ହୋଇଥିଲେ, ଏହାର ଦମନ ସକାଶେ ଆକ୍ରାନ୍ତ ଗଛଗୁଡ଼ିକୁ ମାଟିରେ ପୋତି ଦିଅନ୍ତୁ କିମ୍ବା ପୋଡ଼ି ଦିଅନ୍ତୁ ଏବଂ ଏକର ପ୍ରତି ୨୦୦ଗ୍ରାମ୍ କାର୍ବେଣ୍ଡାଜିମ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ଲଗାଯାଇଥିବା ଫସଲରେ ଶସ୍ୟତ୍ୟାଗ ରୋଗ ଲାଗିବା ଆଶଙ୍କା ଅଛି। ଏହାର ଦମନ ପାଇଁ ଏକର ପ୍ରତି ୬୦୦ଗ୍ରାମ୍ ମାଙ୍କୋଜେବ୍ ୨୦୦ଲିଟର ପାଣିରେ ସିଞ୍ଚନ କରନ୍ତୁ। ବର୍ଷା ନ ଥିଲେ ଫସଲରେ ଜଳସେଚନର ଆବଶ୍ୟକତା ବଢ଼ିଯାଇଥାଏ, ଫୁଲ ଓ କ୍ଷୀର ଢୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ।

# ମାଛଚାଷରେ କବାଚିଜନିତ ରୋଗ



**ପ୍ରା**ଣିଜଗତରେ ରହୁଥିବା ସନ୍ଧିପଦ ପ୍ରାଣୀ ଅନ୍ତର୍ଭୁକ୍ତ କବାଚିମାନେ ମାଛଚାଷରେ ଅନେକ ରୋଗ ସୃଷ୍ଟି କରନ୍ତି। ଏହି କବାଚିମାନେ ମାଛ ଦେହରେ ପରଜୀବୀ ଭାବରେ ରୁହନ୍ତି ଏବଂ ରୋଗ ସୃଷ୍ଟି କରନ୍ତି। ସେହି ରୋଗ ମଧ୍ୟରୁ କେତୋଟି ପ୍ରମୁଖ ରୋଗ ବିଷୟରେ ନିମ୍ନରେ ଆଲୋଚନା କରାଯାଉଛି।

**ଲଙ୍ଗର କୀଟ ରୋଗ :** ଲେରନିଆ ନାମକ କୀଟଟି କପେପୋଡ଼ା ଶ୍ରେଣୀୟ ଏକ କବାଚ । ଏହାର ମୁଣ୍ଡଟି ଲଙ୍ଗର ପରି ଦୃଶ୍ୟମାନ ହେଉଥିବାରୁ ଏହାକୁ ଲଙ୍ଗର କୀଟ ରୋଗ କୁହାଯାଏ।

**ଲକ୍ଷଣ :** ଏହି କୀଟମାନେ ମାଛର ପକ୍ଷ ଓ ଚମଡ଼ା ଓ ଗାଲିସିକୁ ଆକ୍ରମଣ କରିଥାନ୍ତି। ଏହାଦ୍ୱାରା ମାଛମାନଙ୍କର ଶରୀରରେ ଛୋଟ ଛୋଟ କ୍ଷତ ସୃଷ୍ଟି ହୋଇଥାଏ। ପରବର୍ତ୍ତୀ ସମୟରେ ଏହା ଅନ୍ୟାନ୍ୟ ପରଜୀବୀମାନଙ୍କ ଆକ୍ରମଣ ପାଇଁ ସୁଯୋଗ ସୃଷ୍ଟିକରେ। ଲଙ୍ଗର କୀଟ ଦ୍ୱାରା ଆକ୍ରାନ୍ତ ମାଛଗୁଡ଼ିକ ପାଣିରେ ଇତସ୍ତତଃ ଭାବରେ ପହଁରନ୍ତି। ଖାଦ୍ୟ ନ ପାଇ ଦୁର୍ବଳ ଦେଖାଯାଆନ୍ତି। ଅଧିକ ଆକ୍ରାନ୍ତ ହୋଇଥିବା ମାଛଗୁଡ଼ିକ ନିଜର ପେଟକୁ ଉପରକୁ କରି ପାଣିରେ ଭାସନ୍ତି।

**ଚିକିତ୍ସା :** ମାଛମାନଙ୍କୁ ଏକ ପ୍ରତିଶତ ଟ୍ରାଇକ୍ଲୋର ଫାନ୍ ଦ୍ରବଣରେ ୨-୩ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖିବାକୁ ହୁଏ। ଏଭଳି ଚିକିତ୍ସା ପ୍ରତି ୫ଦିନ ଅନ୍ତରରେ ଅନ୍ୟୁନ ୪ ଥର ପର୍ଯ୍ୟନ୍ତ କରିବାକୁ ପଡ଼ିଥାଏ। ଏହା ବଦଳରେ ଡିପ୍‌ଟେକ୍ସ ଲୁଣ, ଫର୍ମାଲିନ୍ କିମ୍ବା ପୋଟାସିୟମ ପର୍ମାନେଓ୍ୱ ଦ୍ରବଣରେ ଭିନ୍ନ ଭିନ୍ନ ମାତ୍ରାରେ ମାଛକୁ ବୁଡାଇ ଚିକିତ୍ସା ମଧ୍ୟ କରାଯାଇପାରିବ।

> "ଆରଗୁଲସ ନାମକ କୀଟଟି ବ୍ରାଙ୍କିଭରାଶ୍ରେଣୀୟ କବାଚି । ଏମାନେ ମାଛର ଚମଡ଼ାରେ ଉକୁଣି ଲାଗିଲା ପରି ଲାଖି ରହନ୍ତି। ତେଣୁ ଏହି ରୋଗକୁ ମାଛ ଉକୁଣି ରୋଗ ବୋଲି କୁହାଯାଏ। ସାଧାରଣତଃ ପ୍ରଜନନକ୍ଷମ ଅଣ୍ଡିରା ଓ ମାଈ ମାଛମାନଙ୍କଠାରେ ଏମାନେ ଅଧିକ ପରିମାଣରେ ଲାଖି ରହିଥିବାର ଦେଖାଯାଏ। ଏମାନେ ଛୋଟ ଛୋଟ ଧଳାରଙ୍ଗର ତଥା ଖାଲି ଆଖିରେ ଦେଖାଯାଉଥିବା ଉକୁଣି ପରି ।"

**ମାଛ ଉକୁଣି ରୋଗ :** ଆରଗୁଲସ ନାମକ କୀଟଟି ବ୍ରାଙ୍କିଭରାଶ୍ରେଣୀୟ କବାଚି । ଏମାନେ ମାଛର ଚମଡ଼ାରେ ଉକୁଣି ଲାଗିଲା ପରି ଲାଖି ରହନ୍ତି। ତେଣୁ ଏହି ରୋଗକୁ ମାଛ ଉକୁଣି ରୋଗ ବୋଲି କୁହାଯାଏ। ସାଧାରଣତଃ ପ୍ରଜନନକ୍ଷମ ଅଣ୍ଡିରା ଓ ମାଈ ମାଛମାନଙ୍କଠାରେ ଏମାନେ ଅଧିକ ପରିମାଣରେ ଲାଖି ରହିଥିବାର ଦେଖାଯାଏ। ଏମାନେ ଛୋଟ ଛୋଟ ଧଳାରଙ୍ଗର ତଥା ଖାଲି ଆଖିରେ ଦେଖାଯାଉଥିବା ଉକୁଣି ପରି ।

**ଲକ୍ଷଣ :** ଏହି ଉକୁଣିଗୁଡ଼ିକ ମାଛ ଚମଡ଼ାରେ ଲାଖି ରହି ମାଛ ଦେହରୁ ରକ୍ତ ଶୋଷି ନିଅନ୍ତି। ଏହା ଫଳରେ ଚମଡ଼ାରେ ଛୋଟ ଛୋଟ କ୍ଷତ ସୃଷ୍ଟି ହୋଇଥାଏ। ଏହାର ପର ମୁହୂର୍ତ୍ତରେ ଅନ୍ୟାନ୍ୟ ପରଜୀବୀମାନଙ୍କ ଆକ୍ରମଣ ପାଇଁ ସୁଯୋଗ ସୃଷ୍ଟି କରେ। ଉକୁଣି ଲାଗିଥିବା ମାଛମାନେ ପାଣିରେ ବାଡ଼େଇ ଛାଟି ହୁଅନ୍ତି। ପୋଖରୀରେ ଥିବା କୌଣସି ଶକ୍ତ ବସ୍ତୁ କିମ୍ବା ପୋଖରୀ କଡ଼ରେ ଥିବା ବସ୍ତୁ ଆଡ଼କୁ ଆସି ସେଥିରେ ଘସି ହୁଅନ୍ତି। ଫଳରେ ମାଛଙ୍କ ଶରୀରରୁ ଚମଡ଼ା ବାହାରି ଅନ୍ୟାନ୍ୟ ରୋଗ ପାଇଁ ସୁଯୋଗ ସୃଷ୍ଟି ହୋଇଥାଏ।

**ଚିକିତ୍ସା :** ଏଭଳି ରୋଗରେ ଆକ୍ରାନ୍ତ ମାଛମାନଙ୍କୁ ଲିଟର ପିଛା ୧୦ ମି.ଗ୍ରା.ର ପୋଟାସିୟମ ପରମାଙ୍ଗାନେଟ୍ ଦ୍ରବଣରେ ୩୦ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖିବାକୁ ହୁଏ। ଏହାବ୍ୟତୀତ ଲିଟର ପିଛା ୫ ମି.ଗ୍ରା.ର ଟ୍ରାଇକ୍ଲୋରୋଫାନ୍ ଦ୍ରବଣରେ ୩୦ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖିଲେ ଏହି ଉକୁଣିଗୁଡ଼ିକ ଛାଡ଼ିଯାଆନ୍ତି। ଏହାବ୍ୟତୀତ ସାଇପରମେଥ୍ରିନ, ଡେଲ୍‌ଟ୍ରାମେଥ୍ରିନ ଏବଂ ବ୍ୟୁଟେକ୍ସ ଭଳି କେତେକ ଔଷଧ ବ୍ୟବହାର କରାଯାଏ।

**ଗାଲିସି କୀଟ ରୋଗ :** ଏହି କୀଟ ମାଛର ଗାଲିସିକୁ ଆକ୍ରମଣ କରୁଥିବାରୁ ଏମାନଙ୍କୁ ଗାଲିସି କୀଟ କୁହାଯାଏ।

**ଲକ୍ଷଣ :** ଏହି କୀଟର ଆକ୍ରମଣରେ ଗାଲିସିରୁ ପ୍ରଚୁର ପରିମାଣର ଲାଳ ବାହାରେ। ଗାଲିସି ପଟଳଗୁଡ଼ିକ ପରସ୍ପର ସହ ଲାଗିଯାଆନ୍ତି। ଫଳରେ ମାଛର ନିଃଶ୍ୱାସ ପ୍ରଶ୍ୱାସ ନେବାରେ ବାଧା ସୃଷ୍ଟି ହୋଇଥାଏ। ତେଣୁ ମାଛମାନେ ପାଣି ଉପରକୁ ମୁଣ୍ଡ ବାହାର କରି ପାଟି ପାକୁ ପାକୁ କରିବାର ଦେଖାଯାଏ।

**ଚିକିତ୍ସା :** ଏହି ରୋଗରେ ଆକ୍ରାନ୍ତ ମାଛମାନଙ୍କୁ ଲିଟର ପିଛା ୫ ମି.ଗ୍ରା. ହିସାବରେ ଟ୍ରାଇକ୍ଲୋରୋଫାନ୍ ଦ୍ରବଣରେ ୧୦ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖାଯାଏ।

**ମନେରଖନ୍ତୁ**

- ପୋଖରୀ ଭିତରକୁ ଗେଣ୍ଡା, ଚଢ଼େଇ ଓ କପୋତମାନର ପ୍ରବେଶକୁ ରୋକାଯିବା ଉଚିତ। ଏହାଦ୍ୱାରା ପରଜୀବୀମାନଙ୍କ ଜୀବନଚକ୍ରକୁ ଭଙ୍ଗାଯାଇପାରିବ।
- ଯେପର୍ଯ୍ୟନ୍ତ ପରଜୀବୀମାନେ ସମ୍ପୂର୍ଣ୍ଣ ମରିନାହାନ୍ତି କିମ୍ବା ମାଛ ଦେହରୁ ବାହାରି ଯାଇନାହାନ୍ତି ସେ ପର୍ଯ୍ୟନ୍ତ ରୋଗାକ୍ରାନ୍ତ ମାଛମାନଙ୍କୁ ନିରବଚ୍ଛିନ୍ନ ଭାବରେ ତର୍ଜମା କରିବା ଉଚିତ।
- ମାଛ ପୋଖରୀରେ ଯାଆଁଳମାନଙ୍କର ସ୍ୱତନ୍ତ୍ର ଯତ୍ନ ନେବା ଆବଶ୍ୟକ।
- ମାଛଚାଷରେ ବ୍ୟବହୃତ ପାଣିକୁ ଛାଣିକରି ସେଥିରୁ ପରଜୀବୀମାନଙ୍କୁ ଦୂରେଇ ରଖାଯିବା ଉଚିତ।
- ମାଛଚାଷରେ ଦେଖାଯାଉଥିବା ବିଭିନ୍ନ ପରଜୀବୀଜନିତ ରୋଗର ଲକ୍ଷଣକୁ ଅନୁଧ୍ୟାନକରି ଉପଯୁକ୍ତ ପ୍ରତିଷେଧକ ଓ ଚିକିତ୍ସା କରିବା ଦରକାର।
- ପୋଖରୀରୁ ପରଜୀବୀମାନଙ୍କର ସଂକ୍ରମଣ ଯୋଗ୍ୟ ଅବସ୍ଥାକୁ ସମ୍ପୂର୍ଣ୍ଣ ମାରି ଦେଲେ ରୋଗ ହେବା ଆଶଙ୍କା କମିଯାଏ।

**ଦିଲୀପ କୁମାର ସାହୁ**
ବହୁବୃତ୍ତି କୃଷି ବୈଷୟିକ କେନ୍ଦ୍ର (ମତ୍ସ୍ୟ ବିଜ୍ଞାନ), ଓୟୁଏଟି, ରଙ୍ଗେଇଲୁଣ୍ଡା, ବ୍ରହ୍ମପୁର-୭

**ଡା. ମାନସ ରଞ୍ଜନ ପଟ୍ଟନାୟକ,**
ପ୍ରିନ୍ସିପାଲ, ବହୁବୃତ୍ତି କୃଷି ବୈଷୟିକ କେନ୍ଦ୍ର (ମତ୍ସ୍ୟ ବିଜ୍ଞାନ), ଓୟୁଏଟି, ରଙ୍ଗେଇଲୁଣ୍ଡା, ବ୍ରହ୍ମପୁର-୭

## ଅଳ୍ପରେ...

### କପା



**ବ**କରା ଫାଟିବାର ୪୦ଦିନ ମଧ୍ୟରେ ୪ରୁ ୫ ଥର ଅମଳ କରନ୍ତୁ । କାକର ପଡୁଥିଲେ ଦିନ ୧୦ଟା ପରେ ଅମଳ କରନ୍ତୁ । ଅମଳକରି ପ୍ରଥମ ତୋଳା, ପରବର୍ତ୍ତୀ ତୋଳା ଗୁଡ଼ିକୁ ଅଲଗା ଅଲଗା ଶୁଖାଇ ବସ୍ତାରେ ରଖନ୍ତୁ ।

### ପିଆଜ ଚାଷ



**ପି**ଆଜ ତଳିଗୁଡ଼ିକ ୧୨-୧୫ ସେ.ମି. ଉଚ୍ଚ ହୋଇଗଲେ ସେଗୁଡ଼ିକ ଉପରବେଳା ଉପାଡ଼ି ଲଗାନ୍ତୁ । ତଳି ରୋଇବାର ୨ଦିନ ଆଗରୁ ହେକ୍ଟର ପ୍ରତି ୬୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ଫସ୍‌ଫରସ୍ ଓ ୧୦୦ କି.ଗ୍ରା. ପଟାସ୍ ମୂଳସାର ଭାବେ ପ୍ରୟୋଗକରି ପଟାଳି ପ୍ରସ୍ତୁତ କରନ୍ତୁ । ଉକୁଣି ପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍‌ପି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

### ଫଳଚାଷ



**ଆ**ମ୍ବବଉଳର ସୁରକ୍ଷା ପାଇଁ ବଉଳ ଆସିବାର ୭ରୁ ୧୫ଦିନ ପୂର୍ବରୁ ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍‌କୁ ୧ ଲିଟର ପାଣିରେ ଗୋଳାଇ ପତ୍ର ଓ ଡାଳରେ ଭଲଭାବେ ସିଞ୍ଚନ କରନ୍ତୁ। ବଉଳ ହେବାର ୭ ଦିନ ପରେ ଓ ଆମ୍ବଚଣା କଷି ଅବସ୍ଥାରେ ଏହାକୁ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ଆଉ ଥରେ ସିଞ୍ଚନ କରନ୍ତୁ । ଅଷ୍ଟପଦୀରୁ ରକ୍ଷା ପାଇବା ପାଇଁ ୧ ମି.ଲି. ସ୍ପିରୋମେସିଫେନ୍ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

### ପନିପରିବା ସମ୍ପର୍କରେ

**କୋ**ବିଜାତୀୟ ଫସଲରେ ଜଉପୋକ, ଠିକିରି ପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବା ଆଶଙ୍କା ଅଛି। ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମିଲି ଏଣ୍ଡୋସଲଫାନ୍ କିମ୍ବା ୫୦୦ ମିଲି ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଅଲଟର୍‌ନାରିଆ ଜନିତ ପତ୍ରପୋଡ଼ା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଲଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ। ଛୁଇଁଜାତୀୟ ପନିପରିବାରେ ଜଉ ପୋକ ଦମନ ପାଇଁ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ।

# ଆଖୁରେ ଶର୍କରା ଅଂଶ ପରୀକ୍ଷା



**ଆ**ଖୁରେ ଶର୍କରା ଅଂଶ ପରୀକ୍ଷା କରିବା ଲାଗି ହାତ ବ୍ରିକ୍ସ ମିଟର ବ୍ୟବହାର କରନ୍ତୁ। ଏହି ବ୍ରିକ୍ସ ମୂଲ୍ୟାଙ୍କ ୧୮ରୁ ଅଧିକ ରହୁଥିଲେ ଆଖୁ କାଟିବାର ଉପଯୁକ୍ତ ସମୟ ହୋଇଯାଇଥାଏ। ତେଣୁ ଏହି ସମୟରେ ହିଁ ଆଖୁ କାଟିବା ଉଚିତ । ଆଖୁ ଗଛକୁ ଏକ ଧାରୁଆ କଟୁରିରେ ଭୂମି ପତ୍ତନ ସହ ସମାନକରି କାଟି ଦିଅନ୍ତୁ । ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ । ଜମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ । ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗିଦିଅନ୍ତୁ । ଏହା ଫଳରେ ପୁରୁଣା ଚେର ନଷ୍ଟହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖି ଯାଇଥିଲେ ଜଳସେଚନକରି ହୁଡ଼ା ଭାଙ୍ଗନ୍ତୁ । ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବରଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍‌ସାର ପ୍ରୟୋଗ କରନ୍ତୁ । ଧାଡ଼ିମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ । ଏଥିପାଇଁ ଆଖୁ କାଟିବା ବେଳେ ଆଖୁ ଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉଠାରନ୍ତୁ । ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୭୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ୍ (୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ପଶୁପାଳନ



ଶୀତଦିନରେ ଗାଈମାନଙ୍କଠାରେ ଭୂତାଣୁଜନିତ ଫାଟୁଆ ରୋଗ ଅଧିକ ଦେଖାଯାଇଥାଏ । ତେଣୁ ଫାଟୁଆ ରୋଗର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଏହି ମାସରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରି ଟିକା ଦିଅନ୍ତୁ । ଗାଈ, ଛେଳି, ମେଣ୍ଢା, କୁକୁଡ଼ା ଥିବା ଘରର ଜାଲି କିମ୍ବା ଝରକାରେ ବସ୍ତା ଝୁଲାଇଲେ ରାତିରେ ସେମାନଙ୍କୁ ଅଧିକ ଶୀତ ହେବନାହିଁ ଓ ସେମାନେ ନିମୋନିଆ ଆଦି ରୋଗରୁ ରକ୍ଷାପାଇବେ । ଛେଳି ଥିବା ଘରେ ତଳେ ଭାଡ଼ି ବା ବାଉଁଶ ଚାଅଁଡ଼ାର ବନ୍ଦୋବସ୍ତ କଲେ ଛେଳିମାନଙ୍କୁ ଥଣ୍ଡା ଓ ନିମୋନିଆରୁ ରକ୍ଷା ମିଳିପାରିବ। ଜଳସେଚନ ସୁବିଧା ଥିବା ଅଞ୍ଚଳରେ ଓ ଅଧିକ ଥଣ୍ଡା ପଡୁଥିବା ଅଞ୍ଚଳରେ ଏହି ମାସ ବରସିମ୍ ଏବଂ ଓଟ୍ ଘାସ ଚାଷ କରନ୍ତୁ ।

# କାଦୁଅ ତଳିପଟି ପ୍ରସ୍ତୁତି

**ଡା**ଲୁଅ ଧାନ ଲାଗି କାଦୁଆ ତଳି ପଟି ପ୍ରସ୍ତୁତ କରିବା ଲାଗି ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦିଅନ୍ତୁ। ପ୍ରଥମେ ଡାଲୁଅ ବିହନକୁ ୨୪ ଘଣ୍ଟା ପାଣିରେ ଭିଜାଇ ରଖନ୍ତୁ। ବିହନ ଗଜାକରି ଗାଲି ଫିଟିବା ପରେ କାଦୁଅ ତଳିପଟିରେ ବୁଣନ୍ତୁ । ତଳିପଟିର ଓସାର ୩-୪ ଫୁଟ ରଖନ୍ତୁ। ପ୍ରତି ପଟି ପରେ ୧ଫୁଟ ନାଳି ରଖନ୍ତୁ। ତଳିଘରା ପାଇଁ ୧୦ ଡେସିମିଲି ତଳିପଟିରେ ୪୦ ଝୁଡ଼ି ଶଢ଼ା ଗୋବରଖତ, ୧୨ କି.ଗ୍ରା. ସିଙ୍ଗିଲ ସୁପର ଫସ୍‌ଫେଟ୍ ଓ ୨ କି.ଗ୍ରା. ମ୍ୟୁରେଟ ଅଫ୍ ପଟାସ ସାର ଶେଷଓଡ଼ ଚାଷ ସମୟରେ ମାଟିରେ ମିଶାଇ ଦିଅନ୍ତୁ । ବିହନରୁ କଣ୍ଢା ଓ ଅଗାଡ଼ି ବାହାରକରିବା ପାଇଁ ଲୁଣପାଣି ଉପଚାର କରନ୍ତୁ । ଡାଲୁଅ ଧାନର ସହଳ କିସମ ମଧ୍ୟରେ ରହିଛି ପାରିଜାତ, ଖଣ୍ଡଗିରି, ଯୋଗେଶ, ସିଦ୍ଧାନ୍ତ, ମନ୍ଦାକିନୀ, ପଥରା, ଜ୍ୟୋତିର୍ମୟୀ। ମଧ୍ୟମ କିସମଗୁଡ଼ିକ ହେଲା ଲଲାଟ, ତପସ୍ୱିନୀ, ତେଜସ୍ୱିନୀ, ମନସ୍ୱିନୀ, ନବୀନ, ଏସ୍‌ଟିୟୁ-୧୦୦୧। ଏହି ମାସ ଶେଷସୁଦ୍ଧା ଡାଲୁଆ ଧାନ ପାଇଁ ତଳି ପକାଇବା କାମ ଶେଷ କରନ୍ତୁ । ତଳି ପକାଇବା ପାଇଁ ସଅଳ ଓ ମଧ୍ୟମ କିସମ ବିହନ ବ୍ୟବହାର କରନ୍ତୁ । ବିହନ ବିଶୋଧନ ପାଇଁ ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ୧ କି.ଗ୍ରା. ବିହନ ପ୍ରତି ବ୍ୟବହାର କରନ୍ତୁ। ଅନ୍ୟପକ୍ଷରେ ଧାନ କାଟିବାର ୧ ସପ୍ତାହ ପୂର୍ବରୁ କିଆରିରୁ ଜଳ ନିଷ୍କାସନ କରିଦିଅନ୍ତୁ । ଧାନରେ କେଣ୍ଡାକଟା ପୋକ ଦେଖାଦେଲେ ଅପରାହ୍ନରେ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫% ଏସ୍.ସି. କିମ୍ବା ୧ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଭାଗ ସେଚଗୁଣ୍ଡ ସିଞ୍ଚନ କରନ୍ତୁ ଓ ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ସନ୍ଧ୍ୟାରେ ହୁଡ଼ା ଉପରେ ସିଞ୍ଚନ କରନ୍ତୁ ।



# ପୋଡୁଆଁ ହେଲେ ୯୦ ବର୍ଷୀୟ ବୃଦ୍ଧ

## ପ୍ରତିବର୍ଷ ପରି ମାମୁ ଘରୁ ଆସିଲା ନୂଆ ବସ୍ତ୍ର



କୁଷିଆ ଗ୍ରାମର ବୈଦ୍ୟଭୂଷଣ କବିରାଜ ସଦାଶିବ ରାଉଳଙ୍କୁ ପୋଡୁଆଁ କରାଯାଉଛି।

କାମାକ୍ଷାନଗର,୫।୧୨
(ଅମଜାଦ ଖାନ)

ବୟସ ୯୦ ଛୁଇଁଲାଣି। ନାତି, ଅଣନାତି ଦେଖିଲେଣି। ତଥାପି ପ୍ରଥମାଷ୍ଟମୀରେ ଘରର ବଡ଼ ହିସାବରେ ସେ ହୋଇଛନ୍ତି ପୋଡୁଆଁ। ପ୍ରତିବର୍ଷ ପରି ଚଳିତବର୍ଷ ମଧ ମାମୁ ଘରୁ ଆସିଥିଲା ତାଙ୍କ ପାଇଁ ନୂଆ ବସ୍ତ୍ର। ମଙ୍ଗଳବାର ଉକ୍ତ ନୂଆ ବସ୍ତ୍ର ପିନ୍ଧି ସେ ହୋଇଥିଲେ ପୋଡୁଆଁ। ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ଏପରି ଏକ ବିରଳ ଝଲକ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବାଉଁସପାଳ ପଞ୍ଚାୟତ କୁଷିଆ ଗ୍ରାମରେ। ପୋଡୁଆଁ ହୋଇଥିବା ଏହି ବରିଷ୍ଠ ନାଗରିକ ହେଉଛନ୍ତି କୁଷିଆ ଗ୍ରାମର ବୈଦ୍ୟଭୂଷଣ କବିରାଜ ସଦାଶିବ ରାଉଳ। ପରିବାରର ସବୁଠାରୁ ବରିଷ୍ଠ ସଦସ୍ୟ ହୋଇଥିବାରୁ ସଦାଶିବଙ୍କୁ ପୋଡୁଆଁ କରାଯାଇଥିଲା। ବୋହୂ, ନାତୁଣୀ, ନାତି ଓ ଅଣ ନାତୁଣୀନାତିମାନେ ଏକାଠି ହୋଇ ସଦାଶିବଙ୍କୁ ମାମୁ ଘରୁ ଆସିଥିବା ନୂଆ ପୋଷାକ ପିନ୍ଧାଇଥିଲେ। ଏହାପରେ ବନ୍ଦାପନା ସହ ପୂଜା କରିଥିଲେ। ପରେ ଏଣ୍ଡୁରି ପିଠା ଖୁଆଇ ତାଙ୍କ ଆଶୀର୍ବାଦ ନେଇଥିଲେ। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ପୋଡୁଆଁ ହେଲେ ବଡ଼ଠାକୁର

## ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ ନୀତି

ପୁରୀ, ୫।୧୨(ଅଜିତ ମହାନ୍ତି)

ମାର୍ଗଶିର ମାସ କୃଷ୍ଣପକ୍ଷ ଅଷ୍ଟମୀ ବା ପ୍ରଥମାଷ୍ଟମୀ ଅବସରରେ ଘରର ଜ୍ୟେଷ୍ଠଙ୍କୁ ପୋଡୁଆଁ କରାଯାଇ ବନ୍ଦାପନା କରାଯିବାର ପରମ୍ପରା ରହିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପ୍ରଥମାଷ୍ଟମୀରେ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଛି। ପରମ୍ପରା ଅନୁଯାୟୀ, ମହାପ୍ରଭୁଙ୍କ ଭୋଗମଣ୍ଡପ ସମ୍ପନ୍ନ ପରେ ବେଶ ମଇଲମ କରାଯାଇ ପାଣି ପଡ଼ିଥିଲା। ପରେ ପୂଜାପଣ୍ଡା ସାମନ୍ତ ଯାତ୍ରାଙ୍ଗୀ ମହାସ୍ନାନ ନୀତି ସମ୍ପନ୍ନ କରିଥିଲେ। ବଡ଼ଠାକୁର ପ୍ରଭୁ ବଳଭଦ୍ରଙ୍କ ସମେତ ତିନି ଠାକୁରଙ୍କୁ ନୂଆଲୁଗା ଲାଗି କରାଯାଇଥିଲା। ପୂଜାପଣ୍ଡା, ପତି ମହାପାତ୍ର ଏବଂ ମୁଦିରସ୍ତ ମହାପ୍ରଭୁଙ୍କୁ ଚନ୍ଦନ ଲାଗି ସର୍ବାଙ୍ଗ ନୀତି କରିଥିଲେ। ସେବକମାନେ ଶ୍ରୀବିଗ୍ରହମାନଙ୍କୁ ୬ ମୂର୍ତ୍ତି ଅଳଙ୍କାର ଲାଗିକରି ବେଶ କରିଥିଲେ। ଏହାପରେ ବନ୍ଦାପନା ବା ବରୁଣ ପୂଜା ଅନୁଷ୍ଠିତ ହୋଇଥିଲା। ମଧାହ୍ନ ଧୂପ ଉଠିବା ପରେ ତିନିବାଡ଼ରେ ମଙ୍ଗଳାର୍ପଣ ନୀତି ସମ୍ପନ୍ନ ହୋଇ ଫୁଲପୁରିଆ ଖଦି ଓ ଛେଦା ପ୍ରସାଦ ଲାଗି ହୋଇ ବନ୍ଦାପନା ନୀତି ସମାପନ କରାଯାଇଥିଲା। ଏହାପରେ ପୋଡୁଆଁ ନୀତି ସମ୍ପନ୍ନ ହୋଇଥିଲା। ସେହିପରି ପୁରୀ ସହରର ବିଭିନ୍ନ ପରିବାରରେ ଜ୍ୟେଷ୍ଠମାନଙ୍କୁ ପୋଡୁଆଁ କରାଯାଇଥିଲା। ଷଠିଦେବୀଙ୍କ ନିକଟରେ ଭୋଗ ଅର୍ପଣ କରାଯିବା ସହ ଘରର ଜ୍ୟେଷ୍ଠମାନେ ନୂଆ ପୋଷାକ ପିନ୍ଧି ପୋଡୁଆଁ ହୋଇଥିଲେ। ସେମାନଙ୍କୁ ବନ୍ଦାପନା କରାଯିବା ପରେ ପିଠା ଖାଇଥିଲେ।



























































See Career Appointment on every Wednesday & Saturday



# ଏକାକି ଦୌଡ଼ିଥିବା ସ୍ପ୍ରିଣ୍ଟର ଡୋପ୍ ଟେଷ୍ଟରେ ବିଫଳ

**ନୂଆଦିଲ୍ଲୀ, ୫।୧୨ (ପି.ଟି.)**

ସେପ୍ଟେମ୍ବରରେ ଅନୁଷ୍ଠିତ ଦିଲ୍ଲୀ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଏକାକୀ ୧୦୦ମିଟର ଦୌଡ଼ିଥିବା ସ୍ପ୍ରିଣ୍ଟର ଲଳିତ କୁମାର ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସିର ଅଫିସିଆଲମାନଙ୍କ ଉପସ୍ଥିତି ଯୋଗୁ ଅନ୍ୟ ୭ ପ୍ରତିଯୋଗୀ ରେସ୍‌ରୁ ଓହରିଯାଇଥିଲେ। ଖବର ଅନୁସାରେ ସେପ୍ଟେମ୍ବର ୨୬ରେ ଅନୁଷ୍ଠିତ ଏହି ରେସ୍ ପରେ କୁମାରଙ୍କଠାରୁ ମୂତ୍ର ନମୁନା ସଂଗ୍ରହ କରାଯାଇଥିଲା। ଏଥିରେ ନିଷିଦ୍ଧ ଷ୍ଟେରଏଡ୍‌ର ମାତ୍ରା ରହିଥିବାରୁ ଫଳାଫଳ ପଜିଟିଭ ଆସିଥିଲା। ଜବାହରଲାଲ ନେହେରୁ ଷ୍ଟାଡିୟମରେ ୮ଜଣ ଧାବକ ୧୦୦ ମିଟର ଫାଇନାଲକୁ ଉନ୍ନୀତ ହୋଇଥିଲେ। ମାତ୍ର ମୂତ୍ର ନମୁନା ସଂଗ୍ରହ ପାଇଁ ପ୍ରତିଯୋଗିତାର ଭେନ୍ୟୁରେ ନାଡା'ର ଡୋପ୍ ଟେଷ୍ଟରମାନେ ଆସିଥିବା ଖବର ପାଇ ୭ଜଣ କୁଆଡେ ପଳାୟନ କରିଥିଲେ। ଦିଲ୍ଲୀ ରାଜ୍ୟ ଆଥଲେଟିକ୍ସ ଆସୋସିଏଶନ ସଭାପତି ସନ୍ଦି ଜୋଶୁଆ କହିଛନ୍ତି, ରେସ୍‌ରୁ ଅନ୍ୟ ୭ଜଣ ଧାବକ କିପରି ଓହରିଗଲେ ତାହାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଛି। ଏହି କମିଟି କିଛି ଦିନ ମଧ୍ୟରେ ଏହାର ରିପୋର୍ଟ ଉପସ୍ଥାପନ କରିବ। ଡୋପ୍ ଅପରାଧୀମାନଙ୍କୁ ନାଡା ଦଣ୍ଡ ବିଧାନ କରିବ। ରେସ୍ ଛାଡ଼ି ପଳାୟନ କରିଥିବା ୭ ଧାବକ ବିଶ୍ୱାସଯୋଗ୍ୟ ଯୁକ୍ତିଯୁକ୍ତ କାରଣ ଦର୍ଶାଇ ନ ପାରିଲେ ସେମାନଙ୍କୁ ୨ ବର୍ଷ ବାସନ୍ଦ କରିବା ଲାଗି ବିଚାର କରାଯାଉଛି। ଏହି ମାମଲାର ତଦନ୍ତ ପାଇଁ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ତରଫରୁ ମଧ୍ୟ ଏକ କମିଟି ଗଠନ କରାଯାଇଛି।

# ୬ ଦଳକୁ କ୍ୱାର୍ଟର ଫାଇନାଲ ଯୋଗ୍ୟତା

**ଅହମଦାବାଦ,୫।୧୨(ପି.ଟି.)**

ସର୍ବଭାରତୀୟ ବିଜୟ ହଜାରେ ଟ୍ରଫିର କ୍ୱାର୍ଟର ଫାଇନାଲ ପାଇଁ ୬ ଦଳ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ଦିଲ୍ଲୀ ପରି ଶକ୍ତିଶାଳୀ ଦଳ ବିଦା ହୋଇଥିବା ବେଳେ ହରିୟାଣା(୨୮ ପଏଣ୍ଟ), ରାଜସ୍ଥାନ(୨୪ ପଏଣ୍ଟ), କର୍ନାଟକ(୨୪ ପଏଣ୍ଟ), ବିଦର୍ଭ(୨୦ ପଏଣ୍ଟ), ମୁମ୍ବାଇ(୨୦ ପଏଣ୍ଟ) ଓ ତାମିଲନାଡୁ(୨୦ ପଏଣ୍ଟ) ଯୋଗ୍ୟତା ଅର୍ଜନ କରିଛନ୍ତି। ଗ୍ରୁପ୍ ସିରେ ସ୍ଥାନ ପାଇଥିବା ହରିୟାଣା ଏହାର ୭ ମ୍ୟାଚ୍‌ରୁ ୭ ବିଜୟ ହାସଲ କରିଛି। ଅନ୍ୟ ପକ୍ଷରେ ଅଧିକ ପଏଣ୍ଟ ହାସଲ କରିଥିବା ଅନ୍ୟ ୪ ଦଳ ପ୍ରି କ୍ୱାର୍ଟର ଖେଳିବେ। ବେଙ୍ଗଲ, ଗୁଜରାଟ, କେରଳ ଓ ମହାରାଷ୍ଟ୍ର ସମସ୍ତେ ୨୦ ପଏଣ୍ଟ ଲେଖାଏ ହାସଲ କରିଥିବା ବେଳେ ଏହା ମଧ୍ୟରୁ ଦୁଇଟି ଦଳ କ୍ୱାର୍ଟର ଫାଇନାଲ ଖେଳିବେ।







































# ମୁମ୍ବାଇକୁ ହରାଇଲା ଓଡ଼ିଶା

ଭୁବନେଶ୍ୱର, ୫।୧୨(ତପନ ସ୍ୱାଇଁ)

## ବିଜୟ ହଜାରେ ଟ୍ରଫି

ଚଳିତ ବିଜୟ ହଜାରେ ଟ୍ରଫି ଘରୋଇ ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ମଙ୍ଗଳବାର ଶକ୍ତିଶାଳୀ ମୁମ୍ବାଇକୁ ହରାଇ ବଡ଼ ସଫଳତା ପାଇଛି। କାର୍ତ୍ତିକ ବିଶ୍ୱାଳଙ୍କ ଅର୍ଦ୍ଧଶତକ, ଗୋବିନ୍ଦ ପୋଦ୍ଦାରଙ୍କ ଅଲ୍‌ରାଉଣ୍ଡ ସଫଳତା ଏବଂ ବୋଲରଙ୍କ ମିଳିତ ଅବଦାନ ବଳରେ ଓଡ଼ିଶା ୮୬ ରନରେ ମୁମ୍ବାଇକୁ ପରାସ୍ତ କରିଛି। କର୍ନାଟକର ଅଲୁର କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୫୦ ଓଭରରେ ୯ ଉଇକେଟ ହରାଇ ୧୯୯ ରନ କରିଥିବାବେଳେ ମୁମ୍ବାଇ ୩୨.୩ ଓଭରରେ ୧୧୩ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଫଳରେ ଏହି ମ୍ୟାଚରୁ ଓଡ଼ିଶାକୁ ୪ ପଏଣ୍ଟ ମିଳିଛି। ତେବେ ଏହା ସତ୍ତ୍ୱେ ଓଡ଼ିଶା ନକ୍‌ଆଉଟରେ ପ୍ରବେଶରୁ ବଞ୍ଚିତ ହୋଇଛି। ଓଡ଼ିଶା ୭ ମ୍ୟାଚରୁ ୪ ବିଜୟ ଓ ୩ ପରାଜୟ ସହ ମୋଟ ୧୬ ପଏଣ୍ଟ ପାଇ ଗ୍ରୁପ୍ 'ଏ'ରେ ୬ଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ତ୍ରିପୁରା ବିପକ୍ଷ ମ୍ୟାଚରେ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ପରବର୍ତ୍ତୀ ୩ ମ୍ୟାଚରେ ରେଲୱେ, କେରଳ ଓ ସୌରାଷ୍ଟ୍ରଠାରୁ ହାରି ଯାଇଥିଲା। ଏବେ କ୍ରମାଗତ ୩ ମ୍ୟାଚରେ ପୁଡୁଚେରି, ସିକ୍କିମ ଓ ମୁମ୍ବାଇକୁ ପରାସ୍ତ କରିଛି। ଅନ୍ୟପକ୍ଷରେ ପରାଜୟ ସତ୍ତ୍ୱେ ମୁମ୍ବାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ମୁମ୍ବାଇ ଅଧିନାୟକ ଅଜିଙ୍କ୍ୟ ରାହାନେ। ଓଡ଼ିଶା ମାତ୍ର ୧୬ ରନରେ ଟପ୍ ଅର୍ଡରର ୩ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ଓପନର ତଥା ଅଧିନାୟକ ଶାନ୍ତନୁ ମିଶ୍ର (୧)ଙ୍କଠାରୁ ଆରମ୍ଭ କରି ଇନ୍‌ଫର୍ମ ଶୁଭ୍ରାଂଶୁ ସେନାପତି (୦) ଓ ପ୍ରବୀଣ ଲୁହା (୩) ଫେଲ ମାରିବାରୁ ଦଳ ଶକ୍ତ ଝଟ୍‌କା ଖାଇଥିଲା। ଭଲ ଆରମ୍ଭ କରିଥିଲେ ମଧ୍ୟ ଅପର ପଟରେ ଉଇକେଟ ପତନ ଘଟି ଚାଲିଥିବାରୁ ସନ୍ଦୀପ ପଟ୍ଟନାୟକ ମଧ୍ୟ ଏକାଗ୍ରତା ରକ୍ଷା କରିପାରି ନ ଥିଲେ। ସେ ୩ ଚୌକା ଓ ୧ ଛକା ସହାୟତାରେ ୩୫ ରନ କରିଥିବାବେଳେ ବାମହାତୀ ସ୍ପିନର ଶାମ୍ସ ମୁଲାନୀଙ୍କ ବଲ୍‌ରେ ବୋଲ୍ଡ ହୋଇଯାଇଥିଲେ। ତେବେ ମିଡିଲ ଅର୍ଡରରେ କାର୍ତ୍ତିକ ବିଶ୍ୱାଳ, ଗୋବିନ୍ଦ ପୋଦ୍ଦାର ଓ ଅଭିଷେକ ରାଉତଙ୍କ ଦୃଢ଼ ବ୍ୟାଟିଂ ଦଳକୁ ସମ୍ମାନଜନକ ସ୍କୋର ଆଡ଼କୁ ନେଇ ଯାଇଥିଲା। କାର୍ତ୍ତିକ ବିଶ୍ୱାଳ ସତର୍କତାର ସହ ପ୍ରତିପକ୍ଷ ବୋଲରଙ୍କୁ ମୁକାବିଲା କରି ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୬ ଚୌକା ସହାୟତାରେ ସର୍ବାଧିକ ୬୪ ରନ ସ୍କୋର କରିଥିଲେ। ପୋଦ୍ଦାର ୩୯ (୨ ଚୌକା, ୧ ଛକା) ରନକରି ଆଉଟ ହୋଇଥିବାବେଳେ ଅଭିଷେକ ୩୭ ବଲ୍‌ରୁ ୩୫ (୨ ଚୌକା, ୨ ଛକା) ରନକରି ଅପରାଜିତ ରହିଥିଲେ। ଲୋୟର ଅର୍ଡର ବ୍ୟାଟିଂ ବିଫଳତା କାରଣରୁ ଓଡ଼ିଶା ଇନିଂସ ୧୯୯ରେ ସୀମିତ ରହିଯାଇଥିଲା। ମୁମ୍ବାଇ ବୋଲରଙ୍କ ମଧ୍ୟରେ ମୋହିତ ଅବସ୍ଥି ୩ଟି, ରଷ୍ଟନ ଡିଆସ ଓ ଅଥର୍ବ ଅନ୍‌କୋଲେକର ୨ଟି ଲେଖାଏ ଏବଂ ଶିବମ୍ ଦୁବେ ଓ ଶାମ୍ସ ମୁଲାନୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୨୦୦ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ମୁମ୍ବାଇ ଆଶ୍ଚର୍ଯ୍ୟଜନକଭାବେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓଡ଼ିଶାର ସମସ୍ତ ବୋଲର ଅତି ଚମତ୍କାର ବୋଲିଂ କରିଥିଲେ। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ତାରକା ବ୍ୟାଟ୍ସମ୍ୟାନ ଅଜିଙ୍କ୍ୟ ରାହାନେ (୭) ଓ ଶିବମ୍ ଦୁବେ (୮)ଙ୍କ ବିଫଳତା ଦଳକୁ ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲା। ଓଡ଼ିଶା ବୋଲରମାନେ ଏପରି ବୋଲିଂ କରିଥିଲେ ଯେ ମୁମ୍ବାଇର ଟପ୍ ଏବଂ ମିଡିଲ ଅର୍ଡର ସମ୍ପୂର୍ଣ୍ଣ ଫେଲ୍ ମାରିଥିଲା। ୧୧ ନମ୍ବର ବ୍ୟାଟର ରଷ୍ଟନ ଡିଆସ ସର୍ବାଧିକ ୨୪ ରନକରି ଅପରାଜିତ ରହିଥିଲେ। ହାର୍ଦ୍ଦିକ ତାମୋରେ ୨୩ ରନ କରିବାକୁ ସକ୍ଷମ ହୋଇଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ରାଜେଶ ମହାନ୍ତି ୬ ଓଭରରେ ୨୧ ରନଦେଇ ୨ଟି, ଦେବବ୍ରତ ପ୍ରଧାନ ୬ ଓଭରରେ ଗୋଟିଏ ମେଡେନ ନେବାସହ ୨୦ ରନଦେଇ ୨ଟି, ଗୋବିନ୍ଦ ପୋଦ୍ଦାର ୭ ଓଭରରେ ଗୋଟିଏ ମେଡେନ ନେଇ ୨୬ ରନରେ ୨ଟି ଏବଂ ଅଭିଷେକ ଯାଦବ ୪.୩ ଓଭରରେ ଗୋଟିଏ ମେଡେନ ନେଇ ୨୮ ରନ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। ନିଜେ ଅଧିନାୟକ ଶାନ୍ତନୁ ୨ ଓଭର ବୋଲିଂ କରି ମାତ୍ର ୨ ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ। ଅନ୍ୟତମ ବୋଲର ତାରିଣୀ ସ' ଉଇକେଟ ପାଇ ନ ଥିଲେ ମଧ୍ୟ ୬ ଓଭର ସ୍ପେଲ୍‌ରେ ଗୋଟିଏ ମେଡେନ ନେବା ସହ ମାତ୍ର ୧୨ ରନ ବ୍ୟୟ କରିଥିଲେ।


ଗୋବିନ୍ଦ ପୋଦ୍ଦାର


କାର୍ତ୍ତିକ ବିଶ୍ୱାଳ

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ୫୦ ଓଭରରେ ୧୯୯/୯ (କାର୍ତ୍ତିକ ବିଶ୍ୱାଳ-୬୪, ଗୋବିନ୍ଦ ପୋଦ୍ଦାର-୩୯, ଅଭିଷେକ ରାଉତ-୩୫*, ସନ୍ଦୀପ ପଟ୍ଟନାୟକ-୩୫, ମୋହିତ ଅବସ୍ଥି-୩/୩୦, ରଷ୍ଟନ ଡିଆସ-୨/୩୬, ଅଥର୍ବ ଅନ୍‌କୋଲେକର-୨/୩୪, ଶିବମ୍ ଦୁବେ-୧/୩୬, ଶାମ୍ସ ମୁଲାନୀ-୧/୫୧)। ମୁମ୍ବାଇ ୩୨.୩ ଓଭରରେ ୧୧୩/ଅଲ୍‌ଆଉଟ (ରଷ୍ଟନ ଡିଆସ-୨୪*, ହାର୍ଦ୍ଦିକ ତାମୋରେ-୨୩, ରାଜେଶ ମହାନ୍ତି-୨/୨୧, ଦେବବ୍ରତ ପ୍ରଧାନ-୨/୨୦, ଗୋବିନ୍ଦ ପୋଦ୍ଦାର-୨/୨୬, ଅଭିଷେକ ଯାଦବ-୨/୨୮, ଶାନ୍ତନୁ ମିଶ୍ର-୧/୨)।

# ଆଜିଠୁ ଓଡ଼ିଶା ଓମେନ୍ସ ଲିଗ୍ ଫୁଟ୍‌ବଲ

ଭୁବନେଶ୍ୱର, ୫।୧୨(ତପନ ସ୍ୱାଇଁ)

## ଆର୍ଡୋର ଏକାଡେମୀ-କିଟ୍/କିସ୍ ଉଦ୍‌ଘାଟନୀ ମ୍ୟାଚ

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଓଡ଼ିଶା ଓମେନ୍ସ ଲିଗ୍ ଫୁଟବଲ ପ୍ରତିଯୋଗିତା ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି। କଟକ ଚୌଦ୍ୱାରସ୍ଥିତ ଓଟିଏମ୍ ଗ୍ରାଉଣ୍ଡ ଏବଂ ୟୁନିଟ-୧ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଏହା ୨୦୨୪ ଜାନୁୟାରୀ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ୍ୟର ୬ଟି ଶୀର୍ଷ ସ୍ଥାନୀୟ କ୍ଲବ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସେଗୁଡ଼ିକ ହେଲେ ସ୍ପୋର୍ଟ୍ସ ଓଡ଼ିଶା, ରାଇଜିଂ ଷ୍ଟୁଡେଣ୍ଟ କ୍ଲବ, ଓଜିପି କ୍ଲବ, କିଟ୍/କିସ୍, ଆର୍ଡୋର ଏକାଡେମୀ ଓ ନିତା ଫୁଟବଲ ଏକାଡେମୀ। ଓଟିଏମ୍ ଗ୍ରାଉଣ୍ଡରେ ଆର୍ଡୋର ଫୁଟବଲ ଏକାଡେମୀ ଏବଂ କିଟ୍/କିସ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅପରାହ୍ଣ ୨ଟା ୩୦ରେ ଅନୁଷ୍ଠିତ ହେବ। ୭ ତାରିଖରେ ୟୁନିଟ-୧ ପଡ଼ିଆରେ ସ୍ପୋର୍ଟ୍ସ ଓଡ଼ିଶା ଓ ଓଜିପି କ୍ଲବ ମ୍ୟାଚ ହେବାକୁ ଥିବାବେଳେ ୮ରେ ଓଟିଏମ୍ ଗ୍ରାଉଣ୍ଡରେ ନିତା ଫୁଟବଲ ଏକାଡେମୀ ବିପକ୍ଷରେ ଖେଳି ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ଅଭିଯାନ ଆରମ୍ଭ କରିବ।


## ଜନ୍ମଦିନ ବିଶେଷାଙ୍କ

# ଧରିତ୍ରୀ 50

ଧରିତ୍ରୀର ୫୦ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ। ଏଥିରେ ଧରିତ୍ରୀର ୫୦ ବର୍ଷର ଯାତ୍ରାପଥରେ ବିଭିନ୍ନ ଉଲ୍ଲେଖନୀୟ ଘଟଣାର ଫଟୋଚିତ୍ର ସମେତ ଦାରୁଦିଅଁଙ୍କ ୫୦ ନୀତି, ୫୦ ମିଠାପିଠା, ଅନୁସରଣୀୟ ୫୦ ବ୍ୟକ୍ତିତ୍ୱ, ଓଡ଼ିଶାର ୫୦ ଜନଜାତି, ପର୍ଯ୍ୟଟନର ୫୦ ଆକର୍ଷଣ, ଓଡ଼ିଆ ସାହିତ୍ୟରେ ଛାପ ଛାଡ଼ିଥିବା ୫୦ ବହି, ୫୦ ଆମ ଖେଳ ଓ ଖେଳାଳି, ୫୦ ଲୋକପ୍ରିୟ ଓଡ଼ିଆ ସିନେମା ଗୀତ ସହ ୧୯୭୪ରୁ ୨୦୨୩ ମସିହା ମଧ୍ୟରେ ଧରିତ୍ରୀର ପୃଷ୍ଠା ମଣ୍ଡନ କରିଥିବା ବହୁ ପ୍ରବୀଣ ଲେଖକଙ୍କ ଗୃହୀତ ଗଳ୍ପ, କବିତା ଓ ପ୍ରବନ୍ଧକୁ ନେଇ ଏହି ସଂଖ୍ୟା ସମୃଦ୍ଧ। ଏଥିସହ ବିଶିଷ୍ଟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର କଳାକୃତିରେ ପୁଷ୍ଟ ଏହି ବିଶେଷାଙ୍କର ପ୍ରଚ୍ଛଦ।

**ମୂଲ୍ୟ:୧୦୦**

**ଯୋଗାଯୋଗ– ଭୁବନେଶ୍ୱର:** ସମୀର ରଞ୍ଜନ ପରିଡ଼ା- ୯୮୫୩୯୮୯୮୫୬
**(କଟକ ସହର,ଖୋର୍ଦ୍ଧା,ପୁରୀ):**
ଅରବିନ୍ଦ ପାଠୀ -୭୦୦୮୯୫୦୪୨୫
**କଟକ ସଦର:**ପ୍ରମୋଦ ନାୟକ - ୮୨୪୯୨୯୦୩୭୨
**ବାଲେଶ୍ୱର:** ଆଲୋକ କାନୁନ୍‌ଗୋ-୮୨୪୯୫୮୪୦୧୦
**ସମ୍ବଲପୁର:**ନରୋତ୍ତମ ଜେନା- ୯୩୪୮୨୦୯୫୩୪
**ଅନୁଗୋଳ:**ସୌରଭ ତ୍ରିପାଠୀ-୮୮୪୭୮୬୨୦୯୨
**ରାୟଗଡ଼ା:**ବିଶ୍ୱଜିତ୍ ପାଲଟାସିଂ-୭୯୭୮୦୩୮୨୦୩
**ବ୍ରହ୍ମପୁର:**ମଳୟ କୁମାର ସାହୁ-୯୪୩୯୬୮୩୯୯୯



ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ।

ଦୂରଭାଷ: ୦୬୭୪-୨୫୮୦୧୦୧, ୨୫୪୯୩୦୨





E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.

**NARAYANI MOTORS**
BHUBANESHWAR: RASULGARH: 9583022019,7440019592,9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381094851. PARADEEP: 9583022034/48. PURI HIGHWAY PIPLI: 9583022013. TIRTOL: 7381000159.

**ODYSSEY MOTORS**
ANGUL: 7752076136, 9776901481, PALLAHARA: 7873565435, 9437831123.

**TUSHI MOTORS**
CUTTACK: 9078076450. PANIKOILI: 9078076450. ATHAGARH: 9078076450.

**JYOTE MOTORS**
BHUBANESWAR: LEWIS ROAD: 9798190190. NAYAPALLI: 9798190190. TAMANDO: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.

**SKY AUTOMOBILES**
BHUBANESWAR: PATIA : 7381045356. CUTTACK: 9776677771, 7381873818. DHENKANAL: 7381045357. NARSHINGPUR: 7381045357. KAMAKHYANAGAR: 7381045357. JAJPUR: 9776900777, SALEPUR: 9583544555, CHANDIKHOL: 9583544555, TANGI: 7381045356.

*Offer includes consumer offer, exchange bonus, Gold coin offer, offer institutional or rural offer (wherever applicable) on selected models/ variants. Above mentioned savings amount is the value of maximum savings on selected models. *Gold coin offer is applicable on select models/variants only on bookings of vehicle on or before 15th December 2023. ^Up to 100% on road funding is provided by select financiers only. ^Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. Terms and conditions apply. Terms and conditions are subject to change without any prior notice. For more details, please contact your nearest ARENA dealership. **Accessories and features shown in the pictures may not be a part of standard equipment and may vary according to the variant. ##As certified by Test agency under Rule 115(G) of CMVR 1989. ^^1.0 L VXI AGS petrol variants. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st December, 2023.

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ